# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 6/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 252 | ମୂଲ୍ୟ ₹୭/-




**ଅଦିତି ସିନିୟର ବିଶ୍ୱ ଚାମ୍ପିୟନ**

ଭାରତର ୧୭ବର୍ଷୀୟା ଅଦିତି ସ୍ୱାମୀ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍ ମହିଳା କମ୍ପାଉଣ୍ଡ ବିଭାଗରେ ସ୍ୱର୍ଣ୍ଣ ଜିତିଛନ୍ତି।

୧୬

୧୨

**ଅଭିନୟରୁ ଅଦାଙ୍କ ବିରତି**

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଅଭିନୟରୁ ବିରତି ନେବାକୁ ଘୋଷଣା କରିଛନ୍ତି।



# ଚନ୍ଦ୍ରକକ୍ଷରେ ଚନ୍ଦ୍ରୟାନ-୩




**ବେଙ୍ଗାଲୁରୁ,୫।୮**

ଭାରତର ତୃତୀୟ ଚନ୍ଦ୍ର ଅଭିଯାନକୁ ଶନିବାର ବଡ଼ ସଫଳତା ମିଳିଛି। ଶନିବାର ରାତି ୭ଟା ୧୫ରେ ଚନ୍ଦ୍ରୟାନ-୩ ବିନା ତ୍ରୁଟିରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଛି। ଭାରତୀୟ ମହକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଜୁଲାଇ ୧୪ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୩କୁ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା। ଇତିମଧ୍ୟରେ ଏହା ମହାକାଶରେ ୨୨ ଦିନ ଅତିକ୍ରମ କରିଛି। ବେଙ୍ଗାଲୁରୁସ୍ଥିତ ଇସ୍ରୋର ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କସ୍ଥିତ ମିଶନ ଅପରେଶନ୍ସ କମ୍ପ୍ଲେକ୍ସ (ଏମ୍‌ଓଏକ୍ସ)ରୁ ଚନ୍ଦ୍ରୟାନ ଉପରେ ନଜର ରଖାଯାଇଛି। ୪୦ ଦିନିଆ ଯାତ୍ରାର ୨୨ତମ ଦିନରେ ସଫଳତାର ସହ ଚନ୍ଦ୍ର କକ୍ଷରେ ପ୍ରବେଶ କରିବା ମହାକାଶଯାନ ପାଇଁ ଏକ ବଡ଼ ସଫଳତା। ବିକ୍ରମ ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ପର୍ଯ୍ୟନ୍ତ ପରବର୍ତ୍ତୀ ୧୭ ଦିନ ଇସ୍ରୋ ପାଇଁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ନୂତନ ଭାରତର କଶ୍ମୀର

# ଥାନା ଜାଳିଦେଲେ

- **ଜବତ ଗଞ୍ଜେଇ ବିକ୍ରିରେ ପୋଲିସ ସମ୍ପୃକ୍ତି ଅଭିଯୋଗ**
- **ଥାନାଧିକାରୀଙ୍କ ଗିରଫ ଦାବିରେ ରାସ୍ତାରୋକୋ, ପୋଲିସଙ୍କୁ ଆକ୍ରମଣ**

**ଅପରାଧ ରୋକିବା ଦାୟିତ୍ୱରେ ଥିବା ପୋଲିସ ଯେତେବେଳେ ନିଜେ ଅପରାଧରେ ସାମିଲ ହୋଇ ଏହାକୁ ପ୍ରୋତ୍ସାହନ ଦିଏ, ସେତେବେଳେ ସାଧାରଣ ଲୋକେ ଆଇନକୁ ହାତକୁ ନେବାକୁ ପଛାଇ ନ ଥାନ୍ତି। ଏଭଳି ଏକ ଘଟଣା ଶନିବାର ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ। ପୋଲିସ ଗଞ୍ଜେଇ ଚାଲାଣରେ ମାଫିଆଙ୍କ ସହ ସାମିଲ ଥିବା ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଫିରିଙ୍ଗିଆ ଥାନା ଅଧିକାରୀଙ୍କ ନିଲମ୍ବନ ଓ ଗିରଫ ଦାବିକରି ଥାନାକୁ ପୋଡ଼ି ଦେଇଛନ୍ତି। ଏପରି କି ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରିବାକୁ ଯାଇଥିବା ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି।**

**ଫୁଲବାଣୀ, ୫।୮ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଧିକାରୀ ଏବଂ କର୍ମଚାରୀଙ୍କ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଥିବା ଅଭିଯୋଗ କରି ଶନିବାର ଉତ୍ତ୍ୟକ୍ତ ଲୋକେ ଥାନାରେ ନିଆଁ ଲଗାଇଦେଇଛନ୍ତି। ଥାନାଧିକାରୀଙ୍କୁ ନିଲମ୍ବନ ଓ ଗିରଫ ଦାବି କରି ଫିରିଙ୍ଗିଆ-ବାଲିଗୁଡ଼ା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଏପରି କି ସେମାନଙ୍କୁ ବୁଝାଇବାକୁ ଯାଇଥିବା ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ତହସିଲଦାର ଏମ୍. ଅନୁରାଧାଙ୍କୁ ମଧ୍ୟ ଲୋକମାନେ ଗୋଡ଼େଇ ଗୋଡ଼େଇ ପିଟିଥିବା ଦେଖିବାକୁ ମିଳିଛି। ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ନିୟୋଜିତ ବହୁ ଯବାନ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଥାନା ଭିତରେ ପଶି ପୋଡ଼ାଜଳା କରିବା ସହ ଜବତ ଗାଡ଼ିକୁ ଲୁଟି ନେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଫିରିଙ୍ଗିଆ ଥାନାର କେତେଜଣ କର୍ମଚାରୀ ଏକ ବୋଲେରୋରେ ଜବତ ଗଞ୍ଜେଇ ନେଇ ଯାଉଥିଲେ। ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ କହଁର ଓ ଗ୍ରାମବାସୀ ସେମାନଙ୍କୁ ଅଟକାଇ ପଚାରିବାରୁ ଏହି ଗଞ୍ଜେଇ ବିକ୍ରି ☞ପୃଷ୍ଠା-୪



ଉତ୍ତ୍ୟକ୍ତ ଲୋକେ ଶନିବାର ଫିରିଙ୍ଗିଆ ଥାନାରେ ନିଆଁ ଲଗାଇ ଦେଇଛନ୍ତି।


ଇମ୍ରାନ ଖାନଙ୍କୁ ୩ ବର୍ଷ ଜେଲ ୮


# ହୀରାକୁଦର ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୫।୮ (ଶୁଭାଶିଷ ପାଢୀ)**

ହୀରାକୁଦ ଡ୍ୟାମ୍ ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବାରୁ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ବାମପାର୍ଶ୍ୱର ୧୩ ଓ ଡାହାଣପାର୍ଶ୍ୱର ୭ ଗେଟ୍ ଖୋଲାଯାଇଛି। ଫଳରେ ଏବେ ମୋଟ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଡ୍ୟାମ୍‌ର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାତି ୯ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୨୧.୭୫ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ☞ପୃଷ୍ଠା-୪









ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ସହ ଫାଇନାଲ ରାଉଣ୍ଡକୁ ଯାଇଥିବା ସିନିୟର ଗ୍ରୁପ୍ ପ୍ରତିଯୋଗୀମାନେ।

# ଜୁନିୟରରେ ୪୧, ସିନିୟରରେ ୨୮ ଶିକ୍ଷାନୁଷ୍ଠାନ ଭାଗନେଲେ





ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ଶନିବାର ଆୟୋଜିତ 'ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୨୩ ପ୍ରିଲିମ୍ସ'ରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ଭୁବନେଶ୍ୱର,୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା 'ମେଟଲ୍ ମିଟ୍ ୨୦୨୩' ଶନିବାର ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆରମ୍ଭ ହୋଇଯାଇଛି। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ମୋଟ ୬୯ଟି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜୁନିୟର ବିଭାଗରେ ୪୧ଟି ଅନୁଷ୍ଠାନ ଓ ସିନିୟର ବିଭାଗରେ ୨୮ ରହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ସମସ୍ତ ପ୍ରତିଯୋଗୀ ଜଣେ ଜଣେ ବିଜୟୀ ବୋଲି ସେ କହିଥିଲେ। 'ଓଡ଼ିଶା ପୋଷ୍ଟ' ଏବଂ 'ଧରିତ୍ରୀ'ର ସମ୍ପାଦକ ତଥାଗତ ସତପଥୀ ଉପସ୍ଥିତ ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ଏଠାରେ ସମସ୍ତଙ୍କୁ ଦେଖି ଖୁସି ଲାଗୁଛି। କିନ୍ତୁ ସମସ୍ତଙ୍କ ମୁହଁରେ କିଛି ପରିମାଣରେ ଚାପ ଦେଖାଯାଉଛି। ଏହା ଭଲ। ସାରା ଜୀବନ ଏହା ରହିବା ମଧ୍ୟ ଉଚିତ, ଯାହା ତୁମ୍ଭମାନଙ୍କୁ ଭବିଷ୍ୟତରେ ଭଲ ମଣିଷ କରିବାରେ ସାହାଯ୍ୟ କରିବ। ପ୍ରତିଯୋଗିତାରେ ଯିଏ ବିଜୟୀ ନ ହେବେ, ସେମାନେ ନିଜକୁ ବିଜୟୀ ଭାବିବା ଆବଶ୍ୟକ। ଏହା ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କେବଳ ଏହି କାର୍ଯ୍ୟକ୍ରମ ନୁହେଁ, ଜୀବନର ସବୁ ପ୍ରତିଯୋଗିତାରେ ସଫଳ ହୁଅ ବୋଲି ତଥାଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର ଅଜୟ ପୁନିଆ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନରେ ଜୁନିୟର ଟିମ୍‌ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୩୫ଟି ପ୍ରଶ୍ନର ଉତ୍ତରକୁ ଛାତ୍ରୀଛାତ୍ରମାନେ ଲିଖିତ ଆକାରରେ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରୁ ୮ଟି ଟିମ୍ ଗ୍ରାଣ୍ଡ ଫିନାଲେକୁ ଯାଇଛନ୍ତି। ସେହିପରି ଦ୍ୱିତୀୟ ଅଧିବେଶନରେ ସିନିୟର ଟିମ୍ ମଧ୍ୟରୁ ୮ ଟିମ୍ ଫିନାଲେକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉପସ୍ଥାପିକା ଶୋଭନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଟପ୍ ୮ ଜୁନିୟର ଟିମ୍

- ଓଡିଏମ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର
- ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ
- ଲୟୋଲା ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
- ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଭୁବନେଶ୍ୱର
- ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର
- ଦିଲ୍ଲୀ ପବ୍ଲିକ ସ୍କୁଲ, ରାଉରକେଲା
- ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

**ଫିନାଲେରେ ୧୬ ଟିମ୍**

## ଟପ୍ ୮ ସିନିୟର ଟିମ୍

- ଏମ୍ସ, ଭୁବନେଶ୍ୱର
- ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, କଟକ
- ଆଇଆଇଟି, ଭୁବନେଶ୍ୱର
- ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କଟକ
- ଏକ୍ସଆଇଏମ୍, ଭୁବନେଶ୍ୱର
- ଏନ୍‌ଆଇଟି, ରାଉରକେଲା
- ଭିମ୍‌ସାର୍, ବୁର୍ଲା
- ନାଇଜର, ଜଟଣୀ

## ନଜରରେ ଗ୍ରାଣ୍ଡ ଫିନାଲେ

ରବିବାର 'ମେଟଲ୍ ମିଟ୍'ର ଗ୍ରାଣ୍ଡ ଫିନାଲେରେ ଜୁନିୟର ଓ ସିନିୟର ବିଭାଗର ମୋଟ ୧୬ଟି ଟିମ୍ ଭାଗ ନେବେ। ଉଭୟ ବିଭାଗର ବିଜେତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଅନୁରୂପ ଭାବେ ପ୍ରଥମ ରନର୍ସ ଅପ୍‌ଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍ସ ଅପ୍‌ଙ୍କୁ ୨୫ହଜାର ଟଙ୍କାର ଚେକ୍ ଦିଆଯିବ। ଗ୍ରାଣ୍ଡ ଫିନାଲେର ଲାଇଭ୍ ଷ୍ଟ୍ରିମିଂକୁ 'ଓଡ଼ିଶା ପୋଷ୍ଟ ଲାଇଭ୍' ଏବଂ 'ମେଟାଲ୍ ମିଟ୍'ର ୟୁଟ୍ୟୁବ୍ ଓ ଫେସ୍‌ବୁକ୍ ପେଜ୍‌ରେ ଦେଖିହେବ। ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଭାବେ ଓଏମ୍‌ସି , ଇଣ୍ଡିଆନ ଅଏଲ, ନାଲ୍‌କୋ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍, ଏମ୍‌ସିଏଲ୍, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍, ଆର୍ସେଲର୍ ମିତ୍ତଲ୍ ନିପନ୍ ଷ୍ଟିଲ ଇଣ୍ଡିଆ, ବେଦାନ୍ତ, ରୁଚି ପ୍ରୋଜିଟ୍, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଆଦିତ୍ୟ ବିର୍ଲା, ବାଜିରାଓ ଆଇଏଏସ୍ ଏକାଡେମୀ, ଏସ୍‌ବିଆଇ ଏବଂ ଆପ୍ଟିପ୍ଲସ୍ ରହିଛନ୍ତି। ସେହିଭଳି କାର୍ଯ୍ୟକ୍ରମର ପାର୍ଟନର୍ସ ଭାବେ ଓମ୍‌ଫେଡ୍, ଧରିତ୍ରୀ, ଟିମ୍ ଏବଂ ୱିଫି ଇଣ୍ଟରନେଟ୍ ଅଛନ୍ତି।


ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ଆଲୋଚନାରତ ପ୍ରତିଯୋଗୀମାନେ।



ସେଲ୍‌ଫି କର୍ନରରେ ଛାତ୍ରୀମାନେ।


ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ।





ବିଭିନ୍ନ ପ୍ରଶ୍ନର ଉତ୍ତର ସେସନରେ ପ୍ରତିଯୋଗୀମାନେ। (ଫଟୋ: ବିକାଶ ନାୟକ, ମୌସମ ନନ୍ଦ)

ଭାରତ ସରକାର

Azadi Ka Amrit Mahotsav

# ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ସାରା ଦେଶର 508ଟି ରେଳ ଷ୍ଟେସନର ହେବ ରୂପାନ୍ତରଣ

## ଓଡ଼ିଶାର 25ଟି ଷ୍ଟେସନର ମଧ୍ୟ ହେବ ପୁନର୍ବିକାଶ

ତାଳଚେର ରୋଡ଼



ଅନୁଗୁଳ



ଖରିଆର ରୋଡ଼



### 25 ହଜାର କୋଟି ଟଙ୍କା ନିବେଶରେ 508ଟି ଷ୍ଟେସନ ହେବ ବିଶ୍ୱସ୍ତରୀୟ

### ଓଡ଼ିଶାର 25ଟି ଷ୍ଟେସନର 532 କୋଟି ଟଙ୍କା ନିବେଶରେ ହେବ ଆଧୁନିକୀକରଣ

- ପ୍ରତ୍ୟେକ ଷ୍ଟେସନ ସହରର ସିଟି ସେଣ୍ଟର ରୂପେ ବିକାଶ ହେବ, ଯେଉଁଠି ରୁଫ୍ ପ୍ଲାଜା, ଶପିଂ ଜୋନ୍, ଫୁଡ୍ କୋର୍ଟ, କିଡ୍ସ୍ ପ୍ଲେ ଏରିଆ ଇତ୍ୟାଦି ଭଳି ଅନେକ ସୁବିଧା ଉପଲବ୍ଧ ହେବ।
- ଯାତ୍ରୀମାନଙ୍କ ସୁବିଧା ପାଇଁ ଅଲଗା ଅଲଗା ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ମଲ୍ଟି-ଲେବଲ୍ ପାର୍କିଂ, ଲିଫ୍ଟ, ଏସ୍କାଲେଟର, ଟ୍ରାଭେଲେଟର, ଏକ୍ଜିକ୍ୟୁଟିଭ୍ ଲାଉଞ୍ଜ, ୱେଟିଂ ଏରିଆ, ଦିବ୍ୟାଙ୍ଗଜନଙ୍କ ନିମନ୍ତେ ଅନୁକୂଳ ସୁବିଧା ରହିବ।
- ମଲ୍ଟି ମୋଡାଲ୍ ଯୋଗାଯୋଗର ସମନ୍ୱୟରେ ପୁନର୍ବିକଶିତ ଷ୍ଟେସନ ହେବ ଅଞ୍ଚଳର ସାମାଜିକ-ଆର୍ଥିକ ପ୍ରଗତିର କେନ୍ଦ୍ର।

**ଓଡ଼ିଶାର ପୁନର୍ବିକଶିତ ହେବାକୁ ଥିବା ରେଳ ଷ୍ଟେସନ**

| | | | | |
|---|---|---|---|---|
| ଅନୁଗୁଳ | ବାରିପଦା | ଢେଙ୍କାନାଳ | ଖରିଆର ରୋଡ଼ | ମୁନିଗୁଡ଼ା |
| ବଲାଙ୍ଗୀର | ବରପାଲି | ହରିଶଙ୍କର ରୋଡ଼ | ଖୋର୍ଦ୍ଧା ରୋଡ଼ ଜଂ | ରେଢ଼ାଖୋଲ |
| ବାଲୁଗାଁ | ଭବାନୀପାଟଣା | ହୀରାକୁଦ | ଲିଙ୍ଗରାଜ ଟେମ୍ପଲ ରୋଡ଼ | ରାଜଗାଙ୍ଗପୁର |
| ବଡ଼ବିଲ | ଛତ୍ରପୁର | ଜଳେଶ୍ୱର | ମଞ୍ଚେଶ୍ୱର | ସାକ୍ଷିଗୋପାଳ |
| ବରଗଡ଼ ରୋଡ଼ | ଦାମନଜୋଡ଼ି | କେଣ୍ଡୁଝରଗଡ଼ | ମେରାମଣ୍ଡଳି | ତାଳଚେର ରୋଡ଼ |

ପ୍ରକଳ୍ପର ଶିଳାନ୍ୟାସ

# ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ

ଙ୍କ କରକମଳରେ

(ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ) **6 ଅଗଷ୍ଟ, 2023, ଦିବା 11:00 ଘଟିକା**



**ଗରିମାମୟ ଉପସ୍ଥିତି**

**ଅଶ୍ୱିନୀ ବୈଷ୍ଣବ**
ରେଳ, ଯୋଗାଯୋଗ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

**ରାଓ ସାହେବ ପାଟିଲ୍ ଦାନୱେ**
ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ

**ଦର୍ଶନା ଜରଦୋଶ**
ରେଳ ଓ ବସ୍ତ୍ର ରାଷ୍ଟ୍ରମନ୍ତ୍ରୀ

D-10/23-24

DD NEWS ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳିଆ କୁକୁର କାନ;**
**ଆଗେ କରିଥିଲୁ ଜୀବନ ଧନ,**
**ଏବେ କଲୁ ହୀନିମାନ।**

ଯେତେବେଳେ ବୟସ ଥିଲା, ସ୍ୱାମୀ ବହୁତ ଭଲ ପାଉଥିଲା। ପାଖରୁ ମୋତେ ଛାଡୁନଥିଲା, ଏବେ ଆଉ ପଚାରୁନି। ଫଳସ୍ୱରୂପ ସ୍ୱାମୀର ସ୍ନେହ ଶ୍ରଦ୍ଧା ହ୍ରାସ ପାଇବା ଦେଖି ସ୍ତ୍ରୀ ବିଚାରୀ ମନ ଊଣା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଥାକୁ କଥାଏ;**
**ବାପ ଘରକୁ ଝିଅ ଗଲେ**
**ସିନ୍ଦୂର ମଥାଏ।**

ଝିଅଟି ଶାଶୁଘରୁ ବାପଘରକୁ ଯାଇ ଲେଉଟାଣି ବେଳକୁ ମାଆ କି ଭାଉଜମାନେ କିଛି ବି ନ ଦିଅନ୍ତୁ ପଛେ, ମଥାରେ କିନ୍ତୁ ସିନ୍ଦୂର ଓ ପାଦରେ ଅଳତା ପିନ୍ଧେଇ ହିଁ ଛାଡ଼ିଥାନ୍ତି। ଏହା ହିଁ ଓଡ଼ିଆ ଘରର ପରମ୍ପରା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ଆଜିର ମନ୍ତବ୍ୟ**

"ସମାଜକୁ ବିଭାଜିତ କରି କ୍ଷମତା ହାତେଇବା ପାଇଁ ଭାଜପା ହିନ୍ଦୁତ୍ୱକୁ ବ୍ୟବହାର କରୁଛି। ଆମକୁ 'ପ୍ରକୃତ ହିନ୍ଦୁତ୍ୱ'କୁ ସୁରକ୍ଷା ଦେବାକୁ ପଡ଼ିବ।
**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

# ପରଲୋକରେ ସାହିତ୍ୟିକ କୁମାର ହସନ

**ସମ୍ବଲପୁର,୫।୮ (ଶୁଭାଶିଷ ପାଢ଼ୀ)**



ସମ୍ବଲପୁରର ବିଶିଷ୍ଟ ସାହିତ୍ୟିକ, କବି, ଖବରଦାତା କୁମାର ହସନଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ପ୍ରାୟ ୬ମାସ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଏକ ଘରୋଇ ମେଡିକାଲରେ ଚିକିତ୍ସା ହେଉଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବିଧାୟିକା ଡା. ରସେଶ୍ୱରୀ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦନା ମଣ୍ଡଳୀ ସଦସ୍ୟ କ୍ଷୀରୋଦ ସିଂଦେଓ, ଅଶୋକ ବିଶି, ରବୀନ୍ଦ୍ର ମହାନ୍ତି, ଏନ୍. ନାଟୁଗୋପାଳ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ୧୯୬୦ ଫେବୃୟାରୀ ୨ରେ ଝାରସୁଗୁଡ଼ା ଜିଲା ବିଚ୍ଛେଦଗଡ଼ଠାରେ କୁମାର ଜନ୍ମ ଗ୍ରହଣ କରିଥିଲେ। ଅଡ଼ାପଡ଼ା ହାଇସ୍କୁଲରେ ପଢ଼ିବା ସମୟରେ କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଅବିଭକ୍ତ ସମ୍ବଲପୁର ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ତରୁଣ ସଙ୍ଗଠକ ଭାବେ ଜୋନ୍ ସମ୍ପାଦକ (ରେମଡ଼ା) ଦାୟିତ୍ୱରେ ଥିଲେ। ଜନନେତା ପ୍ରସନ୍ନ ପଣ୍ଡାଙ୍କ ସେ ଘନିଷ୍ଠ ସହଯୋଗୀ ଥିଲେ। ଲେଖାରେ ମଧ୍ୟ ତାଙ୍କର ରୁଚି ରହିଥିଲା। ସେ ହିନ୍ଦୀ, ଓଡ଼ିଆ, ଉର୍ଦ୍ଦୁ ଭାଷାର ଜଣେ ଜଣାଶୁଣା ସାହିତ୍ୟିକ। ଜୀବନକାଳ ମଧ୍ୟରେ ସେ ୬୦ରୁ ଅଧିକ ପୁସ୍ତକ ରଚନା କରିଥିଲେ। ତାଙ୍କ ପୁସ୍ତକଗୁଡ଼ିକ ଇଂରାଜୀ, ଚାଇନିଜ୍, ରୁଷୀୟ ଓ ଫରାସୀ ଭାଷାରେ ଅନୂଦିତ ହୋଇଛି। ଖବରଦାତା ଭାବେ କୁମାର ଦୈନିକ ଖବରକାଗଜ 'ସମାଜ'ରେ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଲେଖା ପାଇଁ ସେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ମାନିତ ହୋଇଥିଲେ। ଠିଆ ଲଙ୍ଗଳା, କହିବାର ଅଛି ଅନେକ କଥା, ଇତି ମୁଁ ତୁମର, ଅରଣ୍ୟ, ଲାଲ ତାରାର କବିତା, ମଧ୍ୟବିତ୍ତର ଶୋକଗୀତ, ସରଣ୍ଡା ଜଙ୍ଗଲ, ହାତକାଟି ଲେଖିଦେଲି, ଆଉ ଏକ କଲମ୍ବସ ଭଳି ଅନେକ କବିତା, ସମ୍ବଲପୁରୀ ଲୋକ ସାହିତ୍ୟ, ସମ୍ବଲପୁର ଲୋକକଥା ଓ ଗୀତ, ରୁଷିଆର ଲୋକକଥା, ମୀତ ତକି ମୀର, ଚନ୍ଦୁ ମେନନ ଗଳ୍ପ ଲେଖି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶେଷକୃତ୍ୟ ସମ୍ପନ୍ନ ସମୟରେ ତାଙ୍କ ୩ ପୁଅ ଓ ୩ ଝିଅ ଉପସ୍ଥିତ ଥିଲେ। ୨ବର୍ଷ ପୂର୍ବରୁ ତାଙ୍କ ସ୍ତ୍ରୀ ଆରପାରିକୁ ଚାଲିଯାଇଛନ୍ତି।

# ଓଏସ୍ଏସ୍ସି ପ୍ରଶ୍ନପତ୍ର ଲିକ୍ ମାମଲା: ଆଉ ୮ ଗିରଫ



ପ୍ରଶ୍ନପତ୍ର ଲିକ୍ ମାମଲାରେ ଗିରଫ ୮ ଅଭିଯୁକ୍ତ।

**ବାଲେଶ୍ୱର, ୫।୮ (ମାନସ ବିଶ୍ୱାଳ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ(ଓଏସ୍ଏସ୍ସି) ଦ୍ୱାରା ପରିଚାଳିତ ଜେଇଇ ସିଭିଲ୍ ମେନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ମାମଲାରେ ସମ୍ପୃକ୍ତ ଆଉ ୮ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲାର ୨ଜଣ ଶିକ୍ଷକ ଅଛନ୍ତି। ଏହି ମାମଲାରେ ମୋଟ ୨୫ଜଣ ଗିରଫ ହୋଇସାରିଲେଣି ବୋଲି ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଶନିବାର ଏସ୍ପି ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ ମଲ୍ଲିକ, ଶାନ୍ତନୁ ମିଶ୍ର, ସନ୍ଦୀପ କୁମାର ମହାନ୍ତି, ପ୍ରଦୀପ ଶତପଥୀ, ନିରଞ୍ଜନ ବେହେରା, ଅଜୟ କୁମାର ବିଶ୍ୱାଳ, ରାଜୀବ ଲୋଚନ ସାହୁ, ସପନ କୁମାର ରାଉତ। ଏମାନଙ୍କଠାରୁ ୩୪ହଜାର ୭ଶହ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ତଦନ୍ତ ଜାରି ରହିଛି ଓ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ଏସ୍ପି ସୂଚନା ଦେଇଛନ୍ତି।

ଏସ୍ପିଙ୍କ ସୂଚନା ଅନୁଯାୟୀ, ସହଦେବଖୁଣ୍ଟା ମଡ଼େଲ ଥାନାରେ ଓଏସ୍ଏସ୍ସି ପ୍ରଶ୍ନପତ୍ର ଲିକ୍ ମାମଲା (ନଂ. ୩୦୩/୨୩) ରୁଜୁ କରାଯାଇ ତନାଘନା କରାଯାଇଥିଲା। ପୂର୍ବରୁ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡଙ୍କ ସହ ୧୭ଜଣଙ୍କ ମଧ୍ୟରେ ୩ଜଣ ସରକାରୀ ଅଧିକାରୀ ଥିଲେ। ସେମାନଙ୍କ ପାଇଁ ବିହାର ରାଜ୍ୟ ପାଟନାର ଆକାଉଣ୍ଟ ଜେନେରାଲ (ଏଜି), କନ୍ଧମାଳ ଓ ଯାଜପୁରର ଜିଲା ଶିକ୍ଷାଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲିଖିତ ଭାବେ ଜଣାଯାଇଥିଲା। ଶନିବାର ଗିରଫଙ୍କ ମଧ୍ୟରେ

## ଗିରଫଙ୍କ ମଧ୍ୟରେ ବାଲେଶ୍ୱରର ଦୁଇ ଶିକ୍ଷକ

ବାଲେଶ୍ୱରର ଶିକ୍ଷକ ଅଜୟ କୁମାର ବିଶ୍ୱାଳ ଓ ବିଜୟ ମଲ୍ଲିକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ତେବେ ଏହି ମାମଲାରେ ଅଧିକ ତଥ୍ୟ ହାସଲ ପାଇଁ ପୂର୍ବରୁ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବିଶାଳ କୁମାର, ବୀରେନ୍ଦ୍ର ସିଂହ, ବିଜେନ୍ଦ୍ର କୁମାର, ପଟ୍ଟା ସୁନୀଲ, ସୁଶାନ୍ତ କୁମାର ସାହୁ, ଗୋବିନ୍ଦ ତ୍ରିପାଠୀ ପ୍ରମୁଖଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରାଯାଇଛି । ଏହାସହିତ ଓଡ଼ିଶା ବାହାରେ ଏକାଧିକ ସ୍ଥାନରୁ ତଥ୍ୟ ହାସଲ ପାଇଁ ସର୍ଚ୍ଚ ୱାରେଣ୍ଟ ପାଇଁ କୋର୍ଟରେ ଆବେଦନ କରାଯାଇଛି। ସମସ୍ତ ପ୍ରକ୍ରିୟାରେ ସେମାନେ ପ୍ରାର୍ଥୀମାନଙ୍କ ଯୋଗାଯୋଗ କରିଛନ୍ତି। ଏଥିପାଇଁ ଦୁଇଟି ମାଧ୍ୟମ ଜଣାପଡ଼ିଛି। ମ୍ୟାନ୍ ପାୱାର କନସଲଟାନ୍ସି ସର୍ଭିସେସ୍ ଓ ଅନଲାଇନ୍ ପାଠପଢ଼ା ଗ୍ରୁପ୍ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ (ଟେଲିଗ୍ରାମ୍ ଓ ହ୍ୱାଟ୍ସଆପ୍) ଜରିଆରେ ପ୍ରାର୍ଥୀମାନଙ୍କ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଛନ୍ତି। ଇନ୍‌ଡିଭିଜୁଆଲ ଚେନ୍ ଓ ଲିଙ୍କ୍ସ ଚିହ୍ନଟ ପାଇଁ ଚେଷ୍ଟା ଚାଲିଛି। ଗିରଫଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଗିରଫମାନଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସିଜ୍ କରାଯାଇଛି। ଏହି ପ୍ରକ୍ରିୟାରେ ବିହାରର ଏକ ପ୍ରିଣ୍ଟିଂପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ବିହାରରେ ଥିବା ମାଷ୍ଟରମାଇଣ୍ଡଙ୍କ ମାଧ୍ୟମରେ ସେମାନେ ଓଡ଼ିଶାକୁ ପ୍ରବେଶ କରିଥିଲେ। ଓଡ଼ିଶାରେ କିଛି ଦଲାଲଙ୍କୁ ହାତ କରି ସେମାନେ ଭେରିଅସ୍ ମ୍ୟାନପାୱାର କନସଲଟାନ୍ସି ସର୍ଭିସେସ୍ ଓ ଅନଲାଇନ୍ ପାଠପଢ଼ା ଗ୍ରୁପ୍ ମାଧ୍ୟମରେ ପ୍ରାର୍ଥୀଙ୍କ ନିକଟରେ ପହଞ୍ଚିଥିଲେ। ଏହି ଲିଙ୍କକୁ ଠାବ କରିବାରେ ପୋଲିସ ସକ୍ଷମ ହୋଇଥିବାର ପ୍ରକାଶ କରିଛି। ଏହି ରାକେଟରେ ସମ୍ପୃକ୍ତ ଓଡ଼ିଶା ଓ ବାହାର ରାଜ୍ୟର ଏକାଧିକ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଆଗାମୀ ଦିନରେ ସେମାନଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରିଆ, ସିଟି ଡିଏସ୍ପି ଗାୟତ୍ରୀ ପ୍ରଧାନ, ସହଦେବଖୁଣ୍ଟା ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ, ସଦର ଥାନା ଆଇଆଇସି ଜୟନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ପୂର୍ବରୁ ପ୍ରିଣ୍ଟିଂପ୍ରେସ୍‌ର ହେଲପର ବିରେନ୍ଦ୍ର ସିଂହ ସହଯୋଗରେ ମାଷ୍ଟରମାଇଣ୍ଡ ବିଶାଳ ଫାଇନାଲ ପ୍ରଶ୍ନପତ୍ର ପାଉଥିଲେ। ପରେ ଦଲାଲମାନଙ୍କ ସହଯୋଗରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରାଯାଉଥିଲା। ଏହି ସମୟରେ ପରୀକ୍ଷାର୍ଥୀଙ୍କ ସମସ୍ତ ମୂଳ ସାର୍ଟିଫିକେଟ ସହ ଚୁକ୍ତି ହୋଇଥିବା ଅର୍ଥର ଅଧା ମାଷ୍ଟରମାଇଣ୍ଡ ବିଶାଳ ନେଇଯାଉଥିଲେ। ବାକି ଅଧା ଅର୍ଥ ପରୀକ୍ଷା ଫଳ ବାହାରିଲେ ନିଆଯାଉଥିଲା। ଏହିଭଳି ଓଏସ୍ଏସ୍ସି ପରିଚାଳିତ ସିଭିଲ୍ ମେନ ଜେଇ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ନେଇ ଦୀଘାଠାରେ ସମ୍ମିଳିତ ହୋଇଥିବା ବେଳେ ଦଲାଲମାନଙ୍କୁ ପୋଲିସ ଗିରଫ କରିଥିଲା। ଦୀଘାରୁ ମୋଟ୍ ଜଣେ ମହିଳାଙ୍କ ସମେତ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପରେ ମାଷ୍ଟରମାଇଣ୍ଡ ସହ ଅନ୍ୟ ୭ଜଣ ଗିରଫ ହୋଇଥିଲେ।

# ବନ୍ୟାପାଣିରେ ଭାସିଗଲେ ଯୁବକ

**ଧୁଷୁରୀ,୫।୮ (କପିଳଦେବ ବିଶ୍ୱାଳ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ-ହସନାବାଦ ରାସ୍ତା ଜଳମଗ୍ନ ହୋଇଥିବା ବେଳେ ରାସ୍ତା ଉପରେ ବନ୍ୟାଜଳର ସୁଅ ଚାଲିଛି। ଏହି ରାସ୍ତାର ହରିହଂସପୁରଠାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ ବାଇକ୍‌ରେ ଯାଉଥିବା ବେଳେ ବନ୍ୟାପାଣିରେ ଭାସିଯାଇଛନ୍ତି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଖଜିରିମାଳ ଗ୍ରାମର କିଶୋର କୁମାର ପଣ୍ଡାଙ୍କ ପୁଅ ସଞ୍ଜୀବ(୨୫)।

ସଞ୍ଜୀବ ଭଦ୍ରକ ସହରରେ ଏକ ବ୍ୟାଙ୍କରେ କର୍ମଚାରୀ ଅଛନ୍ତି। ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଧୁଷୁରୀ ନିକଟରେ ଉକ୍ତ ରାସ୍ତାରେ ପାଣିସୁଅ ଚାଲିଥିବାରୁ ଅନ୍ଧାର ରାତିରେ ନ ଯିବା ପାଇଁ ସ୍ଥାନୀୟ ଲୋକେ ତାଙ୍କୁ କହିଥିଲେ। କିନ୍ତୁ ସେ ନ ମାନି ସେହି ରାସ୍ତାରେ ଯାଇଥିଲେ। ଶନିବାର ସକାଳୁ ଉକ୍ତ ସ୍ଥାନରେ ପାଣିସୁଅରେ ବାଇକ୍ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଏନ୍‌ଡିଆର୍‌ଏଫ୍ ଟିମ୍ ଖୋଜାଖୋଜି କରିବା ପରେ ତାଙ୍କ ବ୍ୟାଗ୍ ଓ ଏକ ଜନ୍ମଦିନ କେକ୍



ସଞ୍ଜୀବ ପଣ୍ଡା

ମିଳିଥିଲା। କିନ୍ତୁ ସଞ୍ଜୀବଙ୍କର କୌଣସି ପତ୍ତା ମିଳି ନ ଥିଲା। ରିପୋର୍ଟ ଲେଖାହେବା ବେଳକୁ ହସନାବାଦ ସରପଞ୍ଚ ଅଜୟ ମଲିକ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଧୁଷୁରୀ ପୋଲିସ ଓ ସଞ୍ଜୀବଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ଖୋଜା ଚାଲିଥିଲା।

# ମାଟି କାନ୍ଥ ପଡ଼ି ଶିଶୁ ମୃତ

**କେନ୍ଦୁଝର,୫।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ପଣ୍ଡାପଡ଼ା ଥାନା ଅଧୀନ ବୁଢ଼ାଖମଣ ପଞ୍ଚାୟତ ଶରତପଦାରେ ଶୁକ୍ରବାର ମାଟିକାନ୍ଥ ପଡ଼ି ଜଣେ ୩ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ମୁନା ମୁଣ୍ଡାଙ୍କ ପୁଅ କରୁଣାକର ମୁଣ୍ଡା(୩)। ଘଟଣାରେ ୫ ବର୍ଷର ଝିଅ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶରତପଦା ଗ୍ରାମର ହାତୀମରା ସାହିର ମୁନା ତାଙ୍କ ସ୍ତ୍ରୀ, ୨ ପୁଅ ଓ ଝିଅଙ୍କ ସହିତ ଘରେ ଶୋଇଥିଲେ। ବର୍ଷା ଯୋଗୁ ଦୁର୍ବଳ ହୋଇ ପଡ଼ିଥିବା କାନ୍ଥଟି ଶୁକ୍ରବାର ବିଳମ୍ବିତ ରାତିରେ ଭୁଶୁଡ଼ି ଶିଶୁପୁତ୍ର ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଝିଅ ଆହତ ହୋଇଥିଲେ। ଖବର ପାଇ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ତହସିଲଦାର ହିମାଂଶୁ ଶେଖର ପଣ୍ଡା ଓ ଏବିଡିଓ ବିଧୁଭୂଷଣ ଜେନା, ଥାନା ଅଧିକାରୀ ଅବିନାଶ ପରିଡ଼ା ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଘଟଣାର ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରକାଶ ଯେ,ଉକ୍ତ ସାହିରେ କାନଝରୀ ଡ୍ୟାମ୍ ଦ୍ୱାରା ବିସ୍ଥାପିତ ହୋଇ ପ୍ରାୟ ୩୫ ଆଦିବାସୀ ପରିବାର ରହୁଛନ୍ତି । ଦୀର୍ଘ ବର୍ଷ ହେଲା ଏମାନେ ରାସ୍ତା, ଘର ଓ ବିଦ୍ୟୁତ୍ ଭଳି ମୌଳିକ ଅଧିକାରୀରୁ ବଞ୍ଚିତ ରହିଛନ୍ତି। ତୁରନ୍ତ ଅଧିବାସୀଙ୍କୁ ସମସ୍ତ ସୁବିଧା ଯୋଗାଇବାକୁ ସ୍ଥାନୀୟ ସାମାଜିକ କର୍ମୀ ସୋରେନ ସାହୁ ଦାବି କରିଛନ୍ତି। ହରିଚନ୍ଦନପୁର ଏବିଡିଓ ବିଧୁଭୂଷଣ ଜେନା କହିଛନ୍ତି, କିଛି ଲୋକ ଘର ପାଇଛନ୍ତି। ଅନ୍ୟମାନଙ୍କ ନାମ ପଞ୍ଚାୟତ ଯୋଗ୍ୟ ତାଲିକାରେ ଥିଲେ ଘର ପାଇବେ।

# ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ରେଙ୍ଗାଲି,୫।୮ (ଦେବବ୍ରତ ପଣ୍ଡା)**

ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ରେଙ୍ଗାଲି ଥାନା ଅନ୍ତର୍ଗତ ସାଲେପଡ଼ା ଛକ ନିକଟରେ ଶନିବାର ଏକ ଅଜଣା ଗାଡି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୂଆ ଝାଙ୍କରପାଲି ଚାଉଁରପୁରର ବିଶ୍ୱଜିତ ମିର୍ଦ୍ଧା (୨୩) ଓ ଅଜୁ ମିର୍ଦ୍ଧା (୨୨)। ସୂଚନା ଅନୁସାରେ ସକାଳ ୬ଟା ସମୟରେ ବିଶ୍ୱଜିତ ଓ ଅଜୁ ଏକ ଟିଭିଏସ୍ ଆପାଚି (ଓଡି୧୫ଇ-୬୫୫୬) ଯୋଗେ ସମ୍ବଲପୁରରୁ ଝାରସୁଗୁଡା ପଟେ ଯାଉଥିଲେ। ଏହି ସମୟରେ ସାଲେପଡା ଛକ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବୁର୍ଲା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାରୁ...

### ଥାନା ଜାଳିଦେଲେ...

ଉଦ୍ଦେଶ୍ୟରେ ନିଆଯାଉଥିବା କହିଥିଲେ। ସରପଞ୍ଚ ଓ ପୂର୍ବତନ ସରପଞ୍ଚ ଏହାର ଭଡିଓ ରେକର୍ଡିଂ କରିଥିଲେ। ଉକ୍ତ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶନିବାର କେତେଜଣ ସ୍ଥାନୀୟ ନେତାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଥାନା ଅଧିକାରୀ ତପନ କୁମାର ନାହାକଙ୍କ ନିଲମ୍ବନ ଏବଂ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ସଦର ଏସ୍‌ଡିପିଓ ମଲ୍ଲିକ ଏବଂ ତହସିଲଦାର ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ଉଭୟଙ୍କୁ ଠେଲାପେଲା କରିବା ସହିତ ଥାନା ପର୍ଯ୍ୟନ୍ତ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଏହାପରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଥାନା ଭିତରେ ଲୋକେ ପଶି ପୋଡ଼ାଜଳା ଆରମ୍ଭ କରିଥିଲେ। ଥାନା ଭିତରେ ଜବତ ହୋଇଥିବା ଗଞ୍ଜେଇ ଏବଂ ଗୋଟିଏ କାର୍‌ରେ ନିଆଁ ଲଗାଇ ଦେଇଥିଲେ। କମ୍ପ୍ୟୁଟର, ଏଲ୍‌ଇଡି ଟିଭିକୁ ବାହାରେ କଚାଡ଼ି ଭାଙ୍ଗି ଦେଇଥିଲେ। କନ୍ଧମାଳ ଏସ୍ପି ଶୁଭେନ୍ଦୁ ପାତ୍ରଙ୍କ ସମେତ ପୋଲିସ ଫୋର୍ସ ଏବଂ ଯବାନ ପହଞ୍ଚି ସ୍ଥିତିକୁ ନିଜ ଆୟତ୍ତକୁ ନେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଫୁଲବାଣୀ ଉପଜିଲାପାଳଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାରମାନେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହି ଘଟଣାରେ ପୋଲିସ ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କୁ ଅଟକ ରଖିଛି। ଏହି ଘଟଣା ପରେ ଫିରିଙ୍ଗିଆ ବଜାର ଶୂନ୍‌ଶାନ୍ ହୋଇଯାଇଛି। ଘଟଣାସ୍ଥଳରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଲୋକଙ୍କ ଆକ୍ରମଣରେ ଏସ୍‌ଡିପିଓ ଓ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଘଟଣା ପଛରେ କିଛି ଗଞ୍ଜେଇ ମାଫିଆଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜି ଭୋଇ କହିଛନ୍ତି।



ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କୁ ଉଦ୍ଧାର କରି ନିଆଯାଉଛି।

### ଚନ୍ଦ୍ରକକ୍ଷରେ ଚନ୍ଦ୍ରୟାନ-୩...

ଅତି ଗୁରୁତ୍ୱପୂର୍ଣ୍ଣ। ଏହା ପରେ ୪ ଥର ଚନ୍ଦ୍ର କୈନ୍ଦ୍ରିକ ମାନୋଭର କରାଯାଇ ଏହାକୁ ଚନ୍ଦ୍ରର ନିକଟତର କରାଯିବ। ଅଗଷ୍ଟ ୧୭ରେ ପ୍ରପଲଶନ ମଡ୍ୟୁଲରୁ ବିକ୍ରମ ଏବଂ ରୋଭର ପ୍ରଜ୍ଞାନ ଅଲଗା ହେବ। ଅଗଷ୍ଟ ୨୩ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ ପାଇଁ ଇସ୍ରୋ ଲକ୍ଷ୍ୟ ରଖିଛି। ପୂର୍ବରୁ ଚନ୍ଦ୍ରୟାନ-୨ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇଥିଲା। ତେଣୁ ଲ୍ୟାଣ୍ଡର ବିକ୍ରମ ଯେପରି ନିରାପଦର ସହ ସଫ୍ଟ ଲ୍ୟାଣ୍ଡିଂ କରିପାରିବ ସେଥିପାଇଁ ସ୍ୱତଃ ନିଜର ଅବତରଣ ସ୍ଥାନ ପରିବର୍ତ୍ତନ କରିପାରିବା ଲାଗି ଏହାକୁ ଡିଜାଇନ କରାଯାଇଛି।

### ହୀରାକୁଦର ୨୦ ଗେଟ୍‌ରେ ...

୪ ଲକ୍ଷ ୩୮ ହଜାର ୨୮୦ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲ୍‌ୱେ, ପାୱାର ଚ୍ୟାନେଲ, କୃଷି, ଶିଳ୍ପକୁ ମୋଟ ୩ଲକ୍ଷ ୫୫ ହଜାର ୪୩୧ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୧୮ହଜାର ୫୦୦, ପର୍ଥଲାରେ ୬୫ ହଜାର ୩୦୦, ଖଇରମାଳରେ ୩ ଲକ୍ଷ ୪୦ ହଜାର, ବରମୂଳାରେ ୨ଲକ୍ଷ ୬୨ହଜାର, ମୁଣ୍ଡଳୀରେ ୩ ଲକ୍ଷ ୧୮ ହଜାର ୩୨ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ ହୀରାକୁଦ ଜଳଭଣ୍ଡାରରେ ସର୍ବାଧିକ ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଛି। ଶନିବାର ସନ୍ଧ୍ୟା ସୁଦ୍ଧା ଜଳସ୍ତର ପାଖାପାଖି ୬୨୨ଫୁଟ୍‌ରେ ପହଞ୍ଚିଛି। ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ ପ୍ରତି ସେକେଣ୍ଡରେ ଯେଉଁ ପରିମାଣରେ ଜଳ ପ୍ରବେଶ କରୁଛି ଶୀଘ୍ର ଜଳଭଣ୍ଡାର କ୍ଷମତା ନିକଟତର ହେବା ଆଶା କରାଯାଉଛି। ଜଳ ପରିଚାଳନା ପାଇଁ ଅଧିକ ଗେଟ୍ ଖୋଲାଯାଇପାରେ ବୋଲି କୁହାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ରବି ଓ ଶନି ଷଡ଼ାଷ୍ଟକ ହେତୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବାଟରେ ଯିବା ସମୟରେ ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗରୁ କାର୍ଯ୍ୟ ହାସଲ ନ ହେବା ହେତୁ ଚିନ୍ତିତ ହେବେ। ଯାତ୍ରା ସମୟରେ ସତର୍କ ନ ରହିଲେ ଅସୁବିଧା ଭୋଗିବେ।

**ବୃଷ** - ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। କାଶ ଓ କଫଜନିତ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ୍ ହେବେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ମୋଟାମୋଟି ଦିନଟି ଭଲ।

**ମିଥୁନ** - କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ଧାର କରଜ କରି ମଧ୍ୟ ଆବଶ୍ୟକତାକୁ ଚଳାଇ ପାରିବେ ନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପୁରୁଣା ରୋଗ ପୁଣି ଯନ୍ତ୍ରଣା ଦେଇପାରେ। ହଠାତ୍ ଖୁସି ଖବର ପାଇବେ।

**କର୍କଟ** - ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ ଏବଂ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** - କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କନ୍ୟା** - ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋଭାବ ପୋଷଣ କରିବେ। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ଗାଡ଼ିମୋଟର ବ୍ୟବସାୟରେ କ୍ଷତିର ସମ୍ଭାବନା ରହିଛି। ସନ୍ତାନହେତୁକ ଚିନ୍ତା ଟଳିବ।

**ତୁଳା** - ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍‌ଠିକ୍ ହୋଇଯିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷା ପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଓ ମର୍ଯ୍ୟାଦା ବଢ଼ିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବ ହେବ।

**ବିଛା** - ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ। ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଧାର୍ଯ୍ୟ ସମୟରେ ଶେଷ କରିପାରିବେ ନାହିଁ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** - ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତା ଉଦ୍ରେକ ହୋଇପାରେ। ଦୂର ସମ୍ପର୍କୀୟ ବନ୍ଧୁଙ୍କ ହଠାତ୍ ଆଗମନ।

**ମକର** - ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକ ସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ସମର୍ଥକମାନଙ୍କୁ ନିଜ ଆଡ଼କୁ ଆଣିପାରିବେ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବାର ସମ୍ଭାବନା ରହିଛି।

**କୁମ୍ଭ** - ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ସଫଳତା ହାସଲ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** - ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ପରାମର୍ଶରେ କାର୍ଯ୍ୟ କଲେ ଅବଶ୍ୟ ଉପକୃତ ହେବେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ରବିବାର, ଅଗଷ୍ଟ ୦୬ ତାରିଖ, ରାଷ୍ଟ୍ରୀୟ ବନ୍ଧୁତା ଦିବସ, ହିରୋସୀମା ଦିବସ, ରାଶିନକ୍ଷତ୍ର-ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୭ ଗତେ ଘ.୦୯।୪୪ ମଧ୍ୟେ, ଘ.୦୧।୨୮ ଗତେ ଘ.୦୨।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୪।୪୧ ଗତେ ଘ.୦୬।୧୭ ମଧ୍ୟେ ରାହୁକାଳ।

# ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୨୩ ପ୍ରିଲିମ୍ସ






'ଓଡ଼ିଶା ପୋଷ୍ଟ ମେଟଲ୍ ମିଟ୍ ୨୦୨୩ର ଫାଇନାଲ ରାଉଣ୍ଡକୁ ଯାଇଥିବା ଜୁନିୟର ଗ୍ରୁପ୍ ପ୍ରତିଯୋଗୀମାନଙ୍କ ସହ ଓଡ଼ିଶା ପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ କୁଇଜ୍ ମାଷ୍ଟର ଅଜୟ ପୁନିଆ।




ପ୍ରତିଯୋଗୀଙ୍କୁ ପ୍ରଶ୍ନ ପଚାରୁଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ

## ଉତ୍ତର ପାଇଁ କସରତ



















ଜୁନିୟର ଓ ସିନିୟର ଗ୍ରୁପ୍‌ର ପ୍ରତିଯୋଗୀମାନଙ୍କ ଆଲୋଚନା ଓ ପ୍ରତିକ୍ରିୟା।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। –ଶ୍ରୀଅରବିନ୍ଦ

# ନୂତନ ଭାରତର କଶ୍ମୀର



ଆକାର ପଟେଲ

୪ ବର୍ଷ ପୂର୍ବେ, ଯେତେବେଳେ କଶ୍ମୀରରୁ ୩୭୦ ଅନୁଚ୍ଛେଦ ହଟାଇ ନିଆଯାଇଥିଲା ସେତେବେଳେ ସ୍ତମ୍ଭକାର ପ୍ରତାପଭାନୁ ମେହେଟ୍ଟା ଲେଖିଥିଲେ, 'ଭାଜପା କଶ୍ମୀରକୁ ଭାରତୀୟକରଣ କରିବାକୁ ଯାଉଛି ବୋଲି ଭାବୁଛି'। କିନ୍ତୁ ଏହା ବଦଳରେ ଆମେ ସମ୍ଭବତଃ ଭାରତର କଶ୍ମୀରୀକରଣକୁ ଦେଖୁଛୁ। ଭାରତୀୟ ଗଣତନ୍ତ୍ରରେ କାହାଣୀ ରକ୍ତ ଏବଂ ବିଶ୍ୱାସଘାତକତାରେ ଲେଖାଯାଇଛି। ସ୍ଥାନୀୟ ଲୋକଙ୍କୁ ହଟାଇଦେଇ କଶ୍ମୀରର ଭାରତୀୟକରଣ ନିୟମିତ ଭାବେ କରାଯାଉଛି। ମୁଁ ୨ ବର୍ଷ ପୂର୍ବେ ଏକ ପୁସ୍ତକ ଲେଖିଥିଲି ଯେଉଁଥିରେ ସ୍ଥାନୀୟ ମୁଖ୍ୟ ମନୋଜ ସିହ୍ନାଙ୍କ ଅଧୀନରେ କଶ୍ମୀରର ଉଚ୍ଚ ଅମଲାତନ୍ତ୍ରକୁ କେଉଁମାନେ ଚଳାଉଥିଲେ ତାହା ପ୍ରକାଶ ପାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ– ଗୃହ ଏବଂ ରାଜସ୍ୱ: ଶାଲିନ କାବ୍ରା; ଅର୍ଥ: ଅରୁଣ କୁମାର ମେହେଟ୍ଟା; ସାଧାରଣ ପ୍ରଶାସନ ଏବଂ ଶିଳ୍ପ ଓ ବାଣିଜ୍ୟ: ମନୋଜ କୁମାର ଦ୍ୱିବେଦୀ; ଆଇନ, ନ୍ୟାୟ ଏବଂ ସଂସଦୀୟ ବ୍ୟାପାର: ଅଚଳ ସେଠୀ ପ୍ରମୁଖ ଅଧିକାରୀମାନେ। ଦାୟିତ୍ୱରେ ଥିବା କଶ୍ମୀରର ଅଧିକାରୀମାନେ ହେଲେ ରେହାନା ବାତୁଲଙ୍କୁ ଆଦିବାସୀ ବ୍ୟାପାର ; ପୁଷ୍ପ ବିଭାଗ, ଉଦ୍ୟାନ ଏବଂ ପାର୍କ: ଶେଖ୍ ଫୟାଜ ଅହମ୍ମଦ ; ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ଶିକ୍ଷା: ଅଟଲ ଇୟର୍ସ ଦୁଲ୍ଲୋ ; ଷ୍ଟେଶନାରି ଏବଂ ଯୋଗାଣ ଅବଦୁଲ ମାଜିଦ୍ ଭଟ୍ଟ ; ଗ୍ରାମୀଣ ବିକାଶ: କାଜି ସାର୍ୱର, ବେସାମରିକ ବିମାନ ଚଳାଚଳ: ରୁକ୍ସାନା ଘନି ; ସଂସ୍କୃତି: ସରମାଦ୍ ହାଫିଜ ; ମତ୍ସ୍ୟଚାଷ: ବସିର ଅହମ୍ମଦ ଭଟ୍ଟ ଏବଂ ଉଦ୍ୟାନ କୃଷି: ଅଜାଜ୍ ଅହମ୍ମଦ ଭଟ୍ଟ। ଏହି ସ୍ତମ୍ଭ ଲେଖିବା ପାଇଁ ମୁଁ ସମାନ ୱେବ୍‌ସାଇଟ୍‌କୁ ଫେରି ୨୦୧୯ର ୪ ବର୍ଷ ପରେ ସମାନ କଥା ଦେଖିବାକୁ ପାଇଲି। ସେଥିରେ ବି ଅରୁଣ କୁମାର ମେହେଟ୍ଟା, ଅଚଳ ସେଠୀଙ୍କ ସମେତ ଅନ୍ୟ କେତେଜଣଙ୍କ ନାମ ପାଇଲି। ଅବଶ୍ୟ, ବାହାର ଲୋକମାନଙ୍କ ଦ୍ୱାରା କରାଯାଉଥିବା ନିୟନ୍ତ୍ରଣ ଉପରେ କୌଣସି ମନ୍ତବ୍ୟ ଦିଆଯାଇ ନ ଥିଲା କି ରିପୋର୍ଟ କରାଯାଇ ନ ଥିଲା କିମ୍ବା ମିଡିଆର ଖୁବ୍ କମ୍ ଲୋକଙ୍କ ବ୍ୟତୀତ କେହି ଏହା ଜାଣି ନ ଥିଲେ। ତେବେ ଅଣ–ସ୍ଥାନୀୟ ଅଧିକାରୀଙ୍କଠାରୁ କିଛି ବି ଆଶା ନ କରାଯାଇ ପାରେ ବୋଲି ୨୦୨୧ରେ ସିଭିଲ ସୋସାଇଟିର ଜଣେ କଶ୍ମୀରୀ ବ୍ୟକ୍ତିଙ୍କ ମନ୍ତବ୍ୟରେ ରାଗିଯାଇ ଗଣ୍ଡରବାଲ୍‌ର ଡେପୁଟି କମିଶନର କ୍ରିତିକା ଜ୍ୟୋତ୍ସ୍ନାଙ୍କ ନିର୍ଦ୍ଦେଶରେ ତାଙ୍କୁ ଜେଲ ପଠାଇଦିଆଯାଇଥିଲା।

ଯେତେବେଳେ ମୁଁ ଜୁଲାଇ ୨୦୨୧ରେ ନିର୍ବାଚନ ବିଭାଗର ଲିଙ୍କ୍ – ceojammukashmir.nic.inକୁ ଯାଞ୍ଚ କରିଥିଲି, ତାହା କେବଳ କାମ କରୁ ନ ଥିବା ଦେଖିବାକୁ ପାଇଥିଲି। ଏହା ସହ ବ୍ରାଉଜର ଚେତାବନୀ ଦେଇଥିଲା: 'ଏହି ୱେବ୍‌ସାଇଟ୍ ହୁଏତ ଆପଣଙ୍କର ବ୍ୟକ୍ତିଗତ କିମ୍ବା ଆର୍ଥିକ ତଥ୍ୟ ଚୋରି କରିବା ପାଇଁ ceojammukashmir.nic.inକୁ ବଦଳାଇଦେଇପାରେ। ତୁମେ ପୂର୍ବ ପେଜ୍‌କୁ ଫେରିଯିବା ଉଚିତ।' ଏବେ, ଅଗଷ୍ଟ ୨୦୨୩ ରେ ଏପର୍ଯ୍ୟନ୍ତ ୱେବ୍‌ସାଇଟ୍ ଖୋଲାନାହିଁ କି କଶ୍ମୀରର ଗୃହ ବିଭାଗ ପାଇଁ ଉଦ୍ଦିଷ୍ଟ ଲିଙ୍କ୍ https://www.jkhome.nic.in ଖୋଲିନାହିଁ। ଖୋଲିବାକୁ ଚେଷ୍ଟାକଲେ 'ଏହି ସଂଯୋଗ ବ୍ୟକ୍ତିଗତ ନୁହେଁ' ବୋଲି ଦର୍ଶାଇ ଭ୍ରମ ସୃଷ୍ଟିକରେ। ସେତେବେଳେ ମେହେଟ୍ଟା ଯାହା ପୂର୍ବାନୁମାନ କରିଥିଲେ ଏହି ସମୟରେ ସେହିଭଳି କଶ୍ମୀରକରଣ ଘଟିଲା। ଗଣତନ୍ତ୍ର କଠିନ ଓ ଦ୍ୱନ୍ଦ୍ୱାତ୍ମକ ଏବଂ ଏଥିପାଇଁ ଇଚ୍ଛା ଥିଲେ ମଧ୍ୟ ଶାସନ କଷ୍ଟସାଧ୍ୟ, ଯାହା ବହୁ ସମୟରେ ସମ୍ଭବ ହୋଇ ନ ଥାଏ। ଉତ୍ତମ ଶାସନ ନିୟମ ଅନୁସରଣ କରିବା ଏବଂ ଆଇନର ନିୟମ ପ୍ରୟୋଗ ଆବଶ୍ୟକ କରେ। ଏପରିକି ସବୁଠୁ ଦକ୍ଷ ସରକାରଙ୍କ ପାଇଁ ଏହା କରିବା ସହଜ ନୁହେଁ। କଶ୍ମୀରରେ ଉତ୍ତମ ଶାସନ ପରିବର୍ତ୍ତେ ଯାହା ବିକଳ୍ପ ବ୍ୟବସ୍ଥା କରାଯାଇଛି ସେଥିରେ ଗଣତନ୍ତ୍ରକୁ ପୂରା ହଟାଇ ଦିଆଯାଇଛି। ମଣିପୁର କିମ୍ବା ଗୁରୁଗାଓଁ ବା ଉତ୍ତରପ୍ରଦେଶ କଥା ଦେଖନ୍ତୁ। ଦୋଷୀ ସାବ୍ୟସ୍ତ ହେବା ଅପେକ୍ଷା ଅଧିକ ଦୋଷମୁକ୍ତ ହେଉଥିବାରୁ ସେଠାରେ ମାମଲା ଦାୟର କରିବା କିମ୍ବା ବିଚାରକରିବା କଷ୍ଟକର। ଫଳରେ ନ୍ୟାୟିକ ବ୍ୟବସ୍ଥା ବାହାରେ ସେଠାରେ ଲୋକଙ୍କୁ ଦଣ୍ଡ ଦେବା ସହଜ ମନେକରାଯାଉଛି। ସେଥିପାଇଁ ନ୍ୟାୟିକ ବିଚାର ବଦଳରେ ବୁଲ୍‌ଡୋଜରଗୁଡ଼ିକୁ ପସନ୍ଦ କରାଯାଇଛି। ଉତ୍ତରପ୍ରଦେଶରେ ଅଭିଯୁକ୍ତମାନଙ୍କ ଗୋଡ଼କୁ ଗୁଳି କରାଯାଉଛି। ନ୍ୟାୟିକ ହେପାଜତରେ ଥିବା ଅଭିଯୁକ୍ତମାନଙ୍କୁ ଗୁଳିକରି ହତ୍ୟା କରାଯାଉଛି। ଏପରିକି ସୁରକ୍ଷା ପାଇଁ ସୁପ୍ରିମକୋର୍ଟର ଆଶ୍ରୟ ନେଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଘଟୁଛି। ନୂଆ ଭାରତରେ ଏହା ହେଉଛି ଆଇନର ଶାସନ। କିନ୍ତୁ କଶ୍ମୀରବାସୀ ଏଭଳି କାର୍ଯ୍ୟ ସମ୍ପର୍କରେ ବହୁ ପୂର୍ବରୁ ଅଭ୍ୟସ୍ତ ଥିଲେ।

ଗଣତନ୍ତ୍ରର ମାଆ କୁହାଯାଉଥିବା ଭାରତ ଇଣ୍ଟରନେଟ୍ ବନ୍ଦରେ ବିଶ୍ୱରେ ସବୁଠୁ ଆଗରେ। ଗତ ୬ବର୍ଷ ଧରି ଏହି କ୍ଷେତ୍ରରେ ଶୀର୍ଷରେ ରହିଆସିଛି। ନାଗରିକମାନଙ୍କ ପାଇଁ ଏହା ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ଏଥିରେ ବାଧା ଦିଆଯାଉଛି। କଶ୍ମୀର ଶାସନର ଦୋଷକୁ ପଦାକୁ ଆଣିଲା। ଯଦି ମଣିପୁରୀ ଏବଂ ହରିୟାଣାବାସୀ ଏବେ ଏହାକୁ ଲୋକଲୋଚନକୁ ଆଣିପାରୁଛନ୍ତି, ତାହା ସେଠାକାର ମଡେଲ ଯୋଗୁ ସମ୍ଭବ ହେଉଛି। ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ କଶ୍ମୀରରେ ଇଣ୍ଟରନେଟ୍ ୧୭ ମାସ ପାଇଁ ବନ୍ଦ କରାଯାଇଥିଲା (କଶ୍ମୀର ପୃଥିବୀର ଏକମାତ୍ର ଅଂଶ ଯେଉଁଠି କୋଭିଡ୍ ସମୟରେ ପିଲାଙ୍କ ଅନ୍‌ଲାଇନ ଶିକ୍ଷା ଉପରେ କଟକଣା ଲଗାଯାଇଥିଲା। ଅନ୍ୟତ୍ର, ଗଣତାନ୍ତ୍ରିକ ବିରୋଧକୁ ହଟାଇବା ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସଂସଦକୁ ବାରଣ କରାଯିବାରେ ସବୁଠାରୁ ପ୍ରଭାବୀ ଉପାୟ ଆପଣାଇବା ଦେଖିବାକୁ ମିଳେ। ହେଲେ ଏଠାରେ ଏଭଳି ଗଣତାନ୍ତ୍ରିକ ପଦ୍ଧତିକୁ ଅନୁସରଣ କରିବା ପରିବର୍ତ୍ତେ ଲୋକ ସଭାରେ ବିତର୍କକୁ ଏଡ଼ାଇବା ଲକ୍ଷ୍ୟ କରାଯାଉଛି। ସାଧାରଣ ଭାବରେ ଏହା ଏକ ନୀତି ଭାବେ ଗ୍ରହଣୀୟ ହୋଇଯାଇଛି। ନୂତନ ଭାରତ କାହିଁକି ନୂଆ, ତାହାର କୌଣସି ସଂଜ୍ଞା ନେଇ ଆସିନାହିଁ। ବରଂ ଏହା ଅନେକ ନିର୍ଦ୍ଦେଶକୁ ନେଇ ଆସିଛି ଯାହା ଦେଶ ଜାରି କରିଚାଲିଛି ଓ ତାହାର ପ୍ରଭାବକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାରେ କଶ୍ମୀର ହେଉଛି ପ୍ରଥମ।

Email:aakar.patel@gmail.com

# କାର୍ଯ୍ୟକର୍ତ୍ତାଙ୍କ ପ୍ରେରଣାର ଉତ୍ସ ମଦନ ଦାସଜୀ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

କିଛିଦିନ ତଳେ ଯେତେବେଳେ ଆମେ ଶ୍ରୀ ମଦନ ଦାସ ଦେବୀଜୀଙ୍କୁ ହରାଇଥିଲୁ, ସେତେବେଳେ ମୋ ସମେତ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ଦୁଃଖରେ ମ୍ରିୟମାଣ ହୋଇ ମଦନ ଦାସଜୀଙ୍କ ପରି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଆଉ ଆମ ଗହଣରେ ନାହାନ୍ତି, ଏଭଳି ବିଶ୍ୱାସ କରିବା ଆମ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବାସ୍ତବତା। ତଥାପି, ତାଙ୍କ ପ୍ରଭାବ ଚିରକାଳ ଜୀବିତ ରହିବ ବୋଲି ମନରେ ଧାରଣା କରି ଆମେ ସାନ୍ତ୍ୱନା ପାଉଛୁ। ତାଙ୍କର ଶିକ୍ଷା ଓ ଆଦର୍ଶ ଭବିଷ୍ୟତର ଯାତ୍ରାରେ ଆମ ପାଇଁ ପ୍ରେରଣା ଓ ମାର୍ଗଦର୍ଶନର ପ୍ରତୀକ ଭାବେ କାର୍ଯ୍ୟ କରିବ।

ବର୍ଷ ବର୍ଷ ଧରି ମଦନ ଦାସଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବାର ସୌଭାଗ୍ୟ ମୋତେ ମିଳିଥିଲା। ମୁଁ ଅତି ନିକଟରୁ ତାଙ୍କ ସରଳତା ଏବଂ ମୃଦୁଭାଷୀ ସ୍ୱଭାବ ଦେଖିଥିଲି। ସେ ଜଣେ ଉତ୍କୃଷ୍ଟ ସାଂଗଠନିକ ବ୍ୟକ୍ତି ଥିଲେ ଏବଂ ମୁଁ ମଧ୍ୟ ସଂଗଠନରେ କାମ କରିବାରେ ଯଥେଷ୍ଟ ସମୟ ବିତାଇଥିଲି। ତେଣୁ ସାଂଗଠନିକ ବିକାଶ ଓ କାର୍ଯ୍ୟକର୍ତ୍ତାଙ୍କ ଅଭିବୃଦ୍ଧି ସମ୍ବନ୍ଧୀୟ ଦିଗଗୁଡ଼ିକ ଆମ କଥାବାର୍ତ୍ତାରେ ନିୟମିତ ଭାବରେ ସ୍ଥାନ ପାଇବା ସ୍ୱାଭାବିକ ଥିଲା। ଏମିତି ଥରେ କଥାବାର୍ତ୍ତା ବେଳେ ମୁଁ ତାଙ୍କୁ ପଚାରିଲି, ସେ ମୂଳତଃ କେଉଁ ଅଞ୍ଚଳର ବାସିନ୍ଦା। ସେ ମୋତେ କହିଥିଲେ ଯେ ସେ ମହାରାଷ୍ଟ୍ରର ସୋଲାପୁର ନିକଟସ୍ଥ ଏକ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ତାଙ୍କ ପୂର୍ବପୁରୁଷମାନେ ଗୁଜରାଟରୁ ଆସିଥିଲେ। କିନ୍ତୁ ସେମାନେ ପ୍ରକୃତରେ କେଉଁ ସ୍ଥାନରୁ ଆସିଥିଲେ ସେ ବିଷୟରେ ଅବଗତ ନ ଥିଲେ। ମୁଁ ତାଙ୍କୁ କହିଲି ଯେ 'ଦେବୀ' ସାଙ୍ଗିଆଧାରୀ ମୋର ଜଣେ ଶିକ୍ଷକ ଅଛନ୍ତି ଏବଂ ସେ ବିସନଗର ବାସିନ୍ଦା। ପରବର୍ତ୍ତୀ ସମୟରେ ସେ ବିସନଗର ଓ ୱଡ଼ନଗର ମଧ୍ୟ ଗସ୍ତ କରିଥିଲେ। ଆମେ ଗୁଜରାଟୀ ଭାଷାରେ ମଧ୍ୟ କଥାବାର୍ତ୍ତା ହେଉଥିଲୁ।

ମଦନ ଦାସଜୀଙ୍କର ଅନେକ ବିଶେଷତ୍ୱ ମଧ୍ୟରୁ ଗୋଟିଏ ଥିଲା, ଶବ୍ଦଠାରୁ ଊର୍ଦ୍ଧ୍ୱକୁ ଯାଇ ସେହି ଶବ୍ଦ ପଛରେ ଥିବା ଭାବନାକୁ ବୁଝିବାରେ ତାଙ୍କର ଦକ୍ଷତା। ମୃଦୁଭାଷୀ ଏବଂ ସର୍ବଦା ହସଖୁସିରେ ସେ ଘଣ୍ଟା ଘଣ୍ଟା ଧରି ଚାଲିଥିବା ଆଲୋଚନାକୁ ମାତ୍ର କିଛି ବାକ୍ୟରେ ସମାହିତ କରିପାରୁଥିଲେ।

ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହଙ୍କ ହିତକୁ କିଭଳି ଗୁରୁତ୍ୱ ଦିଆଯାଏ ତାହା ମଦନ ଦାସଜୀଙ୍କ ଜୀବନରୁ ପ୍ରମାଣିତ ହୋଇଥାଏ। ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ସେ ପ୍ରଶିକ୍ଷଣ ନେଇଥିଲେ। ଚାହିଁଥିଲେ ଏକ ଆରାମଦାୟକ ଜୀବନଯାପନ କରିପାରିଥାନ୍ତେ, କିନ୍ତୁ ବିଚାରକୁ ପ୍ରଭାବିତ କରିବା ଏବଂ ଭାରତର ବିକାଶ ଦିଗରେ କାର୍ଯ୍ୟ କରିବାରେ ତାଙ୍କର ଆଗ୍ରହ ଥିଲା।



ଭାରତର ଯୁବବର୍ଗଙ୍କ ଉପରେ ମଦନ ଦାସଙ୍କର ଅତୁଟ ବିଶ୍ୱାସ ଥିଲା। ସେ ସମଗ୍ର ଭାରତର ଯୁବପିଢ଼ିଙ୍କ ସହ ଯୋଡ଼ିହୋଇ ପାରୁଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)କୁ ସୁଦୃଢ଼ କରିବାରେ ସେ ନିଜକୁ ନିୟୋଜିତ କରିଥିଲେ। ଏହି ଯାତ୍ରାରେ ତାଙ୍କର ଅନ୍ୟତମ ପ୍ରମୁଖ ପ୍ରେରଣା ଥିଲେ ଯଶୋବନ୍ତରାଓ କେଲ୍‌କରଜୀ। ସେ ତାଙ୍କ ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ ଏବଂ ପ୍ରାୟତଃ ତାଙ୍କ ବିଷୟରେ କଥା ହେଉଥିଲେ। ମଦନ ଦାସଜୀ ସର୍ବଦା ଏବିଭିପିର କାର୍ଯ୍ୟରେ ଅଧିକରୁ ଅଧିକ ଛାତ୍ରୀଙ୍କୁ ସାମିଲ କରିବା ଏବଂ ସାମାଜିକ କଲ୍ୟାଣରେ ଯୋଗଦାନ କରିବା ପାଇଁ ଏକ ମଞ୍ଚ ଭାବେ ଏହାକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବାରମ୍ବାର କହୁଥିଲେ, ଛାତ୍ରୀମାନେ କୌଣସି ସାମୂହିକ ପ୍ରୟାସରେ ସାମିଲ ହେଲେ ସେହି ପ୍ରୟାସ ସର୍ବଦା ଅଧିକ ସମ୍ବେଦନଶୀଳ ହୋଇଥାଏ। ମଦନ ଦାସଙ୍କ ପାଇଁ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହ ସର୍ବୋପରି ଥିଲା। ସେ ସବୁବେଳେ ଛାତ୍ରୀଛାତ୍ରଙ୍କ ଗହଣରେ ରହୁଥିଲେ, କିନ୍ତୁ ପଙ୍କରେ ପଦ୍ମ ପରି ସେ କେବେ ବି ବିଶ୍ୱବିଦ୍ୟାଳୟ ରାଜନୀତିରେ ନିଜକୁ ସାମିଲ କରୁ ନ ଥିଲେ।

ମୁଁ ଏମିତି ଅନେକ ନେତାଙ୍କୁ ଜାଣିଛି, ଯେଉଁମାନେ ସାର୍ବଜନୀନ ଜୀବନରେ ଉନ୍ନତି ପାଇଁ ନିଜ ଯୁବାବସ୍ଥାରେ ମଦନ ଦାସଜୀଙ୍କଠାରୁ ମିଳିଥିବା ମାର୍ଗଦର୍ଶନକୁ ଶ୍ରେୟ ଦେଇଥାନ୍ତି। କିନ୍ତୁ ଏହାକୁ ନେଇ ଦେଖାଇବା ତାଙ୍କ ସ୍ୱଭାବ ନ ଥିଲା।

ଆଜିକାଲି ମାନବ ପରିଚାଳନା, ପ୍ରତିଭା ପରିଚାଳନା ଏବଂ ଦକ୍ଷତା ପରିଚାଳନା ଭଳି ଅବଧାରଣା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଛି। ମଦନ ଦାସଜୀ ଲୋକମାନଙ୍କୁ ବୁଝିବା ଏବଂ ସେମାନଙ୍କ ପ୍ରତିଭାକୁ ସାଂଗଠନିକ ଲକ୍ଷ୍ୟରେ ଉପଯୋଗ କରିବାରେ ସିଦ୍ଧହସ୍ତ ଥିଲେ। ସେ ସ୍ୱତନ୍ତ୍ର ଥିଲେ, କାରଣ ସେ ଲୋକଙ୍କ ସାମର୍ଥ୍ୟକୁ ବୁଝିଥିଲେ ଏବଂ ସେହି ଆଧାରରେ ସେମାନଙ୍କୁ କାମରେ ନିୟୋଜିତ କରିଥିଲେ। ଲୋକମାନଙ୍କୁ ନିଜର ଆବଶ୍ୟକତା ଅନୁଯାୟୀ ଗଢ଼ିବା ଉଚିତ ବୋଲି ଧାରଣାକୁ ସେ କେବେ ବି ଗ୍ରହଣ କରି ନ ଥିଲେ। ସେଥିପାଇଁ କୌଣସି ଯୁବ କାର୍ଯ୍ୟକର୍ତ୍ତାଙ୍କ ମନକୁ କିଛି ନୂଆ ଉପାୟ ଆସିଲେ ମଦନ ଦାସଜୀ ସ୍ପଷ୍ଟ ଭାବେ ତାକୁ ଆଗକୁ ଆଣୁଥିଲେ। ଏହି କାରଣରୁ ତାଙ୍କ ସହ କାମ କରିଥିବା ଅନେକ ଲୋକ ନିଜ ନିଜ ସାମର୍ଥ୍ୟ ଆଧାରରେ ଏକ ଛାପ ଛାଡ଼ିବାକୁ ସ୍ୱୟଂ ଅନୁପ୍ରାଣିତ ହୋଇଥିଲେ। ତେଣୁ ତାଙ୍କ ନେତୃତ୍ୱରେ ସଂଗଠନଗୁଡ଼ିକ ବ୍ୟାପକ ଭାବେ ବିକଶିତ ହୋଇଥିଲା। ବ୍ୟାପକ ଏବଂ ବିସ୍ତୃତ ହେବା ସତ୍ତ୍ୱେ ଏସବୁ ସଂଗଠନ ଏକଜୁଟ ଏବଂ ପ୍ରଭାବଶାଳୀ ମଧ୍ୟ ରହିଥିଲେ।

କହିବା ବାହୁଲ୍ୟ ଯେ, ମଦନ ଦାସଜୀଙ୍କର ଏକ ବ୍ୟସ୍ତବହୁଳ ଯାତ୍ରାସୂଚୀ ଥିଲା। ନିଜ କର୍ତ୍ତବ୍ୟ ବ୍ୟତୀତ ଲୋକଙ୍କୁ ଭେଟିବା କ୍ଷେତ୍ରରେ ସେ ଚୟନଶୀଳ ଥିଲେ ଏବଂ ସାକ୍ଷାତ୍ ପାଇଁ ସବୁବେଳେ ପୂର୍ବରୁ ପ୍ରସ୍ତୁତ ରହୁଥିଲେ। ତେବେ ତାଙ୍କ କାର୍ଯ୍ୟକ୍ରମ ସବୁବେଳେ ସରଳ ଥିଲା। କୌଣସି କର୍ମକର୍ତ୍ତାଙ୍କ ଉପରେ ବୋଝ ରହୁ ନ ଥିଲା। ଏହି ଗୁଣ ଶେଷ ପର୍ଯ୍ୟନ୍ତ ତାଙ୍କର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଥିଲା। ସେ ଦୀର୍ଘଦିନର ଅସୁସ୍ଥତାକୁ ସାହସର ସହିତ ମୁକାବିଲା କରୁଥିଲେ, କିନ୍ତୁ ମୁଁ ତାଙ୍କୁ ଏ ବିଷୟରେ ବାରମ୍ବାର ପଚାରିଲେ ମଧ୍ୟ ସେ କମ୍ କଥା ହେଉଥିଲେ। ଶାରୀରିକ ଯନ୍ତ୍ରଣା ସତ୍ତ୍ୱେ ସେ ଖୁସିରେ ରହୁଥିଲେ। ଅସୁସ୍ଥତା ସମୟରେ ମଧ୍ୟ ସେ ଦେଶ ଓ ସମାଜ ପାଇଁ କ'ଣ କରିପାରିବେ ସେ ବିଷୟରେ ନିରନ୍ତର ଚିନ୍ତା କରୁଥିଲେ।

ମଦନ ଦାସଜୀଙ୍କର ଏକ ଚମତ୍କାର ଶୈକ୍ଷିକ ରେକର୍ଡ ଥିଲା ଏବଂ ଏହା ତାଙ୍କର କାର୍ଯ୍ୟଶୈଳୀକୁ ମଧ୍ୟ ଆକାର ଦେଇଥିଲା। ସେ ଜଣେ ଉତ୍ସାହୀ ପାଠକ ଥିଲେ। ଯେତେବେଳେ ବି ସେ କିଛି ଭଲ ପଢୁଥିଲେ, ସେ ତାହା ସେହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପଠାଉଥିଲେ। ମୁଁ ସୌଭାଗ୍ୟବାନ୍ ଯେ ମୁଁ ବାରମ୍ବାର ଏଭଳି ଜିନିଷ ପାଇଛି। ଅର୍ଥନୀତି ଏବଂ ନୀତିଗତ ବିଷୟରେ ମଧ୍ୟ ତାଙ୍କର ଭଲ ଜ୍ଞାନ ଥିଲା। ସେ ଏପରି ଏକ ଭାରତର ପରିକଳ୍ପନା କରିଥିଲେ, ଯେଉଁଠାରେ କୌଣସି ବ୍ୟକ୍ତି ଅନ୍ୟ ଉପରେ ନିର୍ଭରଶୀଳ ନ ଥିବ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜ ଗୋଡ଼ରେ ଠିଆ ହୋଇପାରୁଥିବ ତଥା ଆତ୍ମଉନ୍ନତି ଏବଂ ଅଭିବୃଦ୍ଧିର ସୁଯୋଗ ଦ୍ୱାରା ସଶକ୍ତ ହୋଇପାରୁଥିବ। ମଦନ ଦାସଜୀ ଏପରି ଏକ ଭାରତର ପରିକଳ୍ପନା କରିଥିଲେ, ଯେଉଁଠାରେ ଆତ୍ମନିର୍ଭରଶୀଳତା କେବଳ ଏକ ଲକ୍ଷ୍ୟ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଜୀବନ୍ତ ବାସ୍ତବତା ଥିଲା। ତାଙ୍କ ପରିକଳ୍ପନାର ଭାରତ, ପାରସ୍ପରିକ ସମ୍ମାନ, ସଶକ୍ତୀକରଣ ଏବଂ ଅଂଶୀଦାରଙ୍କ ସମୃଦ୍ଧିର ନୀତି ଉପରେ ଆଧାରିତ ସମାଜ ଥିଲା। ଏବେ ଭାରତ ବିଭିନ୍ନ କ୍ଷେତ୍ରରେ ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ ହେଉଥିବାରୁ ବୋଧହୁଏ ସେ ସବୁଠୁ ଅଧିକ ଖୁସି ହୋଇଥାନ୍ତେ।

ଆଜି ଯେତେବେଳେ ଆମର ଗଣତନ୍ତ୍ର ସକ୍ରିୟ ରହିଛି, ଯୁବପିଢ଼ି ଆତ୍ମବିଶ୍ୱାସୀ ହୋଇପାରିଛନ୍ତି, ସମାଜ ଆଗକୁ ବଢୁଛି ଏବଂ ଦେଶ ଆଶା ଓ ଆକାଂକ୍ଷାରେ ପରିପୂର୍ଣ୍ଣ ହୋଇପାରିଛି, ସେତେବେଳେ ଶ୍ରୀ ମଦନ ଦାସ ଦେବୀଜୀଙ୍କ ଭଳି ଲୋକଙ୍କୁ ମନେପକାଇବା ଜରୁରୀ। କାରଣ ସେ ରାଷ୍ଟ୍ର ସେବାରେ ଏବଂ ଦେଶକୁ ଏପରି ଉନ୍ନତି ପଥରେ ଆଗେଇନେବା ଦିଗରେ ନିଜର ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଦେଇଥିଲେ।

# ହିରୋସୀମା ଦିବସର ଅନୁଚିନ୍ତା



ଇଂ. ମାୟାଧର ସ୍ୱାଇଁ

୧୯୪୫ ମସିହା ଅଗଷ୍ଟ ୬ ତାରିଖ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟ। ଯୁକ୍ତରାଷ୍ଟ୍ର ଆମେରିକା ଏହି ଦିନ ପୃଥିବୀର ପ୍ରଥମ ପରମାଣୁ ବୋମାକୁ ଜାପାନର ହିରୋସୀମା ସହରରେ ପକାଇଲା। 'ଲିଟଲ ବୟ' ନାମରେ ଜଣା ଏହି ବୋମାର ଶକ୍ତି ସାଢ଼େ ବାର କିଲୋଟି–ଏନ୍.ଟି. ଥିଲା। ଏହି ବିସ୍ଫୋରଣରେ ସହରଟି ଧ୍ୱଂସ ହୋଇଗଲା ଏବଂ ସହରର ସାଢ଼େ ୩ ଲକ୍ଷ ଲୋକଙ୍କ ମଧ୍ୟରୁ ୧ ଲକ୍ଷ ୪୦ ହଜାର ଲୋକ ଏଥିରେ ମୃତ୍ୟୁବରଣ କଲେ। ଏହାର ୩ ଦିନ ପରେ ଆମେରିକା ଜାପାନର ଅନ୍ୟ ଏକ ସହର ନାଗାସାକୀ ଉପରେ ୨୧ କିଲୋ ଟି.ଏନ୍.ଟି. କ୍ଷମତାର 'ମୋଟା ମଣିଷ' ନାମଧେୟ ଅନ୍ୟ ଏକ ପରମାଣୁ ବୋମା ପକାଇଲା। ଏଥିରେ ସହରର ପ୍ରାୟ ୩ ଲକ୍ଷ ଲୋକଙ୍କ ମଧ୍ୟରୁ ୭୪,୦୦୦ ଲୋକ ପ୍ରାଣତ୍ୟାଗ କଲେ। ଦୁଇ ସହର ଉପରେ ବୋମା ବର୍ଷଣର ଅନେକ ବର୍ଷ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ତେଜସ୍କ୍ରିୟ କଣିକା ଭରି ରହିଥିଲା।

ପରମାଣୁ ବୋମା ଦୁଇଟି ଆମେରିକାରେ 'ମାନ୍‌ହଟାନ୍ ପ୍ରକଳ୍ପ' ଅଧୀନରେ ନିର୍ମିତ ହୋଇଥିଲା। ଏହାର ନିର୍ମାଣ ପଛରେ ରାଜନୀତିକ ବ୍ୟକ୍ତିଙ୍କ ଅପେକ୍ଷା ବୈଜ୍ଞାନିକମାନେ ଅଧିକ ଭାବରେ ଦାୟୀ ବୋଲି କୁହାଯାଇପାରିବ। ୟୁରୋପର ଅନେକ ବୈଜ୍ଞାନିକଙ୍କ ସମେତ ଆମେରିକାର ପ୍ରିନ୍‌ସଟନ୍, କାଲିଫର୍ଣ୍ଣିଆ, ସିକାଗୋ, କଲମ୍ବିଆ ପ୍ରଭୃତି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ଅନେକ ଗବେଷକ ଓ ବୈଜ୍ଞାନିକ ଏହି ପ୍ରକଳ୍ପରେ ଯୋଗ ଦେଇଥିଲେ। ଏପରିକି ଶାନ୍ତିପ୍ରିୟ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ମଧ୍ୟ ପରୋକ୍ଷ ଭାବରେ ଏହି ପ୍ରକଳ୍ପରେ ସଂଶ୍ଳିଷ୍ଟ ଥିଲେ।

ପରମାଣୁ ଶକ୍ତିର ମୂଳଉତ୍ସ ହେଉଛି ୟୁରାନିୟମ୍ ଓ ପ୍ଳୁଟୋନିୟମ ପରମାଣୁ। ଆଇନ୍‌ଷ୍ଟାଇନ ୧୯୦୫ରେ ତାତ୍ତ୍ୱିକ ଭାବରେ ପ୍ରକାଶ କରିଥିଲେ ଯେ, ପରମାଣୁ ବିଭାଜନରୁ ପ୍ରଚୁର ଶକ୍ତି ଉତ୍ପାଦନ ହୋଇପାରିବ। ୧୯୩୯ ରେ ଜର୍ମାନୀର ଅଟ୍ଟୋହାନ୍ ଏବଂ ଅଷ୍ଟ୍ରିଆର ମେଇଟନର୍ ଜର୍ମାନୀର କାଇଜର ଉଇଲେହମ୍ ଅନୁଷ୍ଠାନର ପରୀକ୍ଷାଗାରରେ ଏହାକୁ ପରୀକ୍ଷା ଦ୍ୱାରା ପ୍ରମାଣ କଲେ। ଏହି ଖବର ଆମେରିକାରେ ଅବିଳମ୍ବେ ପହଞ୍ଚିଗଲା। ସେତେବେଳକୁ ୟୁରୋପରେ ହିଟ୍‌ଲରଙ୍କ ନାଜି ଅତ୍ୟାଚାରରେ ଅତିଷ୍ଠ ହୋଇ ଅନେକ ବୈଜ୍ଞାନିକ ଆମେରିକା ପଳାଇ ଯାଇଥିଲେ। ସେମାନେ ଆଶଙ୍କା ପ୍ରକାଶ କଲେ ଯେ, ଯଦି ପରମାଣୁ ବିଭାଜନ ପ୍ରକ୍ରିୟାରେ ଜର୍ମାନୀ ପରମାଣୁ ବୋମା ନିର୍ମାଣ କରେ, ତାହାହେଲେ ଯୁଦ୍ଧରେ ଏହାକୁ ପରାସ୍ତ କରିବା ଅସମ୍ଭବ। ପୁନଶ୍ଚ ଜର୍ମାନୀ ଏହି ବୋମା ନିର୍ମାଣ କାମ ଆରମ୍ଭ କରିଦେଲାଣି ବୋଲି ଖବର ମଧ୍ୟ ଆମେରିକାରେ ପହଞ୍ଚିଲା। ଏହା ପୂର୍ବରୁ ଆମେରିକା ପରମାଣୁ ବୋମା ନିର୍ମାଣ କରିବା ପାଇଁ ବୈଜ୍ଞାନିକମାନେ ଇଚ୍ଛା କଲେ। ଆମେରିକାର ରାଷ୍ଟ୍ରପତିଙ୍କୁ ଏହି ପ୍ରସ୍ତାବ ଦେବା ପାଇଁ ସେମାନେ ଆଇନ୍‌ଷ୍ଟାଇନଙ୍କୁ ଅନୁରୋଧ କଲେ। ସେମାନଙ୍କର ବିଶ୍ୱାସ ଥିଲା ଯେ, ଆଇନ୍‌ଷ୍ଟାଇନଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଗ୍ରହଣ କରିନେବେ। ତାହାହିଁ ହେଲା। ଆଇନ୍‌ଷ୍ଟାଇନ୍ ୧୯୩୯ ଅଗଷ୍ଟ ୨ରେ ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟଙ୍କୁ ଚିଠି ଲେଖିଲେ। ରାଷ୍ଟ୍ରପତି ଗୋଟିଏ କମିଟି ସ୍ଥାପନ କରି ଏହା ଉପରେ ବିଚାର କରୁଥିବା ବେଳେ ଜାପାନ ୧୯୪୧ ଡିସେମ୍ବରରେ ଆମେରିକାର ପର୍ଲ୍ ହାରବର ବନ୍ଦର ଉପରେ ଆକ୍ରମଣ କଲା। ଏହାପରେ ଆମେରିକା ସକ୍ରିୟ ଭାବରେ ଯୁଦ୍ଧରେ ପ୍ରବେଶ କଲା ଏବଂ ପରମାଣୁ ବୋମା ନିର୍ମାଣ ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଲେ। ୧୯୪୨ ଅଗଷ୍ଟ ୧୩ରେ ବୋମା ନିର୍ମାଣ କାମ ଆରମ୍ଭ ହୋଇ ୧୯୪୪ ସୁଦ୍ଧା ଶେଷ ହୋଇଥିଲା।



ଆମେରିକା ଜାପାନ ଉପରେ ପରମାଣୁ ବୋମା ପକାଇବା ପୂର୍ବରୁ ଇଟାଲି ଓ ଜର୍ମାନୀ ପରାସ୍ତ ହୋଇ ସାରିଥିଲେ। କିନ୍ତୁ ଯୁଦ୍ଧକୁ ଶୀଘ୍ର ଶେଷ କରିବା ପାଇଁ କିମ୍ବା ଅନ୍ୟ କୌଣସି କାରଣରୁ ଆମେରିକା ଭୟାବହ ପରମାଣୁ ବୋମା ପ୍ରୟୋଗ କଲା। ଅନେକ ଲୋକ ମୃତାହତ ହେବା ସହ ସମଗ୍ର ପୃଥିବୀ ସ୍ତବ୍ଧ ହୋଇଯାଇଥିଲା। ରାଜନୀତି ଓ ବିଜ୍ଞାନ ପରସ୍ପର ପ୍ରତି କିପରି ପ୍ରଭାବ ପକାଇଥାଏ, ତାହା ପ୍ରଥମ ପରମାଣୁ ବୋମାର କାହାଣୀରୁ ଜଣାପଡ଼େ।

ଆମେରିକା ପରେ ସୋଭିଏତ୍ ରୁଷ, ବ୍ରିଟେନ୍, ଫ୍ରାନ୍ସ ଓ ଚାଇନା ପରମାଣୁ ପରୀକ୍ଷା କରି ଆଣବିକ ରାଷ୍ଟ୍ର ଭାବେ ଗଣା ହେଲେ। ପରମାଣୁ ଅସ୍ତ୍ର ଅଧିକାରୀ ଦେଶକୁ ସୀମିତ କରିବା ପାଇଁ ୧୯୬୮ରେ ପରମାଣୁ ଅଣ–ପ୍ରସାର ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଏଥିରେ ୧୮୭ଟି ଦେଶ ସଦସ୍ୟ ଅଛନ୍ତି। ପରମାଣୁ କାର୍ଯ୍ୟ ବନ୍ଦ କରିବା ପାଇଁ ଏହି ଚୁକ୍ତି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ରଗୁଡ଼ିକୁ ଲାଗୁ ହେଉ ନ ଥିବାରୁ ଭାରତ, ଇସ୍ରାଏଲ ଓ ପାକିସ୍ତାନ ଏହି ଚୁକ୍ତିରେ ସ୍ୱାକ୍ଷର କରିନାହାନ୍ତି ଏବଂ ନିଜସ୍ୱ ଜ୍ଞାନବଳରେ ସେମାନେ ପରମାଣୁ ରାଷ୍ଟ୍ରରେ ପରିଣତ ହୋଇଛନ୍ତି। ଏହି ସମସ୍ତ ଦେଶ ଓ ଉତ୍ତର କୋରିଆ ବର୍ତ୍ତମାନ ପରମାଣୁ ଅସ୍ତ୍ରର ଅଧିକାରୀ ଅଛନ୍ତି। ପୃଥିବୀରେ ମୋଟ ତେର ହଜାର ଆଣବିକ ଅସ୍ତ୍ର ଥିବାର ଜଣାଯାଇଛି। ଏହି ଶତାବ୍ଦୀର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ କହିଥିଲେ ଯେ, ବିଭିନ୍ନ କାରଣରୁ ଆସନ୍ତା ଏକଶହ ବର୍ଷ ମଧ୍ୟରେ ପୃଥିବୀର ଜୀବ ଲୋପ ପାଇଯିବେ ଏବଂ ଏହି କାରଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ପରମାଣୁ ଅସ୍ତ୍ର। ପରମାଣୁ ଶକ୍ତିର ଅନେକ ଶାନ୍ତି ଉପଯୋଗ ଅଛି। ଏଥିରୁ ବିଦ୍ୟୁତ୍ ଉତ୍ପାଦନ କଲେ ଜୀବାଶ୍ମ ଇନ୍ଧନର ଆବଶ୍ୟକତା ପଡ଼ିବ ନାହିଁ ଏବଂ ଏହା ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାରେ ସାହାଯ୍ୟ କରିବ। ଏହି ହିରୋସୀମା ଦିବସରେ ସବୁ ଦେଶ ଏଥିପ୍ରତି ଚିନ୍ତା କରିବା ଉଚିତ୍।

ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

ଅନେକେ ପ୍ଲାଷ୍ଟିକ ବର୍ଜ୍ୟ ସମସ୍ୟାର ସମାଧାନ ଉପାୟ ବାହାର କରୁଥିବାବେଳେ ନଏଡାର ମାଧୁରୀ ବାଲୋଡି ଓ ଅମିତ ସିଂ ଅଦରକାରୀ କାଚ ବୋତଲ ଅପ୍‌ସାଇକ୍ଲିଂ କରୁଛନ୍ତି। ଏବେ ସୁଦ୍ଧା ସେମାନେ ୮ ଲକ୍ଷ କାଚ ବୋତଲ ସଂଗ୍ରହ କରି ଅପ୍‌ସାଇକ୍ଲିଂ କରିସାରିଲେଣି। ସେମାନେ ୨୦୧୩ରେ 'ଦି ପୋଏଟ୍ରି–ଆର୍ଟ ପ୍ରୋଜେକ୍ଟ' ଆରମ୍ଭ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ବର୍ଜ୍ୟ ଗୋଟାଳି ଏବଂ ଅନ୍ୟମାନଙ୍କଠାରୁ ସେ ବୋତଲ ସଂଗ୍ରହ କରି ସେଥିରୁ ଆକର୍ଷଣୀୟ ଗ୍ଲାସ୍, ସର୍ଭିଂ ସେଟ୍, ଲ୍ୟାମ୍ପ ଏବଂ ଅନ୍ୟ ଘରସଜ୍ଜା ଉପକରଣ ଆଦି ତିଆରି କରୁଛନ୍ତି। ଏଗୁଡ଼ିକ ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧,୬୦୦ ଟଙ୍କାରେ ବିକ୍ରି ହେଉଛି। ଏହିସବୁ ସାମଗ୍ରୀକୁ ସେମାନେ ଭାରତ ସମେତ କାନାଡା, ନେଦରଲାଣ୍ଡ୍ସ, ଦୁବାଇ ଏବଂ ବ୍ରିଟେନରେ ବିକ୍ରି କରୁଛନ୍ତି ଓ ୮୦ ହଜାର ଗ୍ରାହକ ସୃଷ୍ଟି କରିପାରିଛନ୍ତି। ବୋତଲ ସଂଗ୍ରହ କରିବା ଲାଗି ଫେସ୍‌ବୁକ୍‌ରେ 'ବ୍ରିଙ୍ଗ ୟୋର ଓନ୍ ବଟଲ'(ବିୱାଇଓବି) ଅଭିଯାନ ଚଳାଇବା ଦ୍ୱାରା ଅନେକ ଲୋକ ଏଥିରେ ସାମିଲ ହୋଇ ସେମାନଙ୍କ ପାଖରେ ବୋତଲ ପହଞ୍ଚାଉଛନ୍ତି। କେବଳ ନଏଡାରେ ୧୫୦ ବର୍ଜ୍ୟ ସଂଗ୍ରହକାରୀ ଏଥିରେ ଯୋଡ଼ି ହୋଇଛନ୍ତି ଓ ଏଥିରୁ ଲାଭ ବି ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଅଗଷ୍ଟ ୧୯୯୮

- କଲମ୍ବିଆରେ ସରକାରୀ ସୈନ୍ୟ ଏବଂ ବିଦ୍ରୋହୀ ଗେରିଲାଙ୍କ ମଧ୍ୟରେ ପୃଥକ୍ ପୃଥକ୍ ସଂଘର୍ଷମାନ ଘଟି ବେସାମରିକ ଲୋକଙ୍କ ସମେତ ଉଭୟ ପକ୍ଷର ପ୍ରାୟ ୨୦୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶବ ଚନ୍ଦ୍ର ଗୋଗୋଇଙ୍କ ୭୬ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| 5 | | 3 | 4 | 7 | | 9 | | 1 |
| 2 | 7 | | | | 6 | | | |
| | | 2 | 3 | | | | | 6 |
| | | 6 | | 5 | | | 8 | 2 |
| 4 | 5 | | | | | | 9 | |
| | 2 | | | | | 1 | | |
| | | | | | | | 6 | 4 |
| 9 | 8 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 2 | 4 | 9 | 7 | 1 | 3 |
| 9 | 1 | 3 | 6 | 8 | 7 | 5 | 4 | 2 |
| 2 | 7 | 4 | 5 | 1 | 3 | 6 | 9 | 8 |
| 5 | 6 | 9 | 1 | 3 | 4 | 2 | 8 | 7 |
| 1 | 2 | 8 | 7 | 9 | 6 | 3 | 5 | 4 |
| 4 | 3 | 7 | 8 | 2 | 5 | 9 | 6 | 1 |
| 7 | 9 | 2 | 4 | 5 | 8 | 1 | 3 | 6 |
| 3 | 4 | 6 | 9 | 7 | 1 | 8 | 2 | 5 |
| 8 | 5 | 1 | 3 | 6 | 2 | 4 | 7 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରନ୍ଧନ ଗ୍ୟାସ ଦରବୃଦ୍ଧି ନିୟନ୍ତ୍ରଣ କରାଯାଉ

ମହାଶୟ,
ରନ୍ଧନ ଗ୍ୟାସର କ୍ରମାଗତ ଦରବୃଦ୍ଧି ଖାଉଟିଙ୍କ ହାଣ୍ଡିଶାଳକୁ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକୁ ବାଦ୍ ଦେଇ କେବଳ ଓଡ଼ିଶାରେ ୯୦ ଲକ୍ଷ ମହିଳା ଏହି ଦର ବୃଦ୍ଧି ଯୋଗୁ ଗ୍ୟାସ୍ ରିଫିଲିଙ୍ଗ କରିପାରୁନାହାନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ଆକଳନ ଅନୁଯାୟୀ ମାତ୍ରାଧିକ ମହିଳା ଏଲ୍‌ପିଜି ସିଲିଣ୍ଡରର ବ୍ୟବହାର ପ୍ରାୟ ଛାଡ଼ି ସାରିଲେଣି। ତେଣୁ ସରକାର ଦେଶରେ ମହିଳାମାନଙ୍କ ହିତଦୃଷ୍ଟିରୁ ଲାଗୁ କରିଥିବା ଉଜ୍ଜ୍ୱଳା ଯୋଜନା ପ୍ରାୟ ବିଫଳ ହେବାକୁ ବସିଲାଣି। କାରଣ ୨୦୧୪–୨୦୨୩ ଭିତରେ ରନ୍ଧନ ଗ୍ୟାସ୍ ପ୍ରାୟ ୩ ଗୁଣା ବୃଦ୍ଧି ପାଇ ୪୧୦ଟଙ୍କାରୁ ଏବେ ଏହା ୧୧୩୦ଟଙ୍କାରେ ପହଞ୍ଚିଛି। ତେଣୁ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ନିୟନ୍ତ୍ରଣ କରାଯିବା ଜରୁରୀ। ସରକାର ପୂର୍ବରୁ ପ୍ରତି ଘରେ ପାଣି ପାଇପ୍ ପରି ଗ୍ୟାସ୍ ଯୋଗାଣର ପରିକଳ୍ପନା ମଧ୍ୟ କରିଥିଲେ। କିନ୍ତୁ ଏହା ଯୋଜନାରେ ସୀମିତ ରହିଛି। ତେଣୁ ସରକାର ରନ୍ଧନଗ୍ୟାସ୍‌ର ସିଲିଣ୍ଡର ପିଛା ସମସ୍ତଙ୍କ ପକେଟକୁ ସୁହାଇଲା ଭଳି କୌଣସି ନିର୍ଦ୍ଦିଷ୍ଟ ରିହାତି ଏକକ ଦର ଧାର୍ଯ୍ୟ କରନ୍ତୁ, ଯାହାକି ସର୍ବ ଜନାଦୃତ ହୋଇପାରିବ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର–୬

## ଚିରନ୍ତନୀ

ଆଶ୍ୱିନର ଉଷା ଘାସେ ମୁକୁତା ତୁଷାର
ପଡ଼େ ଝରି
ସବୁଜ ବେଦନା ପରେ ଲୋତକ ଉଠଇ
କିବା ଭରି।
ଆଷାଢ଼ ମାଟିର ବ୍ୟଥା ହୁଅଇ ପ୍ରକାଶ
କମ୍ପନରେ ଜାଗଇ ଆକାଶ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ଅଗଷ୍ଟ, ୨୦୨୩

**ଶିଶୁ ପାଇଁ ମା' କ୍ଷୀର ସଞ୍ଜୀବନୀ ସଦୃଶ**

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷ ପରିସରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆଶା, ଏଏନଏମ, ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ତାଲିମ ଗ୍ରହଣ କରିଥିଲେ। ନବଜାତ ଶିଶୁ ପାଇଁ ମା' କ୍ଷୀର ସଞ୍ଜୀବନୀ ବୋଲି ଅତିଥିମାନେ କହିଥିଲେ। ସେହିପରି ଅଞ୍ଚଳରେ ଦେଖାଯାଉଥିବା ପରିସ୍ଥିତି ମୁକାବିଲା ପାଇଁ ଆବଶ୍ୟକ ଔଷଧ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଥିଲା। ସଭାରେ ଆୟୁଷ ଡ.ସଂଘମିତ୍ରା ବାବୁ, ସୁପରଭାଇଜର ଜ୍ୟୋତି ସେନାପତି, ନିର୍ଜନ ମାଝି, ଅନନ୍ତ ପଣ୍ଡା ଯୋଗଦେଇଥିଲେ।



# ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର ମିଳିବା ବିଳମ୍ବ

ଭବାନୀପାଟଣା,୫।୮
(ଉତ୍ତମ କୁମାର ଦାଶ)

■ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁଳସଚିବଙ୍କୁ ଦାବିପତ୍ର

■୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଧାରଣା

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢୁଥିବା ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର ମିଳିବା ବିଳମ୍ବିତ ହୋଇଛି। ଯାହାକୁ ନେଇ ଶନିବାର କଳାହାଣ୍ଡି ଜିଲା ବିଜୁ ଛାତ୍ର ଜନତା ଦଳର ଏକ ପ୍ରତିନିଧି ଦଳ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳସଚିବ ପିତାମ୍ବର ଭୋଇ ଓ ପିଜି କାଉନସିଲ ଅଧ୍ୟକ୍ଷ ମେଜର ଡ଼ଃ ଜୟଦେବ ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଜିଲା ଛାତ୍ର ବିଜେଡ଼ି ସଭାପତି ଅଜିତ ସାହୁ, ରାଜ୍ୟ ଛାତ୍ର ବିଜେଡ଼ି ଉପ ସଭାପତି ଅଭିଷେକ ମହାପାତ୍ର, ଜିତେନ୍ଦ୍ର ବେହେରା, ନବୀନ ନାୟକ, ରୁଦ୍ର ବେହେରା, ପ୍ରକାଶ ସାହୁ, ପ୍ରେମ ତାଣ୍ଡି, ବରୁଣ ରାଉତ ପ୍ରମୁଖ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ଅନୁପସ୍ଥିତିରେ କୁଳସଚିବଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିନରେ ପାଠ ପଢିଥିବା ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର



ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁଳସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଶିଘ୍ର ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ,ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରାଜ୍ୟ ସରକାର କଳାହାଣ୍ଡି ଜିଲାରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଗତ ୨୦୧୯ ମସିହାରେ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କଳାହାଣ୍ଡି ଓ ନୂଆପଡ଼ା ଜିଲାର ୫୦ଟି କଲେଜ ଅନୁବନ୍ଧିତ ହେବାସହ ୨୦୨୦ ମସିହାଠାରୁ ନୂତନ ପାଠପଢ଼ା ଆରମ୍ଭ ହୋଇଥିଲା। ପୂର୍ବରୁ ୨୦୧୭ରୁ ୨୦୨୦ ମସିହା ମଧ୍ୟରେ ଯେଉଁମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାମ ଲେଖାଇ ୨୦୨୦, ୨୦୨୧ ଓ ୨୦୨୨ ମସିହାରେ ସ୍ନାତକ ପାସ କରିଥିଲେ। ସେମାନେ ଏ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର ପାଇନାହାନ୍ତି। ସେହିପରି ୨୦୧୯-୨୧ ବ୍ୟାଚ୍‌ର ସ୍ନାତକୋତ୍ତର ଛାତ୍ରୀଛାତ୍ର ମଧ୍ୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରମାଣପତ୍ର ପାଇବାରେ ବଞ୍ଚିତ ହୋଇଛନ୍ତି। ପ୍ରମାଣପତ୍ର ନ ଥିବା ଯୋଗୁ ଅନେକ ଛାତ୍ରୀଛାତ୍ର ରାଜ୍ୟ ବାହାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପିଏଚଡ଼ି ଓ ଅନ୍ୟାନ୍ୟ ଉଚ୍ଚଶିକ୍ଷା ପଢ଼ିବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଟୁଇଟର ମାଧ୍ୟମରେ ଛାତ୍ରମାନେ ଖୋଲାଖୋଲି କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର କିଭଳି ମିଳିପାରିବ ସେ ନେଇ କୌଣସି ପ୍ରକାର ତ୍ୱରିତ ଓ ଠୋସ ପଦକ୍ଷେପ ନେଉ ନ ଥିବାରୁ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି। ଏପରିକି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧିନରେ ସ୍ନାତକୋତ୍ତର ପଢିଥିବା ପ୍ରଥମ ବ୍ୟାଚ ଛାତ୍ରୀଛାତ୍ର ମଧ୍ୟ କେବଳ ପ୍ରଭିଜିନାଲ ସାର୍ଟିଫିକେଟ ପାଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପାସ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ର ପ୍ରସଙ୍ଗରେ କୁଳସଚିବ ଡ଼. ନୃପରାଜ ସାହୁଙ୍କୁ ପଚରାଯିବାରୁ ସେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ତରଫରୁ କୌଣସି ଚିଠି ପାଇ ନ ଥିବା ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ବାହାର ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସବିଶେଷ ତଥ୍ୟ ନ ଦେବା ଆଦି ପାଲଟା ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ଉଭୟ ବିଶ୍ୱବିଦ୍ୟାଳୟ କୁଳସଚିବ ସମସ୍ତ ପ୍ରକାରର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେ ଯାହାହେଉ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବା ଦରକାର ବୋଲି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଭିଭାବକ ସଂଘ,ପୁରାତନ ଛାତ୍ର ସଂଘ ପକ୍ଷରୁ ଦାବି ହେଉଛି। ଏହି ସମସ୍ୟାର ସମାଧାନ ୧୫ ଦିନ ମଧ୍ୟରେ ନ ହେଲେ ଛାତ୍ରୀଛାତ୍ର ଧାରଣା ଦେବାସହ ଅନ୍ୟାନ୍ୟ ପନ୍ଥା ଗ୍ରହଣ କରିବେ ବୋଲି ଲିଖିତ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ କୁଳସଚିବଙ୍କୁ ଜଣାଇବା ସହ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି, ଉଚ୍ଚ ଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ସଚିବ ପ୍ରମୁଖଙ୍କୁ ଦାବିପତ୍ରର ଏକ ନକଲ ପ୍ରଦାନ କରାଯାଇଛି।

## ଏନ୍‌ଡିଏ ସହ ଅଛ, କି ସମଦୂରତ୍ୱ ସ୍ପଷ୍ଟ କର: ଏଏପି

ଖଡ଼ିଆଳ, ୫।୮ (ସୁଜିତ କୁମାର ପ୍ରଧାନ)

କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଦିଲ୍ଲୀ ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ପାଇଁ ଆଣୁଥିବା ବିଲ୍‌କୁ ବିଜେଡି ସମର୍ଥନ କରିବ। ଏଥିସହ ମଣିପୁର ଘଟଣାକୁ ନେଇ ସଂସଦରେ ମୋଦୀ ସରକାର ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଦଳ ବିରୋଧ କରିବା ଘୋଷଣାକୁ ସମାଲୋଚନା କରିଛି ଆମ ଆଦମୀ ପାର୍ଟି(ଏଏପି)। ବିଜେଡି ଏନଡିଏ ସହ ଅଛି କି ସମଦୂରତ୍ୱ ରଖିଛି ସ୍ପଷ୍ଟ କରୁ ବୋଲି ଏଏପି ଦାବି କରିଛି। ନୂଆପଡା ଜିଲା ଏଏପି ତରଫରୁ ଶନିବାର ଖଡ଼ିଆଳଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆବାହକ ଶୁକନାଥ ସେନାପତି ଦିଲ୍ଲୀ ବିଲ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ, ଅସମ୍ବିଧାନିକ ଏବଂ ଦିଲ୍ଲୀବାସୀଙ୍କର ସ୍ୱାର୍ଥ ବିରୋଧୀ ବୋଲି କହିଥିଲେ। ଅନାସ୍ଥା ପ୍ରସ୍ତାବରେ ଭାଜପା ପଛରେ ଠିଆ ହେବା ବିଜେଡି ମହିଳା ବିରୋଧୀ ବୋଲି ସ୍ପଷ୍ଟ ହେଉଛି। ବିଜେଡିର ମୁଖା ଖୋଲିବା ପାଇଁ ଦଳ ତରଫରୁ ଗାଁ ଗାଁରେ ସଚେତନତା ସୃଷ୍ଟି କରାଯିବ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଚମ୍ପେଶ୍ୱର ବନଛୋର, ଜିଲା ଉପ ସଭାପତି ଚୈତନ୍ୟ ତାଣ୍ଡି ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

କେସିଙ୍ଗା, ୫।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଶୁକ୍ରବାର ରାତିରେ ଜଣେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲ୍ମୀକି ଛତ୍ରଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ହରିଶଙ୍କର(୧୫)। ହରିଶ୍ଚନ୍ଦ୍ର ଗଳାରେ ଶାଢି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ କେସିଙ୍ଗା ସ୍ଥିତ ନ୍ୟୁ ଲାଇଫ ଏକାଡେମୀରେ ମାଟ୍ରିକ ଅଧ୍ୟୟନ କରୁଥିଲେ। ସେ ଗତବର୍ଷ ସପ୍ଲିମେଣ୍ଟାରୀ ଫେଲ ହୋଇଥିଲେ। ଚଳିତ ଶିକ୍ଷାବର୍ଷରେ ମଧ ସପ୍ଲିମେଣ୍ଟାରୀରେ ଫେଲ୍ ହେବାରୁ ମନଦୁଃଖରେ ସାଙ୍ଗ ସାଥୀଙ୍କୁ ମୁହଁ ଆଉ ଦେଖିବ ନାହିଁ ବୋଲି କହିଥିଲେ। ଗତ ଶୁକ୍ରବାର ସନ୍ଧ୍ୟା ୭ଟାରେ ବାପା ବାଲ୍ମୀକି ଖାଇବାକୁ ଡାକିଥିଲେ। ଆଖପାଖରେ ଖୋଜାଖୋଜି କରି ପାଇଲେ ନାହିଁ। ପରେ ଘର ଭିତରେ ପୁଅ ହରିଶ୍ଚନ୍ଦ୍ରର ମୃତଦେହ ଝୁଲୁଥିବା ଦେଖିଥିଲେ। ହରିଶ୍ଚନ୍ଦ୍ରର ମାମୁ ଘରକୁ ଖବର ଦେଇ ନ ଥିଲେ। ସେପଟେ ହରିଶ୍ଚନ୍ଦ୍ର ମାମୁଁ ସଙ୍ଗୀନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭଣଜାକୁ ମାରି ଦିଆଯାଇଛି। ଘଟଣାସ୍ଥଳରେ କେସିଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କେସିଙ୍ଗା ଥାନାପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ମୃତ ହରିଶ୍ଚନ୍ଦ୍ରର ମାମୁ ନେତ୍ରମଣି ଦୀପ, ଲୋଚନ ଦୀପ ହତ୍ୟା କରାଯାଇଛି ବୋଲି କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବରିଷ୍ଠ ଲେଖକଙ୍କ ପରଲୋକ

ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ଼ ସ୍ଥିତ ଶୋଷିଆ ଗ୍ରାମର କ୍ଷିତିଶ ଚନ୍ଦ୍ର ଯୋଷୀ (୮୬)ଙ୍କ ହୃଦଘାତରେ ଶନିବାର ସକାଳେ ପରଲୋକ ହୋଇଯାଇଛି। ସେ ପେଷାରେ ଜଣେ ଶିକ୍ଷକ ଥିଲେ ମଧ୍ୟ ନିଶାରେ ଜଣେ ଲେଖକ ଥିଲେ। ଏଥିପାଇଁ ତାଙ୍କୁ କଳାହାଣ୍ଡିର ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷା ବିକାଶ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ କେଶବତୀ କନ୍ୟା, ଅନ୍ୟ ଏକ ରେବତୀ, ଭକ୍ତି ତରଙ୍ଗ, ଜେଜେଙ୍କ ସିନ୍ଧୁକ ଶ୍ରାବଣୀ, କାଳର ଆହ୍ୱାନ ପ୍ରଭୃତି ରହିଛି। ଯାହାକୁ ପାଠକଙ୍କୁ ବେଶ ଆଦୃତ କରିପାରିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି ଭବାନୀପାଟଣା ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ, ଲେଖକ କଳା ପରିଷଦ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ, ଧର୍ମଗଡ ସାହିତ୍ୟ ସଂସଦ ଓ କଳାହାଣ୍ଡି ଲେଖିକା ସଂଘ ତରଫରୁ ତାଙ୍କ ବିୟୋଗକୁ ନେଇ ଗଭୀର ଶୋକ ପ୍ରକାଶ କରାଯାଇଛି। ତାଙ୍କର ଛଅଟି କନ୍ୟା ଓ ଗୋଟିଏ ପୁତ୍ର ସହ ନାତିନାତୁଣୀ ଅଛନ୍ତି।

## ସିନାପାଲି ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ସିନାପାଲି, ୫।୮
(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ କୁମାର ହଂସ ଜ୍ଞାନବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମେଳାର ନିର୍ଣ୍ଣାୟକ ଭାବରେ ବିଜ୍ଞାନ ଶିକ୍ଷକ ମୁକ୍ତେଶ୍ୱର ପ୍ରଧାନ, ଅନିଲ କୁମାର ସା, ଅଜିତ କୁମାର ମେହେର ଓ ଶିକ୍ଷୟିତ୍ରୀ ସସ୍ମିତା ମାଝୀ ଯୋଗଦେଇଥିଲେ। ଏହି ଅବସରରେ ପରିଚାଳନା ସମିତିର ସମ୍ପାଦକ ବାମଦେବ ଦାଶ ଶିଶୁମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ବିଷ୍ଣୁଶରଣ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନ କୁମାର କାଣ୍ଡ ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଦେବାଶିଷ ନାଏକ, ହୃଦାନନ୍ଦ ମେହେର ଓ ସୁରେଶ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଅଧିକ ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ଏଥିସହ ବିଜ୍ଞାନ ପ୍ରଶ୍ନମଞ୍ଚ ଓ ପତ୍ରବାଚନ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ ଓ ପତ୍ରବାଚନ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଓ ପତ୍ରବାଚନ, ଗଳ୍ପକଥନ, ମୃଣୟ କଳା ଆଦି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳତାରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ। ଶେଷରେ ପଞ୍ଚାନନ ନାଏକ ଧନ୍ୟବାଦ ଦେଇଥିଲେ।

## ସିନାପାଲି ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

**ସିନାପାଲି,୫।୮(ମନଫୁଲ ମେହେର):** ନୂଆପଡ଼ ଜିଲା ସିନାପାଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ସଦସ୍ୟା ଆଶା ଜୈନ ଓ ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ସର୍କଲର ଆୟୁର୍ବେଦିକ ମୁଖ୍ୟ ଡାକ୍ତର ସରୋଜ କୁମାର ମିଶ୍ର ଓ ଏହି ସର୍କଲର ହୋମିଓପାଥି ଡାକ୍ତର ଆଭାମୟୀ ନାୟକ ଯୋଗ ଦେଇ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର ଉପଚାରକୁ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଧରଣୀଧର ନିଆଲ ଓ ଡାକ୍ତର ବିଭୀଷଣ ମାଝୀ ଉପସ୍ଥିତି ରହିଥିଲେ। ଶିବିର ଆରମ୍ଭରେ ଯୋଗ ଶିକ୍ଷକ ତୋରଣଲାଲ ସେନ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଶିବିରରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ।

## ସ୍କୁଲ ପରିସରରେ ଦଶାହ କାର୍ଯ୍ୟ ଭୋଜି

ଲାଞ୍ଜିଗଡ,୫।୮
(ରମେଶ ଚନ୍ଦ୍ର ନାୟକ)

■ଛାତ୍ରୀଛାତ୍ର ସ୍କୁଲ ଯାଇ ଫେରିଲେ

■ସିଆର୍‌ସିସିଙ୍କ ହସ୍ତକ୍ଷେପ ପରେ ଭୋଜି ବନ୍ଦ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ହରେକୃଷ୍ଣପୁର କ୍ଲଷ୍ଟରର ନଙ୍ଗଲବେଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦଶାହ କାର୍ଯ୍ୟର ଭୋଜି ରନ୍ଧା ଚାଲିଥିବାବେଳେ ଛାତ୍ରୀଛାତ୍ର ସ୍କୁଲରୁ ଘରକୁ ଫେରି ଯାଇଥିଲେ। ଏଭଳି ବାରମ୍ବାର ସାମୂହିକ କାର୍ଯ୍ୟରେ ସ୍କୁଲ ବ୍ୟବହାର ହେଉଥିବା ଯୋଗୁ ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ପରେ କ୍ଲଷ୍ଟର ସିଆରସିସି ବିଦ୍ୟାଳୟକୁ ଆସି ଚାଲିଥିବା ଭୋଜି ବନ୍ଦ କରିଥିବା ଜଣାପଡିଛି।

ସୂଚନା ଯୋଗ୍ୟ ଯେ,ନଙ୍ଗଲବେଡା ଗାଁ ଲୋକଙ୍କ କହିବା ଅନୁଯାୟୀ ଶନିବାର ସକାଳୁଆ ସ୍କୁଲ ଯୋଗୁଁ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ସକାଳ ସାଢ଼େ ୬ରେ ନିଜ ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। କିନ୍ତୁ ବିଦ୍ୟାଳୟ ପରିସରରେ ଟେଣ୍ଟ ଲଗାଇ ଦଶାହ କାର୍ଯ୍ୟର ଭୋଜି ରନ୍ଧା ଚାଲିଥିଲା। ଅଧିକାଂଶ ଛାତ୍ରୀଛାତ୍ର ନିଜ ଘରକୁ ଫେରି ଆସିଥିଲେ। ଅନ୍ୟ ଛାତ୍ରୀଛାତ୍ର ବିଦ୍ୟାଳୟ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଧ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବରାମ ହରିଜନ ବାରମ୍ବାର ସାମୂହିକ କାର୍ଯ୍ୟରେ ସ୍କୁଲ ପରିସରକୁ ଲୋକଙ୍କୁ ଭୋଜି ଭାତ ପାଇଁ ଦେଉଥିବା ଯୋଗୁ ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ସହ୍ୟ କରି ନ ପାରି କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ଜ୍ୟୋର୍ତିମୟୀ କାଞ୍ଚନବାଳା ମହାରଣାଙ୍କୁ ଜଣାଇଥିଲେ। ଘଟଣା ସ୍ଥଳରେ ସିଆରସିସି ପହଞ୍ଚି ସ୍କୁଲରେ ଲଗା ଯାଇଥିବା ଟେଣ୍ଟ କାଢ଼ିବା ସହ ଭୋଜିକୁ ବନ୍ଦ କରିଥିଲେ। ଏକ ଶିକ୍ଷାନୁଷ୍ଠାନକୁ ଲୋକଙ୍କ ସାମୂହିକ କାର୍ଯ୍ୟରେ ବାରମ୍ବାର ଦେବା ଓ ଲୋକେ ଅଭିଯୋଗ କଲେ ପ୍ରଧାନ ଶିକ୍ଷକ ଖାତିର ନ କରିବା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଲାଞ୍ଜିଗଡ ବିଇଓ ନମିତାରାଣୀ ଭୋଇଙ୍କୁ ପଚାରିବାରୁ ବ୍ଲକରେ ନୂତନ ଭାବେ ଯୋଗ ଦେଇଛି। ବାହାରେ ଅଛି ଟ୍ରେନିଂ ଚାଲିଛି। ସ୍କୁଲ ପରିସର ସାମୂହିକ କାର୍ଯ୍ୟ ପାଇଁ ନ ଦେବା କଥା। ଏହାର ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ। ଏନେଇ ସିଆରସିସି ଜ୍ୟୋର୍ତିର୍ମୟୀ କାଞ୍ଚନବାଳାଙ୍କୁ ପଚାରିବାରୁ ସ୍କୁଲରେ ଭୋଜି ଚାଲିଛି ବୋଲି ଖବର ପାଇ ଘଟଣା ସ୍ଥଳକୁ ଯାଇ ଭୋଜି ବନ୍ଦ କରିଥିଲି। ପ୍ରଧାନ ଶିକ୍ଷକ ଜାଣିଛନ୍ତି କୌଣସି ସାମୂହିକ କାର୍ଯ୍ୟରେ ସ୍କୁଲ ଦିଆଯାଏ ନାହିଁ। ଏଭଳି ପୁଣି ଭୁଲ କଲେ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/23-24/E-Tender/57 ତା.28.07.2023ରିଖ

(1) ଟେଣ୍ଡର ସଂ. e-tender-CENKUR-161-2023, ତା.24.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ଅଧୀନରେ PQRS ଦ୍ୱାରା 12.10 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 174.85 ଲକ୍ଷ, EMD (₹) : 2,37,400.00।

(2) ଟେଣ୍ଡର ସଂ. e-tender-CENKUR-166-2023, ତା.24.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ(Fan shaped) ଲେଆଉଟ୍ ଏବଂ ଗ୍ଲୁଡ୍ ଜଏଣ୍ଟଗୁଡ଼ିକର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 263.41 ଲକ୍ଷ, EMD (₹) : 2,81,700.00।

(3) ଟେଣ୍ଡର ସଂ. e-tender-NorthKUR-162-2023, ତା.21.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / ହରିଚନ୍ଦନପୁର ଅଧୀନସ୍ଥ ଟୋମ୍‌କା - ସୀତାବିଞ୍ଜି ସେକ୍ସନରେ କି.ମି.90.350 ଠାରୁ କି.ମି.151.200 ପର୍ଯ୍ୟନ୍ତ ସାଲୋ ସ୍କ୍ରିନିଙ୍ଗ, ଡିପ୍ ସ୍କ୍ରିନିଙ୍ଗ, ବକ୍ସିଙ୍ଗ, ଡ୍ରେସିଙ୍ଗ, ଲିଫ୍ଟିଙ୍ଗ, ପ୍ୟାକିଙ୍ଗ, ୱେଲ୍ଡିଙ୍ଗ, ଡିଷ୍ଟ୍ରେସିଙ୍ଗ୍ ଇତ୍ୟାଦି ସହିତ ବିଭିନ୍ନ P.Way ମରାମତି କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 177.79 ଲକ୍ଷ, EMD (₹) : 2,38,900.00।

(4) ଟେଣ୍ଡର ସଂ. e-tender-NorthKUR-163-2023, ତା.21.07.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / କେନ୍ଦୁଝରଗଡ଼ ଅଧୀନସ୍ଥ ସୀତାବିଞ୍ଜି - ଜାରୋଲି ସେକ୍ସନରେ କି.ମି.16.298 ଠାରୁ କି.ମି.90.350 ପର୍ଯ୍ୟନ୍ତ ସାଲୋ ସ୍କ୍ରିନିଙ୍ଗ, ଡିପ୍ ସ୍କ୍ରିନିଙ୍ଗ, ବକ୍ସିଙ୍ଗ, ଡ୍ରେସିଙ୍ଗ, ଲିଫ୍ଟିଙ୍ଗ, ପ୍ୟାକିଙ୍ଗ, ୱେଲ୍ଡିଙ୍ଗ, ଡିଷ୍ଟ୍ରେସିଙ୍ଗ୍ ଇତ୍ୟାଦି ସହିତ ବିଭିନ୍ନ P.Way ମରାମତି କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 178.43 ଲକ୍ଷ, EMD (₹) : 2,39,200.00।

(5) ଟେଣ୍ଡର ସଂ. e-tender-HQKUR-167-2023, ତା.24.07.2023ରିଖ
**ବିବରଣୀ :** ଅମୃତ ଭାରତ ଯୋଜନା ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସାକ୍ଷୀଗୋପାଳ ଷ୍ଟେସନ ଠାରେ ପ୍ଲାଟଫର୍ମ ସେଲ୍ଟର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 463.79 ଲକ୍ଷ, EMD (₹) : 3,81,900.00।

ଶେଷ ହେବା ଅବଧି : 12 (ବାର) ମାସ (କ୍ର. ସଂ. 1 ରୁ 4 ପର୍ଯ୍ୟନ୍ତ), 06 (ଛଅ) ମାସ (କ୍ର. ସଂ. 5 ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.16.08.2023ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-417/O/23-24

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-1476 **TENDER ALERT**

1) **E-Tender Call Notice No.08/22-23:** Deployment of Security Personnel in Grid Substation/Field offices/Stores under Central Zone, Bhubaneswar, at an estimated Cost of the package of Rs. 10,77,77,856/.
2) **E-Tender Call Notice No.09/22-23:** Deployment of Line Patrolling Personnel in Transmission Lines under Central Zone, Bhubaneswar, at an estimated Cost of the package of Rs. 3,77,50,560/.
3) **E-Tender Call Notice No.07/23-24:** Tenders are Invited from eligible bidders through e-tender for sl no "01 to 08" under Civil Works Circle, OPTCL,BBSR.
For details please visit our website **http:/tenderwizard.com/OPTCL & www.optcl.co.in**.

OIPR-04011/11/0072/2324 FIPR-30/2023-24
/optcl.odisha /optcl_odisha

GOVERNMENT OF ODISHA No. B-604
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com
**e-Procurement Notice**
**BID IDENTIFICATION No. CCE(R&B) BGR/12/2023-24**
Letter No. 3048 Dtd.27.07.2023
The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **A/ Special Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.
1. Nature of work : Building Works/Road Works
2. No. of tender : Building Works - 08 Nos. & Road Works - 01 No.
3. Tender Cost : Rs.10,000/-
4. Class of Contractor : A/Special Class
5. Date & time of sale & receipt of Bids : From Dt.10.08.2023, 10.00 A.M. to Dt.25.08.2023 upto 05.00 P.M.
6. Date of Opening Bid : Dt.28.08.2023 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir
OIPR-34131/11/0013/2324

**SAMBALPUR DEVELOPMENT AUTHORITY**
DURGAPALI, SAMBALPUR- 768006, Email- secretarysdasbp@gmail.com
No.671 Date: 20.7.23
No. CAD-1435
**E-AUCTION**
**of Residential Plots at Core Housing Scheme Area, Kirba, Burla, Sambalpur on as-is-where-is-basis**
**Brief description of application process:** Applications are invited online from individuals for allotment of 29 residential plots of different sizes available at **Core Housing Scheme Area, Kirba, Burla, Sambalpur** through e-auction.
The selection shall be based on the eligibility and highest quoted amount over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from SDA website http://www.sdasambalpur.com and the bidders can register in the e-auction process from **dt.01.07.2023 to dt.17.08.2023**.
S.D.A., Sambalpur reserves right to accept or reject any application and to annul the selection process at any time, without incurring any liability and without assigning any reason thereof.
Sd./- Secretary
OIPR-13240/11/0002/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com
**e-Procurement Notice**
Bid Identification No. S.E. (R&B) - 09/2023-24/JYP(K)
No. 6033 Date: 03.08.2023
No. B-603: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**.
1. Name of the Work : Building Works as mentioned in DTCN
2. No. of Works : 1 No.
3. Estimated Cost : Rs.99.16 lakhs
4. Period of Completion : Six Months
5. Date & Time of Bidding : From 11.00 hours of 05.08.2023 upto 11.00 hours of 11.08.2023
6. Last date & time for receipt of bids in portal : 11.00 hours of 11.08.2023
7. Bids received online shall be opened on : 12.00 hours of 11.08.2023
8. Name and address of the Officer Inviting Bid : Executive Engineer, Jeypore (R&B) Division, Jeypore.

Further details can be seen from the **www.tendersodisha.gov.in**.
Sd./- Executive Engineer, Jeypore (R&B) Division
OIPR-34027/11/0010/2324

**DISTRICT OFFICE, MAYURBHANJ, BARIPADA**
(Social Welfare Section)
Notice No. 2968 Dt.: 04.08.2023
**ADVERTISEMENT FOR "SELECTION OF AGENCY FOR ESTABLISHMENT AND MANAGEMENT OF CRECHES IN MAYURBHANJ DISTRICT"**
No. g-67: Applications are invited from the intending agencies for **"SELECTION OF AGENCY FOR ESTABLISHMENT AND MANAGEMENT OF CRECHES IN MAYURBHANJ DISTRICT"** under OMBADC. For more details kindly visit: **https://mayurbhanj.nic.in**. Any other modification if arises to this effect will be uploaded in the same website.
Sd./- District Social Welfare Officer, Mayurbhanj
OIPR-19015/11/0003/2324

OFFICE OF THE
**PANCHAYAT SAMITI, BADAMBA**
DIST.: CUTTACK, ODISHA
Notice No. 3518 Date: 04.08.2023
**CORRIGENDUM**
No. i-290: Through this 1st Corrigendum to Tender Call Notice No. BMB/3415/23-24 Dtd.27.07.2023 for Online bidding for the Bid Identification No. BMB/12/23-24 of Block Development Officer, Badamba, Dist.: Cuttack, it is hereby notified that in the template of BOQ for all of the above BINs under the head **"EMD Fee Details"** the provision which was shown as "EMD through BG/ST or EMD Exemption Allowed as **"NO"** has been duly rectified herewith and this to be read as "EMD through BG/ST or EMD Exemption Allowed as **"YES"**. All other relevant terms and conditions remain unchanged.
Sd./- Block Development Officer, Badamba
OIPR-19052/11/0005/2324

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www.oshb.org
ପତ୍ର ସଂଖ୍ୟା: ୧୫୪ ତା:୧୯।୦୭।୨୦୨୩
**ବିଜ୍ଞାପନ**
No. CAD-1547: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଝାରସୁଗୁଡ଼ା ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ୍.ଆଇ.ଜି.-୧-୨୦ (LIG-I-20)ଟିକୁ ଇ. ଶ୍ରୀନିବାସ ରାଓ, ପି.: ଇ.ବାନୋଜୀ ରାଓ, ଗ୍ରା: ଚୌକିପଡ଼ା, ପୋ./ଥା./ଜି.: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଇ. ଶ୍ରୀନିବାସ ରାଓ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ କାଳୁ ଚରଣ ସ୍ୱାଇଁ, ପି.: ୰ଗୋବିନ୍ଦ ସ୍ୱାଇଁ, ଗ୍ରା./ପୋ./ଥା.: ଭଞ୍ଜନଗର, କଳିଙ୍ଗନଗର, ଲେନ୍-୨, ଜି.: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0263/2324

No. B-607
GOVERNMENT OF ODISHA
**"e" - PROCUREMENT NOTICE**
**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com
No. 3582 Date: 03.08.2023
**Invitation For Bids**
**Bid Identification No. S.E. (R&B), KHARIAR - 08/2023-24**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in **Double Cover System** in **ONLINE MODE** only. | |
| 2 | Nature of Work | Building Work |
| 3 | No. of Work | 01 No. Building Work |
| 4 | Tender Paper Cost | As specified in the notice for the respective work, to be remited online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the Website | 10.00 hours of 14.08.2023 to 17.00 hours of 31.08.2023 |
| 7 | Date of Opening of Technical Bid | Dt.01.09.2023 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Executive Engineer
Khariar (R&B) Division, Khariar
OIPR-34062/11/0017/2324

See Career Appointment on every Wednesday & Saturday

## ଅଙ୍ଗ ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଜବତ

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଯୁଲୁଣ୍ଡା ନିକଟସ୍ଥ ଅଙ୍ଗନଦୀର ପମ୍ପଘାଟ ପାଖରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି । ତାଙ୍କ ପରିଚୟ ଜଣାପଡିନାହିଁ । ନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଲଛିପୁର ଥାନାକୁ ଖବର ଦେଇଥିଲେ । ଲଛିପୁର ଥାନା ଆଇଆଇସି ଶୁଭଶଙ୍କର ସେଟଙ୍କ ସହ ଅନ୍ୟ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥିଲେ । ବ୍ୟବଚ୍ଛେଦ ପରେ ଏହାକୁ ୭୨ ଘଣ୍ଟା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ରଖାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ମହିଳାଙ୍କୁ ହତ୍ୟା କରାଯାଇଛି ନା ନଦୀ ପାଣିରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି ତାହା ଜଣାପଡିନାହିଁ ।

# ତଳେ ବସି ପାଠ ପଢୁଛନ୍ତି ଛାତ୍ରୀଛାତ୍ର

ଅମରପାଲି,୫।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ବାରଝୁଲା ପ୍ରାଥମିକ ବିଦ୍ୟାଳୟରେ ନିକଟରେ ବନ୍ୟାପାଣି ପଶି ବିଦ୍ୟାଳୟର ଜରୁରୀ କାଗଜପତ୍ର ସହ ମଧ୍ୟାହ୍ନ ଭୋଜନ ପାଇଁ ଗଚ୍ଛିତ ଥିବା ଚାଉଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ବନ୍ୟା ପାଣି ପଶିବା ଯୋଗୁ ଶ୍ରେଣୀ କୋଠରୀର ଅବସ୍ଥା ବ୍ୟବହାରଯୋଗ୍ୟ ହୋଇପାରୁନାହିଁ । ଫଳରେ ସ୍କୁଲର ଛାତ୍ରୀଛାତ୍ରମାନେ ଶ୍ରେଣୀ କୋଠରୀ ବାହାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି । ୧୯୬୭ ମସିହା ଏପ୍ରିଲ ମାସରେ ସ୍ଥାପିତ ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ବର୍ତ୍ତମାନ ୩୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ପଢାଇବାକୁ ଦୁଇ ଜଣ ଶିକ୍ଷକ ଅଛନ୍ତି । ପାଠପଢ଼ା ଠିକ୍‌ଠାକ୍ ଚାଲିଥିଲା । ଗତ ଲଘୁଚାପ ଜନିତ ଲଗାଣ ବର୍ଷା ସହିତ ହରିହରଯୋର ଜଳସେଚନ ପ୍ରକଳ୍ପରୁ ହଠାତ ୬ ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା । ଫଳରେ ତଳମୁଣ୍ଡରେ ଥିବା ବାରଝୁଲା ପ୍ରାଥମିକ ସ୍କୁଲରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବେଶ କରି ସମସ୍ତ ସାମଗ୍ରୀ ଭିଜି ନଷ୍ଟ ହୋଇଯାଇଛି ।

ସେହିପରି ମଧ୍ୟାହ୍ନ ଭୋଜନ ସାମଗ୍ରୀ ନଷ୍ଟ ହୋଇ ଯାଇଥିବାରୁ ଚାଉଳ ଧାରରେ ଆଣି ଗ୍ୟାସ ମରାମତି କରି ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରାଯାଇଥିବା ବିଦ୍ୟାଳୟ ପ୍ରାଧାନଶିକ୍ଷକ ବିଜୟ କୁମାର ପଧାନ ସୂଚନା ଦେଇଛନ୍ତି । ସ୍କୁଲର ଅନେକ ଖେଳ ସାମଗ୍ରୀ ଭାସି ଯାଇଥିବା ବେଳେ ଆଉ କେତେକ ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି । ସ୍କୁଲର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଥିବାରୁ ଏବେ ସମସ୍ୟା ହୋଇଛି । ଉକ୍ତ ସ୍କୁଲର ହୋଇଥିବା କ୍ଷୟକ୍ଷତି ଆକଳନ କରି ଯଥାଶୀଘ୍ର ମରାମତି କରିବାକୁ ସାଧାରଣ ରେ ଦାବି ହେଉଛି ।


ଶ୍ରେଣୀ ଗୃହ ବାହାରେ ବସି ଛାତ୍ରୀଛାତ୍ର ପାଠପଢୁଛନ୍ତି ।

**ବାରଝୁଲା ପ୍ରାଥମିକ ସ୍କୁଲ**
- ବନ୍ୟା ପାଣିରେ କାଗଜପତ୍ର, ମଧ୍ୟାହ୍ନ ଭୋଜନ ସାମଗ୍ରୀ ନଷ୍ଟ
- ଶ୍ରେଣୀ କୋଠରିରେ ବସି ହେଉନି

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ତରଭା,୫।୮ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଏନଏସିସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି ଅଧକ୍ଷା ବନ୍ଦିତା ନାଏକଙ୍କ ସଭାପତିତ୍ୱରେ ଶନିବାର ଅପରାହ୍ନରେ ଏନଏସି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ତରଭା ଏନଏସି ତରଫରୁ ହାଇସ୍କୁଲ ଖେଳପଡିଆରେ ସକାଳ ୯ଟା ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସମସ୍ତ ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟରେ ସକାଳ ୮ଟା ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ । ପରେଡ୍ ସମୟରେ ଡାକ୍ତରଖାନା ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ତରଭା ଡାକ୍ତରଖାନା ଅଧୀକ୍ଷକ ଡ. କ୍ଷୀରୋଦ ମିଶ୍ର ବୈଠକରେ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, କାଉନସିଲର ଆକବର ଅଲ୍ଲୀ, ସନ୍ତୋଷ ମେହେର, ସୁଜାତା ରଥ, ବିଦ୍ୟାଧର ଦେହେରୀ, ଜୟନ୍ତୀ ମେହେର, ଅଞ୍ଜନା ସାହୁ, ଜୟରାମ ନାଏକ, ଦେବେନ୍ଦ୍ର ନାଏକ, ପୋଲିସ ଏସ୍‌ଆଇ ଆରତୀ କହଁର, ନାରାୟଣ ମେହେର, ହରିବନ୍ଧୁ ପାଣିଗ୍ରାହୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶିକ୍ଷକ ଓ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ । ଇଓ ନିରଞ୍ଜନ ନାଏକ ଧନ୍ୟବାଦ ଦେଇଥିଲେ ।


ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

### ସଂକ୍ଷେପରେ

## ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ପୁରୁଣାକଟକ,୫।୮ (ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ସଙ୍କୁଲେଇ ପଞ୍ଚାୟତ ରାଉତପଡା ଗ୍ରାମରେ ସର୍ପାଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତ ବାଳକ ହେଲେ ଅଂଶୁମାନ ବେହେରା(୧୦) । ଶୁକ୍ରବାର ରାତିରେ ଅଂଶୁମାନ ଘରେ ଖାଇ ସାରି ଶୋଇଥିବା ସମୟରେ ତାଙ୍କୁ ଏକ ବିଷଧର ସାପ ଦଂଶନ କରିଥିଲା । ସକାଳୁ ଉଠିବା ସମୟରେ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାର ଲୋକେ ଦେଖି ସଙ୍ଗେ ସଙ୍ଗେ ଆଠମଲିକ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ ଅନୁଗୋଳ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଂଶୁମାନଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ସଂକୁଲେଇ ସରପଞ୍ଚ ପ୍ରତିନିଧି ସତ୍ୟବାଦୀ ଚାଉଲିଆ, ପିଇଓ ଜଗଦୀଶ ମଲିକ ପହଞ୍ଚି ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ଛତ୍ରଙ୍ଗ ରାଜସ୍ୱ ନିରୀକ୍ଷକ ମନହର ମଲ୍ଲିକ ମଧ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଯଥାଶୀଘ୍ର ମୃତ ନାବାଳକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ସିନ୍ଧୁରପୁରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବିନିକା,୫।୮ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିନ୍ଧୁରପୁର୍ ପଞ୍ଚାୟତ ରାଜୀବ ଭବନଠାରେ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପ ଟୁ ଅଦର୍ସର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ କଳକାହ୍ନୁ ସୁନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ । ହେଲ୍ପ ଟୁ ଅଦରସର ଉପସଭାପତି ସିତାଂଶୁ ପାଢ଼ୀ, ସମ୍ପାଦକ ଦେବଦତ୍ତ ପଣ୍ଡା,ସହ ସମ୍ପାଦକ ଜନାର୍ଦ୍ଦନ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୦୦ଜଣ ରୋଗୀ ଚକ୍ଷୁ ପରୀକ୍ଷା କରାଇଥିଲେ । ୨୦ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ପଣ୍ଡାପାଲି ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି । ଶିବିରକୁ ଧର୍ମରାଜ ନାଏକ, ଚନ୍ଦ୍ରଶେଖର ନନ୍ଦ ପରିଚାଳନା କରିଥିବା ବେଳେ ମୁଖ୍ୟ ଟେକ୍ନିସିଆନ ଅନ୍ତର୍ଯ୍ୟାମୀ ନାୟକ, ଗୋଲେଖ ପଧାନ, ଭାଗବତ ପାଣ୍ଡେ ଚକ୍ଷୁ ପରୀକ୍ଷା କରିଥିଲେ । ପ୍ରତ୍ୟେକ ମାସ ତୃତୀୟ ରବିବାର ବିନିକା ଏନଏସି କାମ୍ୟୁନିଟି ସେଣ୍ଟରଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ହେଉଥିବାରୁ ଭୀମଭୋଇ ସେବା ଫାଉଣ୍ଡେଶନର ପ୍ରତିଷ୍ଠାତା ରାମ ଗୋପାଳ ବାଘଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

## ଡୁଙ୍ଗୁରିପାଲିରେ ଆଖିଧରା ରୋଗ ବ୍ୟାପୁଛି

ଡୁଙ୍ଗୁରିପାଲି,୫।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଆଖିଧରା ରୋଗ ଧୀରେ ଧୀରେ ବ୍ୟାପିବାରେ ଲାଗିଛି । ଏହା ଚିନ୍ତା ବଢାଇ ଦେଇଛି । ବ୍ଲକର ଅଧିକାଂଶ ଛାତ୍ରୀଛାତ୍ର ସଂକ୍ରମିତ ହେଉଥିବା ଦେଖିବାକୁ ମିଳିଛି । ଏହା ଏକ ଭୁତାଣୁ ଜନିତ ରୋଗ । ଦୂଷିତ ଓ କାଦୁଅ ଜଳରୁ ମଧ ଏହା ବ୍ୟାପିଥାଏ । ବର୍ଷା ଋତୁରେ ସାଧାରଣତଃ ଆଖି ଧରା ରୋଗୀଙ୍କ ସଂଖ୍ୟା ବଢିଥାଏ । ତେବେ ଚଳିତବର୍ଷ ରୋଗୀଙ୍କ ସଂଖ୍ୟା ବହୁ ଗୁଣା ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ସଂକ୍ରମିତ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉଥିବା ବେଳେ ହାଟ, ବଜାରରେ ସଂକ୍ରମିତ ବ୍ୟକ୍ତିଙ୍କୁ ଦେଖିବାକୁ ମିଳୁଛି । ଅଭିଭାବକ, ଜନସାଧାରଣ ସତର୍କତା ଅବଲମ୍ବନ କରୁ ନ ଥିବାରୁ ରୋଗୀ ସଂଖ୍ୟା ବୃଦ୍ଧିପାଉଛି । ଏହି ରୋଗ ସପ୍ତାହେରୁ ୨ ସପ୍ତାହ ମଧ୍ୟରେ ରହୁଛି । ତେଣୁ ଏହି ଭୂତାଣୁ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ କିଭଳି ସଂକ୍ରମିତ ନ ହେବ ସେଥିପ୍ରତି ସତର୍କ ରହିବାକୁ ପଡିବ । ରୋଗରୁ ରକ୍ଷା ପାଇବା ଓ ଏହାର ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଏହି ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବାକୁ ଦାବି ହେଉଛି ।

## ବିଡିଓଙ୍କ ସପକ୍ଷରେ ବାହାରିଲା ଓଡ଼ିଶା ପ୍ରଶାସନିକ ସେବା ସଂଘ

ବୌଦ୍ଧ,୫।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ସମିତିସଭ୍ୟା ଅଙ୍ଗୁରୀ ତାଣ୍ଡିଙ୍କୁ କଣ୍ଟାମାଳ ବିଡିଓ ଅସଦାଚରଣ କରିଥିବା ନେଇ ଗତ ୨ ତାରିଖ ଦିନ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଶନିବାର ଦିନ ଓଡ଼ିଶା ପ୍ରଶାସନିକ ସେବା ସଂଘ ବୌଦ୍ଧ ଶାଖାର ଏକ ଜରୁରୀ ବୈଠକ ବୌଦ୍ଧ ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଡିଓଙ୍କ ନାମରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ସଂଘ ପକ୍ଷରୁ କୁହାଯାଇଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଦାବି କରାଯାଇଛି । ଏହାଛଡା ଗତ ୩୧ ତାରିଖ ଦିନ କଣ୍ଟାମାଳ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକରେ କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ ଖଲିଆପାଲି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ କେଦାରନାଥ ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ନେଇ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲାରେ ବାରମ୍ବାର ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ରାଜନୈତିକ ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଅଭିଯୋଗ କରାଯାଇଛି । ଶନିବାର ବୌଦ୍ଧ ଶାଖା ପକ୍ଷରୁ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲାପାଳ ତଥା ଜିଲା ଶାଖାର ସଭାପତି ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ରବି ନାରାୟଣ ତ୍ରିପାଠୀ,ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ବୌଦ୍ଧ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ତହସିଲଦାର ପ୍ରୀତିବାଳା ରଣା, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ତହସିଲଦାର ଶିବାନୀ ଦାଶ, କଣ୍ଟାମାଳ ବିଡିଓ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀରେ ବୁଡ଼ି ଜଣେ ମୃତ

**ତରଭା,୫।୮ (ମାନଭଞ୍ଜନ ମିଶ୍ର):** ପୋଖରୀରେ ବୁଡିଯାଇ ତରଭା ନିକଟସ୍ଥ ପୁଇଁନ୍ତଲା ବ୍ଲକ ଅଧୀନ ବଇରାସର ଗ୍ରାମ ପଞ୍ଚାୟତ କନ୍ଦାଗାଡ ଗ୍ରାମର ଦିଲୀପ କୁମାର ବିଶି (୫୫)ଙ୍କ ମୃତ୍ୟୁ ଘଟିଛି । ଦିଲୀପ ଶୁକ୍ରବାର ସୋନପୁର ବିଦ୍ୟୁତ କାର୍ଯ୍ୟାଳୟରେ କାମ ସାରି ନିଜ ଗ୍ରାମ କନ୍ଦାଗାଡକୁ ଫେରିଥିଲେ । ସନ୍ଧ୍ୟାରେ ସେ ପାଖରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିଲେ । ପୋଖରୀରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ପଡିଯାଇ ଉଠି ପାରି ନ ଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀ ନିକଟକୁ ଯାଇ ଖୋଜାଖୋଜି କରି ପାଣିରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ତରଭା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଫୁଟବଲ ଖେଳାଳି ଶ୍ୟାମ ସୁନ୍ଦରଙ୍କ ପରଲୋକ

**ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲାର ଜଣାଶୁଣା ଫୁଟବଲ ଖେଳାଳି ଶ୍ୟାମ ସୁନ୍ଦର ନାଏକ(୫୦)ଙ୍କ ଶନିବାର ପରଲୋକ ହୋଇଯାଇଛି । ତାଙ୍କ ଘର ସୋନପୁର ସହରର ଖଦାଳପଡାରେ । ସେ ସାହାରା ଟ୍ରଷ୍ଟ ହାଇସ୍କୁଲର କ୍ରୀଡା ଶିକ୍ଷକ ଥିଲେ । ଜିଲା କ୍ରୀଡା ସଂଘର ସଦସ୍ୟ ରହିବା ସହ ଜିଲାରେ ଆୟୋଜିତ ହେଉଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ସକ୍ରିୟ ଭାବେ ସହଯୋଗ କରୁଥିଲେ । ଫୁଟବଲ ଓ ଖୋ ଖୋ ଟୁର୍ନାମେଣ୍ଟରେ ସେ ରେଫେରି ଦାୟିତ୍ୱ ଭଲ ଭାବେ ତୁଲାଉଥିଲେ । ଗତ ୬ ମାସ ଧରି ସେ କ୍ୟାନ୍‌ସର ରୋଗରେ ପୀଡିତ ଥିଲେ । କଟକର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ମୃତଦେହ ସୋନପୁରରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।



## ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ: ବାପ ପୁଅ ଗିରଫ

**ଅମରପାଲି,୫।୮ (ପୀତାମ୍ବର ସାହୁ):** ବୀରମହାରାଜପୁର ଥାନା ଅନ୍ତର୍ଗତ ରାଣୀପାଲି ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ହୋଇଥିବା ଗଣ୍ଡଗୋଳ ଘଟଣାରେ ବାପ ପୁଅଙ୍କୁ ଗିରଫ କରାଯାଇଛି । ଅଭିଯୋଗ ଅନୁସାରେ ଗ୍ରାମର କୃଷ୍ଣଚନ୍ଦ୍ର କଅଁର ଓ ଦିଲୀପ କଅଁରଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଦିଲୀପଙ୍କୁ କୃଷ୍ଣଚନ୍ଦ୍ର ଓ ତାଙ୍କ ପୁଅ ବଳରାମ ଆକ୍ରମଣ କରିଥଲେ । ଦିଲୀପଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ ୧୨୮/୨୩ ରେ ଏକ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ଅଭିଯୁକ୍ତ ବଳରାମ (୨୮) ଓ ତାଙ୍କ ବାପା କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରାଯାଇଛି ।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/23-24/E-Tender/57 ତା.28.07.2023ରିଖ

(1) ଟେଣ୍ଡର ସଂ. e-tender-CENKUR-161-2023, ତା.24.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ସେକ୍ସନ ଅଧୀନରେ PQRS ଦ୍ୱାରା 12.10 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 174.85 ଲକ୍ଷ, EMD (₹) : 2,37,400.00 ।

(2) ଟେଣ୍ଡର ସଂ. e-tender-CENKUR-166-2023, ତା.24.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକଠାରେ ପ୍ରଚଳିତ କ୍ଷତିଗ୍ରସ୍ତ PSC ଫ୍ୟାନ୍ ସେପ୍ଡ(Fan shaped) ଲେଆଉଟ୍ ଏବଂ ଗ୍ଲୁଡ୍ ଜଏଣ୍ଟଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 263.41 ଲକ୍ଷ, EMD (₹) : 2,81,700.00 ।

(3) ଟେଣ୍ଡର ସଂ. e-tender-NorthKUR-162-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / ହରିଚନ୍ଦନପୁର ଅଧୀନସ୍ଥ ଟୋମ୍‌କା - ସୀତାବିଞ୍ଜି ସେକ୍ସନରେ କି.ମି.90.350 ଠାରୁ କି.ମି.151.200 ପର୍ଯ୍ୟନ୍ତ ସାଲୋ ସ୍କ୍ରିନିଂ, ଡିପ୍ ସ୍କ୍ରିନିଂ, ବକ୍ସିଂ, ଡ୍ରେସିଂ, ଲିଫ୍ଟିଂ, ପ୍ୟାକିଂ, ୱେଲ୍ଡିଂ, ଡିଷ୍ଟ୍ରେସିଂ ଇତ୍ୟାଦି ସହିତ ବିଭିନ୍ନ P.Way ମରାମତି କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 177.79 ଲକ୍ଷ, EMD (₹) : 2,38,900.00 ।

(4) ଟେଣ୍ଡର ସଂ. e-tender-NorthKUR-163-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / କେନ୍ଦୁଝରଗଡ଼ ଅଧୀନସ୍ଥ ସୀତାବିଞ୍ଜି - ଜାରୋଲି ସେକ୍ସନରେ କି.ମି.16.298 ଠାରୁ କି.ମି.90.350 ପର୍ଯ୍ୟନ୍ତ ସାଲୋ ସ୍କ୍ରିନିଂ, ଡିପ୍ ସ୍କ୍ରିନିଂ, ବକ୍ସିଂ, ଡ୍ରେସିଂ, ଲିଫ୍ଟିଂ, ପ୍ୟାକିଂ, ୱେଲ୍ଡିଂ, ଡିଷ୍ଟ୍ରେସିଂ ଇତ୍ୟାଦି ସହିତ ବିଭିନ୍ନ P.Way ମରାମତି କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 178.43 ଲକ୍ଷ, EMD (₹) : 2,39,200.00 ।

(5) ଟେଣ୍ଡର ସଂ. e-tender-HQKUR-167-2023, ତା.24.07.2023ରିଖ
ବିବରଣୀ : ଅମୃତ ଭାରତ ଯୋଜନା ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସାକ୍ଷୀଗୋପାଳ ଷ୍ଟେସନ ଠାରେ ପ୍ଲାଟଫର୍ମ ସେଲ୍ଟର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 463.79 ଲକ୍ଷ, EMD (₹) : 3,81,900.00 ।

ଶେଷ ହେବା ଅବଧି : 12 (ବାର) ମାସ (କ୍ର. ସଂ. 1 ରୁ 4 ପର୍ଯ୍ୟନ୍ତ) , 06 (ଛଅ) ମାସ (କ୍ର. ସଂ. 5 ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.16.08.2023ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-417/O/23-24



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-1476 **TENDER ALERT**

1) **E-Tender Call Notice No.08/22-23:** Deployment of Security Personnel in Grid Substation/Field offices/Stores under Central Zone, Bhubaneswar, at an estimated Cost of the package of Rs. 10,77,77,856/.
2) **E-Tender Call Notice No.09/22-23:** Deployment of Line Patrolling Personnel in Transmission Lines under Central Zone, Bhubaneswar, at an estimated Cost of the package of Rs. 3,77,50,560/.
3) **E-Tender Call Notice No.07/23-24:** Tenders are Invited from eligible bidders through e-tender for sl no "01 to 08" under Civil Works Circle, OPTCL,BBSR.
For details please visit our website **http:/tenderwizard.com/OPTCL & www.optcl.co.in**.

OIPR-04011/11/0072/2324 FIPR-30/2023-24
/optcl.odisha /optcl_odisha



GOVERNMENT OF ODISHA No. B-604
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**
Mail ID: sepwdbalangir@gmail.com
**e-Procurement Notice**
**BID IDENTIFICATION No. CCE(R&B) BGR/12/2023-24**
Letter No. 3048 Dtd.27.07.2023
The **Chief Construction Engineer, Balangir (R&B) Circle, Balangir** on behlaf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **A/ Special Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.
1. Nature of work : Building Works/Road Works
2. No. of tender : Building Works - 08 Nos. & Road Works - 01 No.
3. Tender Cost : Rs.10,000/-
4. Class of Contractor : A/Special Class
5. Date & time of sale & receipt of Bids : From Dt.10.08.2023, 10.00 A.M. to Dt.25.08.2023 upto 05.00 P.M.
6. Date of Opening Bid : Dt.28.08.2023 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

Sd./- Chief Construction Engineer
Balangir (R&B) Circle, Balangir
OIPR-34131/11/0013/2324



**SAMBALPUR DEVELOPMENT AUTHORITY**
DURGAPALI, SAMBALPUR- 768006, Email- secretarysdasbp@gmail.com
S.D.A. SAMBALPUR
No.671 Date: 20.7.23
No. CAD-1435
**E-AUCTION**
**of Residential Plots at Core Housing Scheme Area, Kirba, Burla, Sambalpur on as-is-where-is-basis**

**Brief description of application process:** Applications are invited online from individuals for allotment of 29 residential plots of different sizes available at **Core Housing Scheme Area, Kirba, Burla, Sambalpur** through e-auction.
The selection shall be based on the eligibility and highest quoted amount over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from SDA website http://www.sdasambalpur.com and the bidders can register in the e-auction process from **dt.01.07.2023 to dt.17.08.2023**.
S.D.A., Sambalpur reserves right to accept or reject any application and to annul the selection process at any time, without incurring any liability and without assigning any reason thereof.

Sd./- Secretary
OIPR-13240/11/0002/2324



GOVERNMENT OF ODISHA
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
ID: ee.randbjyp@gmail.com
**e-Procurement Notice**
**Bid Identification No. S.E. (R&B) - 09/2023-24/JYP(K)**
No. 6033 Date: 03.08.2023
No. B-603: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**.
1. Name of the Work : Building Works as mentioned in DTCN
2. No. of Works : 1 No.
3. Estimated Cost : Rs.99.16 lakhs
4. Period of Completion : Six Months
5. Date & Time of Bidding : From 11.00 hours of 05.08.2023 upto 11.00 hours of 11.08.2023
6. Last date & time for receipt of bids in portal : 11.00 hours of 11.08.2023
7. Bids received online shall be opened on : 12.00 hours of 11.08.2023
8. Name and address of the Officer Inviting Bid : Executive Engineer, Jeypore (R&B) Division, Jeypore.
Further details can be seen from the **www.tendersodisha.gov.in**.

Sd./- Executive Engineer, Jeypore (R&B) Division
OIPR-34027/11/0010/2324



**DISTRICT OFFICE, MAYURBHANJ, BARIPADA**
**(Social Welfare Section)**
Notice No. 2968 Dt.: 04.08.2023
**ADVERTISEMENT FOR "SELECTION OF AGENCY FOR ESTABLISHMENT AND MANAGEMENT OF CRECHES IN MAYURBHANJ DISTRICT"**
No. g-67: Applications are invited from the intending agencies for **"SELECTION OF AGENCY FOR ESTABLISHMENT AND MANAGEMENT OF CRECHES IN MAYURBHANJ DISTRICT"** under OMBADC. For more details kindly visit: **https://mayurbhanj.nic.in**. Any other modification if arises to this effect will be uploaded in the same website.

Sd./- District Social Welfare Officer, Mayurbhanj
OIPR-19015/11/0003/2324



**OFFICE OF THE PANCHAYAT SAMITI, BADAMBA**
**DIST.: CUTTACK, ODISHA**
Notice No. 3518 Date: 04.08.2023
**CORRIGENDUM**
No. i-290: Through this 1st Corrigendum to Tender Call Notice No. BMB/3415/23-24 Dtd.27.07.2023 for Online bidding for the Bid Identification No. BMB/12/23-24 of Block Development Officer, Badamba, Dist.: Cuttack, it is hereby notified that in the template of BOQ for all of the above BINs under the head **"EMD Fee Details"** the provision which was shown as "EMD through BG/ST or EMD Exemption Allowed as **"NO"** has been duly rectified herewith and this to be read as "EMD through BG/ST or EMD Exemption Allowed as **"YES"**. All other relevant terms and conditions remain unchanged.

Sd./- Block Development Officer, Badamba
OIPR-19052/11/0005/2324



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୫୪ **ବିଜ୍ଞାପନ** ତା:୧୯।୦୭।୨୦୨୩

No. CAD-1547: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଝାରସୁଗୁଡ଼ା ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ୍.ଆଇ.ଜି.–୧–୨୦ (LIG-I-20)ଟିକୁ ଇ. ଶ୍ରୀନିବାସ ରାଓ, ପି.: ଇ.ବାନୋଜୀ ରାଓ, ଗ୍ରା: ଚୌକିପଡ଼ା, ପୋ./ଥା./ଜି.: ଝାରସୁଗୁଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଇ. ଶ୍ରୀନିବାସ ରାଓ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ କାଳୁ ଚରଣ ସ୍ୱାଇଁ, ପି.: ୰ଗୋବିନ୍ଦ ସ୍ୱାଇଁ, ଗ୍ରା./ପୋ./ଥା.: ଭଞ୍ଜନଗର, କଳିଙ୍ଗନଗର, ଲେନ୍–୨, ଜି.: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0263/2324



No. B-607
GOVERNMENT OF ODISHA
**"e" - PROCUREMENT NOTICE**
**OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com
No. 3582 Date: 03.08.2023
**Invitation For Bids**
**Bid Identification No. S.E. (R&B), KHARIAR - 08/2023-24**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids in **Double Cover System** in **ONLINE MODE** only. | |
| 2 | Nature of Work | Building Work |
| 3 | No. of Work | 01 No. Building Work |
| 4 | Tender Paper Cost | As specified in the notice for the respective work, to be remited online only |
| 5 | Class of Contractor | As specified in the notice for the respective work |
| 6 | Availability of Bid Documents in the Website | 10.00 hours of 14.08.2023 to 17.00 hours of 31.08.2023 |
| 7 | Date of Opening of Technical Bid | Dt.01.09.2023 at 11.30 hours |
| 8 | EMD/Bid Security | As specified in the notice to be remitted online only |
| 9 | The bidders shall have to participate in ONLINE bidding only. Further details can be seen from the website: **https:// www.tendersodisha.gov.in**. Any addendum/corrigendum/ cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Executive Engineer
Khariar (R&B) Division, Khariar
OIPR-34062/11/0017/2324

## କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

ରାଜସ୍ଥାନର କୋଚିଂ ହବ୍ ଭାବେ ପରିଚିତ କୋଟାରେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୧୭ ବର୍ଷୀୟ ଛାତ୍ର ତାଙ୍କ ହଷ୍ଟେଲ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଛନ୍ତି। ଗତ ୪୮ ଘଣ୍ଟା ମଧ୍ୟରେ କୋଟାରେ ଏହା ଦ୍ୱିତୀୟ ଛାତ୍ର ଆତ୍ମହତ୍ୟା ହୋଇଥିବା ବେଳେ ବର୍ଷକ ମଧ୍ୟରେ ସେଠାରେ ୨୦ ଜଣ ଛାତ୍ର ଜୀବନ ହାରିଲେଣି। ଭାର୍ଗବ ମିଶ୍ରା ନାମକ ଏହି ଛାତ୍ରଙ୍କ ଘର ବିହାରର ଚମ୍ପାରନ ଜିଲାରେ। କୋଚିଂ ସେଣ୍ଟରରେ ଜେଇଇ ପାଇଁ ପ୍ରସ୍ତୁତି ଲାଗି ଗତ ମାର୍ଚ୍ଚରେ ସେ କୋଟା ଆସିଥିଲେ।

**ସଂକ୍ଷେପରେ**

## ଆତଙ୍କବାଦୀଙ୍କ ଗୁଳିରେ ୩ ଯବାନ ଶହୀଦ

**ଶ୍ରୀନଗର,୫।୮(ପି.ଟି.):** ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ଆତଙ୍କବାଦୀଙ୍କ ଗୁଳିରେ ୩ ସେନା ଯବାନ ଶହୀଦ ହୋଇଛନ୍ତି। ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଧରିବା ପାଇଁ ଶନିବାର ସୁରକ୍ଷା ବଳ ପକ୍ଷରୁ ଜୋର୍‌ଦାର ତଲାସି ଅଭିଯାନ ଜାରି ରହିଛି। କୁଲ୍‌ଗାମ୍‌ର ହାଲନ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ସୁରକ୍ଷା ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଯବାନମାନେ ଉକ୍ତ ଅଞ୍ଚଳରେ ଏକ ଟେଣ୍ଟ ପକାଇ ରହିଥିବାବେଳେ ଆତଙ୍କବାଦୀମାନେ ଏହା ଉପରେ ଆକ୍ରମଣ କରିବାରୁ ଏନ୍‌କାଉଣ୍ଟର ଘଟିଥିଲା। ଏଥିରେ ଆହତ ହୋଇଥିବା ୩ ଯବାନଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆତଙ୍କବାଦୀମାନେ ସେଠାରୁ କେତେକ ଅସ୍ତ୍ରଶସ୍ତ୍ର ନେଇ ପଳାଇଥିଲେ।

## ଭାଜପା ଏମ୍‌ପିଙ୍କୁ ୨ ବର୍ଷ ଜେଲ

**ଲୋକ ସଭା ସଦସ୍ୟତା ହରାଇପାରନ୍ତି**


ରାମଶଙ୍କର କାଥେରିଆ

**ଆଗ୍ରା,୫।୮:** ୨୦୧୧ରେ ଟରେଣ୍ଟ ପାୱାର ସଂସ୍ଥାର କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ଏହାର କର୍ମଚାରୀଙ୍କୁ ଆକ୍ରମଣ ମାମଲାରେ ଭାଜପା ଏମ୍‌ପି ରାମଶଙ୍କର କାଥେରିଆଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଆଗ୍ରାର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ ମାଜିଷ୍ଟ୍ରେଟ୍ କୋର୍ଟ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏଥିପାଇଁ ଉତ୍ତରପ୍ରଦେଶ ଇଟାୱାର ଏମ୍‌ପି କାଥେରିଆଙ୍କୁ ଲୋକ ସଭା ସଦସ୍ୟତା ହରାଇବାକୁ ପଡ଼ିପାରେ। ୨୦୧୧ ନଭେମ୍ବର ୧୬ରେ କାଥେରିଆ ଏକ ମଲ୍‌ରେ ଥିବା ଟରେଣ୍ଟ ପାୱାର ଅଫିସରେ ପଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଦଣ୍ଡାଦେଶ ବିରୋଧରେ ଉପର କୋର୍ଟରେ ଆବେଦନ କରିବେ ବୋଲି କାଥେରିଆ କହିଛନ୍ତି।

**ନୁହରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ**

## ୨ ଡଜନ ମେଡିସିନ ଷ୍ଟୋର ଭଙ୍ଗାଗଲା

ନୂଆଦିଲ୍ଲୀ,୫।୮

ହରିୟାଣାର ନୁହ ଜିଲାରେ ସାମ୍ପ୍ରଦାୟିକ ସଂଘର୍ଷ ପରେ ପ୍ରଶାସନ ପକ୍ଷରୁ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନର ତୃତୀୟ ଦିନରେ ଶନିବାର ବେଆଇନ ଭାବେ ନିର୍ମିତ ପ୍ରାୟ ୨ ଡଜନ ମେଡିକାଲ ଷ୍ଟୋରକୁ ଭାଙ୍ଗିଦିଆଯାଇଛି। ନୁହର ହିଂସାକାଣ୍ଡ ସ୍ଥାନଠାରୁ ୨୦ କିଲୋମିଟର ଦୂର ତାଉରୁଠାରେ ବେଆଇନ ବାଂଲାଦେଶୀ ଅପ୍ରବାସୀମାନେ ରହୁଥିବା ୨୫୦ ଝୁମ୍ପୁଡ଼ି ଘରକୁ ଗୁରୁବାର ସନ୍ଧ୍ୟାରେ ଭାଙ୍ଗିଦିଆଯାଇଥିଲା। ଶନିବାର କଡ଼ା ସୁରକ୍ଷା ମଧ୍ୟରେ ବୁଲ୍‌ଡୋଜରଗୁଡ଼ିକ ନଲାରରେ ଥିବା ଶହୀଦ ହାସନ ଖାନ୍ ମେୱାତି ସରକାରୀ ମେଡ଼ିକାଲ କଲେଜ ନିକଟରେ ପହଞ୍ଚି ସେଠାରେ ଥିବା ଦୋକାନଗୁଡ଼ିକୁ ଭାଙ୍ଗିଥିଲା। ସେଥିରୁ ଅଧିକାଂଶ ହେଉଛି ଔଷଧ ଦୋକାନ। ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ହିରୋସୀମା ଦିବସ ପୂର୍ବ ସନ୍ଧ୍ୟାରେ ମୁମ୍ବାଇରେ ଛାତ୍ରୀଛାତ୍ର ମୁହଁକୁ ଚିତ୍ରିତକରି ଶାନ୍ତି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋସୀମାରେ ବିଶ୍ୱର ପ୍ରଥମ ପରମାଣୁ ବୋମା ପକାଯାଇଥିଲା। ଏହାର ୭୮ତମ ବାର୍ଷିକୀ ପାଳନ ଲାଗି ଛାତ୍ରୀଛାତ୍ର ଓ ସାମାଜିକ କର୍ମୀ ଏକାଠି ହୋଇଛନ୍ତି।

## ଜ୍ଞାନବାପି ସର୍ଭେ ଦ୍ୱିତୀୟ ଦିନରେ



**ମୁସଲମାନ ପକ୍ଷ ସାମିଲ**

ବାରାଣସୀ,୫।୮(ପି.ଟି.)

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ବିଜ୍ଞାନସମ୍ମତ ସର୍ଭେ ଶନିବାର ଦ୍ୱିତୀୟ ଦିନ ପାଇଁ ଜାରି ରହିଛି। ପୂର୍ବରୁ ମନ୍ଦିର ଥିବା ଉକ୍ତ ସ୍ଥାନରେ ସପ୍ତଦଷ ଶତାବ୍ଦୀରେ ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଦାବି କରିଆସୁଛନ୍ତି। ଏହା କେତେଦୂର ସତ୍ୟ ତାହା ସ୍ପଷ୍ଟ କରିବା ଲାଗି ବାରାଣସୀ ଜିଲା କୋର୍ଟ ବିଜ୍ଞାନଭିତ୍ତିକ ସର୍ଭେ ଲାଗି ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅଲ୍ଲାହାବାଦ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଉକ୍ତ ରାୟ କାଏମ ରହିଥିଲା। ସର୍ଭେରେ ମୁସଲମାନ ପକ୍ଷର ୫ ସଦସ୍ୟ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ଇନ୍ତେଜାମିଆ ମସ୍‌ଜିଦ କମିଟିର ଓକିଲ ଅଖଲାକ ଏବଂ ମୁମତାଜ ସର୍ଭେ ଟିମ୍‌ରେ ରହିଛନ୍ତି। ଶୁକ୍ରବାର ପ୍ରଥମ ଦିନ ସର୍ଭେରେ ମୁସଲମାନ ପକ୍ଷ ସାମିଲ ହୋଇ ନ ଥିଲେ। ସକାଳ ୫ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିଥିଲା ବୋଲି ସରକାରୀ ଓକିଲ ରାଜେଶ ମିଶ୍ରା କହିଛନ୍ତି।

**ତୋଷାଖାନା ଦୁର୍ନୀତି ମାମଲା**

# ଇମ୍ରାନ୍‌ଙ୍କୁ ୩ ବର୍ଷ ଜେଲ

**୫ ବର୍ଷ ରାଜନୀତିରୁ ବାସନ୍ଦ**

ଇସ୍‌ଲାମାବାଦ/ଲାହୋର,୫।୮(ପି.ଟି.)

ତୋଷାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଇସ୍‌ଲାମାବାଦର ଏକ ଅଦାଲତ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ଲକ୍ଷେ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥ ପୈଠ ନ କଲେ ତାଙ୍କୁ ଆଉ ୬ ମାସ ଜେଲରେ ରହିବାକୁ ପଡ଼ିବ। ୫ ବର୍ଷ ପାଇଁ ସେ ସକ୍ରିୟ ରାଜନୀତିରେ ଭାଗ ନେଇପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। କୋର୍ଟ ଦଣ୍ଡାଦେଶ ଘୋଷଣା କରିବା ପରେ ୭୦ ବର୍ଷୀୟ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ)ନେତାଙ୍କୁ ପୋଲିସ ଲାହୋରରୁ ଗିରଫକରି ଜେଲ ପଠାଇଦେଇଛି। ଇମ୍ରାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ବିଶିଷ୍ଟ ବିଦେଶୀ ନେତୃବୃନ୍ଦଙ୍କଠାରୁ ପାଇଥିବା ମୂଲ୍ୟବାନ୍ ଉପହାରଗୁଡ଼ିକୁ ବେଆଇନ ଭାବେ ବିକ୍ରି କରିଦେଇଥିବାରୁ ତାଙ୍କୁ ଇସ୍‌ଲାମାବାଦ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ହୁମାୟୁନ୍ ଦିଲୱାର ଦୋଷୀସାବ୍ୟସ୍ତ କରିଥିଲେ। ସେହି ଉପହାର ମଧ୍ୟରେ ଏକ ରାଜ ପରିବାରର ଘଡ଼ି ରହିଛି, ଯାହାକୁ ଇମ୍ରାନ୍‌ଙ୍କ ସହଯୋଗୀ ଦୁବାଇରେ ବିକ୍ରି କରିଥିଲେ। ତୋଷାଖାନା ଉପହାର ସମ୍ପର୍କରେ ଇମ୍ରାନ୍ ଜାଣିଶୁଣି ନିର୍ବାଚନ କମିଶନଙ୍କୁ ଭୁଲ୍ ତଥ୍ୟ ଦେଇଥିଲେ। ଦୁର୍ନୀତି ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇଥିବାରୁ ନିର୍ବାଚନ ଆଇନର ଧାରା ୧୭୪ରେ ତାଙ୍କୁ ୩ ବର୍ଷ ପାଇଁ ଜେଲ ପଠାଯାଇଥିବା ଜଷ୍ଟିସ ଦିଲୱାର କହିଛନ୍ତି। ଅନ୍ୟପକ୍ଷରେ ଇମ୍ରାନ୍ କୌଣସି ଭୁଲ୍ କରିନାହାନ୍ତି ବୋଲି କହିଥିବାବେଳେ ତଳ କୋର୍ଟ ରାୟ ବିରୋଧରେ ତାଙ୍କ ଲିଗାଲ ଟିମ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଅଦାଲତ ଇମ୍ରାନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ପୂର୍ବରୁ ସାକ୍ଷୀମାନଙ୍କୁ ସେମାନଙ୍କ ବୟାନ ଉପସ୍ଥାପନ କରିବା ଲାଗି ସୁଯୋଗ ଦିଆଯାଇ ନ ଥିଲା ବୋଲି ଲିଗାଲ ଟିମ୍ ଅଭିଯୋଗ କରିଛି।

ଆସନ୍ତା ନଭେମ୍ବରରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ଇମ୍ରାନ୍‌ଙ୍କୁ ଜେଲ ପଠାଇ ଦିଆଯାଇଛି। ଗତବର୍ଷ ଇମ୍ରାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ତାଙ୍କୁ କ୍ଷମତାରୁ ହଟାଇ ଦିଆଯାଇଥିଲା। ପିଟିଆଇ ନେତା ସେନାକୁ ଟାର୍ଗେଟ କରିବା ନେଇ ରାଜନୈତିକ ଉଷ୍ମତା ବଢ଼ିଥିଲା। ଦୁର୍ନୀତି ଅଭିଯୋଗରେ ଗତ ମେ'ରେ ତାଙ୍କୁ ଗିରଫ କରାଯିବାକୁ ନେଇ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



### ଜେଲ ଯାଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଜେଲ ଯିବାରେ ପାକିସ୍ତାନର ରେକର୍ଡ ରହିଛି। ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି ପାକିସ୍ତାନର ପଞ୍ଚମ ପ୍ରଧାନମନ୍ତ୍ରୀ ହୁସେନ୍ ଶାହିଦ ସୁହରାୱର୍ଦ୍ଦୀ। ସାମରିକ ଶାସକ ଜେନେରାଲ ଆୟୁବ ଖାନ୍‌ଙ୍କୁ ସମର୍ଥନ ଦେବାକୁ ମନା କରିବା ପରେ ତାଙ୍କୁ ଦେଶବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ୧୯୬୨ରେ ଗିରଫ କରାଯାଇ ଜେଲ ପଠାଇଦିଆଯାଇଥିଲା। ସେହିପରି ୧୯୭୪ରେ ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ପାକିସ୍ତାନର ନବମ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର ଅଲି ଭୁଟ୍ଟୋ ଗିରଫ ହୋଇ ଜେଲରେ ରହିବା ସହ ୧୯୭୯ ଏପ୍ରିଲ ୪ରେ ତାଙ୍କୁ ଫାଶୀ ଦିଆଯାଇଥିଲା। ୧୯୮୮ରୁ ୧୯୯୦ ଏବଂ ୧୯୯୩ରୁ ୧୯୯୬ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିବା ବେନଜିର ଭୁଟ୍ଟୋ ଏକାଧିକ ଥର ଗିରଫ ହୋଇଥିଲେ। ସେ ପ୍ରଥମେ ୧୯୮୫ରେ ଗିରଫ ହୋଇ ୯୦ ଦିନ ଗୃହବନ୍ଦୀ ରହିଥିଲେ। ୧୯୮୬ ଅଗଷ୍ଟରେ କରାଚୀରେ ଏକ ରାଲି ଚାଲିଥିବାବେଳେ ସାମରିକ ଏକଚ୍ଛତ୍ରବାଦୀ ଜିଆ ଉଲ୍ ହକ୍‌ଙ୍କୁ ନିନ୍ଦା କରି ଗିରଫ ହୋଇଥିଲେ। ୧୯୯୯ ଏପ୍ରିଲରେ ତାଙ୍କୁ ଦୁର୍ନୀତି ମାମଲାରେ ୫ ବର୍ଷ ଜେଲଦଣ୍ଡ ହେବା ସହ ସଭ୍ୟପଦ ରଦ୍ଦ ହୋଇଥିଲା ଏବଂ ୫ ନିୟୁତ ପାଉଣ୍ଡରୁ ଉର୍ଦ୍ଧ୍ୱ ଜରିମାନା କରାଯାଇଥିଲା। ସେ ଆତ୍ମନିର୍ବାସନରେ ଥିବାରୁ ଗିରଫ ହୋଇ ନ ଥିଲେ। ଜେନେରାଲ ପର୍ଭେଜ ମୁସାରଫ ସାମରିକ ବିଦ୍ରୋହ ବଳରେ କ୍ଷମତା ଦଖଲ କରିବା ପରେ ନୱାଜ ସରିଫଙ୍କୁ ୧୯୯୯ରେ ଗିରଫ କରାଯାଇଥିଲା। ପରେ ସେ ୧୦ ବର୍ଷ ନିର୍ବାସନରେ ରହିଥିଲେ। ୨୦୧୮ ଜୁଲାଇରେ ତାଙ୍କ ସମେତ ତାଙ୍କ ଝିଅ ମରୟାମ୍ ନୱାଜଙ୍କୁ ଦୁର୍ନୀତି ମାମଲାରେ ୧୦ ବର୍ଷ ଜେଲଦଣ୍ଡ ହୋଇଥିଲା। ସେହିବର୍ଷ ଡିସେମ୍ବରରେ ଅଲ୍-ଅଜିଜିଆ ଷ୍ଟିଲ୍ ମିଲ୍ସ ଦୁର୍ନୀତି ମାମଲାରେ ନୱାଜଙ୍କୁ ୭ ବର୍ଷ ଜେଲଦଣ୍ଡାଦେଶ ଦିଆଯାଇଥିଲା। ୨୦୧୯ରେ ସେ ଚିକିତ୍ସା ପାଇଁ ଲଣ୍ଡନ ଯାଇ ଆଉ ଫେରି ନ ଥିଲେ। ପାକିସ୍ତାନର ୨୧ତମ ପ୍ରଧାନମନ୍ତ୍ରୀ ଶହିଦ ଖାକନ ଆବ୍ବାସିଙ୍କୁ ଏଲ୍‌ଏନ୍‌ଜି ଦୁର୍ନୀତି ମାମଲାରେ ୨୦୧୯ ଜୁଲାଇରେ ଗିରଫ କରାଯାଇଥିଲା।

**ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ୪ ବର୍ଷ**

## ମେହବୁବା ମୁଫ୍‌ତି ଗୃହବନ୍ଦୀ



ଶ୍ରୀନଗର,୫।୮(ପି.ଟି.)

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଶନିବାର ୪ ବର୍ଷ ପୂରିଛି। ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଓ ତାଙ୍କ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଗୃହବନ୍ଦୀ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିଅଧିଆ ଚଢ଼ାଉକରି ପିଡିପି ନେତାମାନଙ୍କୁ ବେଆଇନ ଭାବେ ଥାନାରେ ଅଟକ ରଖାଯାଇଥିବା ମୁଫ୍‌ତି କହିଛନ୍ତି। ଜମ୍ମୁ-କଶ୍ମୀରରେ ସବୁ କିଛି ସ୍ୱାଭାବିକ ଚାଲିଛି ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିବାବେଳେ ଭ୍ରାନ୍ତ ଆଶଙ୍କାକୁ ନେଇ ସେମାନଙ୍କ କାର୍ଯ୍ୟାନୁଷ୍ଠାନ ପଦାରେ ପଡ଼ିଥିବା ପିଡିପି ନେତ୍ରୀ ଟୁଇଟ୍ କରିଛନ୍ତି। ଗୋଟିଏ ପଟେ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପାଳନ କରିବା ଲାଗି ଆହ୍ୱାନ ଦିଆଯାଇ ଶ୍ରୀନଗର ସାରା ବିଶାଳ ହୋର୍ଡିଂ ସବୁ ଲାଗିଥିବାବେଳେ ଅନ୍ୟପଟେ ଲୋକଙ୍କ ପ୍ରକୃତ ଭାବାବେଗକୁ ରୋକିବା ଲାଗି ବଳପ୍ରୟୋଗ କରାଯାଉଥିବା ସେ କହିଛନ୍ତି।

## ଇଣ୍ଡିଆ ମେଣ୍ଟର ତୃତୀୟ ବୈଠକ ୩୧ରେ

ନୂଆଦିଲ୍ଲୀ,୫।୮

ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିବା ପରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ତୃତୀୟ ବୈଠକ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ରେ ମୁମ୍ବାଇରେ କରିବା ଲାଗି ସ୍ଥିର ହୋଇଛି। କଂଗ୍ରେସ ଏବଂ ଶିବସେନା ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ପକ୍ଷରୁ ଏହା ଘୋଷଣା କରାଯାଇଛି। ଶନିବାର ମୁମ୍ବାଇରେ ମହାବିକାଶ ଅଘାଡ଼ି ମେଣ୍ଟର ବୈଠକ ପରେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଏହି ସୂଚନା ଦେଇଛନ୍ତି। ଗ୍ରାଣ୍ଡ ହୟାତରେ ହେବାକୁ ଥିବା ବିରୋଧୀ ମେଣ୍ଟ ବୈଠକରେ ରାହୁଲ ଗାନ୍ଧୀ ଏବଂ ୫ ଜଣ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଉଦ୍ଧବ ଠାକ୍‌ରେ ବିରୋଧୀ ନେତାମାନଙ୍କ ପାଇଁ ୩୧ ତାରିଖ ସନ୍ଧ୍ୟାରେ ଡିନରର ଆୟୋଜନ କରୁଛନ୍ତି। ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବ ବୋଲି କଂଗ୍ରେସ ମହାରାଷ୍ଟ୍ର ମୁଖ୍ୟ ନାନା ପାଟୋଲେ କହିଛନ୍ତି। ଜୁନ୍ ୨୩ରେ ପାଟନାରେ ଅନୁଷ୍ଠିତ ପ୍ରଥମ ବିରୋଧୀ ମେଣ୍ଟ ବୈଠକରେ ୧୬ଟି ବିରୋଧୀ ଦଳର ନେତା ଯୋଗଦେଇଥିଲେ। ଜୁଲାଇ ୧୭-୧୮ରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଦ୍ୱିତୀୟ ବୈଠକରେ ବିରୋଧୀ ଦଳ ସଂଖ୍ୟା ୨୬କୁ ବୃଦ୍ଧି ପାଇଥିଲା। ଏହି ବୈଠକରେ ମେଣ୍ଟର ନାଁ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ରଖିବାକୁ ସ୍ଥିର କରାଯାଇଥିଲା।

## ତ୍ରିପୁରାରେ ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ ସ୍କୁଲରେ ପୂରାଇ ଦିଆଗଲାନି

ଅଗରତାଲା,୫।୮

ତ୍ରିପୁରାର କୋରୋଇମୁରା ଉଚ୍ଚ ମାଧ୍ୟମିକ ସ୍କୁଲରେ ହିଜାବକୁ ନେଇ ହିନ୍ଦୁ ଓ ମୁସଲମାନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭାଜନ ଦେଖାଦେଇଛି। ହିଜାବ ପିନ୍ଧିଥିବା ମୁସଲମାନ ଛାତ୍ରୀମାନଙ୍କୁ ସ୍କୁଲ୍‌ରେ ପ୍ରବେଶ ଅନୁମତି ନ ମିଳିବାରୁ ଏହାର ପ୍ରତିବାଦରେ କେତେଜଣ ଛାତ୍ର ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠରେ ଭଙ୍ଗାରୁଜା କରିଥିଲେ। ଏହା ପରେ ଉତ୍ତ୍ୟକ୍ତ ଲୋକେ ଶନିବାର ସ୍କୁଲ ବାହାରେ ଏକାଠି ହେବା ସହ ଭଙ୍ଗାରୁଜାରେ ସାମିଲ ହୋଇଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ ଏଆଇଜି କହିଛନ୍ତି।


ମୋଣ୍ଟଗୋମେରୀରେ ଆଲାବାମା ଜିଓପି ପାଇଁ ଫଣ୍ଡ୍ ରେଜର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇସାରିବା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଞ୍ଚରେ ନାଚୁଛନ୍ତି।

## ଘରେ ପଶି ମହିଳାଙ୍କ ପାଦ ଘଷୁଥିବା ଆମେରିକୀୟ ଗିରଫ

ୱାଶିଂଟନ,୫।୮


ମାର୍କ ଆନ୍ଥୋନୀ ଗୋଞ୍ଜାଲେସ୍

ଘରେ ପଶି ଶୋଇଥିବା ମହିଳାମାନଙ୍କ ପାଦ ଘଷୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଆମେରିକାର ନେଭାଡ଼ାରୁ ଗିରଫ କରିଛି। ମାର୍କ ଆନ୍ଥୋନୀ ଗୋଞ୍ଜାଲେସ୍ (୨୬) ନାମକ ଏହି ଯୁବକ ଅତୀତରେ ମଧ୍ୟ ଅନୁରୂପ ଅପରାଧ କରିଥିବା ଡୁଗ୍‌ଲାସ୍ କାଉଣ୍ଟି ଶେରିଫ୍ ବିଭାଗ ପକ୍ଷରୁ କୁହାଯାଇଛି। ଜୁଲାଇ ୧ରୁ ୩ ମଧ୍ୟରେ ସେ ଦୁଇଟି ଷ୍ଟେଟ୍‌ଲାଇନ ରିସର୍ଟରେ ପ୍ରବେଶକରି ଭୋର ସମୟରେ ଲକ୍ ହୋଇ ନ ଥିବା ରୁମ୍‌ରେ ମହିଳାଙ୍କ ପାଦ ଘଷିଥିଲେ। ସେହି ମହିଳାମାନେ ଉଠିପଡ଼ିବାରୁ ଗୋଞ୍ଜାଲେସ୍ ସେଠାରୁ ପଳାଇଯାଇଥିଲେ। ପୂର୍ବରୁ କାଲିଫର୍ନିଆର ଅଟୱାଟର/ମେର୍ସେଡ୍ କାଉଣ୍ଟି ଅଞ୍ଚଳରେ ସେ ମହିଳାଙ୍କ ଜୋତା ଚୋରି କରିବା ଏବଂ ଯୌନ ଆତ୍ମସନ୍ତୁଷ୍ଟି ପାଇଁ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିଲେ। ଗତ ୧ ତାରିଖରେ ତାଙ୍କୁ ପୋଲିସ ଗିରଫ କରିଛି। ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ବେଆଇନ ଭାବେ ଘରେ ପଶିବା ଓ ଆପରାଧିକ କାର୍ଯ୍ୟ କରିବା ମାମଲାରେ ୨ କାଉଣ୍ଟ ଲେଖାଏ ଜେଲଦଣ୍ଡ ହୋଇପାରେ।

# ମଣିପୁରରେ ସାନି ହିଂସା: ୩ ମୃତ

ଇମ୍ଫାଲ,୫।୮(ପି.ଟି.)

ମଣିପୁରର ବିଷ୍ଣୁପୁର ଜିଲା ଅନ୍ତର୍ଗତ କ୍ୱାକ୍‌ତାଠାରେ ଶୁକ୍ରବାର ବିଳମ୍ବିତ ରାତିରେ ପୁଣି ହିଂସାକାଣ୍ଡ ଘଟିଛି। ଚୁରାଚାନ୍ଦପୁରରୁ ଆସିଥିବା ଆତତାୟୀମାନେ ବାପପୁଅଙ୍କ ସମେତ ୩ ଜଣଙ୍କୁ ଶୋଇଥିବା ଅବସ୍ଥାରେ ଗୁଳିକରି ହତ୍ୟା କରିବା ପରେ ଶରୀରକୁ ଖଣ୍ଡାରେ ହାଣି ଖଣ୍ଡଖଣ୍ଡ କରିଦେଇଛନ୍ତି। ମୃତକ ୩ ଜଣ ପୂର୍ବରୁ ରିଲିଫ କ୍ୟାମ୍ପରେ ରହୁଥିବାବେଳେ ଶୁକ୍ରବାର ସେମାନଙ୍କ ଘରକୁ ଫେରିଥିଲେ ବୋଲି ପୋଲିସ କହିଛି। ହତ୍ୟାକାଣ୍ଡ ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ କ୍ୱାକ୍‌ତାରେ ରୁଣ୍ଡ ହେବା ସହ ଚୁରାଚାନ୍ଦପୁର ଅଭିମୁଖେ ଯାଉଥିବାବେଳେ ସୁରକ୍ଷା ଯବାନମାନେ ସେମାନଙ୍କୁ ଅଟକାଇଥିଲେ।

ଶନିବାର ସକାଳେ କ୍ୱାକ୍‌ତା ନିକଟରେ ରାଜ୍ୟ ପୋଲିସ ଏବଂ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ପୋଲିସ କର୍ମଚାରୀଙ୍କ ସମେତ ୩ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଇମ୍ଫାଲର ରାଜ୍ ମେଡିସିଟିରେ ଭର୍ତ୍ତି କରାଯାଇଛି। ହିଂସାକାଣ୍ଡ ପରେ ସ୍ଥାନୀୟ ପ୍ରଶାସନ ଇମ୍ଫାଲର ଦୁଇ ଜିଲାରେ କର୍ଫ୍ୟୁ କୋହଳ ସମୟକୁ କମାଇଦେଇଛି। ପୂର୍ବରୁ ସକାଳ ୫ରୁ ସନ୍ଧ୍ୟା ୬ କର୍ଫ୍ୟୁ କୋହଳ କରାଯାଉଥିବାବେଳେ ଏହାକୁ ସକାଳ ୫ରୁ ୧୦ଟା ୩୦ ମଧ୍ୟରେ ସୀମିତ ରଖାଯାଇଛି।

**ମୃତକ ଶୁକ୍ରବାର ରିଲିଫ୍ କ୍ୟାମ୍ପ୍‌ରୁ ଘରକୁ ଫେରିଥିଲେ**

ମଣିପୁର ପୋଲିସ ଓ ସୁରକ୍ଷା ବଳ ଶୁକ୍ରବାର କୌଟ୍ରୁକ୍ ପାର୍ବତ୍ୟାଞ୍ଚଳରେ ମିଳିତ ଅପରେଶନ କରି ୭ଟି ବେଆଇନ ବଙ୍କର ଧ୍ୱଂସ କରିଥିଲେ। ଇତିମଧ୍ୟରେ ମଣିପୁରର ୨୭ ନିର୍ବାଚନ ମଣ୍ଡଳୀର କୋ-ଅର୍ଡିନେଟିଂ କମିଟି ପକ୍ଷରୁ ଶନିବାର ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିବାରୁ ଇମ୍ଫାଲ ଉପତ୍ୟକାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି।

ଗୁରୁବାର ମଣିପୁରର ଦୁଇଟି ସ୍ଥାନରେ ହିଂସାକାଣ୍ଡ ଘଟି ଜଣେ ପୋଲିସ କର୍ମଚାରୀ ନିହତ ହେବା ସହ ଏକ ଅସ୍ତ୍ରଭଣ୍ଡାର ଲୁଟ୍ ହୋଇଥିଲା। କୌଟ୍ରୁକ୍, ହରାଓଥେଲ ଏବଂ ସେଞ୍ଜାମ ଚିରାଙ୍ଗ ଅଞ୍ଚଳରେ ସଶସ୍ତ୍ର ଆକ୍ରମଣକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ମଣିପୁରର ବିଷ୍ଣୁପୁର ଜିଲାରେ ଉତ୍ତ୍ୟକ୍ତ ଲୋକେ ନାରନସେନାରେ ଥିବା ଭାରତୀୟ ଦ୍ୱିତୀୟ ରିଜର୍ଭ ବାଟାଲିଅନରୁ ଅସ୍ତ୍ରଶସ୍ତ୍ର ଲୁଟିନେଇଥିଲେ। ସେମାନେ ହେଇଙ୍ଗାଙ୍ଗ ଏବଂ ସିଙ୍ଗଜାମେଇ ଥାନାରୁ ଅସ୍ତ୍ର ଓ ଗୁଳିଗୋଳା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗିରହିଛି। ଏପର୍ଯ୍ୟନ୍ତ ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାର ଘରଦ୍ୱାର ଛାଡ଼ି ପଳାଇଛନ୍ତି। ହିଂସା ଦମନରେ ବିଫଳତା ପାଇଁ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ଗୃହରେ ଅଚଳାବସ୍ଥା ଦେଖାଦେଇଥିଲା। ଆଲୋଚନା ପାଇଁ ସରକାରଙ୍କୁ ବାଧ୍ୟ କରିବା ଲାଗି ବିରୋଧୀମାନେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି।




# ଆଜି ଦେଶର ୫୦୮ ରେଳ ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୫।୮ (ଅଭିଜିତ ଦାସ)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ନବୀକରଣ ପାଇଁ ରେଳ ବିଭାଗ ପକ୍ଷରୁ ଦେଶର ୧୩୦୯ ଷ୍ଟେଶନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ରେଳ ଷ୍ଟେଶନର ନବୀକରଣ କରାଯିବ। ରବିବାର ୯ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂରେ ଏକକାଳୀନ ଏସବୁ ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତେବେ ଏହି ଯୋଜନରେ ସାମିଲ ହୋଇଥିବା ପୂର୍ବତଟ ରେଳପଥର ୫୭ଟି ଷ୍ଟେଶନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଓଡିଶାର ୨୫ ଷ୍ଟେଶନର ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ପୃକ୍ତ ଷ୍ଟେଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମଞ୍ଚେଶ୍ୱର ରେଳ ଷ୍ଟେଶନ କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଧାୟକ ସୁଶାନ୍ତ ରାଉତ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ଲିଙ୍ଗରାଜ ଷ୍ଟେଶନରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମେତ ରେଳ ଅଧିକାରୀମାନେ ଯୋଗଦେବେ ବୋଲି ପୂର୍ବତଟ ରେଳ ପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଗ୍ରାନାଇଟ ଫ୍ୟାକ୍ଟ୍ରି ଉପରେ ସିବିଆଇ ଚଢ଼ାଉ

ପାରଳାଖେମୁଣ୍ଡି,୫।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଲିଙ୍ଗିପୁର ଗ୍ରାମ ନିକଟସ୍ଥ ଏସ.ଏସ. ଗ୍ରାନାଇଟ ଫ୍ୟାକ୍ଟ୍ରି ବ୍ୟାଙ୍କ ଋଣ ନେଇ ଶୁଝି ନ ଥିବାରୁ ସିବିଆଇ ଟିମ ଶନିବାର ଚଢାଉ କରିଥିବା ଜଣାପଡ଼ିଛି। ଫ୍ୟାକ୍ଟ୍ରି ମାଲିକ ପାରଳାଖେମୁଣ୍ଡି ବ୍ୟାଙ୍କ ଅଫ ବରୋଦା ଶାଖାରୁ ୫.୫କୋଟି ଟଙ୍କା ଋଣ ନେଇଥିଲେ । ବ୍ୟାଙ୍କ ତରଫରୁ ଋଣ ଶୁଝିବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ମଧ୍ୟ ଉକ୍ତ ଫ୍ୟାକ୍ଟ୍ରି ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ବ୍ୟାଙ୍କ ଋଣ ସୁଧ ସହ ପାଖାପାଖି ୭କୋଟି ଟଙ୍କା ହୋଇଥିବାରୁ ବ୍ୟାଙ୍କ ତରଫରୁ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଶନିବାର ଏକ ୫ଜଣିଆ ସିବିଆଇ ଟିମ ଫ୍ୟାକ୍ଟ୍ରିରେ ପହଞ୍ଚି ଚଢ଼ାଉ କରିଥିଲା। ଏହି ଚଢ଼ାଉ ବେଳେ ଫ୍ୟାକ୍ଟ୍ରିରେ ଜଣେ ମାତ୍ର କର୍ମଚାରୀ ଉପସ୍ଥିତ ଥିଲେ। ମାଲିକ ତଥା ପରିଚାଳକ ସୁରେନ୍ଦ୍ର ପାଲ ଫେରାର ହୋଇଯାଇଥିଲେ। ତାଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସିବିଆଇ ଡିଏସପି ଏସ. ଭଞ୍ଜ ପ୍ରକାଶ କରିଛନ୍ତି ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୫।୮ (ଅନିଲ ଦାସ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ବାଲେଶ୍ୱର ଏଡିଏମ୍ ସୁଚାରୁ କୁମାର ବଳଙ୍କୁ ନୟାଗଡ଼ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଦିଲୀପ କୁମାର ବଳଙ୍କୁ ନୟାଗଡ଼ ଏଡିଏମ୍, ମାଲକାନଗିରି ଏଡିଏମ୍ ମହେଶ୍ୱର ଚନ୍ଦ୍ର ନାଏକଙ୍କୁ ନବରଙ୍ଗପୁର ଏଡିଏମ୍, ନବରଙ୍ଗପୁର ଏଡିଏମ୍ ଧର୍ମାନନ୍ଦ ବେହେରାଙ୍କୁ ଦେବଗଡ଼ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଢେଙ୍କାନାଳ ଏଡିଏମ୍ ଉଦୟ କୁମାର ମହାପାତ୍ରଙ୍କୁ ଅନୁଗୋଳ ଏଡିଏମ୍ ଭାବେ ବଦଳି କରାଯାଇଛି। ସେହିପରି ବାରିପଦା ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ପ୍ରିୟଦର୍ଶିନୀ ମଲ୍ଲିକଙ୍କୁ ବାଲେଶ୍ୱର ଏଡିଏମ୍ ଭାବେ ବଦଳି କରାଯାଇଥିବା ବେଳେ ଭଦ୍ରକ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରାଙ୍କୁ ଢେଙ୍କାନାଳ ଏଡିଏମ୍, ଢେଙ୍କାନାଳ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତଙ୍କୁ ଭଦ୍ରକ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ବଡ଼ବିଲ ତହସିଲଦାର ଆଲୋକ କୁମାର ପଟେଲଙ୍କୁ ବରଗଡ଼ ଉପଜିଲାପାଳ ଭାବେ ବଦଳି କରାଯାଇଛି।

## ମାଓବାଦୀ ଦମନ, ବିପର୍ଯ୍ୟୟ ପରିଚାଳନା

# ରାଜ୍ୟ ସରକାରଙ୍କୁ ଶାହାଙ୍କ ପ୍ରଶଂସା

ଭୁବନେଶ୍ୱର,୫।୮ (ଅନିଲ ଦାସ)




ଲୋକସେବା ଭବନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାମାକ୍ଷନଗର-ଡୁବୁରୀ ୪ ଲେନ୍ ରାସ୍ତାର ଲୋକାର୍ପଣ କରୁଛନ୍ତି।

- କାମାକ୍ଷନଗର-ଡୁବୁରୀ ୪ ଲେନ୍ ରାସ୍ତା ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ
- ଜାତୀୟ ରାଜପଥ ସହ ଦେଶର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ: ସ୍ୱରାଷ୍ଟ୍ର ମନ୍ତ୍ରୀ
- ସହଭାଗୀ ସଂଘୀୟ ବ୍ୟବସ୍ଥା ଉପରେ ଓଡ଼ିଶା ବିଶ୍ୱାସ କରେ: ନବୀନ
- ମୋଟେର-ବ୍ୟାନର ରାସ୍ତା ସମ୍ପ୍ରସାରଣର ମଧ ଭିତ୍ତିପ୍ରସ୍ତାର ସ୍ଥାପନ
- ଚଳିତ ବର୍ଷ ରାଜ୍ୟରେ ୬୫୦୦ କି.ମି. ରାସ୍ତା, ୩୦୦ ସେତୁ ନିର୍ମାଣ ହେବ

ଓଡ଼ିଶାର ମାଓବାଦୀ ଦମନ ନୀତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ନେଇ ସ୍ୱରାଷ୍ଟ୍ର, ସମବାୟ ମନ୍ତ୍ରୀ ଅମିତ ଶାହା ରାଜ୍ୟ ସରକାରଙ୍କୁ ଭୂରିଭୂରି ପ୍ରଶଂସା କରିଛନ୍ତି । ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶାହା ଶନିବାର ଲୋକସେବା କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ୨୦୧୫ରୁ ୨୦୧୯ ମଧ୍ୟରେ ମାଓବାଦୀ ଘଟଣା ୩୦% ହ୍ରାସ ପାଇଛି। ଗୁଳି ବିନିମୟ ତଥା ଆକ୍ରମଣ ଘଟଣାରେ ୩୨ ପ୍ରତିଶତ ଓ ସୁରକ୍ଷାକର୍ମୀଙ୍କ ମୃତ୍ୟୁରେ ୫୬ ପ୍ରତିଶତ ହ୍ରାସ ଘଟିଛି । ଗତ ୯ ବର୍ଷରେ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଛି । ମାଓବାଦୀ ମୁକାବିଲାରେ ଓଡ଼ିଶା କେନ୍ଦ୍ର ସରକାରଙ୍କୁ ସର୍ବଦା ସମର୍ଥନ କରିଛି । ଏନେଇ ଶାହା ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ରାଜପଥ ସହ ଦେଶର ବିକାଶ ଓ ଭବିଷ୍ୟତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏଥିପାଇଁ କେନ୍ଦ୍ର ସରକାର ସର୍ବଦା ଜାତୀୟ ରାଜପଥ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଗତ ୯ ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ରାଜମାର୍ଗର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଛନ୍ତି । ୨୦୧୪-୧୫ରେ ପ୍ରତ୍ୟେକ ଦିନ ୧୨ କିମି ରାସ୍ତା ନିର୍ମାଣ ହେଉଥିଲା। ୨୦୨୧-୨୨ରେ ଏହା ୨୯ କିମିରେ ପହଞ୍ଚିଛି। ରାଜରାସ୍ତାର ନିର୍ମାଣ ଦ୍ୱାରା ସମଗ୍ର ଦେଶରେ ଆର୍ଥିକ ଅଭିବୃଦ୍ଧି ହେଉଛି। ଦେଶର ପୂର୍ବ ଭାଗର ବିକାଶ ନ ହେଲେ ସମ୍ପୂର୍ଣ୍ଣ ଦେଶର ବିକାଶ ସମ୍ଭବ ନୁହେଁ। ଏଥିପାଇଁ ମୋଦି ସରକାର ପୂର୍ବ ଭାରତ ଉପରେ ଅଧିକ ଫୋକସ୍ କରୁଛନ୍ତି। ପୂର୍ବ ଓ ପଶ୍ଚିମ ଭାରତକୁ ଗୋଟିଏ ସମାନ ସ୍ଥାନକୁ ଆଣିପାରିଲେ ହିଁ ବିକାଶ ସମ୍ଭବ ବୋଲି ଶାହା କହିଛନ୍ତି । ଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ୧୮ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ବିପର୍ଯ୍ୟୟ ପରିଚାଳନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଶୂନ ମୃତ୍ୟୁ ସଙ୍କଳ୍ପକୁ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ଜାତୀୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉନ୍ନତ ଜ୍ଞାନକୌଶଳ ଆପଣାଇ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି କାର୍ଯ୍ୟକାରୀ କରିବାରେ ଓଡ଼ିଶା ସଫଳ ହୋଇଛି । ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍ ମଡେଲ ପାଲଟିଛି । କେନ୍ଦ୍ର ଏବଂ ରାଜ୍ୟ ମିଶି କାମ କଲେ ବିପର୍ଯ୍ୟୟ ପରାସ୍ତ ହେଉଛି ବୋଲି ଶାହା କହିଛନ୍ତି ।

ନବୀନ ପଟ୍ଟନାୟକ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ରହିବାର ରେକର୍ଡ କରିବା ସହ ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିବା କହି ଶାହା ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ।

ମୁଖ୍ୟମନ୍ତ୍ରୀ ନିଜ ଭାଷଣ ଆରମ୍ଭ କରିବା ପୂର୍ବରୁ ଅମିତ ଶାହାଙ୍କୁ ଜଗନ୍ନାଥଙ୍କ ଭୂମିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଓଡ଼ିଶା ହେଉଛି ବିଭିନ୍ନ କ୍ଷେତ୍ରରେ ହେଉଥିବା ରୂପାନ୍ତର କାହାଣୀ । ଯୋଗାଯୋଗ ହେଉଛି ଏହାର ପ୍ରମୁଖ ମାଧ୍ୟମ। ଏହା ରାଜ୍ୟର ପ୍ରଗତି ସହ ଲୋକମାନଙ୍କୁ ସଶକ୍ତ କରିଥାଏ ବୋଲି ରାଜ୍ୟ ସରକାରଙ୍କ ବିଶ୍ୱାସ ରହିଛି। ମାଲକାନଗିରିର ଗୁରୁପ୍ରିୟା ସେତୁ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସେତୁ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେହିପରି ବିଜୁ ଏକ୍ସପ୍ରେସ୍ ୱେ ଅର୍ଥନୈତିକ କରିଡର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟ ସରକାରଙ୍କ ୨୦୦୦ ମସିହାରେ ଥିବା ପୂର୍ତ୍ତ ବିଭାଗର ୨୮୦ କୋଟି ଟଙ୍କାର ବଜେଟ ୧୫ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଚଳିତ ବର୍ଷ ରାଜ୍ୟରେ ୬୫୦୦ କିମି ରାସ୍ତା ଏବଂ ୩୦୦ ସେତୁ ନିର୍ମାଣ କରାଯିବ, ଯାହାକି ବିକାଶକୁ ତ୍ୱରାନ୍ୱିତ କରିବା ସହ ସୁଯୋଗ ସୃଷ୍ଟିକୁ ଗତିଶୀଳ କରିବ। ଗତ କିଛିବର୍ଷ ମଧ୍ୟରେ ଜୟପୁର ଏବଂ ଉତ୍କେଳାଠାରେ ୨ଟି ବିମାନ ବନ୍ଦର ନିର୍ମାଣ ଶେଷ ହୋଇଥିବା ବେଳେ ମାଲକାନଗିରିରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଓଡ଼ିଶା ସର୍ବଦା ସହଭାଗୀ ସଂଘୀୟ ବ୍ୟବସ୍ଥା ଉପରେ ବିଶ୍ୱାସ କରି ଆସିଛି। ରାଜ୍ୟର ବିକାଶ କ୍ଷେତ୍ରରେ ସହଯୋଗ ଯୋଗାଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ପୂର୍ବଭାରତ ରାଜ୍ୟଗୁଡ଼ିକର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଭିଜନ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାକୁ ବିଭିନ୍ନ ଯୋଜନାରେ ବହୁ ପରିମାଣ କେନ୍ଦ୍ରୀୟ ସହାୟତା ମିଳିପାରିଛି। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ ଗତ ୨୩ ବର୍ଷ ଧରି ରାଜ୍ୟରେ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ରାଉରକେଲା ଓ ଆମପାଣି ବିଜୁ ଏକ୍ସପ୍ରେସ ୱେ କାର୍ଯ୍ୟ ଶେଷ ହୋଇଛି। ଏହା ସମ୍ପୃକ୍ତ ଅଞ୍ଚଳ ପାଇଁ ଅର୍ଥନୈତିକ ବିକାଶ ରୂପାନ୍ତରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଏନ୍ଏଚ୍-୫୩ର କାମାକ୍ଷାନଗର-ଡୁବୁରୀ ୪ ଲେନ୍ ରାସ୍ତାକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ସେହିପରି ମୋଟେର-ବ୍ୟାନର ରାସ୍ତା ଭାୟା ଲଡୁଗାଁ ସମ୍ପ୍ରସାରଣର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ୍ଏଚ୍ଏଆଇ ସଦସ୍ୟ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୌସୁମୀ ଦୁର୍ବଳ: ୧୪ ଯାଏ ବର୍ଷା ନାହିଁ

ଭୁବନେଶ୍ୱର,୫।୮ (ଅନିଲ ଦାସ)

ଲଘୁଚାପଜନିତ ବର୍ଷା ପରେ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଦୁର୍ବଳ ହୋଇଯାଇଛି। ଏଥିଯୋଗୁ ଆସନ୍ତା ୧୪ ତାରିଖ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ନାହିଁ । କାଁ ଭାଁ କେଉଁଠି ଅସରାଏ କିମ୍ବା ଦି'ଅସରା ବର୍ଷା ହୋଇପାରେ । ନଚେତ୍ ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିବ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ୯ ତାରିଖରୁ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ୩୩.୨ ମିଲିମିଟର ବର୍ଷା ହୋଇଥିବା ବେଳେ ପାରାଦୀପ ୨୯.୭, ଝାରସୁଗୁଡ଼ା ୧୭.୪, ସମ୍ବଲପୁର ୧୨.୯ ଏବଂ ରାଉରକେଲାରେ ସର୍ବାଧିକ ୧୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଲୁହା ରଡ୍‌ରେ ପିଟି ସ୍ତ୍ରୀଙ୍କୁ ହତ୍ୟା

## ମଦ୍ୟପ ସ୍ୱାମୀଙ୍କ ନୃଶଂସକାଣ୍ଡ

ସାତମାଇଲ, ୫।୮ (ସୁଶାନ୍ତ ପତି)



ମୃତ ମିନତି

ମଦ୍ୟପ ସ୍ୱାମୀ ଘଟାଇଛନ୍ତି ନୃଶଂସ କାଣ୍ଡ। ନିଶାସକ୍ତ ଅବସ୍ଥାରେ ହିତାହିତ ଜ୍ଞାନ ହରାଇ ଲୁହା ରଡ଼ରେ ପିଟିପିଟି ହତ୍ୟା କରିଛନ୍ତି ସ୍ତ୍ରୀଙ୍କୁ। ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ଦୁଦୁରୁକୋଟ ବାଘୁଆ ସାହିରେ ଗତ ଶୁକ୍ରବାର ରାତିରେ ଘଟିଛି ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ। ମୃତକ ହେଲେ ମିନତି ସାମଲ (୩୮)। ଏଭଳି ନାରକୀୟ କାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ପ୍ରତାପ ସାମଲ (୪୨) ଫେରାର ହୋଇଯାଇଛନ୍ତି। ମୃତ ମହିଳାଙ୍କ ବାପା ଶିବରାମ ସାମଲଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୨୧୭/୨୩ରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି।

ପୋଲିସ ସୂଚନା ଅନୁଯାୟୀ, ଦୁଦୁରୁକୋଟ ବାଘୁଆ ସାହିର ଦୁଆରି ସାମଲଙ୍କ ପୁଅ ପ୍ରତାପ ପ୍ରାୟ ୧୭ ବର୍ଷ ତଳେ ରାସୋଳ ଥାନା ଭିଙ୍ଗିରା ଗ୍ରାମର ମିନତିଙ୍କୁ ବିବାହ କରିଥିଲେ। ଉଭୟଙ୍କ ୧୫ ଓ ୯ ବର୍ଷର ଦୁଇ ପୁଅ ଅଛନ୍ତି। ତେବେ ପ୍ରତାପଙ୍କ ନିଶାଖୋର ପ୍ରକୃତି ଯୋଗୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସେ ମିନତିଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଯନ୍ତ୍ରଣା ଅସହ୍ୟ ହେଲେ ମିନତି ବାପ ଘରକୁ ଚାଲି ଯାଉଥିଲେ। ପ୍ରତାପ ତାଙ୍କୁ ବୁଝାଶୁଝା କରି ଘରକୁ ନେଇ ଆସୁଥିଲେ। କିଛିଦିନ ତଳେ ମାଡ଼ଗାଳି ସହି ନ ପାରି ମିନତି ବାପ ଘରକୁ ଚାଲିଯାଇଥିବାବେଳେ ଶୁକ୍ରବାର ପ୍ରତାପ ତାଙ୍କୁ ନେଇ ଆସିଥିଲେ। ତେବେ ନିଶାର୍ଦ୍ଧରେ ମିନତିଙ୍କୁ କୌଶଳକ୍ରମେ ଘର ବାହାରକୁ ଡାକି ପ୍ରତାପ ଏକ ଲୁହା ରଡ଼ରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଚିତ୍କାର ଶୁଣି ସାନପୁଅ ଉଠି ପଡ଼ିଥିଲେ ଏବଂ ପଡ଼ୋଶୀଙ୍କ ସହାୟତାରେ ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ଶିବରାମ ଦୁଦୁରକୋଟରେ ପହଞ୍ଚିଥିଲେ। ପ୍ରତାପଙ୍କ ପରିବାର ସଦସ୍ୟ ମିଳିମିଶି ଝିଅଙ୍କୁ ହତ୍ୟା କରିଥିବା ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ହତ୍ୟାରେ ବ୍ୟବହୃତ ରକ୍ତଲଗା ଲୁହାରଡ୍ ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ଏ ନେଇ ଥାନାଧିକାରୀ ଅମିତ୍ କୁମାର ବିଶ୍ୱାଳ କୁହନ୍ତି, ହତ୍ୟା ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ଲାଗି ତନାଘନା ଜାରି ରହିଛି।

# ଆର୍‌ଆଇଙ୍କୁ ମରଣାନ୍ତକ ଆକ୍ରମଣ

- ରାସ୍ତାରେ ପଥର ଚାଲାଣ ରୋକିବାକୁ ଜଗିଥିଲେ
- ବାଇକ୍ ଭାଙ୍ଗିବା ସହ ମୋବାଇଲ ନେଇଗଲେ ପଥରଚାଲାଣକାରୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଖୁଣ୍ଟା(ଦେବରଞ୍ଜନ ବେହେରା)/ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଉୁଆଳ), ୫।୮



ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶର ଖୁଣ୍ଟା ତହସିଲ ଅଧୀନ ସୁବର୍ଣ୍ଣମଞ୍ଜରୀ ଅଞ୍ଚଳର ବଡ଼ପଥରା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ପଥର ଚାଲାଣକାରୀ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣକାରୀଙ୍କ ପଥରମାଡ଼ରେ ଆର୍‌ଆଇଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ବିଭାଗୀୟ କର୍ମଚାରୀ ତାଙ୍କୁ ନିକଟସ୍ଥ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ନେଇ ଥାନାରେ ୬ ଜଣଙ୍କ ନାମରେ ଅଭିଯୋଗ ପରେ ଖୁଣ୍ଟା ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବେଆଇନ ପଥର କାରବାର ପାଇଁ ଉକ୍ତ ଅଞ୍ଚଳର ୬ ପଞ୍ଚାୟତର ପଥର ଖାଦାନରେ ଜୁଲାଇ ୧୭ରୁ ୧୪୪ଧାରା ଜାରି ହୋଇଛି। ଏଥିସହ ସୁବର୍ଣ୍ଣମଞ୍ଜରୀ ଅଞ୍ଚଳରେ ଗତ ୧୮ତାରିଖରେ ବେଆଇନ ପଥର ବ୍ଲାଷ୍ଟିଂ ଅଭିଯୋଗରେ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଘଟଣାସ୍ଥଳରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର କମ୍ପ୍ରେସର ଓ ୨ ହିଟାଚି ମେସିନ ଜବତ କରିଥିଲା। ପୁନର୍ବାର ପଥର ବ୍ଲାଷ୍ଟିଂ ଓ ଚୋରାଚାଲାଣ ହେଉଥିବା ଖବରପାଇ ଶନିବାର ଭୋର ୫ଟା ସମୟରେ ବଡ଼ପଥରା ରାଜସ୍ୱ ନିରୀକ୍ଷକ ଦୟାନିଧି ରାଉତ ସପଞ୍ଚୁଆ ଫରେଷ୍ଟ ବିଟ୍ ନିକଟ ସପନଚୁଆ-ସୁବର୍ଣ୍ଣମଞ୍ଜରୀ ରାସ୍ତାରେ ଜଗି ରହିଥିଲେ। ଏହି ସମୟରେ ପଥର ଚାଲାଣକାରୀ ଉକ୍ତ ଥାନା ଅଧୀନ ଡୁକୁରା ଗ୍ରାମର ଅରବିନ୍ଦ କୁମାର ସାହୁ (ଦୀପୁ), କୁଶଗଡ଼ିଆ ଗ୍ରାମର ବିଜୟ କୁମାର ନାଏକ (ବିଜୁ), ଚାନ୍ଦରାୟ ସରେନ (କଙ୍କ), ସପନଚୁଆ ଗ୍ରାମର ସମୀର ହେମ୍ବ୍ରମଙ୍କ ସମେତ ୨ ଯୁବକ ୩ ବାଇକରେ ଆସି ଆର୍‌ଆଇଙ୍କୁ ପଥରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆର୍‌ଆଇଙ୍କ ମୁଣ୍ଡ ଫାଟି ଗୁରୁତର ହୋଇପଡ଼ିଥିଲେ। ଏହାର ସୁଯୋଗରେ ଆକ୍ରମଣକାରୀମାନେ ମୋବାଇଲ ଛଡ଼ାଇନେବା ସହ ବାଇକଟିକୁ ଭାଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ତହସିଲଦାର ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ବେହେରା ପହଞ୍ଚି ଆର୍‌ଆଇଙ୍କୁ ଉଦ୍ଧାରକରି ଡୁକୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଖୁଣ୍ଟା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ମାମଲା (ନଂ. ୨୩୧/୨୩)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ଜିଲା ରାଜସ୍ୱ ନିରୀକ୍ଷକ ସଂଘ ନିନ୍ଦା କରିବା ସହ ଉପଯୁକ୍ତ ତଦନ୍ତ ପୂର୍ବକ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଛି।

# ଯୁକ୍ତ୨ରେ ୧,୩୧,୬୦୩ ସିଟ୍ ଖାଲି

ଭୁବନେଶ୍ୱର, ୫।୮ (ଅସମାପିକା ସାହୁ)

ରାଜ୍ୟରେ ଚଳିତ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ(ଏକାଦଶ)ରେ ମୋଟ ୧ଲକ୍ଷ ୩୧ହଜାର ୬୦୩ଟି ସିଟ୍ ଖାଲି ପଡ଼ିଛି। ରାଜ୍ୟର ମୋଟ ୨,୧୬୭ଟି ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ଓ ଜୁନିୟର କଲେଜରେ ଥିବା ୫ଲକ୍ଷ ୯ହଜାର ୩୭୩ଟି ସିଟ୍ ମଧ୍ୟରୁ ୩ଲକ୍ଷ ୭୭ହଜାର ୭୭୦ଟି ସିଟ୍‌ରେ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଥମ ଓ ଦ୍ୱିତୀୟ ଚୟନ ପ୍ରକ୍ରିୟା ପରେ ଖାଲିଥିବା ସିଟ୍‌ଗୁଡ଼ିକୁ ପୂରଣ କରିବା ନିମନ୍ତେ ସମସ୍ତ ଆବେଦନକାରୀଙ୍କ ସହିତ ୱେଟେଜ୍ (ଏନସିସି, ସ୍କାଉଟ୍, ଗାଇଡ୍ ଓ ସ୍ପୋର୍ଟସ) ଦାବିଦାର ଛାତ୍ରୀଛାତ୍ରଙ୍କୁ ବିଚାରକୁ ନିଆଯାଇ ଏକ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ଏବେ ଜଣାପଡ଼ିଛି, ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ କିଛି ଶିକ୍ଷାନୁଷ୍ଠାନରେ ବିଭିନ୍ନ ବର୍ଗ ପାଇଁ ଧାର୍ଯ୍ୟ ଆସନର ୧୦ ପ୍ରତିଶତରୁ କମ୍ ରହିଛି।

# ଭିଜିଲାନ୍ସ ଜାଲରେ ସିଡିପିଓ

ସମ୍ବଲପୁର,୫।୮ (ଶୁଭାଶିଷ ପାଢ଼ୀ)

ଝାରସୁଗୁଡ଼ା ସହରାଞ୍ଚଳ ସିଡିପିଓ ସରୋଜିନୀ ଏକ୍କା ଶନିବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଏକ ଏସ୍ଏଚ୍‌ଜି ଗ୍ରୁପ୍ ନାମରେ ଥିବା ଛତୁଆ ବିଲ୍ ପାସ୍ କରିବାକୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ିବସିଥିଲା। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ଦୁଇଟି ଟିମ୍ ତାଙ୍କ ରାଉରକେଲା ବାସଭବନ ଓ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ ଜାରି ରଖିଛି। କେତେ ପରିମାଣ ସମ୍ପତ୍ତି ମିଳିଛି ସେ ନେଇ ଭିଜିଲାନ୍ସ ସ୍ପଷ୍ଟ ସୂଚନା ଦେଇନାହିଁ। ମିଳିଥିବା ସୂଚନା ଅନୁସାରେ ଝାରସୁଗୁଡ଼ା ସହରାଞ୍ଚଳରେ ଛତୁଆ ବଣ୍ଟନ ଦାୟିତ୍ୱ ଏସ୍ଏଚ୍‌ଜିକୁ ଦିଆଯାଇଛି। ଛତୁଆ ବଣ୍ଟନ କରିବା ପରେ ସିଡିପିଓ ଏକ୍କା ଗତ ୪ ମାସର ବିଲ୍ ପାସ୍ କରୁ ନ ଥିଲେ। ଏସ୍ଏଚ୍‌ଜି ମହିଳା କହିବା ପରେ ସେ ୪୦ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ଏହାକୁ ନେଇ ମହିଳାମାନେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଯୋଜନା ମୁତାବକ ଶନିବାର ଏସ୍ଏଚ୍‌ଜି ସଭାପତିଙ୍କଠାରୁ ସେ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁକରିଥିଲେ। ଏ ନେଇ ରାଉରକେଲା ଭିଜିଲାନ୍ସରେ ଏକ ମାମଲା (ନଂ.୧୯/୨୩) ରୁଜୁ ହୋଇଛି।

## କ୍ଷେତରୁ ସୋଲାର ପ୍ଲେଟ୍ ଚୋରି

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁର ପବିତ୍ର ଭୁଏଙ୍କ କ୍ଷେତରେ ଥିବା ସୋଲାର ପ୍ଲେଟ ଚୋରି ହୋଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବେନକେରା-ସର୍ଗିପାଲି ରାସ୍ତା ଖେଳପଡିଆ ନିକଟରେ ଥିବା ଚାଷ ଜମିରେ ଚାଷ ପାଇଁ ସୋଲାର ପମ୍ପ ଲଗା ଯାଇଛି। ସୋଲାର ପ୍ଲେଟରେ ଚାର୍ଜ କରି ପମ୍ପ ଚାଲିଥାଏ। ହେଲେ ଶନିବାର ସକାଳେ କ୍ଷେତକୁ ଗଲାବେଳେ ଲାଗିଥିବା ସମସ୍ତ ୯ଟି ସୋଲାର ପ୍ଲେଟ ନ ଥିବା ଜାଣି ଖପ୍ରାଖୋଲ ଥାନାରେ ଅଭିଯୋଗ କରିଛନ୍ତି ଚାଷୀ ପବିତ୍ର ଭୁଏ । ଏନେଇ ଖପ୍ରାଖୋଲ ଥାନାରେ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ବାଇକ୍ ଦୁର୍ଘଟଣା, ଯୁବକ ମୃତ

ଦେଓଗାଁ,୫।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ସାଗରପାଲି ପୋନ୍ନିସୁଗର ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀରର ଶଶାଙ୍କ ଶେଖର ମଟାରୀ। ବଲାଙ୍ଗୀର ଡିସିବି ବ୍ୟାଙ୍କ ପଛପଟେ ରହୁଥିବା ଶଶାଙ୍କ ଟିଟିଲାଗଡରୁ ଘରକୁ ବାଇକ ନଂ ଓଡି୦୩ ଏସ ୧୮୮୩ରେ ଫେରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଜଣେ ବ୍ୟକ୍ତିଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଏକ ଗାଡିସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ସେଠାରେ ଛିଟିକି ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଶଶାଙ୍କଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାଇକକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

## ଗଞ୍ଜେଇ ଜବତ: ଜଣେ ଗିରଫ

ନୂଆପଡ଼ା,୫।୮(ମକାରୁ ବେମାଲ)

ନୂଆପଡ଼ା ଜିଲା ଅବକାରୀ ଓ ପୋଲିସ ବିଭାଗ ମିଳିତ ଆନୁକୂଲ୍ୟରେ ଚଢ଼ାଉ କରାଯାଇ ୨୬ କିଲୋ ଗଞ୍ଜେଇ ଜବତ ହୋଇଛି। ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଶିବଭା ପଞ୍ଚାୟତ ଠାକୁର ପାଲି ଗାଁର ବଳଦେବ ସରାଫ (୩୫)। ଶନିବାର ପୂର୍ବାହ୍ନରେ ନୂଆପଡା ଅବକାରୀ ବିଭାଗ ଓ ଲଖନା ପୋଲିସ ମିଳିତ ଭାବରେ କୁରୁମପୁରୀ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ଏହି ଚଢ଼ାଉ ସମୟରେ ଇନ୍ସପେକ୍ଟର ହିରାବତି ଥାଟି, ଏସଆଇ ସଞ୍ଜୀବ ବେହେରା, ଓଆଇସି ଗୁପ୍ତେଶ୍ୱର ପଟେଲ, ଗିରେନ୍ଦ୍ର କଟା, ପୁରୋହିତ ବନଛୋର, ରିତା ଶବର, ଭଗବାନ ହଂସ, ପ୍ରମିଳା କୈବର୍ତ୍ତ, ଦିପାଞ୍ଜଳି ତିୱାରୀ, ଆଶୁତୋଷ ନାୟକ, ନୀଳ ମାଧବ ସବର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୫।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଗୁମାବାହାଲ ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ନାମ ହିତେଶ ପ୍ରଧାନୀ (୨୩) ବୋଲି ଜଣାପଡିଛି। ଶନିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ୫-ଟି ସଚିବଙ୍କୁ ବିରୋଧ କରିବ କଂଗ୍ରେସ

ଲୋଇସିଂହା, ୫।୮(ସୁଶାନ୍ତ ବାରିକ)

ଆସନ୍ତା ୭ ତାରିଖରେ ୫-ଟି ସଚିବ ଭି.କେ ପାଣ୍ଡିୟାନଙ୍କ ଲୋଇସିଂହା ଗସ୍ତ ରହିଛି। ତାଙ୍କ ଗସ୍ତକୁ ଲୋଇସିଂହା ବ୍ଲକ କଂଗ୍ରେସ ବିରୋଧ କରିବ। ଏଥିପାଇଁ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସରୋଜ ବିଶ୍ୱାଳ, ଶାନ୍ତନୁ ସିଂ, ଭାଗବତିଆ ଭୋଇ, ଶିବ କୁମାର ଅଗ୍ରୱାଲ, ସମ୍ପଦ ପୋଢ଼, ଯୁବ କଂଗ୍ରେସ ସଭାପତି ସଞ୍ଜୀବ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସଭାପତି ବେହେରା କହିଛନ୍ତି ଯେ, ୫ଟି ସଚିବଙ୍କ ଗସ୍ତକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଲାଗି ପଡିଛନ୍ତି। ସବୁଠୁ ହାସ୍ୟସ୍ପଦ କଥା ହେଲା ବିଜେଡିର କର୍ମକର୍ତ୍ତା, ବିଧାୟକ, ମନ୍ତ୍ରୀ ଆସି ଲୋଇସିଂହାରେ ଡେରା ପକାଇଛନ୍ତି। ସେହି ଦିନ ବିଭିନ୍ନ ଅଞ୍ଚଳରୁ ଲୋକଙ୍କୁ ଠୁଳାଇ ଗସ୍ତକୁ ସଫଳ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନେ ବ୍ଲକ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସହ ଜନସମ୍ପର୍କ ସ୍ଥାପନ କରି ନୂତନ ତଥା ବିଭିନ୍ନ ଯୋଜନା ଘୋଷଣା କରିବା। ହେଲେ ବର୍ତ୍ତମାନ ଜନ ପ୍ରତିନିଧି ନ୍ୟୁନ। ୫ଟି ସଚିବ ଜିଲା ଗସ୍ତ କରି ଯୋଜନା, ଅର୍ଥ ଘୋଷଣା କରୁଛନ୍ତି। ଲୋଇସିଂହା ଅଞ୍ଚଳରେ ବିଭିନ୍ନ ସମସ୍ୟା ରହିଛି । ଶୀତଳ ଭଣ୍ଡା ନାହିଁ, ବିଧାନ ସଭାରେ ଘୋଷଣା ସତ୍ତ୍ୱେ ଲୋଇସିଂହାକୁ ଏନଏସି ମାନ୍ୟତା ମିଳିଲା ନାହିଁ। ଏହା କଣ ବିଜେଡି ସରକାରର ସୁଶାସନ ବୋଲି କଂଗ୍ରେସ ପ୍ରଶ୍ନ କରିଛି।



ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ ଏବଂ ଅଧିକାରୀମାନେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆ କାର୍ଯ୍ୟ ତଦାରଖ କରୁଛନ୍ତି।



ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଅନ୍ୟମାନେ କୋଶଳ କଳା ମଣ୍ଡଳ ପଡିଆ କାର୍ଯ୍ୟ ତଦାରଖ କରୁଛନ୍ତି।

# ପ୍ରସ୍ତୁତି ତଦାରଖ କଲେ ପ୍ରଶାସକ, ଦଳୀୟ ନେତା

ବଲାଙ୍ଗୀର, ୫।୮
(ବୀରେନ୍ଦ୍ର କୁମାର ଝାଙ୍କର)

୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ଦୁଇଦିନିଆ ବଲାଙ୍ଗୀର ଗସ୍ତ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଗୋଟିଏ ପଟେ ଜିଲାପାଳ ଚଞ୍ଚଳ ରାଣା, ଏସପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ସମୁଦାୟ ଜିଲା ପ୍ରଶାସନ ୫-ଟି ସଚିବଙ୍କ ଜିଲାବ୍ୟାପୀ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି। ଅନ୍ୟପଟେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ତତ୍ତ୍ୱାବଧାନରେ ବିଜେଡିର ବରିଷ୍ଠ ନେତାମାନେ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଲାଗିଛନ୍ତି।

ରବିବାର ସକାଳ ପ୍ରାୟ ୯ଟାରେ ୫-ଟି ସଚିବ ଉଡାଜାହାଜ ଯୋଗେ ତୁଷରା ଉଡାଜାହାଜ ପଡିଆରେ ଅବତରଣ କରିବେ। ସେଠାରୁ ତୁଷରା ସମଲେଶ୍ୱରୀ ମନ୍ଦିର ପରିଦର୍ଶନରେ ଯିବେ। ଏହାପରେ ହେଲିକପ୍ଟର ଯୋଗେ ତୁଷରା ଉଡାଜାହାଜ ପଡିଆରୁ ବେଲପଡା ଅଭିମୁଖେ ଯିବେ। ପୂର୍ବାହ୍ନ ୧୦ଟାରେ ବେଲପଡା ବ୍ଲକ ପଡିଆରେ ଜନଅଭିଯୋଗ ଶୁଣାଣିରେ ଯୋଗଦେବେ। ସେଠାରୁ ଟିଟିଲାଗଡ ସିଟି ସ୍କୁଲ ପଡିଆକୁ ଯାଇ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଜନଅଭିଯୋଗ ଶୁଣାଣିରେ ଯୋଗଦେବେ। ଟିଟିଲାଗଡରେ ପ୍ରାୟ ୧ ଘଣ୍ଟାର କାର୍ଯ୍ୟକ୍ରମ ସାରି ହେଲିକପ୍ଟର ଯୋଗେ ହରିଶଙ୍କର ଅଭିମୁଖେ ଯିବେ। ସେଠାରେ ମିଶନ ଶକ୍ତି କମ୍ପ୍ଲେକ୍ସରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ଣ ୨ଟା୪୫ରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଡିଆରେ ଅବତରଣ କରିବେ। ସେଠାରେ ସେ ପ୍ରାୟ ୧ ଘଣ୍ଟା ଧରି ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ସେଠାରୁ ଦେଓଗାଁ ବ୍ଲକ୍ ଜରାସିଂହା ଯାଇ ଅପରାହ୍ଣ ୪ଟାରେ ଜନଅଭିଯୋଗ ଶୁଣାଣିରେ ଯୋଗଦେବେ। ଏହି କାର୍ଯ୍ୟକ୍ରମ ସାରିବା ପରେ ସେ ବଲାଙ୍ଗୀର ଫେରିଆସି ସ୍ଥାନୀୟ ସର୍କିଟ ହାଉସଠାରେ ରାତ୍ରିଯାପନ କରିବେ। ସୋମବାର ସକାଳ ୭ଟା ୪୦ରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରକୁ ଯାଇ ସେଠାରେ ମନ୍ଦିର ଉନ୍ନୟନ ନେଇ ଆଲୋଚନା କରିବେ। ପ୍ରାୟ ୮ଟାରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପରିଦର୍ଶନ କରିବେ। ସେଠାରୁ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଏବଂ ଭୂତଳ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନରେ ମାଗୁରବେଡା ଗସ୍ତ କରିବେ। ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ସେ ଲୋଇସିଂହା ବ୍ଲକ ଯୋଗୀସର୍ଡା ୫-ଟି ସ୍କୁଲ ପରିଦର୍ଶନରେ ଯିବେ। ସେଠାରୁ ସେ ଯୋଗୀସର୍ଡା ଶିବମନ୍ଦିର ମଧ୍ୟ ପରିଦର୍ଶନ କରି ଉନ୍ନୟନ ନେଇ ଆଲୋଚନା କରିବେ। ଯୋଗୀସର୍ଡରୁ ଲୋଇସିଂହା ପଞ୍ଚାୟତ କଲେଜ ପଡିଆକୁ ଆସି ଜନଅଭିଯୋଗ ଶୁଣାଣିରେ ଯୋଗଦେବେ। ପୂର୍ବାହ୍ନ ୧୧ଟାରେ ସେଠାରୁ ସେ ବଙ୍ଗୋମୁଣ୍ଡା ବ୍ଲକ ରାଣୀପୁର ଝରିଆଲ ମନ୍ଦିରକୁ ଯାଇ ପୂଜକଙ୍କ ସହ ଆଲୋଚନା କରିବେ। ସେଠାରୁ ମୁରିବାହାଲ ଆସି ଗୁରୁଣ୍ଡା ଖେଳ ପଡିଆରେ ଜନଅଭିଯୋଗ ଶୁଣାଣିରେ ଯୋଗଦେବେ। ସେଠାରୁ ପୁଣି ଥରେ ଦିନ ୧୨ଟା ୪୦ରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳ ପଡିଆକୁ ଆସି ମିଶନ ଶକ୍ତି ଅଫିସ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏଠାରେ କାର୍ଯ୍ୟକ୍ରମ ସାରିବା ପରେ ତୁଷରା ଉଡାଜାହାଜ ପଡିଆକୁ ଯାଇ ସେଠାରୁ ସେ ଭୁବନେଶ୍ୱର ଅଭିମୁଖେ ଫେରିବା କାର୍ଯ୍ୟକ୍ରମ ରହିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ଦାଶଙ୍କ ସହ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଗୋଲାପ ବାଗ କୋଶଳ କଳାମଣ୍ଡଳ ଓ ରାଜେନ୍ଦ୍ର ଖେଳ ପଡିଆକୁ ଯାଇ ସମସ୍ତ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଅଧିକାରୀଙ୍କ ଭିତରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ, ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ସଚିବଙ୍କ ଗସ୍ତକୁ ନେଇ ପ୍ରଶାସନ ଯେଭଳି ଭାବେ ତତ୍ପରତା ଦେଖାଉଛି ଏବଂ ଏଥିରେ ଯେଭଳି ଭାବେ ନେତାମନ୍ତ୍ରୀ ଲାଗିଛନ୍ତି ତାକୁ ନେଇ କେତେଜଣ ବିଜେଡି କାଉନସିଲର ଏବଂ ସକ୍ରିୟ ନେତା ଅସନ୍ତୋଷ ଜାହିର କରୁଥିବା ଶୁଣାଯାଉଛି। ୫-ଟି ସଚିବଙ୍କ ଗସ୍ତକୁ କାଳେ ବିରୋଧ କରିବେ ସେନେଇ ଭାଜପା ଓ କଂଗ୍ରେସ କର୍ମୀଙ୍କ ଉପରେ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ନଜର ରଖିଥିବା ଜଣାପଡିଛି।

**ଆଜି ୫-ଟି ସଚିବଙ୍କ ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତ**

- ବଡଧରଣର ପ୍ରସ୍ତୁତିକୁ ନେଇ ମିଶ୍ର ପ୍ରତିକ୍ରିୟା
- ବିରୋଧୀ ଭାଜପା, କଂଗ୍ରେସ ଉପରେ ନଜର

## ମିଳିତ ଶିକ୍ଷକ ସଂଘର ବିଇଓ ଅଫିସ ଘେରାଉ

ଖଡ଼ିଆଲ, ୫।୮(ସୁଜିତ କୁମାର ପ୍ରଧାନ)

ଖଡ଼ିଆଲ ବ୍ଲକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକମାନେ ଶନିବାର ବିଇଓ ଅଫିସ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୧୬ ତାରିଖରୁ ସାମୂହିକ ଛୁଟିରେ ଯିବାର ଚେତାବନୀ ଦିଆଯାଇଛି। ଦାବିଗୁଡିକ ହେଲା ରାଜ୍ୟ ସରକାର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା, ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀ ରେ ଗଣନା କରିବା ସହିତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡ଼ରଭୁକ୍ତ କରିବା, ଜଳ ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ମାନ୍ୟତା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ, ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ ଅନ୍ୟତମ। ଦାବି ପୂରଣ ନହେଲେ ଆସନ୍ତା ୧୧ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯିବ। ଏହାପରେ ବି ପୂରଣ ନ ହେଲେ ଆସନ୍ତା ୧୬ ତାରିଖରୁ ସାମୂହିକ ଛୁଟିରେ ଯାଇ ପ୍ରତ୍ୟେକ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି କୁହାଯାଇଛି। ଏହି ରାଲିରେ ବ୍ଲକ ସଭାପତି ଚନ୍ଦ୍ର କୈବର୍ତ୍ତ, ସମ୍ପାଦକ ଭରତ ଭୂଷଣ ଖମାରୀ, ଦେବେନ୍ଦ୍ର ପାଣ୍ଡେ, ଅରୁଣ ନାଗ, ଗଣେଶ ଦୁବେ, ଜଗନ୍ନାଥ ପ୍ରଧାନ, ଜିଲା ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ସମ୍ପାଦକ ଧନୁ ବାଗଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ।

## ପାଟଣେଶ୍ୱରୀ ମନ୍ଦିର ନିର୍ମାଣ ଦାବିରେ ଧାରଣା



ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି।

ବଲାଙ୍ଗୀର, ୫।୮
(ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣା ଇଷ୍ଟଦେବୀ ପାଟଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ମନ୍ଦିର ନିର୍ମାଣ ଦାବିରେ ଧାରଣ ଦିଆଯାଇଥିଲା। ଦୀର୍ଘଦିନ ହେଲା ବିଭିନ୍ନ ଦେବାଳୟ ମନ୍ଦିରଗୁଡିକ ବର୍ଷା ପାଣିରେ ଉବୁଟୁବୁ ହୋଇ ଅସୁରକ୍ଷିତ ହେଉଛି। ବାରମ୍ବାର ଦାବି କଲେ ମଧ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ବାଧହୋଇ ଧାରଣା ଦିଆଯାଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ପୂର୍ବାହ୍ନ ୧୦ଟାରୁ ପ୍ଲାକାର୍ଡ ଧରି ମନ୍ଦିର ସମ୍ମୁଖରେ ଆନ୍ଦୋଳନକାରୀ ଧାରଣାରେ ବସିଥିଲେ। ୫-ଟି ସଚିବ ବଲାଙ୍ଗୀର ଗସ୍ତରେ ଆସୁଥିବା ବେଳେ ପାଟଣେଶ୍ୱରୀ ମନ୍ଦିରର ପୂର୍ଣ୍ଣାଙ୍ଗ ନିର୍ମାଣ ଓ ଡିପିଆର ପଠାଇବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । ଦେବୋତ୍ତର ବିଭାଗର ଅଧିକାରୀ ଆସି ଦେବାଳୟ ସୁରକ୍ଷା କମିଟି ର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରଖାଯାଇଥିବା କହିଛନ୍ତି। ଏହି ଧାରଣାରେ ନାଗରିକ କମିଟିର ମନରଞ୍ଜନ ପୁରୋହିତ, ସୂଚନା ଅଧିକାର କର୍ମୀ ଶମ୍ଭୁ ପ୍ରସାଦ ଶତପଥୀ, ପ୍ରଗତିଶୀଳ ପଣ୍ଡରା ଯୁବ ସମାଜ ସଭାପତି ରଘୁରାଜ ସିଂ ସେନାପତି, ଆଇନଜୀବୀ ସଞ୍ଜୟ ପଟେଲ, ମଧୁସୂଦନ ନାଏକ, ସୁଦର୍ଶନ ସାହୁ, କର୍ତ୍ତବ୍ୟ ଫାଉଣ୍ଡେସନ କାହ୍ନା ଶତପଥି, ବଜରଙ୍ଗ ଦଳର ଅନ୍ତର୍ଯ୍ୟାମୀ କରନ, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ସ୍ୱାଭିମାନ ପରିବାର ସଭାପତି ରମ୍ୟରଞ୍ଜନ ସାହୁ, ଜୟକୃଷ୍ଣ ମିଶ୍ର, ସୁରେନ୍ଦ୍ର ମିଶ୍ର, ଦେବାଳୟ ସୁରକ୍ଷା କମିଟିର ଆବାହକ ପ୍ରଶାନ୍ତ ମହାକୁର ସାମିଲ ଥିଲେ ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଲୋଇସିଂହା, ୫।୮(ସୁଶାନ୍ତ ବାରିକ)

ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଓ ଆଗଲପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ମିଳିତ ଆନୁକୂଲ୍ୟରେ ନୁନିଆଁପାଲି, ଖଲିଆପାଲି, ପାଣ୍ଡେସରା ଓ ମନୁପାଲିସ୍ଥିତ ଶୀକ୍ଷେତ୍ର ନଗରରେ ବିଶ୍ୱସ୍ତନ୍ୟ ପାନ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମା' କ୍ଷୀରରେ ରହିଥିବା ପୋଷଣତତ୍ତ୍ୱ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ଗ୍ରାମର ଗର୍ଭବତୀ, ପ୍ରସୂତି, କିଶୋରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜନ ସଚେତନତା ଉଦ୍ଦେଶ୍ୟରେ ଗ୍ରାମରେ ଏକ ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା । ପାଠାଗାରର ଗୋବିନ୍ଦ ବିଶି, ପିଣ୍ଟୁ ପଧାନ, ଅଙ୍ଗନୱାଡି କର୍ମୀ ପୁଷ୍ପାଞ୍ଜଳି ପଧାନ, ଦଶମୀ ତାଣ୍ଡି, ଗୋପେଶ୍ୱରୀ ପଧାନ, ଭାର୍ଗବୀ ସାହୁ, ତିଲୋତ୍ତମା ବାଗ, ଆଶାକର୍ମୀ ଯଶୋଦା ବୁଢ଼ିଆ, ଭାନୁମତି ସାହୁ, ପୁଷ୍ପା ସେଠ, ତପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ପୌର ପରିଷଦ ପକ୍ଷରୁ ଦାବିପତ୍ର

ବଲାଙ୍ଗୀର, ୫।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବିଜାଖମନଠାରେ ନିର୍ମାଣାଧିନ ଅଡିଟୋରିୟମକୁ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝି ମାନ୍ଧାତାଙ୍କ ନାମରେ ନାମିତ କର। ବଲାଙ୍ଗର ପୌରାଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ପୌର ପରିଷଦର ସମସ୍ତ କାଉନସିଲର ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କୁ ପ୍ରଦାନ କରିଛନ୍ତି। ଏହା ସହିତ ବଲାଙ୍ଗୀର ସହର ଭାଗରଥି ଛକରୁ ଆଠଗାଁ ରାସ୍ତାକୁ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝି ମାନ୍ଧାତାଙ୍କ ନାମରେ ନାମିତ କରାଯିବା ସହ ଭାଗରଥି ଛକ ଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି ଜଣାଇଛନ୍ତି। ଏହା ସହିତ ଭୀମ ପାହାଡ ଓ ତାଙ୍କ ଜନ୍ମସ୍ଥାନ ଆଠଗାଁର ଐତିହାସିକ ସ୍ଥାନର ଉନ୍ନତିକରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, କିଶୋର କୁମ୍ଭାର, ସରିତା ଦାସ, ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, ମହେନ୍ଦ୍ର ବାଗ, ପିଙ୍କି କବାଟ, ନନ୍ଦିନୀ ପୋଢ, ପ୍ରେମଲତା ନାଏକ, ସସ୍ମିତା ନନ୍ଦ, ସଞ୍ଜୁଲତା ଦନ୍ତା, ସନ୍ତୋଷିନୀ କୁଁଅର, ପ୍ରତିମା ଛତ୍ରିଆ, ଗଙ୍ଗାଧର ଚାନ୍ଦ ଉପସ୍ଥିତ ଥିଲେ ।



ପୌରାଧ୍ୟକ୍ଷା ଲିକା ସାହୁଙ୍କ ସହ ଅନ୍ୟମାନେ ଏଡିଏମ୍ ଲମ୍ବୋଦର ଧରୁଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।

# ବିଭିନ୍ନ ସ୍ଥାନରେ ଶିକ୍ଷକଙ୍କ ଶୋଭାଯାତ୍ରା, ଦାବିପତ୍ର

ଲାଞ୍ଜିଗଡ଼/କେସିଙ୍ଗା/କୋକସରା/କର୍ଲାମୁଣ୍ଡା,୫।୮(ରମେଶ ଚନ୍ଦ୍ର ନାୟକ/ତୁମେଶ୍ୱର ସାହୁ/ ଦୁଷ୍ମନ୍ତ ପାଟଯୋଶୀ/ ପ୍ରଦୀପ ସାହୁ)

କଳାହାଣ୍ଡି ଜିଲାରେ ବିଭିନ୍ନ ସ୍ଥାନରେ ଶିକ୍ଷକମାନେ ଶୋଭାଯାତ୍ରା କରିବା ସହ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଲାଞ୍ଜିଗଡ଼ ବ୍ଲକର ସମସ୍ତ ବର୍ଗର ଶିକ୍ଷକମାନଙ୍କ ପକ୍ଷରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ (ଏୟୁପିଟିଏଫ)ର ଆହ୍ୱାନ କ୍ରମେ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ ଓ ଦ୍ରୋଣ ରଣା ଦାବିପତ୍ର ଗ୍ରହଣ କରିଥିଲେ। ୧୬ ଅଗଷ୍ଟ ପୂର୍ବରୁ ସରକାର ଶିକ୍ଷକଙ୍କ ନ୍ୟାଯ୍ୟ ଦାବି ବିଷୟରେ କିଛି ପଦକ୍ଷେପ ନ ନେଲେ ସେଦିନଠାରୁ ସାମୂହିକ ଛୁଟି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଲାଞ୍ଜିଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ)ର ସଭାପତି ଦୁଃଶାସନ ଦାଶ, ଉପସଭାପତି ଏମ.ଏସ. ଶେଖର, ଉପସଭାନେତ୍ରୀ ମିନତୀ ରାଉତ, ସମ୍ପାଦକ ପ୍ରମୋଦ କୁମାର ମହାନ୍ତି, ଜିଲା କୋଷାଧ୍ୟକ୍ଷ ଶିବପ୍ରସାଦ ଦାଶ, ବ୍ଲକ ସଂଯୋଜକ ତପନ କୁମାର ଭୋଇ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଚନ୍ଦନ ସାହୁ, ରତ୍ନାକର ଦୋରା, ସୌଭାଗ୍ୟ ରଞ୍ଜନ ସାହୁ, ମାନସ ବିଶି, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିନ୍ତାମଣି ବିଶ୍ୱାଳ, ମହେଶର ନାଏକ, ଲକ୍ଷ୍ମଣ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ମଣ୍ଡଳୀ ସଦସ୍ୟ ପ୍ରବୀଣ କୁମାର ତାଣ୍ଡି, ପ୍ରକାଶ ଚନ୍ଦ୍ର ପଧାନ, ଭବାନୀଶଙ୍କର ବାରିକ, ମୋନାଲିସା ଜେନା, କାଦମ୍ବିନୀ ମହାପାତ୍ର, ମୀନକେତନ ତାଣ୍ଡି, ରତିକାନ୍ତ ସେଠୀ, ବହୁଭାଷୀ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଜଳନ୍ଧର ମାଝୀଙ୍କ ସମେତ ଲାଞ୍ଜିଗଡ଼ ବ୍ଲକର ତିନିଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ସେହିପରି କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରା, ଜିଲା ଉପସଭାପତି ସୁବାସ ପୁରୋହିତଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି। କେସିଙ୍ଗା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତିପୂର୍ଣ୍ଣ ଭାବେ ଏକ ବିରାଟ ପଦଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେହିପରି କୋକସରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ କୋକସରା କଲେଜ ଛକରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ବାହାରି ନାରାବାଜି କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବି ସମ୍ପର୍କିତ ପ୍ରତିକ୍ରିୟା ରଖିଥିଲେ। ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁରିଶ୍ରବା ଜାଲ, ଉପ ସଭାପତି ବିରକିଶୋର ନାଗ, ଉପସଭାନେତ୍ରୀ କୌଶଲ୍ୟା ନାଏକ, ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ବାଗ, ରାଜ୍ୟ ଉପଦେଷ୍ଟା ସଦସ୍ୟ ସତ୍ୟବାନ ପାଣିଗ୍ରାହୀ, ଗୋଷ୍ଠୀ ସଂଯୋଜକ ଅଜିତ କୁମାର ସାହୁ, ଲିଙ୍ଗରାଜ ନାଏକ, ଭୁଜରାଜ ମାଝୀ, ବୈକୁଣ୍ଠ ଜାଲ, ସୁମନ ଅର୍ପିତ ପଣ୍ଡା, ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ପାଢ଼ୀ, ଦୁର୍ଲଭ ଚନ୍ଦ୍ର ପୁଝାରି, ଚନ୍ଦ୍ର ମୋହନ ପୁଝାରି, ଦୟାନିଧି ହଂସ, ଜନ୍ମେଜୟ ପ୍ରଧାନୀ, ମଦନ ଲାଲ ନାଏକ, ଚନ୍ଦ୍ରଭାନୁ ସୁନା, ଭୁଜରାଜ ଦୁର୍ଗା, ଶିକ୍ଷୟିତ୍ରୀ ଜୟଶ୍ରୀ ଠାକୁର, ନମ୍ରତା ପ୍ରଧାନୀ, ବ୍ୟାପ୍ତି ନାଏକ, ବନଜିନି ଭରଦ୍ୱାଜ, ଗୀତାଞ୍ଜଳି ପଣ୍ଡା, ଅନୁ ମଞ୍ଜରୀ ଦେବତା ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ରିଂଜା ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।




ଲାଞ୍ଜିଗଡ଼ରେ ଶିକ୍ଷକ ଶୋଭାଯାତ୍ରା।

## କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପଦ୍ମପୁର(ପ୍ରଦୀପ୍ତ ଦାଶ): ପଦ୍ମପୁର ବଡ଼ପଡ଼ାରେ ନୂଆପଡ଼ା କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଏବଂ ଏନଏସି ଅଧ୍ୟକ୍ଷା ସାବିତ୍ରୀ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ସମ୍ବଲପୁର, ରାଉରକେଲା, ତାଲମୁଣ୍ଡା, ଝାରସୁଗୁଡ଼ା ଆଦି ଅଞ୍ଚଳର ୪୦ ଦଳ ଭାଗ ନେଇଛନ୍ତି। ବିଜେଡ଼ି ଜୋନ ସମ୍ପାଦକ ହରିଶଙ୍କର ଅଗ୍ରୱାଲ, କାଉନସିଲର କବିତା ସେଠ, ଜିଲା ସମ୍ପାଦକ ଭରତ ପଣ୍ଡା ଉପସ୍ଥିତ ଥିଲେ। ସରଜୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବରଗଡ଼ ମହିଳା କଲେଜର ନୂଆ ପରିଚୟ
#### ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ

ବରଗଡ଼,୫।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ରହିଥିବା ମହିଳା କଲେଜକୁ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ନାମରେ ନାମିତ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୩୦୦୧, ତା-୫।୮।୨୦୨୩ରିଖରେ ଏହା ଉଲ୍ଲେଖ ରହିଛି। ଉକ୍ତ କଲେଜ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଭାବେ ନୂଆ ପରିଚୟ ପାଇଛି। ଉକ୍ତ କଲେଜକୁ ପାର୍ବତୀ ଗିରିଙ୍କ ନାମରେ ନାମିତ କରିବା ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘବର୍ଷର ଦାବି ଥିଲା। ବରଗଡ଼ ସାମ୍ବାଦିକ ସଂଘ ପ୍ରଥମେ ରାଜ୍ୟ ସରକାରଙ୍କଠାରେ ଏହି ଦାବି ଉପସ୍ଥାପନ କରିଥିଲା। ପରବର୍ତ୍ତୀ ସମୟରେ ଅନ୍ୟ କିଛି ସଙ୍ଗଠନ ସେହି ଦାବିକୁ ଦୋହରାଇଥିଲେ। ବରଗଡ଼ ସାମ୍ବାଦିକ ସଂଘର ପୂର୍ବତନ ସମ୍ପାଦକ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ ସର୍ବପ୍ରଥମେ ସେହି ପ୍ରସ୍ତାବ ଦେଇଥିବାବେଳେ ତାଙ୍କ ଅବର୍ତ୍ତନରେ ଆଜି ଦୀର୍ଘଦିନର ସ୍ୱପ୍ନ ସାକାର ହୋଇପାରିଛି। ଫଳରେ ଏବେ ସୋସିଆଲ ମିଡ଼ିଆରେ ବହୁଲୋକ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରୁଥିବା ପରିଲକ୍ଷିତ ହୋଇଛି।

### ପାନୀୟ ଜଳଯୋଗାଣ ପ୍ରକଳ୍ପ ଅଚଳ
#### ଦୂଷିତ ପାଣି ପିଉଛନ୍ତି ଗ୍ରାମବାସୀ

ଭେଡେନ, ୫।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଉଦେପୁର ଗ୍ରାମକୁ ଗତ ୪ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଏହାକୁ ସଜାଡ଼ିବା ପାଇଁ ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଗ୍ରାମରେ ଥିବା ନଳକୂଅଗୁଡ଼ିକରେ ଖର ଜଳ ବାହାରୁଥିବାରୁ ଏହା ବ୍ୟବହାର ଅନୁପଯୋଗୀ ହୋଇଛି। ଏହି ପାଣିରେ ରୋଷେଇ କଲେ ପନିପରିବା ଏବଂ ଡାଲି ସିଝୁ ନ ଥିବାବେଳେ ଭାତ ନାଲି ହୋଇଯାଉଛି। ବାଧ୍ୟ ହୋଇ ଲୋକେ ଖୋଲା କୂଅ, ପୋଖରୀର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଗ୍ରାମବାସୀ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ବର୍ଷାଦିନେ ଦେଖା ଦେଉଥିବା ବିଭିନ୍ନ ପ୍ରକାର ଜଳବାହିତ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାର ଲୋକଙ୍କୁ ସଚେତନ କରୁଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣାରେ ହାଲୋଜେନ ବଟିକା ଯୋଗାଇ ଦେବା ସହ ଖୋଲାକୂଅ ଗୁଡ଼ିକରେ ବ୍ଲିଚିଂ ପକାଇବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଏ ସମ୍ପର୍କରେ ଦେଶଭଟଲି ସରପଞ୍ଚ ତୋଷବନ୍ତ ସାହୁଙ୍କୁ ପଚାରିବାରୁ ସେ କହିଲେ, ମହାନଦୀ ତଟରେ ଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପର ପମ୍ପଘର ଛାତରୁ ପାଣି ଗଳୁଥିବାରୁ ପମ୍ପ ଷ୍ଟାଟର ପୋଡ଼ି ଯାଇଛି। ଖୁବଶୀଘ୍ର ଏହାକୁ ମରାମତି କରି ସଚଳ କରାଯିବା ସହିତ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସାହୁ କହିଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ସାମୂହିକ ଛୁଟି ଚେତାବନୀ

ପଦ୍ମପୁର,୫।୮(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଶିକ୍ଷାଭବନରେ ଶନିବାର ଅଲ୍ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜବୋଡ଼ାସମ୍ବର ବ୍ଲକ ସଭାପତି ରଘୁନାଥ ପୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଦାବି ସମୂହ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ୧୫ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଏହାର ପ୍ରତିବାଦରେ ସଂଘ ସମୂହ ଛୁଟି ନେଇ ବ୍ଲକ ଅଫିସ ଆଗରେ ଧାରଣାରେ ବସିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ୧୨କ୍ଲଷ୍ଟରର ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। କୋଷାଧ୍ୟକ୍ଷ ବୀରକିଶୋର ସାହୁ, ଉପସଭାପତି ସରୋଜ ପ୍ରସାଦ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ରତ୍ନାକର ଶତପଥୀ, ତପନ ରଣା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୭ତାରିଖରେ ମୁଖ୍ୟମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଂଘର ସମ୍ପାଦକ ରୂପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଲଗାଣ ବର୍ଷାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ଲୁହୁରାକୋଟ ଗ୍ରାମ ପରିଦର୍ଶନରେ ଶନିବାର ପଦ୍ମପୁର ବିଧାୟିକା ଓ ଉପଜିଲାପାଳ ଡଙ୍ଗା ଯୋଗେ ଯାଉଛନ୍ତି।

## ଡଙ୍ଗାରେ ଯାଇ ବିଚ୍ଛିନ୍ନାଞ୍ଚଳ ପରିଦର୍ଶନ

ପଦ୍ମପୁର,୫।୮(ପ୍ରଦୀପ୍ତ ଦାଶ)

ଲଗାଣ ବର୍ଷା ଯୋଗୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ପାଇକମାଲ ବ୍ଲକ ଚର୍ଦାପାଲି ପଞ୍ଚାୟତର ଲୁହୁରାକୋଟ ଗ୍ରାମକୁ ଶନିବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ଉପଜିଲାପାଳ ସଦାକର କୁମ୍ଭାର ପରିଦର୍ଶନରେ ଯାଇଥିଲେ। ଡଙ୍ଗା ସାହାଯ୍ୟରେ ଅଙ୍ଗ ନଦୀ ଅତିକ୍ରମ କରି ସେମାନେ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥିତି ପରଖିବା ପରେ ଲୋକଙ୍କ ଯାତାୟାତ ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିବାକୁ ବିଧାୟିକା ବରିହା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯିବ ବୋଲି ଉପଜିଲାପାଳ କୁମ୍ଭାର କହିଛନ୍ତି। ପ୍ରକାଶଥାଉକି, ଅଙ୍ଗ ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣାଧୀନ ରହିଛି। ଅନ୍ୟପଟେ ଲୋକଙ୍କ ଯାତାୟାତ ପାଇଁ ଏକ ଅସ୍ଥାୟୀ ପୋଲ ରହିଥିଲା। ଗତ ଲଗାଣ ବର୍ଷାରେ ସେହି ଅସ୍ଥାୟୀ ପୋଲ ଧୋଇଯିବାରୁ ଲୁହୁରାକୋଟ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ।

## ୧୫ଦଫା ଦାବିରେ ସ୍ମାରକପତ୍ର

ବରଗଡ଼,୫।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କଂଗ୍ରେସ କୃଷି ଏବଂ କୃଷକଙ୍କ ସମସ୍ୟା ନେଇ ଶନିବାର ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଏହି କ୍ରମରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୧୫ଦଫା ଦାବି କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତ ଖରିଫ୍ ଚାଷକାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଯେଉଁ ଚାଷୀମାନେ ବିହନ ବୁଣିଥିଲେ ଗତ ଲଗାଣବର୍ଷାରେ ନଷ୍ଟ ହୋଇଯାଇଛି। ଏବେ ସୁଦ୍ଧା ଜିଲାରେ ବିହନ ଅଭାବ ରହିଛି। ଫଳରେ ଆବଶ୍ୟକତା ଅନୁଯାୟୀ ୭୫ପ୍ରତିଶତ ରିହାତିରେ ଜିଲାର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଉନ୍ନତ ବିହନ




କଂଗ୍ରେସ ପ୍ରତିନିଧି ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଯୋଗାଇ ଦେବାକୁ ଦାବି ହୋଇଛି। ଜିଲାରେ ଚାଲିଥିବା ସାର କଳାବଜାର ରୋକାଯାଇ ଠିକଣା ସମୟରେ ଏବଂ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କୁ ସାର ଯୋଗାଇ ଦେବା ପାଇଁ କଂଗ୍ରେସ ଦାବି କରିଛି। ଫସଲବୀମା ପଞ୍ଜୀକରଣ ସମୟସୀମା ଅଗଷ୍ଟ ୧୫କୁ ବୃଦ୍ଧି, ପ୍ରତି ପଞ୍ଚାୟତ ବଦଳରେ ରାଜସ୍ୱ ଗ୍ରାମଗୁଡ଼ିକୁ ଏକକ ଫସଲବୀମା ୟୁନିଟ୍ ଭାବେ ଗ୍ରହଣ କରାଯିବା, ପ୍ରଚଳିତ ରିଲିଫ୍ କୋଡ୍‌ର ସଂଶୋଧନ, ଚାଷକାର୍ଯ୍ୟରେ ମାଗଣା ବିଜୁଳି ଯୋଗାଣ, ବିଜୁଳି ନ ଥିବା ସ୍ଥାନରେ ସୋଲାର ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଚାଷକାର୍ଯ୍ୟ ପାଇଁ ଜଳସେଚନକୁ ସୁନିଶ୍ଚିତ କରିବା, ଅଙ୍ଗନଦୀ, ଜିରା ନଦୀ ଉଠାଜଳସେଚନ ପଏଣ୍ଟ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଭାଗଚାଷୀଙ୍କୁ ଠିକ୍ ଭାବେ ଚିହ୍ନଟ କରାଯାଇ ସେମାନଙ୍କୁ ବିଭିନ୍ନ ରିହାତି ସହାୟତା ଓ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର, ପ୍ରତି ପଞ୍ଚାୟତରେ ଗୋଦାମ ଘର ନିର୍ମାଣ, ଜିଲାସ୍ତରରେ ପୂର୍ବଭଳି ଧାନ ସଂଗ୍ରହ କମିଟି ଗଠନ ଏବଂ ଆବଶ୍ୟକ ସଂଖ୍ୟକ ମଣ୍ଡି ସ୍ଥାପନ ପାଇଁ ଦାବି ହୋଇଛି। ଜିଲାର ସମସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତି ସପ୍ତାହରେ ପ୍ରତ୍ୟେକ ପଞ୍ଚାୟତରେ କୃଷି କର୍ମଚାରୀଙ୍କୁ ନେଇ ଚାଷ ସମ୍ପର୍କୀତ ଅଭିଯୋଗ ଶୁଣାଣି ଏବଂ ଅଙ୍ଗ ନଦୀରେ ସ୍ଥାୟୀ ବନ୍ଧ ନିର୍ମାଣ କରିବାକୁ କଂଗ୍ରେସ ସ୍ମାରକପତ୍ରରେ ଦାବି କରିଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ଗୁଣମଣି ସାହୁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଦଳୀୟ ନେତା ପ୍ରଦୀପ ଦେବତା, ହରଦୀପ ସିଂ, ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼ାବାନ୍ତିରେ ଜଣେ ମୃତ, ୪୦ ଅସୁସ୍ଥ

ଅମ୍ବାଭୋନା,୫।୮(ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭଏନାତୋରା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଗତ ୧୦ଦିନ ହେଲା ଏଠାରେ ଝାଡ଼ାବାନ୍ତି ଅସୁସ୍ଥଙ୍କ ସଂଖ୍ୟା ବଢ଼ି ଚାଲିଛି। ଶନିବାର ଏଥିରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖିଖାଉ ପାପ(୫୦)। ସେହିପରି କୀର୍ତ୍ତିଚନ୍ଦ୍ର ଦେହେରୀ(୬୦) ବୁର୍ଲା ଡାକ୍ତରଖାନା ଏବଂ ଶାନ୍ତି ସାହୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ଟେମରାମ ଦେହେରୀଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଭଏନାତୋରା ରାଜୀବ ଭବନଠାରେ ଅସ୍ଥାୟୀ ଚିକିତ୍ସା କ୍ୟାମ୍ପ ଖୋଲାଯାଇ ରୋଗୀଙ୍କ ଚିକିତ୍ସା ଚାଲିଛି। ଏଏନ୍‌ଏମ କର୍ମୀ, ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଉକ୍ତ ଗ୍ରାମରେ ଏପର୍ଯ୍ୟନ୍ତ ୪୦ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଭଏନାତୋରା ଗ୍ରାମରେ ବ୍ୟାପିଥିବା ଝାଡ଼ାବାନ୍ତି ଉପରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ପ୍ରତିଷେଧମୂଳକ ପଦକ୍ଷେପ ନେଉଛି ବୋଲି ମେଡ଼ିକାଲ ଅଫିସର ଡା. ଦେହେରୀ ପ୍ରକାଶ କରିଛନ୍ତି।

## ସ୍କୁଲ କ୍ୟାବିନେଟ୍ ଶୁଣିଲା ଛାତ୍ରୀଛାତ୍ରଙ୍କ ଅଭିଯୋଗ




ବୈତାଳି ସ୍କୁଲ କ୍ୟାବିନେଟର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ।

ବରଗଡ଼, ୫।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ନିଆରା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟ କ୍ୟାବିନେଟ୍‌ର ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ କ୍ୟାବିନେଟ ମନ୍ତ୍ରୀ ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ଶୁଣିବା ସହ ସେଗୁଡିକ କିଭଳି ସମାଧାନ ହେଇପାରିବ ପ୍ରଚେଷ୍ଟା କରିଥିଲେ।

ଉକ୍ତ ବିଦ୍ୟାଳୟରେ ପ୍ରତି ଶନିବାର ବାଳ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଶନିବାର ବିଦ୍ୟାଳୟ କ୍ୟାବିନେଟ୍‌ର ମୁଖ୍ୟମନ୍ତ୍ରୀ ନିଳିମା ସାହୁଙ୍କ ତତ୍ତ୍ୱାବଧାନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ସମସ୍ୟା ଗୁଡିକୁ ଲିଖିତ ଭାବେ ଜଣାଇବା ପାଇଁ ସୂଚନା ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ନିଜେ ଅନୁଭବ କରୁଥିବା ସମସ୍ୟାଗୁଡ଼ିକୁ ସାଦା କାଗଜରେ ଲେଖି ବିଦ୍ୟାଳୟ କ୍ୟାବିନେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଯେଉଁ ସମସ୍ୟାଗୁଡିକ ନିଜ ବିଭାଗରେ ଅଛି, ତାକୁ ସମାଧାନ କରିବାର ପ୍ରତିଶ୍ରୁତି ଦେବା ସହ ଅନ୍ୟ ବିଭାଗୀୟ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ହସ୍ତାନ୍ତର କରୁଥିଲେ। ବିଭିନ୍ନ କ୍ୟାବିନେଟ ମନ୍ତ୍ରୀମାନେ ନିଜ ନିଜ ବିଭାଗର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରଧାନ ଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଅନ୍ୟାନ୍ୟ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଯିବ ବୋଲି ଉତ୍ତର ରଖିଥିଲେ। ବିଦ୍ୟାଳୟ କ୍ୟାବିନେଟର ଶିଶୁ ଖବରଦାତା ନରସିଂହ ବରିହା ଅଭିଯୋଗକାରୀଙ୍କୁ ନିମନ୍ତ୍ରିତ କରିବା ସହ ସମସ୍ତଙ୍କ ଅଭିଯୋଗକୁ ପଢିଥିଲେ। ସିଆରସିସି ଦିବସ କୁମାର ସାହୁଙ୍କ ପ୍ରସ୍ତାବ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାଗ, ସହକାରୀ ଶିକ୍ଷକ ଜଗନ୍ନାଥ ପ୍ରଧାନ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପ୍ରଧାନ ସହଯୋଗ କରିଥିଲେ।

## ୩ ପୋଲିସ ଇନ୍ସପେକ୍ଟରଙ୍କ ବଦଳି

ବରଗଡ଼,୫।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରୁ ୩ ପୋଲିସ ଇନ୍ସପେକ୍ଟରଙ୍କ ଜିଲା ବାହାରକୁ ବଦଳି ହୋଇଛି। ଜିଲାର ମେଲଛାମୁଣ୍ଡା ଥାନାଧିକାରୀ ସଙ୍ଗୀତା ମହାପାତ୍ରଙ୍କୁ ଅନୁଗୁଳ ଜିଲାକୁ ବଦଳି ହୋଇଛି। ସେହିପରି ଜଗଦଲପୁର ଥାନାଧିକାରୀ ସୁଷମା କୁଅଁରଙ୍କୁ କୋରାପୁଟ ଜିଲାକୁ ବଦଳି ହୋଇଥିବାବେଳେ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ବୀରବର ଭଗତଙ୍କୁ ବୌଦ୍ଧ ଜିଲାକୁ ବଦଳି ହୋଇଛି। ଅନ୍ୟପଟେ ଗଞ୍ଜାମ ଜିଲାରେ କାର୍ଯ୍ୟରତ ପୋଲିସ ଇନ୍ସପେକ୍ଟର ଶର୍ମିଷ୍ଠା ପ୍ରଧାନ, ରାଉରକେଲାରେ କାର୍ଯ୍ୟରତ ପୋଲିସ ଇନ୍ସପେକ୍ଟର ଦେବଯାନୀ ନାଏକ ଏବଂ ବୌଦ୍ଧ ଜିଲାରେ କାର୍ଯ୍ୟରତ ପୋଲିସ ଇନ୍ସପେକ୍ଟର ସୁବାସ ରାୟଗୁରୁଙ୍କୁ ବରଗଡ଼ ଜିଲାକୁ ବଦଳି ହୋଇଥିବା ସୂଚନା ମିଳିଛି।

## ବିଧାୟକଙ୍କୁ ଭେଟିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା



ବରଗଡ଼ ବିଧାୟକଙ୍କ ସହିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା।

ବରଗଡ଼, ୫।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶୀଳା ଭୋଇ ଶନିବାର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଜିଲାରେ ଆଦିବାସୀଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ସମ୍ବନ୍ଧରେ ସେ ଆଲୋଚନା କରିଥିଲେ। ଏଥିସହିତ ଆଗାମୀ ଦିନରେ ଆଦିବାସୀମାନେ କିପରି ସରକାରୀ ସ୍ତରରେ ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମନୋନିତ କରିଥିବାରୁ କୃତଜ୍ଞତା ଜଣାଇଥିଲେ।

## ଏନ୍‌ପିଏସ୍ ଶିକ୍ଷକ ସଂଘ ବୈଠକ

ପାଇକମାଲ,୫।୮(ବଡ ଶତପଥି)

ବରଗଡ ଜିଲା ପାଇକମାଲ ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଙ୍ଗଠନର ଏକ ବୈଠକ ମଲଦା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ନିରାକାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ କ୍ଲଷ୍ଟର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ଜିଲା ସଭାପତି ଡୋଳାମଣି ମାହାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଶିକ୍ଷକ ଆନ୍ଦୋଳନକୁ ଜୋରଦାର କରାଯିବା ସହ ପାଇକମାଲ ବିଇଓଙ୍କ ଜରିଆରେ ୩ ଦଫା ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ ସମ୍ପାଦକ ଚକ୍ରଧର ଅଜଗର, ଉପସଭାପତି ବୈଷ୍ଣବ ପଣ୍ଡା, ରୁଦ୍ର ସାହୁ, ମୀନକେତନ ବରିହା, ଶିବ କୁମ୍ଭାର, ମାଧବ ସାହୁ, ବଜରଙ୍ଗ ବାରିକ, କେଦାର ନାଥ ସାହୁ, ନର ହରିଜନ, ଯୁଧିଷ୍ଠିର ମରହୀ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ କୋଷାଧ୍ୟକ୍ଷ ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାଗଣ।

## ପୁସ୍ତକ ପଠନ ବ୍ୟକ୍ତିତ୍ୱ ବଦଳାଇବାରେ ସହାୟକ ହୁଏ

ବରଗଡ଼, ୫।୮(ପ୍ରେମାନନ୍ଦ ଖମାରୀ)

ପୁସ୍ତକ ମଣିଷର ପ୍ରକୃତ ବନ୍ଧୁ। ବିପଦ ସମୟରେ ଯେପରି ବନ୍ଧୁଟିଏ ସାହା ହୋଇଥାଏ, ସେହିପରି ପୁସ୍ତକ ହିଁ ମଣିଷର ସାଥୀ ସାଜିଥାଏ। ନିୟମିତ ପୁସ୍ତକ ପଠନ ଅଭ୍ୟାସ ଯେକୌଣସି ମଣିଷର ବ୍ୟକ୍ତିତ୍ୱକୁ ବଦଳାଇବାରେ ସହାୟକ ହୋଇଥାଏ ବୋଲି ବରଗଡ଼ ବିଶିପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଠାଗାର ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ୧୪୧ତମ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ସାହୁ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତ ଭୋଇ, ବରିଷ୍ଠ ଶିକ୍ଷୟିତ୍ରୀ ଲତିକା ମଞ୍ଜରୀ ବର୍ଗଡ଼ି, ଲିଲିମା ମିଶ୍ର, ନିରଞ୍ଜନ ମହାକୁଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କେଶବ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକ ପଠନର ଆବଶ୍ୟତା ବିଷୟରେ ଆଲୋଚନା କରିଥିଲେ। ପାଠାଗାର ସମ୍ପାଦକ ଡ. ରବିନାରାୟଣ ସାହୁ ସ୍ୱାଗତ ଭାଷଣ ସହ ପୁସ୍ତକ ପଠନ କିପରି ବ୍ୟକ୍ତିତ୍ୱ ବଦଳାଇବାରେ ସହାୟକ ହୋଇଥାଏ, ତାହା କାହାଣୀ ମାଧ୍ୟମରେ ବୁଝାଇଥିଲେ। ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ଅର୍ପିତା କୁମ୍ଭାର ଯୋଗଦେଇ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୁସ୍ତକ ପଠନ ପ୍ରତିଯୋଗିତାରେ ମୁକୁନ୍ଦ ଗଡତିଆ, ମୟଙ୍କ ମୁଗ୍ରୀ, ପୁଷ୍ପାଞ୍ଜଳି ତାଣ୍ଡି ପ୍ରମୁଖ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ହିମାଦ୍ରି ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଆଜି କ'ଣ କେଉଁଠି

ରାଉରକେଲା

- ଆର୍‌ଏସ୍‌ପି ଓ ସଙ୍ଗୀତ ନାଟ୍ୟ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସିଭିକ୍ ସେଣ୍ଟର, ସନ୍ଧ୍ୟା ସାଢେ ୭ଟା।
- ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବିତର୍କ କାର୍ଯ୍ୟକ୍ରମ, ସେକ୍ଟର-୩ ବାଜି ରାଉତ ଶିକ୍ଷାନିକେତନ, ସକାଳ ସାଢେ ୮ଟା।

## ସଂକ୍ଷେପରେ

### ମୋବାଇଲ ଚୋରି, ଜଣେ ଗିରଫ

ରାଉରକେଲା,୫।୮ (ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ-୧ରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଚୋରି ଅଭିଯୋଗରେ ଜିଆର୍‌ପି ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ଲାଣ୍ଟସାଇଟ ଅଞ୍ଚଳର କରଣ କେର୍କେଟା। ତାଙ୍କଠାରୁ ମୋବାଇଲ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୧୦୧।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦୁର୍ଘଟଣାରେ ଆର୍‌ଏସ୍‌ପି ଠିକା ଶ୍ରମିକ ମୃତ

ରାଉରକେଲା, ୫।୮ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକ ଦୁର୍ଘଟଣାର ଶିକାର ହୋଇ ଶୁକ୍ରବାର ରାତିରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଏମ. ଆପାନ ରାଓ(୫୫)। ସେ ରେଲୱେ କଲୋନୀରେ ରହୁଥିବା ବେଳେ ତାଙ୍କ ପରିବାର ଲୋକେ ଆନ୍ଧ୍ରପ୍ରଦେଶରେ ରହୁଛନ୍ତି। ମୃତଦେହକୁ ମର୍ଗ ହାଉସରେ ରଖାଯାଇଛି। ପରିବାରବର୍ଗ ଆନ୍ଧ୍ରପ୍ରଦେଶରୁ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଆପାନ ଅରବିନ୍ ନାମକ ଠିକା କମ୍ପାନୀରେ କାମ କରୁଥିଲେ। ମୃତ ଠିକା କର୍ମଚାରୀଙ୍କ ପରିବାରକୁ ଅନୁକମ୍ପାମୂଳକ ଚାକିରି ସହ ଠିକାଦାର ଇପିଏଫ୍ ଓ ଇଏସ୍‌ଆଇ ପେନସନ ବ୍ୟବସ୍ଥା କରିବାକୁ ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତି ପ୍ରମୁଖ ଦାବି କରିଛନ୍ତି।

### ଦ୍ୱିତୀୟ ବୁକିଂ କାଉଣ୍ଟର ଖୋଲିବାକୁ ଦାବି

ରାଉରକେଲା,୫।୮ (ଦିନେଶ ମିଶ୍ର)

ଚକ୍ରଧରପୁର ରେଳ ମଣ୍ଡଳର ମୁଖ୍ୟ ବାଣିଜ୍ୟ ଅଧିକାରୀ ଗଜରାଜ ସିଂ ଶନିବାର ରାଉରକେଲା ଓ ଝାରସୁଗୁଡା ରେଳ ଷ୍ଟେଶନକୁ ଦିନିକିଆ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ରାଉରକେଲା ଷ୍ଟେଶନରେ ଜନସାଧାରଣଙ୍କ ପାଇଁ ଖୋଲାଯାଇଥିବା ଦ୍ୱିତୀୟ ପ୍ରବେଶ ପଥରେ ବନ୍ଦ ବୁକିଂ କାଉଣ୍ଟରକୁ ତୁରନ୍ତ ଖୋଲିବା ପାଇଁ ତୃଣମୂଳ କଂଗ୍ରେସର କେନ୍ଦ୍ରୀୟ ମହାସଚିବ ଜାହାଙ୍ଗୀର ହକ୍ ଦାବି କରିଥିଲେ। ଦ୍ୱିତୀୟ ବୁକିଙ୍ଗ କାଉଣ୍ଟର ଖୋଲିଲେ ନୟାବଜାର, ସେକ୍ଟର ଅଞ୍ଚଳ, ରେଲୱେ କଲୋନୀ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ଜାହାଙ୍ଗୀର କହିଥିଲେ। ଚକ୍ରଧରପୁର ରେଳ ମଣ୍ଡଳର ମୁଖ୍ୟ ବାଣିଜ୍ୟ ଅଧିକାରୀ ସିଂ ଆଗାମୀ ଦିନରେ କିଭଳି ଏହି କାଉଣ୍ଟରକୁ ପୁନଃ ପରିଚାଳନା କରିହେବ ସେ ନେଇ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ଶନିବାର ୫ ଦଫା ଦାବି ନେଇ ଶ୍ରମିକ ସଙ୍ଗଠନ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ପକ୍ଷରୁ ବିଶ୍ରା ଛକରେ ଗଣବିକ୍ଷୋଭ କରାଯାଉଛି।

# ଶ୍ରମିକ ସଙ୍ଗଠନର ଗଣବିକ୍ଷୋଭ

ରାଉରକେଲା,୫।୮ (ସଙ୍ଗୀତା ଜେନା)

**୫ ଦଫା ଦାବି**

ଇସ୍ପାତ ଶ୍ରମିକ କର୍ମଚାରୀମାନଙ୍କ ୫ଟି ନ୍ୟାଯ୍ୟ ଦାବି ପୂରଣ ନେଇ ଶନିବାର ବିଶ୍ରା ଛକରେ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍ ) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଓ ଜିଏମ୍‌ଏମ୍‌ର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ। ଇସ୍ପାତ ଶ୍ରମିକ କର୍ମଚାରୀମାନଙ୍କ ୧୦ମ ବେତନ ଚୁକ୍ତିନାମାର ଏମ୍‌ଓୟୁକୁ ଅବିଳମ୍ବେଏନ୍‌ଜେସିଏସ୍ ମାଧ୍ୟମରେ ସମ୍ପୂର୍ଣ୍ଣ, ୩୯ମାସର ବକେୟା ପ୍ରଦାନ, ରାତ୍ରିକାଳୀନ ଆଲାଉନ୍ସ ଓ ହାଉସ ରେଣ୍ଟ ବୃଦ୍ଧି, ଏକତରଫା ଭାବେ ଲାଗୁ କରାଯାଇଥିବା ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ କରି ପୂର୍ବ ବ୍ୟବସ୍ଥା ଲାଗୁ କରିବା, ଠିକା ଶ୍ରମିକମାନଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ ଆଦି ଦାବି କରିଥିଲେ। ଦାବି ପୂରଣ ନ ହେଲେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଆରଏସଏସ ସାଧାରଣ ସମ୍ପାଦକ ବେହେରା, ଉପସଭାପତି ଅକ୍ଷୟ ଜେନା, ନିହାର ଦାସ, ଜିଏମ୍‌ଏମ୍ ସମ୍ପାଦକ ଦାସ ପ୍ରମୁଖ ଚେତାବନୀ ଦେଇଥିଲେ। ଜନାର୍ଦ୍ଦନ ଦେହୁରି, ଦିଲୀପ ମହାପାତ୍ର, ସୁରେଶ ପାଣିଗ୍ରାହୀ, ବି.କେ. ଶେଖର ଦେଓ, ସୁଲେମାନ କାଉଡିଆ, ସନ୍ତୋଷ କୁଜୁର, ପରମାନନ୍ଦ ତନ୍ତୀ, ଜେ.ଜେ. ରାଉତରାୟ, ଏମ୍.ଏମ୍. ବେହେରା, ରଘୁନାଥ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଦୂରହେବ ଜଳ ସମସ୍ୟା

ରାଉରକେଲା,୫।୮ (ବିପ୍ଲବ ରଞ୍ଜନ ଦାଶ)

**ହମିରପୁର ବ୍ରିଜ୍ ଓ ବ୍ୟାରେଜ ପ୍ରକଳ୍ପ**

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ରାଉରକେଲା ହମିରପୁରରେ ମେଗା ବ୍ୟାରେଜ କମ୍ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ପାଇଁ ୩୦୯କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଉରକେଲା ସହର ସମେତ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ଲୋକେ ଉପକୃତ ହେବେ।

ହମିରପୁର ମେଗା ପ୍ରକଳ୍ପରେ କୋଏଲ ନଦୀ ଉପରେ ବ୍ରିଜ୍ ସହ ବ୍ୟାରେଜ ନିର୍ମାଣ କରାଯାଉଛି। କୁଆଁରମୁଣ୍ଡା କଚାରୁ ଗ୍ରାମପଞ୍ଚାୟତ ପସରା ଗ୍ରାମରୁ ହମିରପୁରକୁ ଏହି ବ୍ରିଜ୍ ସଂଯୋଗ କରିବ। ବ୍ୟାରେଜ ମାଧ୍ୟମରେ କୋଏଲ ନଦୀ ଉପର ମୁଣ୍ଡରେ ଜଳ ସଂରକ୍ଷଣ କରି ପାନୀୟ ଓ ଚାଷ ପାଇଁ ବ୍ୟବହାର କରାଯିବ। ସେହିପରି ରାଉରକେଲା କୋଏଲ ନଗର, ଶକ୍ତି ନଗର, ଜଗଦା, ଧିରପାଣି



କୋଏଲ ନଦୀରେ ବ୍ୟାରେଜ କାମ ଚାଲିଛି।

ଓ ଏନ୍‌ଆଇଟି କ୍ୟାମ୍ପସରେ ବସବାସ କରୁଥିବା ୨୫ହଜାର ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂରୀକରଣ ହୋଇପାରିବ। ଏଥିସହ ୧୨ଶହ ହେକ୍ଟର ଚାଷଜମିକୁ ଜଳ ଯୋଗାଣ କରାଯିବ। ୨୦୨୨ ସେପ୍ଟେମ୍ବର ୨୧ରୁ ରାଉରକେଲା ଜଳ ବିଭାଜନ ବିଭାଗ ତତ୍ତ୍ୱାବଧାନରେ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ଏହାକୁ ହାଇଦ୍ରାବାଦର ବାଲାଜୀ ଠିକା ସଂସ୍ଥା କରୁଥିବା ବେଳେ ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୨୦୨୫ ମାର୍ଚ୍ଚ ୨୦ ତାରିଖ ଯାଏ ଅବଧି ରହିଛି। ଇତିମଧ୍ୟରେ ନଦୀ ଉପର ମୁଣ୍ଡରେ ପ୍ଲିନ୍ଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ୨୯ ଲୁହାଗେଟ୍, ୮ଟି ସ୍ଲୁଇସ ଗେଟ ସହ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ କରାଯିବ। ବ୍ୟାରେଜ ମଧ୍ୟରେ ୪ ମିଟର ପର୍ଯ୍ୟନ୍ତ ଜଳ ସଂରକ୍ଷିତ ରହିବ ଏବଂ ବ୍ୟାରେଜ ଡ୍ରେନ ୪୫୨ମିଟର ବିଶିଷ୍ଟ ରହିବ। ୧୭୩ ମିଟର ଡ୍ରେନ କାମ ମଧ ସମ୍ପୂର୍ଣ୍ଣ ହୋଇଛି। ଏ ନେଇ ରାଉରକେଲା ଜଳ ବିଭାଜନ ବିଭାଗ ମୁଖ୍ୟ ଅଧିକାରୀ ସନାତନ ସାହୁ କୁହନ୍ତି, ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି ପ୍ରକଳ୍ପ ଯେଭଳି ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବ ଏବଂ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ସେ ଦିଗରେ ତତ୍ପରତାର ସହ କାର୍ଯ୍ୟ ହେଉଛି ବୋଲି ସାହୁ କହିଥିଲେ।

# ରାଜ୍ୟ ଜୁଡୋ ଚାମ୍ପିୟନଶିପ୍‌ରେ ସୁନ୍ଦରଗଡ଼ ଖେଳାଳି

ରାଉରକେଲା, ୫।୮ (ସଙ୍ଗୀତା ଜେନା)

ଗତ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜଗତସିଂପୁର ଜିଲା ପାରାଦ୍ୱୀପଠାରେ ରାଜ୍ୟ ଜୁଡୋ ଚାମ୍ପିୟନଶିପ୍-୨୦୨୩ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁନ୍ଦରଗଡ଼ ଜିଲାରୁ ୭ ଜଣ ପ୍ରତିଯୋଗୀ ଶୁକ୍ରବାର ରାଉରକେଲା ଷ୍ଟେଶନରୁ ଯାତ୍ରା କରିଛନ୍ତି। ସବ୍ ଜୁନିୟର, ଜୁନିୟର, ସିନିୟର (ମହିଳା ବିଭାଗ)ରେ ଅଞ୍ଜଳି ସାହୁ (୭୦ କେଜି ବର୍ଗ), ରାଜା ତନ୍ତୀ (୯୦କେଜି), ଚନ୍ଦ୍ରଶେଖର ମାଝୀ (୬୦ କେଜି), କହ୍ନାଇଆ ରାୟ (୭୦ କେଜି), ଶେଷାଦ୍ରି ପାଣ୍ଡେ(୪୦ କେଜି), ଅନନ୍ୟା ବେହେରା( ୩୦ କେଜି), ନିଖିଲ ପ୍ରସାଦ (୬୦ କେଜି) ପ୍ରତିଯୋଗିତାରେ ଭାଗନେବେ ବୋଲି ଟିମ୍‌ର କୋଚ୍ ଏବଂ ସୁନ୍ଦରଗଡ଼ ଜିଲା ଜୁଡୋ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ସୁନ୍ଦରଗଡ଼ ଜିଲା ଖେଳାଳିମାନଙ୍କୁ ରାଉରକେଲା ଡ. ଏନ୍ ଖୋସଲା ଡିଏଭି ସ୍କୁଲର ଅଧ୍ୟକ୍ଷ ଭୋଳାନାଥ ପ୍ରଧାନ, ସାଧାରଣ ସମ୍ପାଦକ ସୁନ୍ଦରଗଡ଼ ଜୁଡୋ ସଂଘର ରାକେଶ ବେହେରା, ଉପସଭାପତି ଶରତ ଦାସ, ଡିଏଭି ସ୍କୁଲର ଖେଳ ଶିକ୍ଷକ ଦୁଷ୍ମନ୍ତ ବେହେରା ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ୯ରେ କଂଗ୍ରେସର ଆଦିବାସୀ ଗୌରବ ପର୍ବ

ରାଉରକେଲା,୫।୮ (ସଙ୍ଗୀତା ଜେନା)

ଆସନ୍ତା ୯ ତାରିଖ କ୍ରାନ୍ତି ଦିବସକୁ ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କମିଟି ତରଫରୁ ଆଦିବାସୀ ଗୌରବ ପର୍ବ ପାଳନ କରାଯିବ। ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। ଏଆଇସିସିର ନିଷ୍ପତ୍ତି ଓ ପିସିସିର ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱ ଆଦିବାସୀ ଦିବସରେ ଏହି ପର୍ବ ପାଳନ କରିବା ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବି ରାୟ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର ଓ ପିସିସି ସଭ୍ୟ ରଶ୍ମି ରଞ୍ଜନ ପାଢୀ, ଓବିସି ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଅନୁସୂଚିତ ଜାତି ରାଜ୍ୟ ଆବାହକ ଗଜେନ୍ଦ୍ର ତନ୍ତୀ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଆଦିବାସୀ ବିଭାଗ ଅଧ୍ୟକ୍ଷ ରାଜେଶ ଟପ୍ପୋ, ସଂଖ୍ୟାଲଘୁ



ପ୍ରସ୍ତୁତି ବୈଠକରେ କଂଗ୍ରେସର କର୍ମକର୍ତ୍ତାଗଣ।

ସେଲ୍ ଅଧ୍ୟକ୍ଷ ଇଜାଜ ଅଖତର, ଜିଲା କଂଗ୍ରେସ କାର୍ଯ୍ୟନିର୍ବାହୀ ସଦସ୍ୟ ଅଜୟ ଖାଲକୋ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଆଦିବାସୀ ଗୌରବ ପର୍ବ ଜଗଦା, ଝିରପାଣି ଅଞ୍ଚଳରେ ପାଳନ କରିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଦିବଙ୍ଗତ ଆଦିବାସୀ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ଆଦିବାସୀଙ୍କ ସମସ୍ୟାକୁ ନେଇ ଆଲୋଚନାଚକ୍ର କରିବାକୁ ସ୍ଥିର କରାଯାଇଥିଲା। ସନ୍ଧ୍ୟାରେ ଉକ୍ତ ଅଞ୍ଚଳରେ ଏକ ମଶାଲ ଶୋଭାଯାତ୍ରା କରାଯିବ ବୋଲି ଜିଲା କଂଗ୍ରେସ ତରଫରୁ କୁହାଯାଇଛି। ବୈଠକରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁଶୀଲ କିଣ୍ଡୋ, ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ରିଙ୍କୁ କଲାଲ, ଜିଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ସମ୍ପାଦକ ସୁନୀଲ ସିଂହ, ଓବିସି ସେଲ୍ ଅଧ୍ୟକ୍ଷ ବୈଲୋଚନ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲାର, ରୁକସାନା ବେଗମ, ଦିଲୀପ ଜେନା, ବନମାଳୀ ବିଶୋୟୀ, ସେବାଦଳର ବୁଲୁ ଦାସ, ଡେଭିଡ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଜୟପୁରିଆ, ଏମ୍‌ଡି ଇମାମ, ଆୟୁବ ଖାନ, ଗୋବିନ୍ଦ ଶାହା, ଯୁବନେତା ପ୍ରଦୀପ ବେହେରା, ଶିବୁ ଦୀପ, ଦିନେଶ ବେହେରା, ସୋନୁ ସାହୁ, ରେହେମାନ ଖାନ, ସୁଦର୍ଶନ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ରାଉରକେଲା,୫।୮ (ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବ୍ୟାସଭବନରେ ସୁବର୍ଣ୍ଣରେଖା ପକ୍ଷରୁ ଉପାଦେୟ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ଉଦ୍‌ଯାପିତ ହୋଇଛି। ଶିବିରରେ ଅନ୍ତର୍ଜାତୀୟ ସ୍କୁବା ଡ୍ରାଇଭର ଡ. ସବୀର ବକ୍ସ ମୁଖ୍ୟ ଅତିଥି, କମାଣ୍ଡୋ ପୀତବାସ ସାସମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡିଏଭି ପୋଖରୀ ବିକାଶ ଓ ପରିଚାଳନା ଏଜେନ୍ସିର ସ୍ୱତ୍ତ୍ୱାଧିକାରୀ ଅନାଦି ଚରଣ ନାଥ ଶିବିର ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ବନବିହାରୀ ରଣା, ନିତ୍ୟାନନ୍ଦ ବେହେରା, ଅଜିତ ମହାପାତ୍ର, ପରମେଶ୍ୱର ମହାରଣା, କମଳାକାନ୍ତ ପ୍ରଧାନ, ସୁବ୍ରତ କୁମାର ଜେନା, ଶ୍ରୀକାନ୍ତ ଦାସ, ସସ୍ମିତା ପଣ୍ଡା, ଅସୀମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲାଷ୍ଟ ଫର୍ନେସ ୫ ସ୍ଥାପନାର ଦଶମ ବାର୍ଷିକୀ ପାଳିତ




କାର୍ଯ୍ୟକ୍ରମରେ କେକ୍ କାଟି ଉତ୍ସବ ପାଳନ କରାଯାଉଛି।

ରାଉରକେଲା,୫।୮ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ନେସ-୫ ଦୁର୍ଗା ସ୍ଥାପନାର ୧୦ମ ବାର୍ଷିକୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏ ନେଇ ବ୍ଲାଷ୍ଟ ଫର୍ନେସ ବିଭାଗରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ କେକ କାଟି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏସ୍. ଆର୍ ସୂର୍ଯ୍ୟବଂଶୀ ଦୁର୍ଗା ୧୦ଟି କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ କରିଥିବାରୁ ସଭିଙ୍କୁ ଅଭିନନ୍ଦନ ଜଣାଇବା ସହିତ ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ବିତାଇଥିବା ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ନିର୍ବାହୀ ନିର୍ଦ୍ଦେଶକମାନେ ବ୍ଲାଷ୍ଟ ଫର୍ନେସ ସାମୂହିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିଜିଏମ୍ (ଆଇରନ) ବିଶ୍ୱରଞ୍ଜନ ପଲାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନବଜାତ ଶିଶୁ ପାଇଁ ମା' କ୍ଷୀର ଅମୃତ୍ୟ ତୁଲ୍ୟ

ରାଉରକେଲା,୫।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ଛେଣ୍ଡ କଲୋନୀ ଗୋପବନ୍ଧୁ ପାଠାଗାର ସଭାଗୃହରେ ଶନିବାର ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ସମିତି ସଭାନେତ୍ରୀ ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍‌ଜିଏଚ୍‌ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁଧାରାଣୀ ପ୍ରଧାନ, ଡାକ୍ତର ଗୋକୁଳାନନ୍ଦ ସାହୁ ଓ ଡାକ୍ତର ଏସ୍. ବି. ନେପାକ ଯୋଗଦେଇ କହିଥିଲେ, ନବଜାତ ଶିଶୁମାନଙ୍କ ପାଇଁ ମା' କ୍ଷୀର ହେଉଛି ଅମୃତ ତୁଲ୍ୟ। ମା' କ୍ଷୀର ନବଜାତ ଶିଶୁର ଅଭିବୃଦ୍ଧିର ମୂଳ ସ୍ରୋତ। ଏଣୁ ମା'ମାନେ ନବଜାତ ଶିଶୁଙ୍କୁ ନିୟମିତ ସ୍ତନ୍ୟପାନ କରାଇବା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସହ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାରେ ସ୍ଥାନୀୟ ହରିହର ବସ୍ତି, ଧାମରା ବସ୍ତି, ବାଗୁଡି ବସ୍ତି-୧ ଏବଂ ବାଗୁଡି ବସ୍ତି-୨ର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଗର୍ଭବତୀ ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ନେହୀ ମହିଳା ସମିତିର ନନ୍ଦିତା ବେହେରା, ଅନିମା ବିଶ୍ୱାଳ, ମଞ୍ଜୁବାଳା ମହାପାତ୍ର, ସୁପ୍ରଭା ସାହୁ, ଜ୍ୟୋତ୍ସ୍ନା ପାଣିଗ୍ରାହୀ, ଇନ୍ଦିରା ମହାନ୍ତି, ଗୀତା ମିଶ୍ର, ସାବିତ୍ରୀ ଦାସ ଓ ସୁପ୍ରିୟା ମହାନ୍ତି ସହଯୋଗ କରିଥିଲେ। ଗୀତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚିକିତ୍ସା ରାଶି ଯୋଗାଡ଼ ପାଇଁ ସଂଘର୍ଷ

ରାଉରକେଲା,୫।୮ (ସଙ୍ଗୀତା ଜେନା)

କଳା ପ୍ରତିଭା ଓ ଶିକ୍ଷାନିପୁଣା ଭାବେ ଖ୍ୟାତି ଅର୍ଜନ କରିଥିବା ଛାତ୍ରୀ ହେଉଛନ୍ତି ଛେଣ୍ଡ କଳିଙ୍ଗ ବିହାର ଫେଜ୍-୩ ଏମଆଇ ବ୍ଲକର ମେମୋକ୍ଷା ଆର୍ଯ୍ୟା(୯)। ସେଣ୍ଟ ଯୋଶେଫ ସ୍କୁଲର ଷ୍ଟାଣ୍ଡାର୍ଡ ୫ର ଛାତ୍ରୀ ମୋମୋକ୍ଷା ଏବେ ଦୃଷ୍ଟିଶକ୍ତି ସମ୍ପର୍କିତ ଜଟିଳ ରୋଗ ହାଇ ମାୟୋପିଆରେ ପୀଡ଼ିତ। ଏଥିରେ ଆଖିର ରେଟିନା ଫାଟିବା ସହ ଦୃଷ୍ଟିଶକ୍ତି କ୍ଷୀଣ ହୋଇଯାଇଥାଏ। ତାଙ୍କ ରୋଗ ହିଁ ତାଙ୍କ ପ୍ରତିଭା ଓ ଶିକ୍ଷାରେ ସାଜିଛି ପ୍ରତିବନ୍ଧକ। ଏହି ରୋଗରୁ ମୁକୁଳିବା ପାଇଁ ୧୨ ଲକ୍ଷ ଟଙ୍କା ଆବଶ୍ୟକ। ଏଥିପାଇଁ ତାଙ୍କ ମାତାପିତା ଏବେ ସଂଘର୍ଷରତ। ଏହାର ଚିକିତ୍ସା ପାଇଁ ଛାତ୍ରୀଙ୍କ ବାପା ଚାକିରି ଛାଡ଼ି ଅର୍ଥରାଶି ଯୋଗାଡ଼ରେ ବ୍ୟସ୍ତ। ଛେଣ୍ଡ କଳିଙ୍ଗ ବିହାରରେ ରହୁଥିବା ବୀମା ଏଜେଣ୍ଟ ଅଜୟ ନାୟକ ଏବଂ ରୀନା ନାୟକଙ୍କ ଏକମାତ୍ର ଝିଅ ମେମୋକ୍ଷା। ସାଢ଼େ ୩ବର୍ଷ ବୟସରେ ଏହି ରୋଗ ଜଣାପଡିବାରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ କୋଭିଡ୍ ୩ ବର୍ଷ ଅନ୍‌ଲାଇନ ପାଠପଢ଼ା ମୋମାକ୍ଷାଙ୍କ ୮୦ ପ୍ରତିଶତ ଦୃଷ୍ଟିଶକ୍ତି ଚୋରାଇ ନେଲା ବୋଲି କହିଛନ୍ତି ଅଜୟ। ଝିଅ ନାଚ ଓ ପାଠରେ ବେଶ ଭଲ୍ ପ୍ରଦର୍ଶନ କରୁଥିଲା। ହଠାତ୍ ତାଙ୍କ ଆଖି ସମସ୍ୟା ହେବାରୁ ୨୦୧୬ରେ ଲାୟନ୍ସ ଆଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଗଲା। ପରେ ଭୁବନେଶ୍ୱର ଏଲ୍ ଭି ପ୍ରସାଦକୁ ସ୍ଥାନାନ୍ତର କରାଗଲା।



ସ୍କୁଲ ଛାତ୍ରୀ ମୋମୋକ୍ଷା ଆର୍ଯ୍ୟା।

ସେଠାରେ ଡାକ୍ତରମାନେ ଚଷମା ଏକମାତ୍ର ବିକଳ୍ପ ବୋଲି କହିଥିଲେ। ହେଲେ କୋଭିଡ୍ ଯୋଗୁ ପରିସ୍ଥିତି ଖରାପ ହେବାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଲା। ଫଳରେ ବାମ ଆଖିର ରେଟିନା ଖରାପ ହେବାରୁ ତାଙ୍କୁ ବିଭିନ୍ନ ହସ୍ପିଟାଲ ଚିକିତ୍ସା କରାଗଲା। ଏଥିରେ ସୁଫଳ ନ ମିଳିବାରୁ ମେମୋକ୍ଷାଙ୍କୁ ଦିଲ୍ଲୀ ସ୍ଥିତ ଏମ୍ସକୁ ନେଇ ପରୀକ୍ଷା ନିରୀକ୍ଷା କରିବା ପରେ ସେଠାରେ ଚକ୍ଷୁ ବିଶେଷଜ୍ଞ ତଥା ପଦ୍ମଶ୍ରୀ ଡ. ଅତୁଲ କୁମାର ଏହି ଜଟିଳ ରୋଗ ଚିକିତ୍ସା ଖର୍ଚ୍ଚ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଏତେ ଟଙ୍କା ନ ଥିବାରୁ ପରିବାର ଲୋକେ ତାଙ୍କୁ ରାଉରକେଲା ଫେରାଇ ଆଣିଥିଲେ। ବର୍ତ୍ତମାନ ମୋମୋକ୍ଷାଙ୍କ ଚିକିତ୍ସା ପାଇଁ ଅର୍ଥ ଯୋଗାଡରେ ବ୍ୟସ୍ତ ରହୁଥିବାରୁ ଚାକିରି କରିବାକୁ ସମୟ ପାଉନାହିଁ। ବାଧ୍ୟ ହୋଇ ବୀମା ଏଜେନ୍ସି ନେଇ ପରିବାର ଗୁଜୁରାଣ ମେଣ୍ଟାଇବା ସହ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରୁଛି ବୋଲି ଅଜୟ କହିଛନ୍ତି।

**ଅଙ୍ଗନୱାଡି ଛାତରୁ ପାଣି ଗଳୁଛି**

କୁଚିଣ୍ଡା, (ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ କୁଲେଇଗଡ଼ ପଞ୍ଚାୟତ କୁଲେଇଗଡ ଗ୍ରାମର ଅଙ୍ଗନୱାଡି-୨ କେନ୍ଦ୍ର ଛାତରୁ ପାଣି ଗଳୁଛି। ଫଳରେ ପ୍ରାକ୍ ଶିକ୍ଷା ପାଇଁ ଆସୁଥିବା ଶିଶୁମାନେ ତଳେ ବସି ପାଠ ପଢିବା କଷ୍ଟକର ହେଉଛି। ରୋଷେଇ କୋଠରି ଓ ଷ୍ଟୋରରେ ମଧ୍ୟ ପାଣି ଗଳୁଥିବା କାରଣରୁ ଠିକ୍ ଭାବେ ରୋଷେଇ ହୋଇପାରୁ ନାହିଁ। ୨୦୧୩ ମସିହାରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ରରେ ଏଭଳି ସମସ୍ୟା ହେତୁ ଅଙ୍ଗନୱାଡି କର୍ମୀ ଶିଶୁମାନଙ୍କୁ ବାହାରେ ବସାଇ ପାଠ ପଢାଉଥିବା ଦେଖିବାକୁ ମିଳୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ଜମନକିରା,୫।୮ (ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ଥାନା ପାଟବନ୍ଧା ଗାଁରେ ଶନିବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜମନକିରା ସରପଞ୍ଚ ଯଜ୍ଞସିନି ନାଏକଙ୍କ ଶାଶୁ ଯଶୋଦା ନାଏକ(୬୪)। ପୋଲିସ ସୂଚନା ଅନୁସାରେ, ଅପରାହ୍ନରେ ଯଶୋଦା ଘର ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ଏକ ଲୁହାଛଡ଼ରେ ଲାଗିଥିବା ବିଦ୍ୟୁତ୍ ତାରକୁ ଛୁଇଁଦେବାରୁ ଆଘାତ ପାଇ ତଳେ ପଡ଼ିଯାଇଥିଲେ। ଘରେ ଥିବା ସରପଞ୍ଚ ଯଜ୍ଞସିନି ଏହା ଦେଖି ଶାଶୁଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ତାଙ୍କୁ ମଧ୍ୟ କରେଣ୍ଟ ଲାଗିଥିଲା। ମାତ୍ର ସେ ନିଜକୁ ନିୟନ୍ତ୍ରଣ କରିଥିଲେ। ସଙ୍ଗେ ସଙ୍ଗେ ଯଶୋଦାଙ୍କୁ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

### ୬୬ କେଜି ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର,୫।୮(ବି.ଶଙ୍କର):** ସମ୍ବଲପୁର ଅବକାରୀ ବିଭାଗ ଶନିବାର ଅଇଁଠାପାଲି ବାଟମଙ୍ଗଳା ଛକରେ ଚଢାଉ କରି ୬୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟର ଧର୍ମେନ୍ଦ୍ର ସିଂ ଲୋଧି ଓ ରୀନା ଠାକୁର। ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲାରୁ ଏକ ବୋଲେରୋରେ ୩ ବସ୍ତାରେ ଗଞ୍ଜେଇ ମଧ୍ୟପ୍ରଦେଶ ରାଜ୍ୟକୁ ଚୋରା ଚାଲାଣ ସମୟରେ ବାଟମଙ୍ଗଳା ମନ୍ଦିର ଛକରେ ପୂର୍ବରୁ ଜଗିରହିଥିବା ଅବକାରୀ ଟିମ୍ ଗାଡ଼ି ଅଟକାଇ ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତଙ୍କଠାରୁ ୩ ହଜାର ୨୦୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟ ୧୧ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି।

### ଛତା ଧରି ରୋଗୀଙ୍କୁ ସୁରକ୍ଷା



**ଜମନକିରା,୫।୮(ରବୀନ୍ଦ୍ର ଦାନି):** ଜମନକିରା ବ୍ଲକ ଫାଶୀମାଲ ଉନ୍ନୀତ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ସମସ୍ୟାଘେରରେ ରହିଛି। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ବ୍ୟତୀତ ଅନ୍ୟ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। କୋଠରି ସମସ୍ୟା ନ କହିଲେ ଭଲ। ବର୍ଷା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟେକ କୋଠରି ଛାତରୁ ପାଣି ଝରୁଛି। ଏଥିଯୋଗୁ ଡାକ୍ତର ଓ ନର୍ସଙ୍କ ସମେତ ରୋଗୀ ହନ୍ତସନ୍ତ ହେଉଛନ୍ତି। ଡାକ୍ତରଖାନାର ଏଭଳି ସମସ୍ୟା ଯୋଗୁ ଲୋକେ ରୋଗୀଙ୍କୁ ଏଠାରେ ନ ରଖି କୁଚିଣ୍ଡା କିମ୍ବା ବୁର୍ଲା ନେବାକୁ ବାଧ୍ୟ ହେଉଛନ୍ତି। ଯେଉଁ ରୋଗୀ ରହୁଛନ୍ତି ତାଙ୍କୁ ବେଡ୍ ଉପରେ ଛତା ମୁଣ୍ଡେଇ ରହିବାକୁ ପଡୁଛି। ନର୍ସ ମଧ୍ୟ ଛତା ଧରି ସାଲାଇନ କିମ୍ବା ଇଞ୍ଜେକ୍ସନ ଦେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦେକ୍ଷପ ନେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ରେଙ୍ଗାଲି,୫।୮(ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳ ବର୍ଗ, ଶିଶୁ ଓ କିଶୋର ବର୍ଗରେ ମୋଟ ୧୦୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହିଣ୍ଡାଲ୍କୋରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଆଶିଷ ମାହାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ କଲେଜର ଅଧ୍ୟାପକ ସମିତ ପଣ୍ଡା, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଦୁଷ୍ମନ୍ତ ମେହେର , ନୂଆ ରମ୍ଭେଲା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବହେଳା, ଅସୁରକ୍ଷିତ ଯୋଗୁ ଦୁର୍ଘଟଣା

**ସମ୍ବଲପୁର,୫।୮(ଶୁଭାଶିଷ ପାଢୀ)**

## ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଶ୍ରମିକ ମୃତ୍ୟୁ ଘଟଣା

- ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଚୁପ
- ବିଲ୍ଡରଙ୍କ ନାମରେ ହେବ ମାମଲା: ଶ୍ରମ ବିଭାଗ

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ବରେଇପାଲି ନିକଟ ଏକ ନୂତନ ଆପାର୍ଟମେଣ୍ଟ ନିର୍ମାଣ କାମରେ ନିୟୋଜିତ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ମୃତକ ପଶ୍ଚିମବଙ୍ଗ ମୁର୍ସିଦାବାଦର ରବିଉଲ୍ଲା ଶେଖ (୨୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଶନିବାର ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୋଲିସ କେବଳ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ ବସିଯାଇଛି। ଆପାର୍ଟମେଣ୍ଟ କାମରେ ଶତାଧିକ ଶ୍ରମିକ ନିୟୋଜିତ ଅଛନ୍ତି। ଏଥିମଧ୍ୟରେ ପଶ୍ଚିମବଙ୍ଗର ଅଧିକାଂଶ ଶ୍ରମିକ ଅଛନ୍ତି। ସେମାନେ ପଞ୍ଜିକୃତ ନ ହୋଇ କାମ କରୁଛନ୍ତି। ଶ୍ରମ ବିଭାଗ ପାଖରେ ମଧ୍ୟ ଏହାର ଠିକ୍ ରିପୋର୍ଟ ଦେଉ ନାହାନ୍ତି। ନିୟମ ଅନୁସାରେ ଶ୍ରମିକଙ୍କୁ ନିୟୋଜିତ କରୁଥିବା ଠିକାଦାର ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରି କାମ କରିବା କଥା। କାମ କରିବା ସମୟରେ ହେଲ୍ମେଟ୍ ଓ ଅନ୍ୟ ସୁରକ୍ଷା ସରଞ୍ଜାମ ରହିବା ନିୟମ ରହିଛି। ଶ୍ରମିକମାନଙ୍କ ବୀମା, ପିଏଫ୍ ମଧ୍ୟ ରହିବା ଆବଶ୍ୟକ। ଏହା ହେଲେ କୌଣସି ଦୁର୍ଘଟଣାରେ ମୃତ୍ୟୁ ଘଟିଲେ କିମ୍ବା ବିକଳାଙ୍ଗ ହୋଇଗଲେ ସେମାନଙ୍କୁ ଆର୍ଥିକ ସହାୟତା ମିଳିପାରିବ। ହେଲେ ରବିଉଲ୍ଲାଙ୍କ କ୍ଷେତ୍ରରେ ସେଭଳି କିଛି ହୋଇ ନ ଥିବା ଜଣାପଡିଛି। କିଛି ଟଙ୍କା ଦେଇ ବିଲ୍ଡର ଓ ଠିକାଦାର ମାମଲାକୁ ରଫାଦଫା କରି ଦେବାକୁ ଯୋଜନା କରିଛନ୍ତି।

ଶ୍ରମ ବିଭାଗ ପାଖରେ ଏ ନେଇ ଅଭିଯୋଗ କିମ୍ବା ପୋଲିସ ସୂଚନା ଦେଇ ନ ଥିବା କହିଛନ୍ତି ଅତିରିକ୍ତ ଶ୍ରମ କମିଶନର ସତ୍ୟଜିତ ସାହୁ। ସେ ଆହୁରି କହିଛନ୍ତି, ଶ୍ରମିକ ସୁରକ୍ଷା ପାଇଁ କଡା ନିୟମ ରହିଛି। ପୂର୍ବରୁ ଯଦି ବିଲ୍ଡର କିମ୍ବା ଶ୍ରମିକ ଠିକାଦାର ବୀମା କରି ନ ଥିବେ ତା'ହେଲେ ତାଙ୍କ ନାମରେ ମାମଲା ରୁଜୁ ହେବ। ଶ୍ରମ ବିଭାଗରେ ଏମ୍ପ୍ଲଇଜ କେସ୍ ଚାଲିବ। ଶ୍ରମ ବିଭାଗର ସ୍ୱତନ୍ତ୍ର କୋର୍ଟରେ ମୃତକ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବା ନେଇ ମାମଲା ହେବ। କମିଶନଙ୍କ ଦୃଷ୍ଟିକୁ ଆଣି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଥିଲେ। ସୂଚନାଯୋଗ୍ୟ, ଅଇଁଠାପାଲି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟ କାମ ଚାଲିଥିବା ସମୟରେ ଶୁକ୍ରବାର ଅପରାହ୍ନ ସାଢେ ୩ଟା ସମୟରେ ନିର୍ମାଣାଧୀନ ଛାତ ଉପରୁ ରବିଉଲ୍ଲା ତଳେ ପଡି ଯାଇଥିବା ପୋଲିସ ପାଖକୁ ଖବର ଆସିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଅଇଁଠାପାଲି ଥାନା ଅଧିକାରୀ ସନତ ନାଏକ କହିଛନ୍ତି, ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଯାହାର ତ୍ରୁଟି ବା ଅବହେଳା ଥିବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବଜରଙ୍ଗ ଦଳ



ବଜରଙ୍ଗ ଦଳ ସଦସ୍ୟ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

**ସମ୍ବଲପୁର,୫।୮(ଶୁଭାଶିଷ ପାଢୀ)**

**ହନୁମାନ ଜୟନ୍ତୀ ହିଂସା ପ୍ରସଙ୍ଗ**

ସମ୍ବଲପୁର ବଜରଙ୍ଗ ଦଳର ଏକ ପ୍ରତିନିଧିଦଳ ଭୁବନେଶ୍ୱରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି। ଦଳର କର୍ମକର୍ତ୍ତା ଗତ ଏପ୍ରିଲରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ସାମ୍ପ୍ରଦାୟିକ ହିଂସା ଘଟଣାକୁ ନେଇ ଆଲୋଚନା କରିବା ସହ ହସ୍ତକ୍ଷେପ କରିବାକୁ ଅନୁରୋଧକରି ଦାବିପତ୍ର ଦେଇଥିଲେ। ଏଥିରେ ଦର୍ଶାଇଛନ୍ତି, ହନୁମାନ ଜୟନ୍ତୀ ପାଳନ ସମୟରେ ଏପ୍ରିଲ ୧୨ରେ ଧନୁପାଲି ଥାନା ସୁନାପାଲି ଅଞ୍ଚଳରେ ଯାଉଥିବା ବାଇକ୍ ରାଲି ଉପରକୁ ପଥର ମାଡ଼ ହୋଇଥିଲା। ଅତର୍କିତ ଭାବେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ସହ ବାଇକ୍ ପୋଡି ଦିଆଯାଇଥିଲା। ପରେ ଏପ୍ରିଲ ୧୪ରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଯିବା ସମୟରେ ମଧ୍ୟ ଆକ୍ରମଣ ହୋଇଥିଲା। ସେହିଦିନ ଜଣେ ଆଦିବାସୀ ଯୁବକଙ୍କୁ ହତ୍ୟା କରାଯାଇଥିବା ବେଳେ ଅନ୍ୟ ଜଣେ ଏବେ ମଧ୍ୟ ଆହତ ଅବସ୍ଥାରେ ଅଛନ୍ତି। ଘଟଣା ପରେ ପୋଲିସ ପାତରଅନ୍ତର କରି ଗିରଫ କରିଥିଲା। ବଜରଙ୍ଗ ଦଳ ଓ କେତେଜଣ ନିରୀହ ଯୁବକଙ୍କୁ ଗିରଫକରି ଜେଲ ଭିତରେ ପୂରାଇ ଦିଆଯାଇଛି। ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଜାମିନ ମିଳିନାହିଁ। କୋର୍ଟରେ ଶୁଣାଣି ସମୟରେ ପୁଣି ଏକ ମାମଲାରେ ଛନ୍ଦି ଦିଆଯାଉଛି। ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ଶିବ କୁମାର ଅଗ୍ରୱାଲ, ଲବଲି ଭାଟିଆ, ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋଚନା

**ଜମନକିରା,୫।୮ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ କେନାଡ଼ିପାଲିସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅମୋଘ ବଇରୀ ଗଞ୍ଜାମ ନାଏକଙ୍କ ସଭାପତିତ୍ୱରେ ବନ୍ୟପ୍ରାଣୀ ସୁରକ୍ଷା ଓ ବୃକ୍ଷ ରୋପଣର ଆବଶ୍ୟକତା ଶୀର୍ଷକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରକୃତିବନ୍ଧୁ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାପକ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷା ମାଧ୍ୟମରେ ହିଁ ବନ୍ୟପ୍ରାଣୀର ସୁରକ୍ଷା ନିହିତ ବୋଲି ମତ ଦେଇଥିଲେ। ବରିଷ୍ଠ ଶିକ୍ଷକ ଈଶ୍ୱରଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ କୁଚିଣ୍ଡା ଏସବି ଆଇଲାଇଫର ସହକାରୀ ପରିଚାଳକ ଆଲ୍ଲୁ ନାଏକ, ପରିଚାଳନା କମିଟି ସଭାପତି ପବିତ୍ର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆଲୋଚନା ସଭାରେ ଅତିଥିମାନେ।

ଉତ୍ସବରେ ମୁଖ୍ୟଅତିଥି ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମଞ୍ଚ ପ୍ରଧାନ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ପରେ ଇକୋ କ୍ଲବ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷୟିତ୍ରୀ ପୂଜାରାଣୀ ଖମାରୀ, ଧିଲେଶ୍ୱର ପାତ୍ର, ସଂଗୀତା ବିଶାଳ, ମଧୁସ୍ମିତା ନାୟକ ଓ ସରୋଜିନୀ ରାଉତଙ୍କ ନେତୃତ୍ୱରେ ସ୍କୁଲ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ସ୍କୁଲ ଓ ନିଜ ଅଞ୍ଚଳକୁ ସବୁଜ ସୁନ୍ଦର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଶପଥପାଠ କରାଇଥିଲେ। ସାମାଜିକ କର୍ମୀ ଡିକୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକବିଂଶ ଶତାବ୍ଦୀରେ ଆମ୍ଭର ଉର୍ଜା ଶୀର୍ଷକ ଆଲୋଚନାଚକ୍ର

**ନାକଟିଦେଉଳ,୫।୮(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ଏକବିଂଶ ଶତାବ୍ଦୀରେ ଆମ୍ଭର ଉର୍ଜା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭାରତୀ କଲେଜର ରାଜନୀତି ବିଜ୍ଞାନ ଛାତ୍ରୀ ରୋଜାଲିନ ଦାଶ ସାଧନ କର୍ମୀ ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀରେ ଛାତ୍ରୀଛାତ୍ର ନିଜର ବ୍ୟକ୍ତିତ୍ୱର ବିକାଶ ସହ ରାଷ୍ଟ୍ର ନିର୍ମାଣରେ ସହଭାଗିତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପିକା ଡ. ସରସୀରାଣୀ ନାୟକ, ସଞ୍ଜୀବ ଦାଶ, ବିନୀତା ମୁର୍ମୁ, ସରୋଜ ଭୁଏ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ପ୍ରଶାନ୍ତ କୁମାର ଦାଶ ସଂଯୋଜନା କରିଥିବାବେଳେ ଛାତ୍ରୀ ସିକି ରାଉଳ ଧନ୍ୟବାଦ ଦେଇଥିଲେ।

# ସାମୂହିକ ଶ୍ରୀଦୁର୍ଗା ସପ୍ତଶତୀ ଚଣ୍ଡୀପାଠ

**ସମ୍ବଲପୁର,୫।୮(ବି.ଶଙ୍କର)**

ବିଶ୍ୱ କଲ୍ୟାଣ ନିମନ୍ତେ ସାମୂହିକ ଶ୍ରୀଦୁର୍ଗା ସପ୍ତଶତୀ ଚଣ୍ଡୀପାଠ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ସମ୍ପନ୍ନ ହୋଇଛି । ଆୟୋଜକ ଶ୍ରୀବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡାଙ୍କ ପରିଚାଳନାରେ ଚଣ୍ଡୀପାଠ ହୋଇଥିଲା। ଶାନ୍ତି, ମୈତ୍ରୀ, ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନା ଚଣ୍ଡୀପାଠର ଉଦ୍ଦେଶ୍ୟ ବୋଲି ପଣ୍ଡିତ ମହାସଭା ସମ୍ପାଦକ ଅକ୍ଷୟ ପୁରୋହିତ ସୂଚିତ କରିଛନ୍ତି। ଏହାପରେ ମାଙ୍କ ଷୋଡ଼ଶ ଉପଚାର ପୂଜା ହୋଇଥିଲା । ପଣ୍ଡିତ ନିରଞ୍ଜନ ଷଡ଼ଙ୍ଗୀ, ଗିରିଜା ପଣ୍ଡା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଜୟକୃଷ୍ଣ କର, ଲକ୍ଷ୍ମଣ ବେହେରା, ଅମରନାଥ ମିଶ୍ର, ଯୋଗେଶ୍ୱର ବାବୁ, ସରିତ ପାଢ଼ୀ, ସୌରଭ ମିଶ୍ର, ସଚ୍ଚିଦାନନ୍ଦ ମିଶ୍ର କାଳିଦାସ ପଣ୍ଡା ପ୍ରମୁଖ ସାମୂହିକ ଚଣ୍ଡୀପାଠ କରିଥିଲେ। ଶେଷରେ ମା'ଙ୍କ ଆରତୀ ଓ ପୁଷ୍ପାଞ୍ଜଳି ହୋଇଥିଲା।

## ଅନ୍ୟା ପକ୍ଷରୁ ସାହିତ୍ୟ ଆସର

**ସମ୍ବଲପୁର,୫।୮(ବି.ଶଙ୍କର)**

ଅନ୍ୟା ପକ୍ଷରୁ ସାହିତ୍ୟ ଆସର ଶନିବାର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଥାକାର ହୃଷୀକେଶ ପୂଜାରୀଙ୍କ ଗଳ୍ପ ସଂକଳନ ଜୀବନ ଉପାଖ୍ୟାନ ଉନ୍ମୋଚିତ ହେବା ସହ ଓ ସାହିତ୍ୟିକ ତଥା ସ୍ତମ୍ଭକାର କୁମାର ହସନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପ୍ରଫେସର କାଳୀଦାସ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି କଥାକାର ମଳୟ ମିଶ୍ର ତାଙ୍କ ବକ୍ତବ୍ୟରେ ସାହିତ୍ୟର କେବେ ମୃତ୍ୟୁ ହୋଇ ନ ଥାଏ ବୋଲି କହିଥିଲେ। ଡ. ଗୌରିଦାସ ପଧାନ ସଭା ସଂଯୋଜନା କରିଥିଲେ। ଶେଷରେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ



ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପରେ ଭାଗ ନେଇଥିବା ପ୍ରତିଯୋଗୀ।

**ସମ୍ବଲପୁର,୫।୮(ବି.ଶଙ୍କର)**

ବିଶ୍ୱମ୍ଭର ବହିଦାର ସ୍ମାରକୀ ରାଜ୍ୟସ୍ତରୀୟ ପାୱାର ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ-୨୦୨୩ ଶନିବାର ସମ୍ବଲପୁର ନାରୀ ସେବା ସଦନଠାରେ ଉଦ୍ଘାଟିତ ହୋଇଛି। ଦୁଇଦିନିଆ ଏହି ପ୍ରତିଯୋଗିତାରେ ବଲାଙ୍ଗୀର, ଝାରସୁଗୁଡା, ସୋନପୁର, ବୌଦ୍ଧ, ରାୟଗଡ, ଜୟପୁର, ରାଉରକେଲା, ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁର ଜିଲାର ୯୨ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ବାଳିକାରେ ୩୭ ଓ ବାଳକ ବର୍ଗରେ ୫୫ଜଣ ପ୍ରତିଯୋଗୀ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ପ୍ରତିଯୋଗିତାକୁ ୟଙ୍ଗ ବୟେଜ ଆସୋସିଏଶନ ଓ ସମ୍ବଲପୁର ପାୱାର ଲିଫ୍ଟିଙ୍ଗ୍ ଆସୋସିଏଶନ ମିଳିତ ଭାବରେ ଆୟୋଜନ କରିଛି। ବିଚାରକ ଭାବେ ଭବାନୀପାଟନାର ତରନଦୀପ ସିଂ, ଟିଟିଲାଗଡର ଗୌତମ ଆରଜୁଏ ଓ ଖୋର୍ଦ୍ଧାର ସନ୍ତୋଷ ବାରିକ ଦାୟିତ୍ୱ ନିର୍ବାହ କରିଛନ୍ତି। ୟଙ୍ଗ ବୟେଜ ଆସୋସିଏଶନ ସଭାପତି ପ୍ରେମରଞ୍ଜନ ଦୁବେ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଜିଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ସମ୍ମାନିତ ଅତିଥି ଥିଲେ।

# ରକ୍ତଦେଇ ଅନ୍ୟଙ୍କୁ ଉତ୍ସାହିତ କଲେ ଏସ୍‌ପି

**ସମ୍ବଲପୁର, ୫।୮ (ଶୁଭାଶିଷ ପାଢୀ)**

ସମ୍ବଲପୁର ବୁର୍ଲା ଓ ଜିଲା ସଦର ଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ପାଇଁ ଜିଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ରକ୍ତ ଦେଇ ଅନ୍ୟ କର୍ମଚାରୀ ଓ ସାଧାରଣ ଲୋକଙ୍କ ଉତ୍ସାହ ବଢାଇଥିଲେ। ଏହାକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି। ରିଜର୍ଭ ପୋଲିସ ଲାଇନସ୍ଥିତ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏସ୍‌ପି ଭାମୁ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର ଉପସ୍ଥିତ ଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦିଆଯାଇଥିଲା। ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା ସଂଯୋଜନା କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଡାକ୍ତର ଅମ୍ରିତା ଆଚାର୍ଯ୍ୟ, ଟେକ୍ନିସିଆନ ଦେବାଶିଷ ମିଶ୍ର, ମଞ୍ଚୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ଜିଲା ପୋଲିସକୁ ପିସିଆର୍ ଭ୍ୟାନ୍ ପ୍ରଦାନ

**ସମ୍ବଲପୁର,୫।୮(ବି.ଶଙ୍କର)**

ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଶନିବାର ଜିଲା ପୋଲିସକୁ ପିସିଆର୍ ଭ୍ୟାନ୍ ପ୍ରଦାନ କରାଯାଇଛି। ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏସ୍‌ପି ମୁକେଶ କୁମାର ଭାମୁଙ୍କୁ କମ୍ପାନୀ ପକ୍ଷରୁ ପିସିଆର୍ ଭ୍ୟାନର ଚାବି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ, ମାନବ ସମ୍ବଳ ଯୁଗ୍ମ ସଭାପତି କ୍ରୀଷ୍ଣା ପାଢୀ, ଏଫ୍‌ଆର୍‌ପି ମୁଖ୍ୟ ସୌମିତ୍ର ରାୟ, ସିଏସ୍‌ଆର୍ ଓଡିଶା କ୍ଲଷ୍ଟର ହେଡ ଶିବ ମହାପାତ୍ର, ଆଇଆର ହେଡ୍ ଦୀପକ ମହାନ୍ତି ଉପସ୍ଥିତ ରହି ପୋଲିସ ବିଭାଗକୁ ଏହି ପିସିଆର୍ ହସ୍ତାନ୍ତର କରିଥିଲେ। ହିଣ୍ଡାଲକୋର ଏହି ସହଭାଗିତା ପାଇଁ ଜିଲା ପୋଲିସ ବିଭାଗ ପକ୍ଷରୁ ଏସ୍‌ପି ହିଣ୍ଡାଲ୍‌କୋକୁ ସାଧୁବାଦ ଜଣାଇଥିଲେ।



ଜିଲା ପୋଲିସକୁ ପିସିଆର ଭ୍ୟାନ ଚାବି ପ୍ରଦାନ କରାଯାଉଛି।

# ପ୍ରାଥମିକ ଶିକ୍ଷକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

## ୧୬ରୁ ନେବେ ସାମୂହିକ ଛୁଟି

**କୁଚିଣ୍ଡା,୫।୮(ବିରଞ୍ଚି ଦର୍କା)**

କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ବ୍ଲକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ବୈଠକରେ ଦାବି ଉପରେ ସବିଶେଷ ଆଲୋଚନା ହୋଇଥିଲା। ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନ ପକ୍ଷରୁ ଗତ ୨୦୨୨ ନଭେମ୍ବର ୨୭ରେ ଭୁବନେଶ୍ୱରରେ ଆନ୍ଦୋଳନ ହୋଇଥିଲା। ମୁଖ୍ୟ ଶାସନ ସଚିବ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାର ୮ମାସ ବିତିଯାଇଛି। ମାତ୍ର ପଦକ୍ଷେପ ନିଆଯାଇ ନ ଥିବାରୁ ଅଗଷ୍ଟ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଇଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଇଓ ଗୌରାଙ୍ଗ ଚରଣ କୁସୁମ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରଦତ୍ତ ଦାବିପତ୍ରରେ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରି ଏକ୍ସ କ୍ୟାଡର ଉଚ୍ଛେଦ ସହ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ରେଗୁଲାର କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ ଓ ପୁରୁଣା ପେନ୍‌ସନ ଲାଗୁ କରିବା ଉଲ୍ଲେଖ କରାଯାଇଛି। ବ୍ଲକ ସଂଘ ସଭାପତି ଦାଶଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ କଲ୍ୟାଣୀ ପଟେଲ, ସମ୍ବଲପୁର ଜିଲା ସଭାପତି ଲଳିତ ମୋହନ ପୃଷେଠ, ଉପସଭାପତି ପ୍ରଦୀପ୍ତ ନାଏକ, ଭୋଜରାଜ କିଷାନ, ରେଣୁକା ଶର୍ମା, ମାଧବୀ ପଟେଲ, ଦୁଃଖବନ୍ଧୁ ସାହୁ, ପ୍ରମୋଦ ଚୌଧୁରୀ, ବୁଲୁ ସାହୁ, ଅନିଲ ନାୟକ, ମନୋଜ ମଲ୍ଲିକ ଉପସ୍ଥିତ ଥିଲେ।



କୁଚିଣ୍ଡା ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ରେଙ୍ଗାଲି ବ୍ଲକ ସଂଘ ପକ୍ଷରୁ ଦାବିପତ୍ର

ରେଙ୍ଗାଲି,୫।୮(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ୩ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ପ୍ରଦାନ କରାଯାଇଛି। ଗଣ ଶିକ୍ଷା ବିଭାଗ ଅଧୀନରେ କାମ କରୁଥିବା କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା, ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କୁ ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା, ଏକ୍ସ କ୍ୟାଡ଼ର ଉଚ୍ଛେଦ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ ଆଦି ଦାବି କରାଯାଇଛି। ଏହା ପୂରଣ ନ ହେଲେ ସଂଘର ସମସ୍ତ ଶିକ୍ଷକ ଆସନ୍ତା ୧୬ରୁ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି।

**ବୃକ୍ଷ ରୋପଣ କାର୍ଯ୍ୟକ୍ରମ**

ଲୋଇସିଂହା,(ସୁଶାନ୍ତ ବାରିକ):ଲୋଇସିଂହା କର୍ଲିପାଟସ୍ଥିତ ବାରିକ ଭବନ ପରିସରରେ ବାରିକ ସମାଜ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜର ବ୍ଲକ ସଭାପତି କିଶୋର ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଅସମ୍ପୂର୍ଣ୍ଣ ବାରିକ ଭବନକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନାରାୟଣ ବାରିକ, ଜୟଦେବ ବାରିକ, ସୁପାଲ ପଶାୟତ, ରଷଭ ପଶାୟତ, ଜଗନ୍ନାଥ ବାରିକ ଉପସ୍ଥିତ ଥିଲେ । ସମ୍ପାଦକ ସତ୍ୟନାରାୟଣ ପଶାୟତଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍‌ଘାଟ ଉପରେ ଆଲୋଚନା କରାଯାଇଥିଲା ।

# ଲୋକଙ୍କ ସମସ୍ୟା ପଚାରି ବୁଝିଲେ

**ବିଧାୟକଙ୍କ ଦେଓଗାଁ ବ୍ଲକ ଗସ୍ତ**

ଦେଓଗାଁ, ୫।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକକୁ ବିଧାୟକ ନରସିଂହ ମିଶ୍ର ଶନିବାର ଗସ୍ତ କରିଥିଲେ। ଲଗାଣ ବର୍ଷାରେ ହୋଇଥିବା କ୍ଷୟକ୍ଷତି ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ପ୍ରଥମେ ବିଧାୟକ ମିଶ୍ର ଘୁଟିପାଲି ଗାଁକୁ ଯାଇ ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ଘର ଦେଖିବା ସହ ପୀଡିତଙ୍କୁ ତାରପୋଲିନ ବଣ୍ଟନ କରିଥିଲେ। ପରେ ଗାଁ ରାମଲୀଳା ମଣ୍ଡପ ନିର୍ମାଣର ଶୁଭାରମ୍ଭ କରିଥିଲେ। ଏ କାର୍ଯ୍ୟକ୍ରମ ସାରି ବିଧାୟକ ବଗଡା, ହଲଦିପାଲି, ବ୍ରାହ୍ମଣୀପଲା ଆଦି ଗ୍ରାମକୁ ଯାଇ ବର୍ଷା କ୍ଷତିଗ୍ରସ୍ତ ଚାଷ, ଘର ଓ ରାସ୍ତା ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ରାଜସ୍ୱ ନିରୀକ୍ଷକମାନଙ୍କୁ ଆସନ୍ତା ୧୦ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସିଂହାଟିମାଲ ଯାଇ ବ୍ରାହ୍ମଣୀପଲାରୁ ସିଂହାଟିମାଲ ରାସ୍ତା ଧୋଇଯାଇଥିବା ନେଇ ବିଧାୟକ ମିଶ୍ର ଆରଡି ବିଭାଗ ଏସ୍‌ଡିଓଙ୍କୁ ଫୋନ ମାଧ୍ୟମରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ । ପାଞ୍ଚବର୍ଷ ଭିତରେ ରାସ୍ତା ଧୋଇ ଯାଇଥିବାରୁ କାର୍ଯ୍ୟର ମାନକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିବାରୁ ଏହାର ସ୍ୱତନ୍ତ୍ର ତଦନ୍ତ କରିବାପାଇଁ ସରକାରଙ୍କୁ ପତ୍ର ଲେଖିବି ବୋଲି କହିଥିଲେ। ବିଧାୟକଙ୍କ ଗସ୍ତ ଅବସରରେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ କଂଗ୍ରେସ କିଷାନ ସେଲ ସଭାପତି କୁନା ସାହୁ, ବିଧାୟକଙ୍କ ପ୍ରତିନିଧି କାନ୍ତେଶ୍ୱର ପଧାନ, ମାର୍କଣ୍ଡ ମେହେର, ମଣି ଧରୁଆ, ତାରାକାନ୍ତ ପଧାନ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ସୁରୁଲାଲ ମଟାରୀ, ଅର୍ଜ୍ଜୁନ ସାହୁ, ପ୍ରଫୁଲ୍ଲ ଦାଶ, ମନବୋଧ ହରପାଲ ଓ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଟଯୋଷୀ)


ଗ୍ରାମବାସୀ ପ୍ରଶାସନ ନିକଟରେ ଫେରାଦ ହେଉଛନ୍ତି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଦୀର୍ଘ ବର୍ଷ ହେବ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଦାନ ଦେଇଥିବା ସ୍ଥାନରେ ନିର୍ମାଣ ହୋଇ ଚାଲି ଆସୁଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ଯୋଜନାରେ ସାମିଲ କରି ମୋ ସରକାର ଅଧୀନରେ ରୂପାନ୍ତରିତ କରିବାକୁ ଅନୁଦାନ ପ୍ରଦାନ କରିଛନ୍ତି। ଜାଗା ବିବାଦକୁ ନେଇ ବିଦ୍ୟାଳୟ ନିର୍ମାଣରେ ବାଧା ଉପୁଜିଛି। ପୂର୍ବରୁ ବିଦ୍ୟାଳୟ ପାଇଁ ଜାଗା ଦାନ କରିଥିବା ଡୁଡୁକାଠେଙ୍ଗା ଗ୍ରାମର ଜଣେ ବ୍ୟକ୍ତି ନୂତନ ବିଦ୍ୟାଳୟ ନିର୍ମାଣ ପାଇଁ ୩ ଏକର ଜାଗା ରେଜିଷ୍ଟ୍ରେସନ କରି ମ୍ୟୁଟେସନ କରିବା ପାଇଁ ଦୀର୍ଘ ବର୍ଷ ହେଲା ପ୍ରାୟ ୪ ଲକ୍ଷ ଟଙ୍କା ନେଇଥିବାବେଳେ ମ୍ୟୁଟେସନ ନ କରି ଆଜିକାଲି କରି ଦିନ ଗଡାଇ ଚାଲିଥିଲେ। ବର୍ତ୍ତମାନ ବିଦ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକୀୟ ଜାଗା ଦେବା ପାଇଁ ତାଙ୍କ ପୁଅମାନେ ମନା କରିବାରୁ ବିଦ୍ୟାଳୟ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପ୍ରଚେଷ୍ଟା ବଳରେ ନିକଟସ୍ଥ ଦର୍ଲିପଡା ଛକ ନିକଟରେ ସ୍ଥାନୀୟ ଗ୍ରାମର ଦୁଇଜଣ ବୃଦ୍ଧା ମହିଳା ବେଳମତି ମାଝୀ ଓ ପୂର୍ଣ୍ଣ ମୁଲକିଆ ନିଜର ୨୫ ଓ ୪୪ ଡେସମିଲ ଜାଗା ଦାନ କରିବାକୁ ନିଜସ୍ୱ ଇଚ୍ଛା ପ୍ରକାଶ କରିଥିଲେ। ଗତ ମାସ ୨୪ରେ ଉକ୍ତ ସ୍ଥାନରେ ନୂତନ ବିଦ୍ୟାଳୟ ନିର୍ମାଣ ପାଇଁ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, କୋକସରା ବିଡ଼ିଓ ଉତ୍ତମ ବାଗ, ତହସିଲଦାର ଦେବବ୍ରତ କରାଟି, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗଙ୍କ ଉପସ୍ଥିତିରେ ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତେବେ କଳାହାଣ୍ଡି ଜିଲାପାଳ ଗତ ଶୁକ୍ରବାର କୋକସରା ବ୍ଲକ ଗସ୍ତରେ ଆସିଥିବାବେଳେ ବିଦ୍ୟାଳୟ ପରିଦର୍ଶନ କରି ୫-ଟି ସ୍କୁଲ ନିର୍ମାଣ ପାଇଁ ପୂର୍ବରୁ ଥିବା ସ୍ଥାନରେ ନିର୍ମାଣ କରିବାକୁ କହିଥିଲେ। ହେଲେ ବିଦ୍ୟାଳୟର ଜାଗା ବିବାଦ ପାଇଁ ଗ୍ରାମବାସୀ ନୂତନ ସ୍ଥାନରେ ସ୍କୁଲ ନିମାଣ କରିବାକୁ ଶନିବାର କୋକସରା ତହସିଲଦାରଙ୍କ ନିକଟରେ ଆସି ଦାବି କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ ଓ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ଉଦ୍ୟମରେ କୋକସରା ବ୍ଲକ ସଭାଗୃହରେ ଏକ ବୈଠକ ଆୟୋଜନ କରି କୋକସରା ବିଡ଼ିଓ ଉତ୍ତମ ବାଗ, ତହସିଲଦାର ଦେବବ୍ରତ କରାଟି, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା ପରେ ନୂତନ ନିର୍ଦ୍ଧାରିତ ସ୍ଥାନରେ ନୂତନ ସ୍କୁଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

# ଜ୍ଞାନବିଜ୍ଞାନ ମେଳାରେ ୩୫୫ ପ୍ରକଳ୍ପ


ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ କୃତୀ ପ୍ରତିଯୋଗୀ।

ଲୋଇସିଂହା, ୫।୮ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍‌ଶିଶୁ ବର୍ଗରେ ୨୩୮ ଓ ଶିଶୁବର୍ଗରେ ୭୦, ବାଳବର୍ଗରେ ୩୦ ଏବଂ କିଶୋର ବର୍ଗରେ ୧୭ ଏପରି ମୋଟ ୩୫୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରଶ୍ନମଞ୍ଚ, କଥାକଥନ ଏବଂ ନିବନ୍ଧ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ । ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ସାହୁ ମୁଖ୍ୟଅତିଥି, ଗୌରୀଶଙ୍କର ବେଜ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ବିଜ୍ଞାନର ଅଗ୍ରଗତି ଏବଂ ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ବି.ହୋତା, କୋଷାଧ୍ୟକ୍ଷ ପି.ବେହେରା ଉପସ୍ଥିତ ରହି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ।

# ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର

ଭବାନୀପାଟଣା/ଜୁନାଗଡ଼, ୫।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

ପ୍ରାଥମିକ ଶିକ୍ଷକମାନେ ଶିକ୍ଷାର ମେରୁଦଣ୍ଡ। ତେବେ ଓଡ଼ିଶାରେ ସେମାନଙ୍କର ସ୍ଥିତି ଦୟନୀୟ। ଭାରତର ୨୨ଟି ରାଜ୍ୟରେ କେନ୍ଦ୍ରୀୟ ହାରରେ ଶିକ୍ଷକମାନେ ଦରମା ପାଉଥିବା ବେଳେ ଓଡ଼ିଶାର ପ୍ରାଥମିକ ଶିକ୍ଷକମାନେ ୨୨୦୦ଗ୍ରେଡ ପେ ପାଇବା ଦୁଃଖଦାୟକ। ତେଣୁ ଏହାର ସୁବିଚାର ଓ ପ୍ରତିବାଦରେ ରାଜ୍ୟ ମହାସଂଘର ଆହ୍ୱାନ କ୍ରମେ ଶନିବାର କଳାହାଣ୍ଡି ଜିଲାର ସମସ୍ତ ବ୍ଲକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭବାନୀପାଟଣାରେ ସ୍ଥାନୀୟ ଆଇନ କଲେଜ ପରିସରରୁ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ଆସି ଶୃଙ୍ଖଳିତ ଭାବେ ଶକ୍ତିନଗର ପଡା ସ୍ଥିତ ବିଇଓ ଅଫିସରେ ପହଞ୍ଚିଥିଲେ। ସେଠାରେ ସ୍ଲୋଗାନରେ ନିଜର ଦାବି ସମ୍ପର୍କରେ ସମସ୍ତ ଶିକ୍ଷକ ନାରା ଦେଇଥିଲେ। ୩ଦଫା ମଧ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରିରେ ଗଣନା, ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡରଭୁକ୍ତ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, ନୂତନ ପେନସନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ ପ୍ରଭୃତି ରହିଛି। ଏହି ଶୋଭାଯାତ୍ରାରେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବଶିଷ୍ଠ ଭୋଇ, ସଂପାଦକ ପ୍ରଦ୍ୟୁମ୍ନ ହୋତା, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଅମରେନ୍ଦ୍ର ପଟ୍ଟନାୟକ, ଜଗଦିଶ ପାଣି, ପ୍ରମୋଦ ବିଶି, ପ୍ରଫୁଲ୍ଲ ଠାକୁର, ଜାକିର ମହମ୍ମଦ, ସୁବ୍ରତ ଦଣ୍ଡସେନା, ତ୍ରିଲୋଚନ ସାହୁ, ଅଜିତ ଦାସ, ମନୋଜ ପଣ୍ଡା, ସୋମେନ୍ଦ୍ର ମହାନ୍ତି, ବିଜୟ ଦଳାଇ, ଚିନ୍ମୟ ମହାନ୍ତି, କାଳନ୍ଦ୍ରୀ ସ୍ୱାଇଁ, ପ୍ରଶାନ୍ତ ମୋଲାନା, ବେଣୁଧର ବିଶ୍ୱାଳ, ସଂଯୁକ୍ତା ବେହେରା, ଦୁଷ୍ମନ୍ତ ମାଝୀ, ସାନ ନାୟକ, ଜୟ ମାଝୀ ଆଦି ପ୍ରମୁଖ ଉପସ୍ଥିତ ରହି ରାଲି ପରିଚାଳନା କରିଥିଲେ। ସେହିପରି ଜୁନାଗଡ଼ରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆସନ୍ତା ୧୬ ତାରିଖ ପୂର୍ବରୁ ସରକାର ଉପରୋକ୍ତ ଦାବି ବିଷୟରେ କିଛି ପଦକ୍ଷେପ ନ ନେଲେ ସାମୂହିକ ଛୁଟି ନେଇ କାର୍ଯ୍ୟ ଆନ୍ଦୋଳନ କରିବାକୁ ଫେଡେରେସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜୁନାଗଡ଼ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଶାଖାର ସଭାପତି ସରୋଜ କୁମାର ପଣ୍ଡାଙ୍କ ବଳିଷ୍ଠ ନେତୃତ୍ୱରେ ଓ ସମ୍ପାଦକ ଶାନ୍ତନୁ କୁମାର ମାଝୀଙ୍କ ଆହ୍ୱାନ କ୍ରମେ ଉପସଭାପତି ଲଳିତ କୁମାର ନେଗୀ, ରାଜେଶ ସେଠ ଉପସଭାନେତ୍ରୀ ନମିତା ଦାଶ ଓ ସୁନିତା ଆଚାରୀ, ଯୁଗ୍ମ ସମ୍ପାଦକ ସମରେନ୍ଦ୍ର ଦାଶ ଓ ସୌମ୍ୟ ରାଉତ, ସଂଯୋଜକ ସୂର୍ଯ୍ୟ ଠାକୁର ,କୋଷାଧ୍ୟକ୍ଷ ସିତେଶ କୁମାର ପାଢ଼ୀ ଜିଲା ସଙ୍ଗଠନରୁ ଅଟଳ ପଣ୍ଡା, ଦିଲୀପ ଖାନସମା, ଜିଲା ଉପସଭାପତି ବୀରେନ ବାଗ ପ୍ରମୁଖ ଯୋଗ ଦେଇ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା,୫।୮ ( ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ମିଛାପାଲି ନିକଟ ବିଜୁ ଏକ୍ସପ୍ରେସ ଫୋର ୱେ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଜଡାମୁଣ୍ଡା ପଞ୍ଚାୟତ ମାଳଭଟା ଗାଁର ପିଣ୍ଟୁ ମାଝି (୨୫) ଓ ଆହତ ଜଣକ ହେଲେ ମିଛାପାଲି ଗାଁର ସାଗର ମାଝି (୨୨)। ଶନିବାର ସନ୍ଧ୍ୟାରେ ମିଛାପାଲି ଛକ ନିକଟରେ ବିଜୁ ଏକ୍ସପ୍ରେସ ୱେ କଡ଼ରେ ବସିଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁଇ ଜଣ ସାଙ୍ଗ ଛିଟିକି ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ଆସି ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ନେଇ ସେମାନଙ୍କୁ ଭର୍ତ୍ତି କରିଥିଲେ। ଡାକ୍ତର ପିଣ୍ଟୁଙ୍କୁ ମୃତ ଘୋଷଣା କରିଥିବାବେଳେ ସାଗର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ମିଳିତ ଶିକ୍ଷକ ସଂଘର ବିଇଓ ଅଫିସ ଘେରାଓ

ନୂଆପଡ଼ା,୫।୮ (ମକାରୁ ବେମାଲ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଆହ୍ୱାନରେ ଜିଲାର ୫ଟି ବ୍ଲକର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଶନିବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଦାବି ପୂରଣ ନ ହେଲେ ଆସନ୍ତା ୧୬ ତାରିଖରୁ ସାମୁହିକ ଛୁଟିରେ ଯିବାର ଚେତାବନୀ ଦିଆଯାଇଛି। ଦାବି ସବୁ ହେଲା ମୁଖ୍ୟମନ୍ତ୍ରୀ ରାଜ୍ୟର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନ୍ୟାସନାଲ ଇନକ୍ରୀମେଣ୍ଟ ପ୍ରଦାନ କରି ମୂଳ ଚାକିରୀ ରେ ଗଣନା କରିବା। ଏକ୍ସ କ୍ୟାଡର ଶିକ୍ଷକଙ୍କୁ କ୍ୟାଡ଼ର ଭୁକ୍ତ କରାଯାଉ, ଜଳ ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରାଯାଉ। ଦାବି ପୂରଣ ନ ହେଲେ ଆସନ୍ତା ଏଗାର ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯିବ ଓ ତାପରେ ଯଦି ପୂରଣ ନ ହୁଏ ତାହେଲେ ଆସନ୍ତା ୧୬ ତାରିଖରୁ ସାମୁହିକ ଛୁଟିରେ ଯାଇ ପ୍ରତ୍ୟେକ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ଆଗରେ ଧାରଣା ଦିଆଯିବ ବୋଲି କୁହାଯାଇଛି । ଏହି ରାଲିରେ ଉପଦେଷ୍ଟା କମିଟିର ସରୋଜ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂହ ମାଝି ସାମିଲ ହୋଇ ଥିବାବେଳେ ସଭାପତି ଶଙ୍କର୍ଷଣ ପୁରୋହିତ, ସମ୍ପାଦକ ସରୋଜ କୁମାର ଅଗସ୍ତି, ଉପସଭାପତି ଉପେନ୍ଦ୍ର ଷଡ଼ଙ୍ଗୀ, ସୁବ୍ରତ ଦାସ, ଜିତେନ୍ଦ୍ର ଖମାରୀ, ପ୍ରମୋଦ କୁମାର ମିଶ୍ର, ବିନୋଦ ସିଂହ ଠାକୁର, ହେମଲାଲ ଦୀପ, ମକରଧ୍ୱଜ ବାରିକ, ଚିନ୍ମୟୀ ଦାସ ସାମିଲ ହୋଇଥିଲେ।

# ଶିଶୁର ବାପା, ମଧ୍ୟସ୍ଥଙ୍କ ସମେତ ୩ଗିରଫ

ଟିଟିଲାଗଡ, ୫।୮ (ଶରତ ମିଶ୍ର)

**ଶିଶୁ ବିକ୍ରି ଅଭିଯୋଗ ଘଟଣା**
- ଅଦ୍ୟାବଧି ଉଦ୍ଧାର ହୋଇପାରିନି ଶିଶୁ
- କ୍ରେତାଙ୍କୁ ଖୋଜୁଛି ପୋଲିସ
- ୮ ଦିନ ତଳେ ଆସିଥିଲା ଶିଶୁବିକ୍ରି ଅଭିଯୋଗ

ଟିଟିଲାଗଡ ସହରର ଜନୈକ ଦମ୍ପତି ନିଜ ଚତୁର୍ଥ ପୁତ୍ର ସନ୍ତାନକୁ ବିକି କରି ଦେଇଥିବା ଜଣାପଡିବା ନେଇ ଆଲୋଚନାର ବିଷୟ ହୋଇଛି। ଖବର ପାଇବା ପରେ ଟିଟିଲାଗଡ଼ ଥାନା ପୋଲିସ ଏକ ମାମଲା(୨୨୪/୨୩) ରୁଜୁ କରି ତନାଘନା ଚଳାଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶିଶୁର ପିତା ସନ୍ତୋଷ ପୁଟେଲ(୩୨) ଓ ମଧ୍ୟସ୍ଥ ଶେଖ ରମଜାନ ଖାନ(୩୧) ଓ ଶିଶୁକ୍ରୟ କରିଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ ରାଜା ଦୁର୍ଗା(୩୫)। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଟିଟିଲାଗଡ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ପଧାନ କହିଛନ୍ତି। ସୂଚନା ଅନୁଯାୟୀ ଟିଟିଲାଗଡ ଝାଙ୍କରପଡ଼ା ନିବାସୀ ସନ୍ତୋଷ ପୁଟେଲ ଓ ପୁଷ୍ପା ପୁଟେଲ ଏକ ହୋଟେଲରେ କାମ କରି ଗୁଜୁରାଣ ମେଣ୍ଟାନ୍ତି। ପୁଷ୍ପାଙ୍କ ପୂର୍ବରୁ ୩ଟି ସନ୍ତାନ ଥିବାବେଳେ ମାସକ ତଳେ ତାଙ୍କର ସ୍ଥାନୀୟ ଡାକ୍ତରଖାନାରେ ପୁଣି ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଚାରିପିଲାଙ୍କ ଲାଳନ ପାଳନ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ପୁଟେଲ ଦମ୍ପତି ଲୋଭନୀୟ ପ୍ରସ୍ତାବ ପାଇ ନବଜାତ ଶିଶୁକୁ ମଧ୍ୟସ୍ଥଙ୍କ ସହାୟତାରେ ଭବାନୀପାଟଣାର ବିକ୍ରମ ମହାନନ୍ଦଙ୍କୁ ୨ଲକ୍ଷ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏଥିରେ ମଧ୍ୟସ୍ଥି ସାଜିଥିଲେ ସନ୍ତୋଷଙ୍କ ପଡୋଶୀ ଶେଖ ରମଜାନ। ତାଙ୍କୁ ୨୦ହଜାର ଟଙ୍କା ଦେଇଥିଲେ ସନ୍ତୋଷ। ଘଟଣା ନେଇ ପୋଲିସ ଅବଗତ ହେବା ପରେ ଏକ ମାମଲା ରୁଜୁ କରି ସନ୍ତୋଷ ଏବଂ ରମଜାନଙ୍କୁ ପଚରାଉଚୁରା କରି ଭବାନୀପାଟଣା, ରାୟପୁର ଆଦି ଅଞ୍ଚଳ ଯାଇ ଶିଶୁକୁ ଖୋଜାଖୋଜି କରିଥିଲେ। ତେବେ ଶିଶୁକୁ କିଣିଥିବା ବିକ୍ରମ ମୋବାଇଲ ସୁଇଚ ଅଫ କରି ଫେରାର ହୋଇ ଯାଇଥିବାରୁ ଅଦ୍ୟାବଧି ଶିଶୁ ଉଦ୍ଧାର ହୋଇନାହିଁ। ତେବେ ଅର୍ଥଲୋଭରେ କିଭଳି ଜଣେ ମା' ସ୍ନେହ ମମତା ଭୁଲି ନିଜ ଜନ୍ମିତ ଶିଶୁକୁ ବିକ୍ରି କରି ଦେଇପାରେ ତାହାକୁ ନେଇ ଆଲୋଡନ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଟିଟିଲାଗଡ଼ ସହର ପଦ୍ମନାଭପୁରର ଜଣେ ମହିଳା ନିଜ ଅଢ଼େଇ ବର୍ଷର ଶିଶୁପୁତ୍ରକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
No.CAD-1562
PIN: 751012, Tel No. (0674) 2562020, e-Mail: theoccltd@odishaconstruction.com
GSTIN- 21AAACO2571K2ZM
**"e-Procurement Notice No.- 26/OCCL/2023-24 (on-line)**
DESIGNED TO EXCEL — YEARS OF EXCELLENCE

Onl-line percentage rate tenders are invited for the following works:

| Sl No. | Name of Work | Bid Identification No. | Approx Value of work (Rs. In Crores) | Bid Security (through on-line transfer (in Rs.) | Period of Completion | Availability of Tender (on-line) | Submission of tender (on-line) |
|---|---|---|---|---|---|---|---|
| 01 | Improvement of Service road with black topping of lift main canal under lift canal division, Kusumkhunti | OCCL-TSP/09/ 2023-24 | Rs.23.07 Crores | Rs.23,07,000/- | 9 (nine) calendar months | From 07.08.2023, 03.30PM to 21.08.2023, 5.30 PM | From 07.08.2023, 03.30 PM to 21.08.2023, 5.30 PM |
| 02 | Improvement and black topping of canal service road of Jeypore Main Canal from RD 41.40 Km to 49.50 Km. and off-taking distributaries under UKI Division, Borriguma. | OCCL-TSP/10/ 2023-24 | Rs.25.42 Crores | Rs.25,42,000/- | 9 (nine) calendar months | From 07.08.2023, 03.30 PM to 21.08.2023, 5.30 PM | From 07.08.2023, 03.30 PM to 21.08.2023, 5.30 PM |

Procurement Offier : Managing Director, OCCL
Date of Opening of the Technical Bid : **22.08.2023, 12.00 Noon onwards**
Further details can be seen from the e-procurement portal: https://www.tendersodisha.gov.in
OIPR-34120/11/0036/2324 **Sd./- MANAGING DIRECTOR**



**BHUBANESWAR DEVELOPMENT AUTHORITY**
**Akash Shova Building, Sachivalaya Marg, Bhubaneswar - 751001, Visit us at: http://www.bda.gov.in**
**No. CAD-1566**
**INVITATIONS FOR BIDS (IFB)**
**Bid Identification No. 997** **Dated: 04.08.2023**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid **MV and above** licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below:

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Provision of Street Lights on the pick-up drop off lane near TATA Office at ISBT Project at Baramunda, Bhubaneswar | 10,16,307.00 | 10,200.00 | 6000.00 + 18% GST | 15 (Fifteen) Days |

2. The Bid documents will be available in the website: **https://tendersodisha.gov.in** from **07.08.2023 to 16.08.2023 upto 17.00 hours.**
3. Bids shall be received only "Online" on or before **16.08.2023 upto 17.00 hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**OIPR-13033/11/0219/2324** **Sd./- Executive Engineer, Division-IV, BDA**



idco Your power to grow | ODISHA NEW OPPORTUNITIES No.CAD-1558
**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**
Tender Call Notice No.HO/CIVIL/T&E/E-4956/04/2023 (Part-I & II)/24230 & 24223 Dt.3.08.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Name of the Work: 1) Supply, installation, testing and commissioning of 2 nos. 750 KVA 415V Silent type Diesel Generator sets for providing emergency power supply to Acoustic complex and Hockey Staff building of KHPC in Kalinga Stadium complex, Bhubaneswar.**
**2) Supply, installation, testing and commissioning of 2 nos. 1010KVA 415V Silent type Diesel Generator sets for providing emergency power supply to Athletics, Tennis Court and Staff Hostel of KHPC in Kalinga Stadium complex, Bhubaneswar.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No. CIVIL/ EST/16/2023-24<br>Bid ID No. CIVIL/ EST/17/2023-24 | 17.00 Hours of dt.09.08.2023 | 17.00 Hours of dt.24.08.2023 |

Further details can be seen from the e-Procurement Portal **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in the **e-procurement portal** as well as in **IDCO website**.
**Sd./- Chief General Manager (Civil)**
**IDCO, Bhubaneswar**
OIPR-14003/11/0164/2324



**ODISHA STATE SEEDS CORPORATION LIMITED.**
**(A Government Undertaking)**
**Santarapur, Bhubaneswar - 751002**
**Tel. MD-0674-2340573, Tel Fax: 2340096, E-mail: mdosscltd456@gmail.com**
**NIT No. OSSC/Mktg(Hort)-20/2023**
**e-Tender Call Notice for Procurement of Certified Garlic Bulb during Rabi 2023-24**
No. CAD-1577: OSSC Ltd. invites e-Tender only from Registered Garlic Bulb Producers and in case of GOI PSUs, their authorized agencies on item wise rate contract basis in double cover system through online mode only for the works below.

| | |
|---|---|
| Name of work | Purchase of Certified Garlic Buld during Rabi 2023-24 |
| Nos. of Work | One |
| Availability of Bid Document in Portal | 15.00 hours on Dt.08.08.2023 to 17 hours of Dt.28.08.2023 |
| Last date of receipt of tender in portal | 17 hours of Dt.28.08.2023 |
| Date and time of opening of Bid | 11 hours of Dt.29.08.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal **www.tendersodisha.gov.in**. Any addendum/corrigendum/cancellation can also be seen in the said website.
**Sd./- Managing Director**
**OIPR-01106/11/0030/2324** **OSSC Ltd.**



**ODISHA STATE SEEDS CORPORATION LIMITED.**
**(A Government Undertaking)**
**Santarapur, Bhubaneswar - 751002**
**Tel. MD-0674-2340573, E-mail: mdossclt456@gmail.com**
**NIT No. OSSC/Mktg(Hort)-25/2023**
**e-Tender Call Notice for Procurement of Certified Coriander Seeds for Rabi 2023-24**
No. CAD-1579: OSSC Ltd. invites Short e-Tender only from Registered Coriander Seed Producers (and in case of GOI PSUs, their authorized agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of work | Purchase of Certified seeds of Coriander for Rabi 2023-24 |
| Nos. of Work | One |
| Availability of Bid Document in Portal | 15.00 hours on Dt.08.08.2023 to 17 hours of Dt.28.08.2023 |
| Last date of receipt of tender in portal | 17 hours of Dt.28.08.2023 |
| Date and time of opening of Bid | 10.30 hours of Dt.29.08.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal **www.tendersodisha.gov.in**. Any addendum/corrigendum/cancellation can also be seen in the said website.
**Sd./- Managing Director**
**OIPR-01106/11/0032/2324** **OSSC Ltd.**



**OFFICE OF THE**
**SUPERINTENDENT, CHC AGALPUR, DIST.: BALANGIR**
**Advt. No. 512/CHC, Agalpur** **Date: 04.08.2023**
No. E-309: Sealed tenders in prescribed format are invited from the registered Travel Agencies/Tour Operators/Individuals/Private Organizations for providing vehicles on monthly hiring basis for official use of RBSK-I Team, O/o. the Superintendent, CHC, Agalpur, Balangir. Sealed tender documents should reach to the undersigned on or before **21.08.2023 till 4 P.M.** by Registered Post/Speed Post/Courier only. The tender documents received after the scheduled date & time and received without relevant documents will summarily be rejected. The details of tender documents, term & condition log on to **www.balangir.nic.in**. The undersigned reserves the right to accept or reject all or any of the tenders without assigning any reason thereof.
**OIPR-10209/11/0001/2324** **Sd./- Superintendent, CHC, Agalpur, Balangir**



**MARKFED - ODISHA**
**OLD STATION ROAD, BHUBANESWAR - 751006**
**Ref. No. 3123** **Date: 04.08.2023**
MKtg-14/২০২২-17(Pmat-V)
**CORRIGENDUM**
No. CAD-1556: Tender floated on Dtd.20.07.2023 in Dharitri (Odia) and The Indian Express (English) and in Govt. of Odisha, Tender website Sl. No. 28 & 29 vide Notice No. 2888/2023-24 & No. 2887/2023-24 Dtd.19.07.2023.
(a) In the eligibility criteria (at Sl. No. 1, Page - 9) experience not less than 3 years in the field of operation of Cold Storage, may be read as **"Experience for Operation of Cold Storage/Agri allied activities"** and
(b) Technical bids opening time (at Page - 3, Sl. No. 3) may be read as **4.30 P.M.** instead of 3.30 P.M. All other terms and conditions of the said tender notice remain unchanged.
**OIPR-39017/11/0013/2324** **Sd./- Managing Director**



**No. A-407**
**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
**At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com**
**Government of Odisha "e" PROCUREMENT NOTICE**
**Bid Identification No. 14/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | A. Construction of Haripur Distributary from RD 12000m to RD 14310m and its all sub-minors including all structures, CC lining and service road.<br>B. Restoration and protection to right bank of river Gangahar near Village: Bhurudiha, Bhadrasia, Gaudagaon, Barabanka & Mayurgaon.<br>C. Restoration and protection to left bank of river Gangahar near Village: Sirakoili, Shrirampur, Gangpura and Muturidei |
| 2 | Estimated Cost | A. Rs.4356.27 Lakh<br>B. Rs.1104.80 Lakh<br>C. Rs.861.22 Lakh |
| 3 | Bid Security/E.M.D. | A. Rs.43,56,300/-<br>B. Rs.11,04,800/-<br>C. Rs.8,61,300/- |
| 4 | Period of Completion | For 1. A. 24 (Twenty Four) Calendar Months, 1. B. & 1. C. - 18 (Eighteen) Calendar Months |
| 5 | Class of Contractor | For 1. A. "Special" Class, "Super" Class 1. B. & 1. C.: "A" Class and "Special" Class |
| 6 | Date & Time of availability of bid document in the portal | 11.08.2023 at 10.00 A.M. |
| 7 | Last date/time for receipt of bid in the portal | 05.09.2023 upto 5.00 P.M. |
| 8 | Date & time for Pre-Bid Conference | For Sl. No. 1 A.:- 24.08.2023 Office of the CE & BM, S&B Basin, Laxmiposi in physical/virtual mode through Google Meet. The interested bidder should ask to link giving their email Id to: **cebmsbb2019@gmail.com** (Joining time in Google Meet 11.30 A.M. to 12.00 Noon. |
| 9 | Date of Opening of Bid | 06.09.2023 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in"**.
**OIPR-32074/11/0025/2324** **Sd./- Chief Engineer & Basin Manager**



ପତଞ୍ଜଳି ଯୋଗପୀଠର ପ୍ରମୁଖ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜନ୍ମୋତ୍ସବ ଅବସରରେ ଏକ ମେଗା ରକ୍ତଦାନ ଶିବିର ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପରିସରରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୫୬୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ମୁଖ୍ୟ ବୈଜ୍ଞାନିକ ଡା. ଅନୁରାଗଙ୍କ ନେତୃତ୍ୱରେ ଆୟୋଜିତ ରକ୍ତ ଶିବିରରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ରକ୍ତଦାନ କରୁଛନ୍ତି।

# ରେଡ୍‌ମି୧୨ ୫ଜି ଉନ୍ମୋଚିତ

ଭୁବନେଶ୍ୱର,୫।୮

ସାଓମି ଇଣ୍ଡିଆର ବହୁପ୍ରତୀକ୍ଷିତ ନୂତନ ନମ୍ବର ସିରିଜ୍ ସ୍ମାର୍ଟଫୋନ୍-ରେଡ୍‌ମି୧୨ ୫ଜିର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଭାରତ ବଜାରରେ ବ୍ରାଣ୍ଡର ୫ଜି କନେକ୍ଟିଭିଟି ଏକ ନୂତନ ଯୁଗରେ ପ୍ରବେଶ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏ ସମ୍ପର୍କରେ ସାଓମି ଇଣ୍ଡିଆର ଅଧ୍ୟକ୍ଷ ମୁରଲୀକ୍ରିଷ୍ଣନ୍ ବି. କହିଛନ୍ତି, ଏହା ଉତ୍ସାହଜନକ ନୂଆ ସମ୍ଭାବନା ଓ ଫାଷ୍ଟ-ଟ୍ରାକିଂ ଉଦ୍ଭାବନ ପାଇଁ ମାର୍ଗ ପ୍ରଶସ୍ତ କରୁଛି। ଲକ୍ଷ ଲକ୍ଷ ଉପଭୋକ୍ତା ଜିପିବିଏସ୍ ସ୍ପିଡ୍‌ରେ ଦ୍ରୁତ ଇଣ୍ଟରନେଟ୍ କନେକ୍ଟିଭିଟି ଉପଭୋଗ କରୁଥିବାରୁ ଆମେ ବାସ୍ତବରେ ଭାରତର ଡିଜିଟାଲ ଯାତ୍ରାର ପରବର୍ତ୍ତୀ ତରଙ୍ଗରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ ରହିଛୁ। ରେଡ୍‌ମି୧୨ ସିରିଜ୍ ୩ଟି ଉତ୍ସାହଜନକ ରଙ୍ଗ ଜେଡ୍ ବ୍ଲାକ୍, ପାଷ୍ଟେଲ୍ ବ୍ଲୁ ଓ ମୁନଷ୍ଟୋନ୍ ସିଲଭରରେ ଆସୁଛି।

# କ୍ରେଡାଇ ଓଡ଼ିଶାର ଇଜିଏମ୍

ଭୁବନେଶ୍ୱର,୫।୮

'କ୍ରେଡାଇ ଓଡ଼ିଶା' ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ (ଇଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିନିୟମ ସହ ନୂଆ ଆପାର୍ଟମେଣ୍ଟ ଅଧ୍ୟାଦେଶ-୨୦୨୩ ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅପରପକ୍ଷରେ ଶାଖାର ନୂତନ କମିଟି ଗଠନ ଚୟନ କରାଯାଇଥିଲା। ଏପରିକି ଇଜିଏମ୍‌ର ନିଷ୍ପତ୍ତି ଅନୁଯାୟୀ ମେଟ୍ରୋ ଗାର୍ଡେନ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ସୋଫିଆ ଫିରୋଦୋସ କ୍ରେଡାଇ ଭୁବନେଶ୍ୱରର ସଭାପତି ଭାବେ ନିର୍ବାଚିତ ହୋଇଥିଲାବେଳେ ସନ୍ନି ଇଞ୍ଜିନିୟର୍ସ ଆଣ୍ଡ କନ୍‌ଷ୍ଟ୍ରକଶନର ଏମ୍‌ଡି ସୌମ୍ୟଜିତ ମହାନ୍ତି ଏବଂ ଶ୍ରୀୟମ ବିଲ୍ଡଟେକ୍‌ର ଏମ୍‌ଡି ବବଲି ସତ୍ୟନାରାୟଣ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଧର୍ମ ଇନ୍‌ଫ୍ରାପ୍ରୋଜେକ୍ଟସର ଏମ୍‌ଡି ଜଗତ କୁମାର କର ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ଜେବି ଆସେଟ୍ସର ଏମ୍‌ଡି ଜ୍ୟୋତିରଞ୍ଜନ ବେହୁରିଆ ଏବଂ ସୁରଭି ବିଲ୍ଡର୍ସର ଡାଇରେକ୍ଟର ମନମୋହନ ଅଗ୍ରୱାଲ ଶାଖାର ଯୁଗ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ସୁରଙ୍ଗ ବିଲ୍ଡର୍ସର ଡାଇରେକ୍ଟର ଅଶୋକ କୁମାର ପାତ୍ର ଶାଖାର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ଏକ ୪ଜଣିଆ ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜି.ଏସ୍. ଇନ୍‌ଫ୍ରାପ୍ରୋଜେକ୍ଟସର ଏମ୍‌ଡି ସଂଗ୍ରାମ କେଶରୀ ସାହୁ ନବନିର୍ବାଚିତ କମିଟିର ଚେୟାରମ୍ୟାନେ ଭାବେ ମନୋନୀତ ହୋଇଛନ୍ତି। ଉକ୍ତ ବୈଠକରେ କ୍ରେଡାଇ ଓଡ଼ିଶା ଫେଡେରେଶନର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଓ ଭଦ୍ରକ ଭଳି କ୍ଷେତ୍ରରୁ ୧୦୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ।

# ନିସ୍ ପକ୍ଷରୁ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୫।୮

ନିସ୍ ଭୁବନେଶ୍ୱର ପକ୍ଷରୁ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ସୁମାକର କେନ୍ଦ୍ର, ଆଡସ ଆଣ୍ଡ ଏଫ୍‌ଇଏସ୍ ଓ ନିସ୍‌ର ମିଳିତ ସହଯୋଗରେ 'ବିକାଶରେ ଯୁବ ବର୍ଗର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ରାଜ୍ୟର ଯୁବବର୍ଗଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ବାଦର ସମ୍ପାଦକ ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ପରାମର୍ଶ ଦେଇଛନ୍ତି। ଆସୋସିଏସନ ଫର୍ ଡେମୋକ୍ରାଟିକ୍ ସୋସିଆଲିଜମ୍‌ର ସେକ୍ରେଟାରି ଜେନେରାଲ ଡି.କେ.ଗିରି,ସୁମାକର ସୋସାଇଟି ଦିଲ୍ଲୀର ନିର୍ଦ୍ଦେଶିକା ସୁଶାନ ଚେରିଆନ୍, ଫେଡ୍ରିକ୍ ଏବର୍ଟ ଷ୍ଟିଫଙ୍ଗର କଣ୍ଟ୍ରି ନିର୍ଦ୍ଦେଶକ ଖ୍ରୀଷ୍ଟଫ ପି ମୋହର, ପ୍ରୋଗ୍ରାମ ମ୍ୟାନେଜର ଅନୁରାଗ ଶଙ୍କର, ପୂର୍ବତନ ପ୍ରଶାସକ କରୁଣାକର ପଟ୍ଟନାୟକ ପ୍ରମୁଖ ଯୋଗଦେଇ 'ବିକାଶରେ ଯୁବବର୍ଗର ଭୂମିକା' ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ୨ଟି ଅଧିବେଶନର ଆୟୋଜନ ହୋଇଥିଲା। ପ୍ରଥମ ଅଧିବେଶନରେ ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ପୂର୍ବତନ କୁଳପତି ସୁଧାକର ପଣ୍ଡା, ସେଣ୍ଟର ଫର୍ ପବ୍ଲିକ୍ ପଲିସି ଅଲଟରନେଟିଭର ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ଏବଂ ୨ୟ ଅଧିବେଶନରେ ସୁଶାନ ଚେରିଆନ୍, ସମାଜସେବୀ ବିଶାଖା ଭଞ୍ଜ, ଟ୍ରାଇବାଲ୍ ଏକାଡେମିର ଭାନୁମତି ସିଂହ ଯୋଗଦେଇ ବିସ୍ତୃତ ଚର୍ଚ୍ଚା କରିଥିଲେ। ଏକ ଗୋଷ୍ଠୀ ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ନାଗେଶ୍ୱର ପଟ୍ଟନାୟକ, ଏଫ୍‌ଇଏସ୍‌ର ପ୍ରୋଗ୍ରାମ ମ୍ୟାନେଜର ଅନୁରାଗ ଶଙ୍କର, ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ସୋସିଆଲିଜମ୍‌ର ଜେନେରାଲ ଗିରି ପ୍ରମୁଖ ଭାଗନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦୁଷ୍ମନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ନିସ୍‌ର ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ନିସ୍‌ର ସିଇଓ ସ୍ମୃତିସୁଧା ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଓଏମ୍‌ସିର ସମ୍ପୂର୍ଣ୍ଣ ପରିମଳ ଅଭିଯାନ

ଭୁବନେଶ୍ୱର,୫।୮ (ଅଭୟ ଦାଶ)




ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ନିକଟରେ ଏକ ଅଭିନବ ଅଭିଯାନ 'ସମ୍ପୂର୍ଣ୍ଣ ପରିମଳ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଓଏମ୍‌ସି ଅଧୀନରେ ଥିବା ଖଣି ଅଞ୍ଚଳବର୍ତ୍ତୀ ଗାଁଗୁଡ଼ିକରେ ପରିଷ୍କାର, ପରିଚ୍ଛନ୍ନତା ସାଙ୍ଗକୁ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତାକୁ ନେଇ ବ୍ୟବହାରଗତ ପରିବର୍ତ୍ତନ ଆଣିବା ଲାଗି ନିଗମ ନିରନ୍ତର ପ୍ରୟାସ କରୁଛି। ଏପରିକି ନିଗମର ୫ଟି ଖଣି ଅଞ୍ଚଳରେ ଥିବା ପ୍ରାୟ ୩୮ ଗାଁରେ ଓଏମ୍‌ସିର ସମ୍ପୂର୍ଣ୍ଣ ପରିମଳ ଅଭିଯାନ ବେଶ୍ ଲୋକପ୍ରିୟ ହୋଇପାରିଛି। ବିଶେଷକରି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ନିଗମ ଖଣି ଅଞ୍ଚଳର ପ୍ରତ୍ୟେକ ଗାଁକୁ ବାହ୍ୟ ଶୌଚମୁକ୍ତ କରିବା ଦିଗରେ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ, ଜିଲା ପ୍ରଶାସନ ସହଯୋଗରେ ଏଭଳି ଏକ ମହତ ପ୍ରୟାସକୁ କାର୍ଯ୍ୟକାରୀ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଯାଜପୁର ଜିଲାର ସୁକୁରଙ୍ଗୀ କ୍ରୋମାଇଟ ଖଣି ଅଞ୍ଚଳରେ ଥିବା ୧୫ଟି ଗାଁରେ ଉକ୍ତ ଅଭିଯାନର ଆରମ୍ଭ ସହ ୨୫୭୭ ନୂତନ ଶୌଚାଳୟ ନିର୍ମାଣ କରାଯାଇଥିବା ବେଳେ ୩୦୮ ଶୌଚାଳୟର ମରାମତି କରାଯାଇଥିଲା। ପରବର୍ତ୍ତୀ ସମୟରେ ବଳକା ୨୩ଟି ଗାଁରେ ଉକ୍ତ ଅଭିଯାନକୁ କାର୍ଯ୍ୟକାରୀ କରାଯାଇଥିଲା। ସେହିଭଳି ଦୈତାରୀ ଖଣି ଅଞ୍ଚଳ ଅଧୀନ ହରିଚନ୍ଦନପୁର ବ୍ଲକର ୮ଟି ଗାଁ, ଗନ୍ଧମାର୍ଦ୍ଦନ ଖଣି ଅଞ୍ଚଳରେ ଥିବା ବାଂଶପାଳ ବ୍ଲକର ୧୧ଟି ଗାଁ ଏବଂ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳ ଅଧୀନ ଲହୁଣିପଡ଼ା ବ୍ଲକରେ ଥିବା ୪ଟି ଗାଁକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଉପରୋକ୍ତ ଗାଁଗୁଡିକରେ ୨୪୨୨ଟି ଶୌଚାଳୟ ନିର୍ମାଣ କରାଯାଇଛି। ଏପରିକି ଉକ୍ତ ଅଞ୍ଚଳରେ ସ୍ୱଚ୍ଛତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଲୋକଙ୍କ ଜୀବନ ଧାରଣର ମାନରେ ମଧ୍ୟ ଉନ୍ନତି ଆସିଛି। ଖଣି ଅଞ୍ଚଳରେ ସମ୍ପୂର୍ଣ୍ଣ ପରିମଳ ଅଭିଯାନକୁ ଆରମ୍ଭ କରିବା ପୂର୍ବରୁ ଓଏମ୍‌ସି ପକ୍ଷରୁ ଏକ ସର୍ଭେ କରାଯାଇ ସମ୍ପୃକ୍ତ ଅଞ୍ଚଳରେ ପରିମଳର ସ୍ଥିତି ସମ୍ପର୍କରେ ଯାଞ୍ଚ କରାଯାଇଥିଲା।

# 'ଆତ୍ମଶକ୍ତି' ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୫।୮

ରାଜ୍ୟର ପ୍ରମୁଖ ଘରୋଇ ସାମାଜିକ ଅନୁଷ୍ଠାନ 'ଦ ଉଇ ଫାଉଣ୍ଡେଶନ' ପକ୍ଷରୁ ଶନିବାର ଅନୁଗୋଳର ମଦନମୋହନପଡ଼ା ଟାଉନ ହଲ୍‌ଠାରେ ଏକ ଅଭିନବ ପ୍ରକଳ୍ପ 'ଆତ୍ମଶକ୍ତି'ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ବିଶେଷ କରି ଅମ୍ରିତେଶ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏଆଇପିଏଲ୍) ସମେତ ଅନୁଗୋଳ ମ୍ୟୁନିସିପାଲିଟି ଏବଂ ଓଡ଼ିଶା ରାଜ୍ୟ ଜୀବିକା ମିଶନ ସହଭାଗିତାରେ ଆରମ୍ଭ କରାଯାଇଛି। ଏପରିକି ଫାଉଣ୍ଡେଶନ ୮୦୦ ବାଳିକା ଏବଂ ମହିଳାମାନଙ୍କ ପାଇଁ ଋତୁସ୍ରାବ ସ୍ୱଚ୍ଛତା ଅଭିଯାନ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛି। ଏହି ପ୍ରକଳ୍ପ ୧୨ ମାସ ଧରି ପରିଚାଳିତ ହେବ ଏବଂ ଏଥିରେ ଋତୁସ୍ରାବ ସ୍ୱଚ୍ଛତା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା, 'ପିରିୟଡ୍' ଟାବୁକୁ ଭାଙ୍ଗିବା ଏବଂ ୫ଟି ପ୍ରିମିୟମ ସାନିଟାରି ନାପ୍‌କିନ୍ ପ୍ୟାକେଟ୍ ପ୍ରତି ୮୦୦ ବାଳିକା ଏବଂ ମହିଳାଙ୍କ ପାଇଁ ୫ ମାସ ପାଇଁ ବଣ୍ଟନ କରାଯିବ। ଏ ସମ୍ପର୍କରେ ଦି ଉଇ ଫାଉଣ୍ଡେଶନର ନିର୍ଦ୍ଦେଶିକା ନବନିତା ବାନାର୍ଜୀ କହିଛନ୍ତି, ଓଡ଼ିଶା ରାଜ୍ୟ ଜୀବିକା ମିଶନ ପ୍ରାୟ ୧୨୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚିହ୍ନଟ କରିଥିବାବେଳେ ୮୦ରୁ ଅଧିକ ଏସ୍‌ଏଚ୍‌ଜି ବୋର୍ଡରେ ସାମିଲ ଅଛନ୍ତି। ଫାଉଣ୍ଡେଶନ ପ୍ରାୟ ୮୦୦ ପରିବାର କିମ୍ବା ୮୦ଗୋଷ୍ଠୀଙ୍କ ଉପରେ ନଜର ରଖିବା ପାଇଁ ୨୦ଏସ୍‌ଏଚ୍‌ଜିଙ୍କର କ୍ଷମତା ସଶକ୍ତୀକରଣ କରିଛି। ସେହିଭଳି ଏଆଇପିଏଲ୍‌ର ଜିଏମ୍ (ପ୍ରଶାସନ) ରାଜେନ୍ଦ୍ର ବେହେରା କହିଛନ୍ତି, ଆମେ ଏସ୍‌ଏଚ୍‌ଜିଙ୍କ ମାଧ୍ୟମରେ ୮୦୦ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ବ୍ୟାପକ ସଚେତନତା କରାଇବୁ। ସେହିପରି ଟିଡବ୍ଲ୍ୟୁଏଫ୍‌ର ଅଭିନବ ପଦକ୍ଷେପ ଜରିଆରେ ମହିଳା ଓ ଯୁବତୀଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଯାଉଛି।

## ଫୁର୍‌ସତ୍

# ବାସହୀନଙ୍କୁ ସାହାଯ୍ୟ ପାଇଁ ବର୍ଷେ ହେଲାଣି ଟେଣ୍ଟରେ

ଇଂଲଣ୍ଡ

ବର୍ତ୍ତମାନ ସମୟରେ ଲୋକଙ୍କୁ ସାହାଯ୍ୟ କରୁଥିବା ଖୁବ୍ କମ୍ ଲୋକଙ୍କୁ ଦେଖିବାକୁ ମିଳିବ। ତେବେ ନିକଟରେ ଜଣେ ୧୩ ବର୍ଷୀୟା ବାଳିକା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ନିଜେ ଖରା, ବର୍ଷା, ଶୀତରେ ଘର ବାହାରେ ଟେଣ୍ଟକରି ରହୁଥିବା ଜଣାପଡ଼ିଛି। ଇଂଲଣ୍ଡର ପୁଡ୍‌ସେର ବାସିନ୍ଦା ବିଲି ଥମସନ୍ ୧ ବର୍ଷ ହେବ ଏପରି ଭାବେ ରହୁଛନ୍ତି। ଫଳରେ ସେ ମାକ୍ସ ୱସେଙ୍କ ରେକର୍ଡକୁ ଭାଙ୍ଗି ଚ୍ୟାରିଟିକୁ ମିଳିଥିବା ଟଙ୍କା ଜରିଆରେ ବାସହୀନଙ୍କୁ ଘର ଯୋଗାଇ ପାରିବେ। ରିପୋର୍ଟ ମୁତାବକ, ବିଲିଙ୍କ ଉଦ୍ଦେଶ୍ୟ ମାକ୍ସଙ୍କ ରେକର୍ଡକୁ ଭାଙ୍ଗିବା। ମାକ୍ସ ୩ ବର୍ଷ ଧରି ଟେଣ୍ଟରେ ରହି କ୍ୟାମ୍ପେନ କରି ଲୋକଙ୍କୁ ସାହାଯ୍ୟ ପାଇଁ ୭ଶହ ହଜାର ପାଉଣ୍ଡ ଏକାଠି କରି ଉତ୍ତର ଦେଭନ ହସ୍ପିସ୍‌କୁ ଦାନ କରିଥିଲେ। ବିଲି କହିଛନ୍ତି, ମାକ୍ସ କ୍ୟାମ୍ପେନିଂ କରି ସବୁଠୁ ବଡ଼ ଅର୍ଥ ଏକାଠି କରିଥିବା ୱାର୍ଲ୍ଡ ରେକର୍ଡକୁ ଭାଙ୍ଗି ତାଙ୍କଠାରୁ ଅଧିକ ଅର୍ଥ ଏକାଠି କରିବାକୁ ପ୍ରୟାସ ରହିଛି। ବିଲି ଗତବର୍ଷ ଜୁଲାଇ ୧୭ରୁ ଟେଣ୍ଟରେ ରହିବା ଆରମ୍ଭ କରିଥିଲେ। ସେହିଦିନ ତାଙ୍କ ଜନ୍ମଦିନ ଥିଲା। ପ୍ରଥମରେ ସେ ୧୦୦ ଦିନର କ୍ୟାମ୍ପେନିଂ କରି 'ଏମୈସ' ପାଇଁ ଅର୍ଥ ଯୋଗାଡ଼ କରିବାକୁ ଉଦ୍ଦେଶ୍ୟ ରଖିଥିଲେ। 'ଏମୈସ' ହେଉଛି ଏକ ସଂଗଠନ, ଯାହା ବାସହୀନ ବ୍ୟକ୍ତିଙ୍କ ପାଇଁ ଅର୍ଥ ସଂଗ୍ରହ କରି ସାହାଯ୍ୟ କରିଥାଏ। ସେ ୧୦୦ ଦିନରେ ୧୦୦ ପାଉଣ୍ଡ ଅର୍ଥାତ୍ ୧୦ହଜାର ୫୪୦ ଟଙ୍କା ଯୋଗାଡ଼ କରିବାକୁ ଲକ୍ଷ୍ୟ ରଖିଥିଲେ। ଏହାପରେ ସେ ଯୋଜନା କଲେ ଯେ ମାକ୍ସଙ୍କ ରେକର୍ଡକୁ ଭାଙ୍ଗିବାକୁ ଆଉ ୨ ବର୍ଷ ସେ ଟେଣ୍ଟରେ ବିତାଇବେ।



# ଅଭିନୟରୁ ଅଦାଙ୍କ ବିରତି

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ତାଙ୍କ ସୌନ୍ଦର୍ଯ୍ୟ ସହ ଅଭିନୟ ପାଇଁ ମଧ୍ୟ ଜଣାଶୁଣା। ତେବେ ସିନେମା 'ଦି କେରଳ ଷ୍ଟୋରି' ମୁକ୍ତିଲାଭ ପରେ ଅଭିନେତ୍ରୀଙ୍କ ଲୋକପ୍ରିୟତା ବେଶ୍ ବୃଦ୍ଧି ପାଇଛି। ଫିଲ୍ମଟି ବକ୍ସ ଅଫିସରେ ଭଲ ବ୍ୟବସାୟ କରିଥିଲା। ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ପରେ ଅଦା ଏବେ ଅଭିନୟରୁ ବିରତି ନେବେ ବୋଲି ଜଣାପଡ଼ିଛି। କିଛିଦିନ ତଳେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ନିକଟରେ ସେ ନିଜର କିଛି ଫଟୋ ଶେୟାର କରି ଅଭିନୟରୁ ବିରତି ନେବେ ବୋଲି ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଛାଡ଼ିଥିବା ଫଟୋରେ ତାଙ୍କ ହାତରେ କିଛି ଫଳି ଯାଇଥିବା ଦେଖିବାକୁ ମିଳିଛି। ତାଙ୍କୁ ଚର୍ମ ରୋଗ ହୋଇଥିବା ସେ ଜଣାଇଛନ୍ତି। ସେ କହିଛନ୍ତି, କିଛି ଦିନ ହେଲା ତାଙ୍କ ହାତରେ ଏଭଳି ଫଳି ଯାଇଛି, ଯାହାକୁ ସେ ଫୁଲ୍ ଡ୍ରେସ୍ ପିନ୍ଧି ଲୁଚାଉଥିଲେ। ସେ ଔଷଧ ଖାଉଥିଲେ, ଅଧିକ ସମସ୍ୟା ମଧ୍ୟ ନ ଥିଲା। ହେଲେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ଯାଏ ଅଭିନୟରୁ ବିରତି ନେବେ ବୋଲି ଜଣାଇଛନ୍ତି।

# ୭୮ ବର୍ଷୀୟଙ୍କ ୯ମ ଶ୍ରେଣୀରେ ନାମଲେଖା



ଆଇଜଲ୍

ଲୋକମାନେ ବୃଦ୍ଧ ଅବସ୍ଥାରେ ତାଙ୍କର ଅଧିକାଂଶ ସମୟ ପୂଜାପାଠ ଏବଂ ଜପତପରେ ବିତାଇଥାନ୍ତି। ହେଲେ ନିକଟରେ ଜଣେ ୭୮ ବର୍ଷ ବୟସର ବ୍ୟକ୍ତି ୯ମ ଶ୍ରେଣୀରେ ନାମ ଲେଖାଇଥିବା ଜଣାପଡ଼ିଛି। ତାଙ୍କ କହିବା କଥା କି, ଇଂଲିଶ୍‌କୁ ଉନ୍ନତ କରିବା ଉଦ୍ଦେଶ୍ୟରେ ସେ ସ୍କୁଲ ଯିବା ଆରମ୍ଭ କରିଛନ୍ତି। ରିପୋର୍ଟ ମୁତାବକ, ମିଜୋରାମ ଚମ୍ପାଇ ଜିଲାର ହୁଆଇକୋନ ବାସିନ୍ଦା ଲାଲରିଙ୍ଗଥରା ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ(ଆର୍‌ଏମ୍‌ଏସ୍‌ଏ)ରେ କ୍ଲାସ୍‌ରେ ଯୋଗଦେବାକୁ ୩ କି.ମି. ଦୂରରୁ ଚାଲି ଚାଲି ଆସୁଛନ୍ତି। ସେ ତାଙ୍କ ଲମ୍ବା ସମୟର ଇଚ୍ଛାକୁ ପୂରଣ କରିବାକୁ ସ୍କୁଲ ପୋଷାକ, ବହିଭର୍ତ୍ତି ବ୍ୟାଗ୍ ଧରି ଯାଇଥାନ୍ତି। ରିପୋର୍ଟ ମୁତାବକ, ଟେଲିଭିଜନ ସମାଚାର ରିପୋର୍ଟ ଏବଂ ଦରଖାସ୍ତ ଲେଖିବାକୁ ତାଙ୍କ ଇଂଲିଶ ସୁଧାରିବାକୁ ନିଷ୍ପତ୍ତି ନେଲେ। ୧୯୪୫ ଭାରତ-ମ୍ୟାନ୍‌ମାର ସୀମା ପାଖ ଖୁଆଙ୍ଗଲେଙ୍ଗ ଗାଁରେ ତାଙ୍କର ଜନ୍ମ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ବାଧହୋଇ ସେ ୨ୟ ଶ୍ରେଣୀ ପର୍ଯ୍ୟନ୍ତ ହିଁ ପଢ଼ିପାରିଥିଲେ। ସେ ତାଙ୍କ ମା'ଙ୍କ ସହ କ୍ଷେତରେ କାମ କରି ପରିବାର ଚଳାଉଥିଲେ। ସେତେବେଳେ ପରିବାରର ଦାରିଦ୍ର୍ୟ ହେତୁ ଅଧିକ ପାଠ ପଢ଼ିପାରି ନ ଥିଲେ। କିନ୍ତୁ ଏବେ ସେ ଅଧିକ ପଢ଼ିବାକୁ ସ୍କୁଲ ଯାଉଛନ୍ତି। ପିଲାଙ୍କ ସହ ବସି ପଢୁଛନ୍ତି। ଏହା ପୂର୍ବରୁ ସେ ୨୦୧୮ରେ ନ୍ୟୁ ହୁଆଇକୋନ ମିଡଲ ସ୍କୁଲରେ ୫ମ ଶ୍ରେଣୀରେ ନାମ ଲେଖାଇଥିଲେ। ସେ ଏକ ସାକ୍ଷାତ୍କାରରେ କହିଛନ୍ତି, ତାଙ୍କୁ ମିଜୋ ଭାଷା କହିବା ଲେଖିବାରେ କୌଣସି ସମସ୍ୟା ହୁଏନି। ହେଲେ ସେ ଇଂଲିଶ ଭାଷା ଶିଖିବାକୁ ଅଧିକ ଆଗ୍ରହୀ ଅଛନ୍ତି।

# ମହିଳାଙ୍କୁ ୧.୪୧ ଲକ୍ଷ ଦିନ ଜେଲଦଣ୍ଡ



ବ୍ୟାଙ୍କକ୍

ଅପରାଧ ପାଇଁ ଲୋକଙ୍କୁ ଅନେକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ। ହେଲେ ଜଣେ ମହିଳାଙ୍କୁ ତାଙ୍କ ଅପରାଧ ପାଇଁ ଏପର୍ଯ୍ୟନ୍ତ ସବୁଠୁ ଲମ୍ବା ସମୟ ପାଇଁ ଜେଲ ଦଣ୍ଡାଦେଶ ହୋଇଥିବା ଜଣାପଡ଼ିଛି। ଏହି ମହିଳା ଜଣଙ୍କ ଏହା ମଧ୍ୟରେ ୧୬ ହଜାରରୁ ଅଧିକ ଲୋକଙ୍କୁ ଠକି ଟଙ୍କା ହଡ଼ପ କରିଛନ୍ତି। ସେଥିପାଇଁ ତାଙ୍କୁ ସବୁଠାରୁ ଲମ୍ବା ସମୟ ୧ ଲକ୍ଷରୁ ଅଧିକ ଦିନ ପାଇଁ ଜେଲଦଣ୍ଡ ମିଳିଛି। ହେଲେ ସେ କେବଳ ୮ ବର୍ଷ ଜେଲରେ ବିତାଇବା ପରେ ଏବେ ବାହାରେ ଅଛନ୍ତି। ଥାଇଲାଣ୍ଡର ବାସିନ୍ଦା ଚାମୋଏ ଥିପ୍ୟାସୋ, ଯିଏ ୮୦ ଦଶକରେ ଥାଇଲାଣ୍ଡରୁ ଆରମ୍ଭ କରି ଭାରତ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥିଲେ। ଚାମୋଏ ଏକ ଚିଟ୍ ଫଣ୍ଡ ଜରିଆରେ ୧୬,୨୩୧ ଲୋକଙ୍କୁ ଠକି ୨୦୦-୩୦୦ ମିଲିୟନ୍ ଡଲାର ହାତେଇଥିଲେ। ଏଥିପାଇଁ ୧୯୮୯ ମସିହା ଜୁଲାଇ ୨୭ରେ କୋର୍ଟ ତାଙ୍କୁ ୧ ଲକ୍ଷ ୪୧ ହଜାର ୭୮ ଦିନ ପାଇଁ ଜେଲଦଣ୍ଡ ଶୁଣାଇଥିଲେ। ଏ ପର୍ଯ୍ୟନ୍ତ ଇତିହାସରେ ଏହା ସବୁଠୁ ଅଧିକ ସମୟର ଜେଲଦଣ୍ଡ । ରିପୋର୍ଟ ମୁତାବକ, ୧୯୬୦ରେ ଚାମୋଏ ସେଭିଙ୍ଗସ ସ୍କିମ୍ ନାମକ ଏକ କମ୍ପାନୀ ଆରମ୍ଭ କରିଥିଲେ, ଯାହା ଜରିଆରେ ସେ ଅନେକ କମ୍ପାନୀ ସହ ଲୋକଙ୍କୁ ଠକି ଟଙ୍କା ହଡ଼ପ କରିଥିଲେ। ଏହା ମଧ୍ୟରେ ସେ ଥାଇଲାଣ୍ଡର ରାଜକୀୟ ପରିବାରକୁ ମଧ୍ୟ ଛାଡ଼ି ନ ଥିଲେ। ତେବେ ଚାମୋଏଙ୍କୁ ମିଳିଥିବା ଜେଲ ଦଣ୍ଡାଦେଶକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି।

## ଗୁଜରାଟ ଭାଜପା ସାଧାରଣ ସମ୍ପାଦକଙ୍କ ଇସ୍ତଫା



ଅହମଦାବାଦ : ଲୋକ ସଭା ନିର୍ବାଚନକୁ ଆଉ ବର୍ଷେ ସମୟ ବାକି ଥିବାବେଳେ ଗୁଜରାଟର ଭାଜପା ନେତା ପ୍ରଦୀପସିଂ ବାଘେଲା ଶନିବାର ଦଳର ରାଜ୍ୟ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ସେ ଦଳର ସଦସ୍ୟ ରହିବେ। କର୍ଣାଟକ ନିର୍ବାଚନ ବେଳେ ବାଘେଲାଙ୍କୁ ପ୍ରଚାର ପାଇଁ ବଛାଯାଇଥିଲା। ପୂର୍ବରୁ ଅନ୍ୟତମ ଭାଜପା ନେତା ଭାର୍ଗବ ଭଟ୍ଟ ଇସ୍ତଫା ଦେଇଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଜ୍ୟୋତି
ପରିବାରବର୍ଗ



ରାଧାକ୍ରିଷ୍ଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ସଙ୍ଗଠନ ସଜାଡ଼’

## ଦଳୀୟ ନେତାଙ୍କୁ ଶାହାଙ୍କ ପରାମର୍ଶ

- ଦେଢ଼ଘଣ୍ଟା ପଦାଧିକାରୀ, ବିଧାୟକ, ଏମ୍‌ପି ଏବଂ କୋର୍ କମିଟି ସହ କଲେ ଆଲୋଚନା
- ଦଳୀୟ କାର୍ଯ୍ୟାଳୟଠାରେ କଲେ ମଧ୍ୟାହ୍ନଭୋଜନ
- ସରିଲା ଶାହାଙ୍କ ୨ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ
- ପଞ୍ଚାୟତସ୍ତରରୁ ଆନ୍ଦୋଳନ ପାଇଁ ପରାମର୍ଶ
- ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟିରୁ ଉର୍ଦ୍ଧ୍ୱ ଅର୍ଥ ସହାୟତା ଦେଇଛି କେନ୍ଦ୍ର: ଧର୍ମେନ୍ଦ୍ର
- ବୁଥ୍‌ସ୍ତରର ସଙ୍ଗଠନ ସଶକ୍ତ କରିବାକୁ ପରାମର୍ଶ ଦେଲେ: ମନମୋହନ

ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

ରାଜ୍ୟରେ ବୁଥ୍ ଓ ପଞ୍ଚାୟତସ୍ତରରୁ ସଙ୍ଗଠନକୁ ଦୃଢ଼ କରିବା ପାଇଁ ପଦକ୍ଷେପ ନିଅ। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପଞ୍ଚାୟତରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ ଜନ ଆନ୍ଦୋଳନକର ବିଶ୍ୱାସଭାଜନ ହେବାକୁ ଚେଷ୍ଟାକର। ବୁଥ୍‌ସ୍ତର କମିଟିକୁ ସୁଦୃଢ ନ କଲେ ସଙ୍ଗଠନ ଆଗକୁ ବଢ଼ିପାରିବ ନାହିଁ। ପଞ୍ଚାୟତସ୍ତରରୁ ସରକାର ବିରୋଧୀ ହାୱା ସୃଷ୍ଟିକର ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପରାମର୍ଶ ଦେଇଥିବା ଜଣାପଡିଛି। ୨ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶାହା ଶନିବାର ଭାଜପାର ରାଜ୍ୟ ନେତୃବୃନ୍ଦଙ୍କୁ ଭେଟି ପାଖାପାଖି ଦେଢ଼ଘଣ୍ଟା ଆଲୋଚନା କରିଛନ୍ତି। ତାଙ୍କ ଗସ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିବା ବେଳେ ସନ୍ଧ୍ୟା ୬ଟା ପୂର୍ବରୁ ସେ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ଫେରିଯାଇଛନ୍ତି।

ଶାହା ତାଙ୍କ ସରକାରୀ କାର୍ଯ୍ୟକ୍ରମ ଶେଷ କରିବା ପରେ ସିଧାସଳଖ ୧ଟା ୨୫ ମିନିଟ୍‌ରେ ସେଠାରୁ ଆସି ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଦଳର ବିଧାୟକ, ଏମ୍‌ପି, ପଦାଧିକାରୀ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ପୂର୍ବରୁ ଅପେକ୍ଷାକରି ରହିଥିଲେ। ଶାହାଙ୍କୁ ସ୍ୱାଗତକରିବା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପାରମ୍ପରିକ ନାଚଗୀତରେ ପରିବେଶ କମ୍ପୁଥିଲା। ଶାହା ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଦଳର ନେତାମାନେ ତାଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଶାହା ସେଠାରେ ରାଜ୍ୟର କେତେଜଣ ତୁଙ୍ଗନେତା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ତତ୍‌ପରେ ଶାହା



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଦଳୀୟ ନେତାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା।

ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନୂଆ ୩୫ ଜଣିଆ ଟିମ୍ ସହ ଆଲୋଚନା କରିଥିଲେ। ସେମାନଙ୍କ ସହ କିଛି ସମୟ ଆଲୋଚନା କରିବା ପରେ ଦଳର ବିଧାୟକ ଏବଂ ଏମ୍‌ପିମାନ, କୋର୍ କମିଟି ସଦସ୍ୟଙ୍କ ସହିତ ବୈଠକ କରିଥିଲେ। ଏହାପରେ ଶାହା ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଆଉ କେତେଜଣ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଅବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ମନମୋହନ କହିଛନ୍ତି, ଶାହା ରାଜ୍ୟର ପ୍ରତ୍ୟେକ ବୁଥ୍‌ସ୍ତରର ସଙ୍ଗଠନକୁ ସଶକ୍ତ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେବା ସହ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ବୁଥ୍‌ସ୍ତରର ସଙ୍ଗଠନ କିଭଳି ସଶକ୍ତ ହେବ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଏ ସମ୍ପର୍କରେ ରାଜ୍ୟର ପଦାଧିକାରୀ, ବିଧାୟକ, ଏମ୍‌ପି ଏବଂ କୋର୍ କମିଟି ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଲୋକଙ୍କ ବିଭିନ୍ନ ଅସୁବିଧା, ଅବ୍ୟବସ୍ଥା, ଦୁର୍ଗତି ଏବଂ ଭ୍ରଷ୍ଟାଚାର ବିରୋଧରେ ପଞ୍ଚାୟତ, ବ୍ଲକ, ଜିଲା ଏବଂ ରାଜ୍ୟସ୍ତର ପର୍ଯ୍ୟନ୍ତ ଜନ ଆନ୍ଦୋଳନ କରାଯିବା ନେଇ ଶାହା ବିସ୍ତୃତ ଆଲୋଚନା କରିଥିବା ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ଯୋଜନା, କେନ୍ଦ୍ରୀୟ ଅନୁଦାନ, ଟିକସ ଭାଗ ଓ କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକର ବ୍ୟୟ ବରାଦକୁ ମିଶାଇ ଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟିରୁ ଉର୍ଦ୍ଧ୍ୱ ଅର୍ଥ ସହାୟତା ଦେଇଛନ୍ତି। ହାରାହାରି ଓଡ଼ିଶାର ପ୍ରତ୍ୟେକ ପରିବାର ପିଛା ପ୍ରଧାନମନ୍ତ୍ରୀ ୧୮ ଲକ୍ଷ ୯୪ ହଜାର ଟଙ୍କାର ଦାୟିତ୍ୱ ନେଇଛନ୍ତି। ମୋଦି ସରକାରଙ୍କ ପୂର୍ବ ତଥା ୟୁପିଏର ଶେଷ ୧୦ ବର୍ଷ ସରକାରରେ ଓଡ଼ିଶାକୁ ମାତ୍ର ୨ ଲକ୍ଷ ୯୩ ହଜାର କୋଟି ଟଙ୍କା ମିଳିଥିଲା। ଜାତୀୟ ରାଜପଥ, ରେଳପଥ, ବନ୍ଦର ଓ ଜଳପଥର ବିକାଶ, ଡିଏମ୍‌ଏଫ୍, ଅର୍ଥ କମିଶନ, ଜିଏସ୍‌ଟି ସଂଗ୍ରହ ସମେତ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ପ୍ରଧାନମନ୍ତ୍ରୀ ଆବାସ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରେକର୍ଡ ସଂଖ୍ୟକ ଅର୍ଥ ଓଡ଼ିଶାକୁ ଆସିଛି। ମୋଦିଙ୍କ ‘ପୂର୍ବୋଦୟ’ କଳ୍ପନାରେ ଆଜି ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଏହିଭଳି ଅନେକ ସହାୟତା ଓଡ଼ିଶାକୁ ମିଳିଥିବା ବେଳେ ଏହାର ବ୍ୟାପକ ପ୍ରଚାର କରିବା ଲାଗି ରାଜ୍ୟ ନେତୃବୃନ୍ଦଙ୍କୁ ଶାହା ଆହ୍ୱାନ ଦେଇଥିବା ନେଇ ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।

## ରାହୁଲଙ୍କ ସଦସ୍ୟତା ନେଇ ବାଚସ୍ପତିଙ୍କୁ ଫୋନ କରିଛି: ଅଧୀର ରଞ୍ଜନ

ନୂଆଦିଲ୍ଲୀ,୫।୮ : ସୁପ୍ରିମକୋର୍ଟରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିବା ପରେ ଏବେ ତାଙ୍କ ଲୋକସଭା ସଦସ୍ୟତା ଫେରାଇ ଆଣିବା ପାଇଁ ଦାବି ଜୋର ଧରିଛି। ରାହୁଲଙ୍କୁ ପୁଣିଥରେ ସଂସଦରେ ଦେଖିବାକୁ କଂଗ୍ରେସ ଯତ୍‌ପରୋନାସ୍ତି ଚେଷ୍ଟା କରୁଛି। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶନିବାର ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଏକ ଚିଠି ଲେଖି ଅନେକ ପ୍ରଶ୍ନ ଉଠାଇଛନ୍ତି। ଅଧୀର ରଞ୍ଜନ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ଅଯୋଗ୍ୟ ଯେତେ ଶୀଘ୍ର କରାଯାଇ ଥିଲା ସେଭଳି ତାଙ୍କ ସଦସ୍ୟତା ତୁରନ୍ତ ଫେରାଇବା ଜରୁରୀ। ଏ ସମ୍ପର୍କରେ ଗତକାଲି ରାତିରେ ବାଚସ୍ପତିଙ୍କୁ ଫୋନ କରିଥିଲି। ବାଚସ୍ପତି ମୋତେ ମହାସଚିବଙ୍କ ସହ କଥା ହେବା ଏବଂ ତାଙ୍କ କାର୍ଯ୍ୟାଳୟରେ ଡକ୍ୟୁମେଣ୍ଟ



ଅଧୀର ରଞ୍ଜନ ଚୌଧୁରୀ

ଦାଖଲ କରିବାକୁ କହିଥିଲେ। ଏନେଇ ମହାସଚିବଙ୍କୁ ଫୋନ କରିଥିଲି। ତେବେ ଆଜି ତାଙ୍କ କାର୍ଯ୍ୟାଳୟ ବନ୍ଦ ଥିବାରୁ ଚିଠିକୁ ଅଧ୍ୟକ୍ଷଙ୍କ ନିକଟକୁ ପଠାଇବାକୁ ସେ କହିଥିଲେ। ତେଣୁ ଏହି ଚିଠିକୁ ଡାକ ମାଧ୍ୟମରେ ପଠାଇଥିଲି। ବାଚସ୍ପତି ଏହି ଚିଠିରେ ଦସ୍ତଖତ କରିଛନ୍ତି କିନ୍ତୁ ଏଥିରେ ଷ୍ଟାମ୍ପ ଲଗାଇ ନାହାନ୍ତି। ରାହୁଲ ଫେରିବାରେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବାକୁ ଆମେ ବାଚସ୍ପତିଙ୍କୁ ଅନୁରୋଧ କରୁଛୁ। ଏହାସହ ସୁପ୍ରିମକୋର୍ଟ ରାହୁଲଙ୍କ ଦଣ୍ଡକୁ ସ୍ଥଗିତ ରଖିଛନ୍ତି ବୋଲି କହିଛନ୍ତି। ଏହାର ଅର୍ଥ ହେଉଛି ସେ ପୁଣି ଥରେ ସଂସଦୀୟ ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ପାଇବେ। ମୁଁ କୌଣସି ପ୍ରକାର ସନ୍ଦେହ ପ୍ରକାଶ କରୁନାହିଁ। ରାହୁଲଙ୍କ ସଦସ୍ୟତା ଫେରାଇ ଆଣିବା ପାଇଁ ଆମ ଦ୍ୱାରା କରାଯାଇଥିବା ପ୍ରୟାସକୁ କେବଳ ବର୍ଣ୍ଣନା କରୁଛି। ସେ ଜଣେ ନିର୍ବାଚିତ ନେତା ଏବଂ ସଂସଦ ଅଧିବେଶନ ଚାଲିଥିବାବେଳେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ସମୟରେ ସେ ଉପସ୍ଥିତ ରହିବାର ଅଧିକାର ପାଇଛନ୍ତି। ଗତକାଲି ଆମେ ମଧ୍ୟ କହିଥିଲୁ ତାଙ୍କ ଅଯୋଗ୍ୟତା ନିର୍ଦ୍ଦେଶ ସମୟରେ ଯେଉଁ ତତ୍ପରତା ପ୍ରଦର୍ଶନ କରାଯାଇଥିଲା ତାହାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ‘ଇଣ୍ଡିଆ’ରେ ଏଏପିକୁ ନେଇ କଂଗ୍ରେସ ନେତାଙ୍କ ଅସନ୍ତୋଷ

ନୂଆଦିଲ୍ଲୀ,୫।୮: ୨୦୨୪ ଲୋକସଭା ନିର୍ବାଚନରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବାକୁ ବିରୋଧୀ ଦଳ ଗୁଡ଼ିକ ଏକଜୁଟ ହେବାକୁ ଚେଷ୍ଟା ଚଳାଇଛନ୍ତି। ଆଉ ଏଥିନେଇ ବିରୋଧୀ ଦଳଗୁଡ଼ିକ ‘ଇଣ୍ଡିଆ’ ନାମରେ ମେଣ୍ଟ ଗଢିଛନ୍ତି। ତେବେ ଏହି ମେଣ୍ଟରେ ଏଏପି (ଆମ୍ ଆଦମୀ ପାର୍ଟି)କୁ ନେଇ କଂଗ୍ରେସ ଦଳରେ ଥିବା ଅସନ୍ତୋଷ ପଦାରେ ପଡ଼ିଛି। ଦିଲ୍ଲୀ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ପୁଅ ସନ୍ଦୀପ ଦୀକ୍ଷିତ କହିଛନ୍ତି, ଶୃଗାଳଙ୍କ ଠାରୁ ଏଏପି ଆହୁରି ଖରାପ। ତେଣୁ ଇଣ୍ଡିଆରେ ଏଏପିର ସାମିଲ ହେବାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ସନ୍ଦୀପ କହିଛନ୍ତି ଜମ୍ମୁ-କଶ୍ମୀରର କେନ୍ଦ୍ର ଶାସିତ ଅଞ୍ଚଳ ସ୍ଥିତି ସହିତ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଦଳର ଦୃଷ୍ଟିକୋଣ ବିଷୟରେ କଂଗ୍ରେସ ପଚାରିବା ଉଚିତ ଥିଲା। ପଞ୍ଜାବ କଂଗ୍ରେସ ୟୁନିଟ୍ ଏଏପି ବିରୋଧରେ ସ୍ୱର ଉତ୍ତୋଳନ କରିବାର ଦିନକ ପରେ ସନ୍ଦୀପ ଦୀକ୍ଷିତଙ୍କ ମନ୍ତବ୍ୟ ଆସିଛି ଏବଂ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି କହିଛନ୍ତି। ମିଳିତ ମେଣ୍ଟ‘ଇଣ୍ଡିଆ’ରେ କଂଗ୍ରେସ ସହଯୋଗୀ ଦଳଙ୍କ ବିଷୟରେ ସନ୍ଦୀପ କହିଛନ୍ତି, ଜଙ୍ଗଲରେ ସିଂହ ଏବଂ ହାତୀଙ୍କ ସହ ଶୃଗାଳ ମଧ୍ୟ ରହିଥାନ୍ତି। ମୁଁ ଶୃଗାଳଙ୍କୁ ଏଏପି ସହିତ ତୁଳନା କରିବି ନାହିଁ। କାରଣ ଶୃଗାଳଙ୍କଠାରେ କିଛି ଭଲ ଗୁଣ ଥାଏ। ମାତ୍ର ଏଏପି ପାଖରେ ତାହା ମଧ୍ୟ ନାହିଁ ।


**ଜନ୍ମଦିନ ଶୁଭେଚ୍ଛା**



ରାଧାକ୍ରିଷ୍ଣ ଦାଶ
ଖୋଡ଼ାସିଙ୍ଗି, ବ୍ରହ୍ମପୁର

ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବାବା ଦୀର୍ଘାୟୁ, ନୀରୋଗ ଏବଂ ସର୍ବଦା ଖୁସୀ ରୁହନ୍ତୁ।
Thank you for being such a loving Father, you're the best! Happy Birthday Baba:- Yours loving Family – Mamali, Kanha, Shobhit, Sradha, Chandan, Shree, Titu and our family.
ଧ-୦୯୭୮





ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତକୁ ବିରୋଧ କରି ଛାତ୍ର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଜୟଦେବବିହାର ଛକରେ ବିକ୍ଷୋଭ ପ୍ରଦର୍ଶନ।

## ଶାହାଙ୍କ ଗସ୍ତକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଶନିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ତାଙ୍କୁ ବିରୋଧ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଜୟଦେବ ବିହାର ନିକଟ ଏକ ଘରୋଇ ହୋଟେଲ ଛକଠାରେ ପ୍ଲାକାର୍ଡ, କଳାପତାକା ପ୍ରଦର୍ଶନ ଓ କଳା ବେଲୁନ୍ ଉଡ଼ାଇ ପ୍ରତିବାଦ କରାଯାଇଛି। ସେଠାରେ ୨୫ଜଣ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ହେପାଜତକୁ ନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ରାମମନ୍ଦିର ଛକ ସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶାହାଙ୍କର କାର୍ଯ୍ୟକ୍ରମ ଚାଲିଥିବାବେଳେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ବାହାରିଥିଲେ। ଭାଜପା କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଛାତ୍ର କଂଗ୍ରେସ କର୍ମୀମାନେ ନାରାବାଜି, ପ୍ଲାକାର୍ଡ଼ ଓ କଳାପତାକା ପ୍ରଦର୍ଶନକରି ଆସିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇବା ସହ ଉଠାଇ ନେଇଥିଲା। ଏନେଇ ନୱାଜ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁଆଡ଼କୁ ଗସ୍ତ କରୁଛନ୍ତି ସେଠାରେ ଘୃଣାର ମଞ୍ଜି ବୁଣୁଛନ୍ତି। ମଣିପୁରର ମହିଳା ଗଣବଳାତ୍କାରର ଶିକାର ହେଉଛନ୍ତି। ମଣିପୁରରେ ଗଣହତ୍ୟା ହେଉଛି, ହେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ। ଅପରପକ୍ଷରେ ମଣିପୁର ହିଂସାରେ ଭାଜପା, ଆର୍‌ଏସ୍‌ଏସ୍ ଓ ଏବିଭିପିର ସମ୍ପୃକ୍ତି ରହିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ନୀରବ ବସିଛନ୍ତି। ସାରା ଦେଶର ବିଭିନ୍ନ ସ୍ଥାନରେ ଦଙ୍ଗା ପରିସ୍ଥିତି ଉପୁଜିଛି। ହେଲେ ସେ କ’ଣ କରୁଛନ୍ତି ବୋଲି ନୱାଜ ପ୍ରଶ୍ନ କରିଛନ୍ତି।

## ଦିଲ୍ଲୀ ଗସ୍ତ ପାଇଁ ଡାକରା ପାଇ ନ ଥିବା ନେତାଙ୍କ ଭିତରେ କୁହୁଳୁଛି ଅସନ୍ତୋଷ




ଭୁବନେଶ୍ୱର, ୫।୮ (ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଦଳର ଆଉ କେତେଜଣ ନେତା ଏବଂ ବିଧାୟକ ଯାଇ ଦିଲ୍ଲୀରେ ଡେରା ପକାଇଛନ୍ତି। ତେବେ ବହୁ ନେତାଙ୍କୁ ଦିଲ୍ଲୀ ଗସ୍ତ ବାବଦରେ ଖବର ଦିଆଯାଇ ନ ଥିବା ଯୋଗୁ ଦଳରେ ଅସନ୍ତୋଷ କୁହୁଳିବା ଆରମ୍ଭ ହୋଇଛି। ପୂର୍ବତନ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ସବୁ ରାଜ୍ୟର ପିସିସି ସଭାପତିଙ୍କ ସମେତ ଆଉ କେତେଜଣ ବିଧାୟକଙ୍କୁ ଦିଲ୍ଲୀ ଯିବାକୁ ଡାକରା ଆସିଥିଲା। ସେହି ଅନୁଯାୟୀ ଓଡ଼ିଶା ନେତାମାନେ ଏବେ ଦିଲ୍ଲୀ ଯାଇଥିବା କୁହାଯାଉଛି। ହେଲେ ଓଡ଼ିଶା କଂଗ୍ରେସର ରାଜନୀତିରେ ଚାଲିଥିବା ହଟଚମଟ ନେଇ ମଧ୍ୟ ଦିଲ୍ଲୀରେ ଏଆଇସିସିର କେତେଜଣ ବରିଷ୍ଠ ନେତାଙ୍କୁ ଭେଟି ଏହି ବାବଦରେ ଆଲୋଚନା କରିବାକୁ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଶନିବାର କଂଗ୍ରେସରୁ ନିଲମ୍ବିତ ହୋଇଥିବା ୨ନେତା ତଥା ବିଧାୟକ ମହମ୍ମଦ ମୋକିମ ଏବଂ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ବାବଦରେ ମଧ୍ୟ ଏଆଇସିସି ସହ ପିସିସି ସଭାପତି ଅଧିକ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଏହା ସହ ଓଡ଼ିଶା ପ୍ରସଙ୍ଗରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଦଳ ବିଚାରବିମର୍ଶ କରିବ ବୋଲି ଜଣାପଡ଼ିଛି। ହେଲେ ଦିଲ୍ଲୀ ଗସ୍ତରେ ସବୁ ବିଧାୟକ ସାମିଲ ହୋଇନାହାନ୍ତି। ଏକ ସୂତ୍ରରୁ ଜଣାପଡ଼ିଥିବା ଖବର ଅନୁଯାୟୀ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ସାମିଲ କରାଯାଇ ନାହିଁ। ତାଙ୍କୁ କାହିଁକି ଡକାଗଲା ନାହିଁ ବୋଲି ସେ ଜଣେ ବିଧାୟକଙ୍କୁ ପଚାରିଛନ୍ତି। ସେହିପରି କେବଳ ତାରା ନୁହନ୍ତି ଆଉ କେତେଜଣ ବିଧାୟକ ମଧ୍ୟ ଦିଲ୍ଲୀ ଗସ୍ତରେ ସାମିଲ ହୋଇନାହାନ୍ତି। ପିସିସି ସଭାପତିଙ୍କ ସହ ନିର୍ଦ୍ଦିଷ୍ଟ କେତେଜଣ ବିଧାୟକଙ୍କ ଗସ୍ତକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ତେବେ ଦିଲ୍ଲୀରେ ଥିବା ନେତାମାନେ ରାହୁଲଙ୍କୁ ଦେଖାକରି ଓଡ଼ିଶା ଗସ୍ତରେ ଆସିବା ସମ୍ପର୍କରେ ପ୍ରସ୍ତାବ ଦେବେ ବୋଲି ଜଣାପଡ଼ିଛି।


# Classified Everyday 0674-2580101, 2549949



MATRIMONIAL

**GROOM WANTED**

47 ବର୍ଷର ମହିଳା Govt. Hospitalରେ Nurse ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-0980

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। (Urgent required). 9040735426. D-0979



REAL ESTATE

**SALE**

ଭୁବନେଶ୍ୱର KEC NHରୁ 5.5 ଦୂରରେ ଅଠରଭାଗ ମୌଜାରେ ପଟ୍ଟା ଥିବା low cost plot immediate possession ସହିତ ମିଳୁଛି। 9692213354. D-75020

Luxurious 4BHK Duplex near Balianta Syphon. Land-1400 Construction-2200-89Lakh. 9938219397, 9861022055. D-0971

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛଡାବର 1200sqft.-3,00,000/-, ନଖରା- 300/-. 7978663279. D-74895

Premium 3BHK Duplex near Nandankanan level crossing. Land-1200 Construction-1800 @92Lakh onwards. 7008550473. D-6970

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-75018

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Duplex sale at Bhubaneswar @57 Lakhs only. Contact-9777433701. D-74898

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି-8249976746. D-74897

2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891. D-0819

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1.K.M. ଦୂରରେ immediate ଘର କରି ରହିବା ପାଇଁ low cost plot ମିଳୁଛି। 9692213354. D-75021

ଭୁବନେଶ୍ୱର କଣ୍ଠାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PURCHASE**

Lethe Workshop ପାଇଁ 2nd hand with good working condition ଥିବା Lethe Machine, Power Press, Hydraulic Press, Plate sharing Machine ଏବଂ Lethe ସମ୍ବନ୍ଧୀୟ ଅନ୍ୟାନ୍ୟ Machinery ଆବଶ୍ୟକ। ଇଚ୍ଛୁକ ବିକ୍ରେତା ଯୋଗାଯୋଗ କରନ୍ତୁ। Mob- 9937199625, 8144662274. D-0946




Full body massage in homely atmosphere in all therapy. Mob: 8114881641. D-73438

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75017

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Spa Kerala body massage only best Therapist @699/- Bhubaneswar. 9337672475. D-0965

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa)/(Salon Service) with expert therapist, 9938843929. D-75137

**AFFIDAVIT**

I, Sri Jaya Krushna Maharana, S/o Late Dhoba Maharana, resident of Plot No.1754, Lingipur, PO-Sisupalgarh, PS-Dhauli, Bhubaneswar, Dist-Khordha, Pin-751002, Odisha declared by this Affidavit No.67, dated- 04/08/2023, that now onwards I shall be known as SRI JAYA KRUSHNA MOHARANA for all future purposes. D-74559

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Nisphala Pradhan, W/o- Rabindra Kumar Pradhan, Village/ P.O- Khinda, Angul-759129 declare by affidavit No.-1675 on 11.07.2023 that I have changed my name from Nishamani Sahu to Nisphala Pradhan in my all idproofs and legal documents. D-0981

I, Banita Raul, W/o Anil Kumar Sahoo, resident of Vill.- Boinda, P.O.- Kishoreganj, P.S.- Handapa, Dist.- Angul, Odisha declare by this affidavit No.4519, dtd. 01.08.2023 that now onwards I shall be known as Banita Roul for all future purposes. D-0985

I, Anil Kumae Sahoo, S/o Mohan Sahoo, resident of Vill.- Boinda, P.O.- Kishoreganj, P.S.- Handapa, Dist.- Angul, Odisha declare by this affidavit No. 4027, Dtd.17.07.2023 that now onwards I shall be known as Anil Kumar Sahoo for all future purposes. D-0986

## ଏ ସପ୍ତାହର ପ୍ରଶ୍ନ

୧– ବିସିଏଏସ୍‌ର ଫୁଲ୍‌ଫର୍ମ ............ ?
୨– ବିଶ୍ୱ ରେଡିଓ ଦିବସ ................ ତାରିଖରେ ପାଳନ କରାଯାଏ ?
୩– ଇଣ୍ଟରନ୍ୟାଶନାଲ୍ ଫଣ୍ଡ ଫର୍ ଏଗ୍ରିକଲ୍‌ଚରାଲ ଡେଭେଲପ୍‌ମେଣ୍ଟର ହେଡ୍‌କ୍ୱାର୍ଟର ....... ଠାରେ ଅବସ୍ଥିତ ?
୪– ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି .......... ?
୫– ଆମ ଦେଶରେ ସମୁଦାୟ ............ଟି ହାଇକୋର୍ଟ ରହିଛି ?

## ଗତ ଥରର ଉତ୍ତର

୧ ନୂଆପଡ଼ା, ଓଡ଼ିଶା
୨ ଡେରାଡୁନ୍
୩ ୨୦୦୩ ମସିହା
୪ ୨୦୨୫ ପର୍ଯ୍ୟନ୍ତ
୫ ଫ୍ରାନ୍ସ

## ଉତ୍ତରଦାତା

ଶିବପ୍ରସାଦ ସାହୁ, ନୟାଗଡ଼
ସ୍ନେହଲତା ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦାମୀ ପୋଷାକ ବ୍ରାଣ୍ଡ–୨୦୨୩

୧............ ଚ୍ୟାନେଲ୍
୨............ ବର୍‌ବେରୀ
୩............ ହର୍‌ମେସ୍
୪............ ପ୍ରାଡା
୫............ ଗୁସି
୬............ ଡାଇଅର୍
୭............ ଡଲ୍ସ ଆଣ୍ଡ ଗାବ୍ବାନା
୮............ ରାଫ୍ ଲରେନ୍
୯............ ଭର୍ସେସ୍
୧୦............ ଜର୍ଜିଓ ଅର୍ମାନ୍

# ନିଆରା ସେଲିବ୍ରେଶନ୍



**ମିଳିତ ଚାରାରୋପଣ ଦିଏ ଅପୂର୍ବ ଆନନ୍ଦ:** ଭୁବନେଶ୍ୱର ଓଲ୍ଡ ଟାଉନର ଭାଇଚାରାରେ ବନ୍ଧା ହାଟସାହି ଏବଂ ଏହାର ଆଖପାଖ ଅଞ୍ଚଳରୁ କେତେଜଣ ବରିଷ୍ଠ ନାଗରିକମାନଙ୍କୁ ନେଇ ୨୦୧୭ ମସିହାରେ ଗଢ଼ି ଉଠିଥିଲା ଏକାମ୍ର ବରିଷ୍ଠ ନାଗରିକ ସଂଘ। ବୟସର ଅପରାହ୍ନରେ ପରସ୍ପର ମଧ୍ୟରେ ବନ୍ଧୁତା ରକ୍ଷା କରିବା ଏବଂ ନିଜ ନିଜ ମଧ୍ୟରେ ଥିବା ବିଭିନ୍ନ ସମସ୍ୟାକୁ ଅନୁଷ୍ଠାନ ମାଧ୍ୟମରେ ଯଥାସମ୍ଭବ ସମାଧାନ କରିବାର ଏକ ଦୁର୍ବାର ସଂକଳ୍ପକୁ ନେଇ ସ୍ୱର୍ଗତ ରିଟାୟାର୍ଡ ଆଇ.ଏ.ଏସ୍. ହୃଷୀକେଶ ତ୍ରିପାଠୀ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ଏବଂ ସମ୍ପାଦକ ଧୀରେନ ପଟ୍ଟନାୟକ ପ୍ରମୁଖ ଆଗ ଧାଡ଼ିର ସଦସ୍ୟଙ୍କ ମାନସ ସନ୍ତାନ ଥିଲା ଏହି ସଂଘ। ମାତ୍ର ୧୫୦



ବନ୍ଧୁତା ଦିବସ ପାଳନ କରୁଛନ୍ତି ଗଣପତି କ୍ଲବ୍‌ର ସଦସ୍ୟମାନେ।

**ଆଜି ହେଉଛି ବନ୍ଧୁତ୍ୱ ଦିବସ ବା ଫ୍ରେଣ୍ଡଶିପ୍ ଡେ'। ବନ୍ଧୁତାର ଅତୁଟ ସମ୍ପର୍କକୁ ଅଧିକ ଖାସ୍ କରିବା ଲାଗି ଅନେକେ ଯେଉଁଠି ଥାଆନ୍ତୁ ନା କାହିଁକି ଏକାଠି ଭେଟି ପରସ୍ପରକୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧି କେକ୍ କାଟିବା ସହ ଭୋଜି କରି ଖାଇବାର ନେବେ ଏକ ଅପୂର୍ବ ଆନନ୍ଦ। ତେବେ ଆଉ କେତେ ଜଣଙ୍କ ପାଇଁ କେବଳ ଏତିକିରେ ସରେନି ବରଂ ସେମାନଙ୍କ ସେଲିବ୍ରେଶନ୍ ତାଲିକାରେ ସାମିଲ ଥାଏ ଏଭଳି କିଛି ନିଆରା କାର୍ଯ୍ୟକ୍ରମ; ଯାହାକି ଏହି ସ୍ପେଶାଲ ଦିନଟିକୁ କରିଦିଏ ଆହୁରି ସ୍ମରଣୀୟ...**

ସଦସ୍ୟଙ୍କୁ ନେଇ ଗଢ଼ି ଉଠିଥିବା ଏହି ସଂଘର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୩୫୦। ଏଥିରେ ଆଇ.ଏ.ଏସ୍., ଓ.ଏ.ଏସ୍., ଅତିରିକ୍ତ ସଚିବ, ଡାକ୍ତର, ମୁଖ୍ୟ ପ୍ରଶାସକ, ବ୍ୟାଙ୍କ ପରିଚାଳକ, ମୁଖ୍ୟ ଇଂଜିନିୟରଙ୍କ ଭଳି ଅନେକ ପଦାଧିକାରୀ ସଦସ୍ୟ ରହିଛନ୍ତି। ସଂଘ ପକ୍ଷରୁ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ଏବଂ ଟେଲିଫୋନ ଡିରେକ୍ଟୋରି ଛପାଯାଇଛି। ପ୍ରତିବର୍ଷ ''ଏକାମ୍ର ସାରଥି'' ନାମକ ଏକ ପୁସ୍ତକ ସଂକଳନ ପ୍ରକାଶ ପାଉଛି। ବିଶେଷକରି ବନ୍ଧୁତ୍ୱ ଦିବସରେ ସଭିଏଁ ଏକତ୍ରିତ ହୋଇ ଭାବରଆଦାନ ପ୍ରଦାନ କରିଥା'ନ୍ତି। ଅତୀତ ଏବଂ ବର୍ତ୍ତମାନର ସ୍ମୃତିଚାରଣ କରିଥା'ନ୍ତି। ଏହି ଦିବସକୁ ସ୍ମରଣୀୟ କରିବାକୁ ସେମାନେ ନିଆରା ଢଙ୍ଗରେ ବର, ଅଶ୍ୱତ୍ଥ, କୁମ୍ଭୀ, ଆମ୍ବ ଭଳି ଦୀର୍ଘ ସ୍ଥାୟୀବୃକ୍ଷର ଚାରା ରୋପଣ କରିଥା'ନ୍ତି। ବଡ଼କଥା ହେଲା ବୃକ୍ଷ ରୋପଣକାରୀଙ୍କ ନାମ ସେହି ଚାରା ନିକଟରେ ଲେଖା ଯାଇଥାଏ। ଭବିଷ୍ୟତରେ ଲୋକ ନ ଥିଲେ ମଧ୍ୟ ବିଶାଳ ବୃକ୍ଷ ନିକଟରେ ତାଙ୍କ ନାମ ସହ ସଂଘର ସେହି ସଦସ୍ୟ ଜଣକ ଜୀବିତ ରହିବା ପରି ମନେ ହୋଇଥାଏ। ଏହି ଅଭିନୟ ପ୍ରୟାସକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଥା'ନ୍ତି।

**ପିଲାଙ୍କୁ ମିଠା ବାଣ୍ଟି କରିବୁ ସେଲିବ୍ରେଶନ:** ବନ୍ଧୁତ୍ୱ ଏମିତି ଏକ ଶବ୍ଦ, ଯାହା ବ୍ୟାଖ୍ୟା କରିବା ପାଇଁ କଲମରେ କାଳି ନାହିଁ କି ବର୍ଣ୍ଣନା କରିବାକୁ ଶବ୍ଦ ନାହିଁ। ଆଉ ଆମ ବନ୍ଧୁତ୍ୱ ଆକାଶ ପରି ଅସୀମିତ ଓ ସମୁଦ୍ର ପରି ବିଶାଳ ବୋଲି କୁହନ୍ତି ପୁରୀସ୍ଥିତ ପେଣ୍ଠକଟା ନୂଆସାହିରେ ଥିବା ଗଣପତି କ୍ଲବ୍‌ର ସଦସ୍ୟମାନେ। ସେମାନେ କୁହନ୍ତି, ଏମିତିରେ ପ୍ରତିଦିନ ଆମେ ସମୟ ବାହାର କରି କିଛି ସମୟ ଏକାଠି ହେବାକୁ ଚେଷ୍ଟା କରୁ ହେଲେ ଫ୍ରେଣ୍ଡଶିପ୍ ଡେ'କୁ ନିଆରା ଢଙ୍ଗରେ ପାଳନ କରୁ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ବନ୍ଧୁତ୍ୱ ଦିବସକୁ ଉତ୍କଣ୍ଠାର ସହ ଚାହିଁ ରହିଛୁ। କ୍ଲବ ସଦସ୍ୟ ଶିବପ୍ରସାଦ ଦାସ କୁହନ୍ତି, ଯେକୌଣସି ଖୁସି କେବଳ ନିଜ ଭିତରେ ପାଳନ କରିବା ଅପେକ୍ଷା ଅନ୍ୟମାନଙ୍କୁ ଏଥିରେ ସାମିଲ କଲେ ଅଧିକ ଖୁସି ମିଳେ ବୋଲି ଆମର ବିଶ୍ୱାସ। ତେଣୁ ଆମେ ସବୁ ସାଙ୍ଗ ମିଶି ଆଦାୟ କରିଥିବା ଟଙ୍କାରେ ଆଖପାଖର ଛୋଟ ଛୋଟ ପିଲାମାନଙ୍କୁ ମିଠା ବଣ୍ଟନ କରିବୁ। ସର୍ବୋପରି ପରିବେଶ ପ୍ରଦୂଷଣ ରୋକିବା ଲାଗି ବୃକ୍ଷରୋପଣ କାର୍ଯ୍ୟକ୍ରମ ବି କରିବୁ। ଶେଷରେ ସାଙ୍ଗମାନଙ୍କ ପରସ୍ପର ମଧ୍ୟରେ ବିଭିନ୍ନ ଅନୁଭୂତି ବାଣ୍ଟିବୁ ଏବଂ ଏକ ଛୋଟ ଭୋଜିର ଆସର ସହ କେକ୍ କାଟି, ଫଟୋ ଉଠାଇ ଏହି ଦିବସ ପାଳିବୁ। ଆଗାମୀ ଦିନରେ ଆମ ବନ୍ଧୁତ୍ୱ ଏହିପରି ଅତୁଟ ରହିବା ସହ ସୁଖଦୁଃଖ ପ୍ରତି ସମୟରେ ପରସ୍ପର ସହଯୋଗ ନିମନ୍ତେ ସବୁବେଳେ ଠିଆ ହେବାକୁ ଶପଥ ନେବୁ।

**ସାର୍ବଜନୀନ ହିତ ପାଇଁ ଉତ୍ସର୍ଗୀକୃତ ଏହି ଦିବସ:** ନୟାଗଡ଼ ଜିଲା ଖଣ୍ଡପଡ଼ାରେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଗଢ଼ିଉଠିଛି ପଠାଣି ସାମନ୍ତ ପୂଜ୍ୟପୂଜା ସଙ୍ଗଠନ, ଯାହାପକ୍ଷରୁ ବର୍ଷ ତମାମ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ହେଲେ ପ୍ରତିବର୍ଷ ବନ୍ଧୁତା ଦିବସରେ କିଛି ନିଆରା ଢଙ୍ଗରେ ସେଲିବ୍ରେଶନ କରାଯାଇଥାଏ। ଏହିଦିନ ସେମାନେ କେବଳ ନିଜ ନିଜ ଭିତରେ ପାଳନରେ ସୀମିତ ନ ରଖି ସାର୍ବଜନୀନ ହିତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥା'ନ୍ତି। ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର କୁମାର ବାରିକ, ସଭାପତି ଜୟରାମ ଦାସଙ୍କ ନେତୃତ୍ୱରେ ବୃକ୍ଷରୋପଣ, ଚିକିତ୍ସାଳୟରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଆୟୋଜନ କରାଯାଇଥାଏ । ଚଳିତବର୍ଷ ମଧ୍ୟ ଏହି ଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ବସୁଧୈବ କୁଟୁମ୍ବକମ୍‌କୁ ସର୍ବଜନାଦୃତ କରିବା ଲକ୍ଷ୍ୟରେ ଖଣ୍ଡପଡା ଅଞ୍ଚଳର ଯୁବ ଗୋଷ୍ଠୀମାନଙ୍କୁ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଇଥାଏ । ଯୁବକମାନେ ସଂଗଠିତ ହୋଇ ହାତରେ ପ୍ଲାକାର୍ଡ ଧରି ବନ୍ଧୁତା ଦିବସର ମହତ୍ତ୍ୱ ସମ୍ପର୍କରେ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥା'ନ୍ତି।









ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚାରା ରୋପଣ।



ପଠାଣି ସାମନ୍ତ ପୂଜ୍ୟପୂଜା ସଙ୍ଗଠନର ସଦସ୍ୟମାନେ।

## ଜାଣନ୍ତୁ ଦୁନିଆ

# ହ୍ୱାଟ୍ସଆପ୍

**ହ୍ୱାଟ୍ସଆପ୍ ହେଉଛି ପୃଥିବୀର ସବୁଠୁ ଲୋକପ୍ରିୟ ମେସେଜିଙ୍ଗ୍ ଆପ୍ଲିକେଶନ୍। ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପ୍ରାୟ ସମସ୍ତଙ୍କ ଫୋନ୍‌ରେ ଏହି ଆପ୍ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ତେବେ ଜାଣିବା ଏହା ସମ୍ପର୍କରେ ଅଧିକ ତଥ୍ୟ...**

- ୨୦୦୯ ମସିହାରେ ଏହି ଆପ୍ଲିକେଶନ୍‌କୁ ବ୍ରେନ୍ ଅକ୍ଟନ୍ ଏବଂ ଜାନ୍ କୌମ୍ ଆରମ୍ଭ କରିଥିଲେ। ପାରମ୍ପରିକ ଟେକ୍ସଟ ମେସେଜ୍‌ର ବିକଳ୍ପ ଭାବେ କିଛି ନୂଆ ଢଙ୍ଗରେ ଅନ୍ୟକୁ ମେସେଜ୍ କରିବା ଥିଲା ସେମାନଙ୍କର ଏହି ଆପ୍ ଆରମ୍ଭ କରିବାର ମୂଳ ଉଦ୍ଦେଶ୍ୟ।
- ୨୦୧୪ରେ ଫେସ୍‌ବୁକ୍ ୧୯ ମିଲିଅନ୍ ଡଲାରରେ ଏହାକୁ ଅଧିକୃତ କଲା। ବର୍ତ୍ତମାନ ସାରା ପୃଥିବୀରେ ପ୍ରାୟ ୨ ବିଲିଅନରୁ ଅଧିକ ହ୍ୱାଟ୍ସଆପ୍ ଉପଭୋକ୍ତା ଅଛନ୍ତି। ଏଥିରେ ଅଡିଓ ଓ ଭିଡିଓ କଲ୍ ସୁବିଧା ଲୋକଙ୍କୁ ଏହା ବ୍ୟବହାର କରିବା ପାଇଁ ଅଧିକ ଆକୃଷ୍ଟ କରିଥିଲା।
- ବର୍ତ୍ତମାନ ସମଗ୍ର ପୃଥିବୀର ୧୮୦ରୁ ଊର୍ଦ୍ଧ୍ୱ ଦେଶରେ ୬୦ଟି ଭାଷାରେ ଏହି ଆପ୍ଲିକେଶନ୍ ବ୍ୟବହାର କରାଯାଉଛି।
- ଆମେରିକାନ୍ ଏୟାର ଲାଇନ୍ସ ଏବଂ ହାର୍ଲେ ଡାଭିଡ୍‌ଶନ୍ ଭଳି ପୃଥିବୀର ବଡ଼ ବଡ଼ କମ୍ପାନିମାନଙ୍କଠାରୁ ଏହା ଅଧିକ ଆୟ କରୁଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ସଂସ୍ଥା ବିଜ୍ଞାପନ ବାବଦରେ ଆଦୌ ଟଙ୍କା ଟର୍ଚ୍ଚ କରି ନ ଥାଏ।
- ଏହା ହେଉଛି ପ୍ଲେ ଷ୍ଟୋର୍‌ରେ ସର୍ବାଧିକ ଡାଉନ୍‌ଲୋଡ୍ କରାଯାଉଥିବା ପୃଥିବୀର ତୃତୀୟ ଆଣ୍ଡ୍ରଏଡ୍ ଆପ୍।
- ଚାଇନା ବ୍ୟତୀତ କ୍ୟୁବା, ସିରିଆ, ଇରାନ୍, ନର୍ଥ କୋରିଆ, କାତାର୍ ଭଳି ଦେଶରେ ଏହି ଆପ୍ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ବ୍ୟାନ୍ କରାଯାଇଛି।
- ଦକ୍ଷିଣ ଏସୀୟ ଦେଶ ମଧ୍ୟରେ ୪୮୭.୫ ମିଲିଅନ୍ ଉପଭୋକ୍ତାଙ୍କୁ ନେଇ ଭାରତ ହେଉଛି ହ୍ୱାଟ୍ସଆପ୍‌ର ସର୍ବବୃହତ୍ ମାର୍କେଟ୍ ।
- ୨୦୧୧ରେ ଗୋଟିଏ ଦିନରେ ୧ ବିଲିଅନ୍ ମେସେଜ୍ ଫରୱାର୍ଡ କରି ହ୍ୱାଟ୍ସଆପ୍ ଏକ ମାଇଲ୍‌ଷ୍ଟୋନ୍ ଗଠନ କରିଥିଲା, ଯାହାକି ୨୦୧୬ରେ ଦୈନିକ ୬୦ ବିଲିଅନ୍ ହୋଇଥିବା ବେଳେ ବର୍ତ୍ତମାନ ୧୦୦ ବିଲିଅନ୍‌ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି।



## ସ୍ୱାସ୍ଥ୍ୟ ଆଲର୍ଟ

# ଡେଙ୍ଗୁ ସତର୍କତା

**ବର୍ତ୍ତମାନ ଚାରିଆଡ଼େ ଡେଙ୍ଗୁ ଜ୍ୱର ବ୍ୟାପୁଥିବାର ଦେଖିବାକୁ ମିଳୁଛି। ମଶା ଦ୍ୱାରା ବ୍ୟାପୁଥିବା ଏହି ମାରାତ୍ମକ ରୋଗର ଚିକିତ୍ସା ବି କଷ୍ଟକର। ଏମିତିରେ ଏହି ରୋଗଠୁ ଦୂରେଇ ରହିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ...**

- ଡେଙ୍ଗୁ ରୋଗର ବାହକ ହେଉଛି ଏଡିସ୍ ମଶା। ତେଣୁ ପ୍ରଥମେ ଏହି ମଶାର ବଂଶବୃଦ୍ଧି ରୋକିବାକୁ ଚେଷ୍ଟା କରନ୍ତୁ। ଅଧିକାଂଶ ଯୁବପିଢ଼ି ପ୍ଲାଷ୍ଟିକ୍ ବୋତଲ, ଆଇସ୍‌କ୍ରିମ୍ କପ୍, ଚିପ୍ସ ଜରି, ପଲିଥିନ୍, ଫୁଡ୍ କଣ୍ଟେନର୍ ଆଦି ଏଣେତେଣେ ଫିଙ୍ଗି ଦିଅନ୍ତି, ଯେଉଁଥିରେ ବର୍ଷାପାଣି ଜମି ରହିବା ସହ ମଶା ହୋଇଥାଏ। ତେଣୁ ଘର ଭିତରେ କିମ୍ବା ବାହାରେ ପାଣି ଜମି ରହୁଥିବା ସ୍ଥାନକୁ ଭଲଭାବେ ସଫା କରିଦିଅନ୍ତୁ।
- ଯଦିଓ ଝରକା ଖୋଲାରଖି ପ୍ରାକୃତିକ ପବନର ମଜା ନେବାକୁ ସମସ୍ତେ ଭଲ ପାଆନ୍ତି, ହେଲେ ବର୍ଷାଦିନେ ଅଧିକ ମଶା ହେଉଥିବାରୁ ଝରକା ବନ୍ଦ ରଖନ୍ତୁ କିମ୍ବା ଘରକାରେ ନେଟ୍ ନିଶ୍ଚୟ ଲଗାନ୍ତୁ ଯେପରି ମଶା ଘର ଭିତରକୁ ଆସିବେ ନାହିଁ।
- ଫ୍ୟାଶନ୍‌ପ୍ରିୟ ଯୁବପିଢ଼ି ଶର୍ଟ ଏବଂ ସ୍ଲିଭ୍‌ଲେସ୍ ଟ୍ରେଣ୍ଡି ଡ୍ରେସ୍ ଅଧିକ ପସନ୍ଦ କରନ୍ତି। ହେଲେ ମଶା କାମୁଡ଼ାରୁ ରକ୍ଷା ପାଇବା ଲାଗି ଯଥାସମ୍ଭବ ଫୁଲ ହ୍ୟାଣ୍ଡ ଶାର୍ଟ ଏବଂ ଫୁଲ୍ ପ୍ୟାଣ୍ଟ ପିନ୍ଧନ୍ତୁ। କଲେଜ, କୋଚିଂ କିମ୍ବା ଅଫିସ୍‌ରେ ମଶା ହେଉଥିଲେ ଫୁଲ୍ ଜୋତା ମଧ୍ୟ ବ୍ୟବହାର କରନ୍ତୁ, ଯେପରି ପାଦକୁ ମଶା କାମୁଡ଼ିପାରିବେ ନାହିଁ।
- ଅନେକଙ୍କର ମଶାରି ଭିତରେ ଶୋଇବା ଆଦୌ ପସନ୍ଦ ନୁହେଁ । ହେଲେ ବ୍ୟାପୁଥିବା ଡେଙ୍ଗୁ ରୋଗର ଭୟାବହତାକୁ ଆଖିଆଗରେ ରଖି ଘରେ ଶୋଇବା ବେଳେ ମଶାରି ବ୍ୟବହାର କରିବାକୁ ଆଦୌ ଭୁଲନ୍ତୁ ନାହିଁ।
- ଯଥାସମ୍ଭବ ଘରକୁ ସନ୍ତସନ୍ତିଆ ଏବଂ ଅନ୍ଧାରିଆ ନ ରଖିବାକୁ ଚେଷ୍ଟା କରନ୍ତୁ। ଦିନବେଳା ଘରେ ସୂର୍ଯ୍ୟକିରଣ ପଡ଼ିଲେ ଖୁବ୍ ଭଲ। ସେହିପରି ପବନ ଚଳାଚଳ ହୋଇ ସମସ୍ତ ଜିନିଷପତ୍ର ଶୁଖିଲା ରହିବା ବି ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ମଶା ହେବେ ନାହିଁ।
- ଆବଶ୍ୟକ ସ୍ଥଳେ ମସ୍କିଟୋ ରିପେଲେଣ୍ଟ ନିଶ୍ଚୟ ବ୍ୟବହାର କରନ୍ତୁ। ଏହା ଆପଣଙ୍କୁ ମଶା କାମୁଡ଼ାରୁ ସୁରକ୍ଷା ଦେଇପାରିବ।







# ମହିଳା ଫୁଟବଲର ଆମ୍ବାସାଡର 'ମାର୍ଟା'

ବ୍ରାଜିଲ ମହିଳା ଫୁଟବଲର ଆମ୍ବାସାଡର(ପ୍ରତିନିଧି) ଭାବରେ ପରିଚିତ ମାର୍ଟା। ୩୭ ବର୍ଷ ବୟସରେ ବ୍ରାଜିଲ ପାଇଁ ୬ଥର ବିଶ୍ୱକପ ଖେଳି ସାରିଛନ୍ତି। ବ୍ରାଜିଲ ପାଇଁ ୧୭୧ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୧୫ ଗୋଲ୍ ସ୍କୋର କରିଥିବା ବେଳେ ମିଡଫିଲ୍ଡରଠାରୁ ଆରମ୍ଭ କରି ମୁଖ୍ୟ ଷ୍ଟ୍ରାଇକର ଭୂମିକାରେ ନଜର ଆସିଛନ୍ତି ମାର୍ଟା। ୧୯ ଫେବୃୟାରୀ ୧୯୮୬ରେ ଜନ୍ମିତ ମାର୍ଟାଙ୍କ ପୂରା ନାମ ହେଉଛି ମାର୍ଟା ଭିଏରା ଡା ସିଲ୍‌ଭା। ଡୋଇସ୍ ରିଆଚୋସ୍‌ର ଏକ ଗରିବ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ମାର୍ଟା ଛୋଟ ଥିବା ସମୟରେ ତାଙ୍କ ପିତା ତାଙ୍କ ମା'ଙ୍କୁ ପରିତ୍ୟାଗ କରିଥିଲେ। ଫୁଟବଲ ସହ ବ୍ରାଜିଲର ସାଂସ୍କୃତିକ ସଂଯୋଗ ମାର୍ଟାଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିଥିଲା। ତେବେ ଜଣେ ମହିଳା ଫୁଟବଲ ଖେଳିବାକୁ ସେ ସମୟରେ ସମାଜ ଗ୍ରହଣ କରି ପାରି ନ ଥିଲା। ବିଭିନ୍ନ ଆଡୁ ବିରୋଧାଭାସର ସମ୍ମୁଖୀନ ହୋଇଥିବା ବେଳେ ମା' କିନ୍ତୁ ତାଙ୍କୁ ସମର୍ଥନ କରିଥିଲେ। ମା'ଙ୍କ ସମର୍ଥନରେ ମାତ୍ର ୭ ବର୍ଷ ବୟସରେ ଫୁଟବଲ ଅଭ୍ୟାସ ପାଇଁ ଘର ଛାଡି ରିଓ ଡି ଜେନେରିଓ ଯାଇଥିଲେ ମାର୍ଟା। ୨୦୦୩ରେ ମାତ୍ର ୧୭ ବର୍ଷ ବୟସରେ ସେ ବ୍ରାଜିଲ ପାଇଁ ପଦାର୍ପଣ କରିଥିବା ବେଳେ ୬ଟି ବିଶ୍ୱକପ ଖେଳିଛନ୍ତି। ୨୦୦୭ ବିଶ୍ୱକପ୍‌ରେ ସେ ବ୍ରାଜିଲକୁ ରନର ଅପ୍ କରିଥିବା ବେଳେ ୨୦୦୪ ଓ ୨୦୦୮ ଅଲିମ୍ପିକ୍ସରେ ବ୍ରାଜିଲକୁ ରୌପ୍ୟ ପଦକ ଜିତାଇଛନ୍ତି।



ଖେଳ ପଡ଼ିଆରେ ମାର୍ଟା ଭିଏରା ଡା ସିଲ୍‌ଭା (ଡାହାଣ)।

ବିଶ୍ୱକପ୍‌ରେ ସର୍ବାଧିକ ୧୭ ଗୋଲ ସ୍କୋର କରିଛନ୍ତି ମାର୍ଟା। ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ମଧ୍ୟରେ ଏହା ସର୍ବାଧିକ। ଏହାବ୍ୟତୀତ ସେ ଖେଳିଥିବା ସମସ୍ତ ବିଶ୍ୱକପ୍‌ରେ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି। କ୍ରିଷ୍ଟିନ୍ ସିନ୍‌କ୍ଲେୟାର ଓ କ୍ରିଷ୍ଟିଆନୋ ରୋନାଲ୍ଡୋ ପ୍ରତ୍ୟେକ ୫ଟି ଲେଖାଏ ବିଶ୍ୱକପ୍ ଖେଳିଥିବା ବେଳେ ପ୍ରତି ବିଶ୍ୱକପ୍‌ରେ ସ୍କୋର କରିଛନ୍ତି। ବ୍ରାଜିଲ ୧୪ ବର୍ଷରୁ କମ୍ ମହିଳା ଦଳର ସଦସ୍ୟ ରହିଥିବା ମାର୍ଟାଙ୍କ ଉପରେ ବ୍ରାଜିଲ ଦଳର କୋଚ୍ ହେଲେନା ପାଚେକୋଙ୍କ ନଜର ପଡେ। ଭାସ୍କୋ ଡା ଗାମା କ୍ଲବ ପକ୍ଷରୁ ଖେଳୁଥିବା ମାର୍ଟା ଦଳ ପରିବର୍ତ୍ତନ କରିବା ସହିତ ସଫଳତା ହାସଲ କରନ୍ତି। ଏହାପରେ ମାର୍ଟାଙ୍କ ଫୁଟବଲ ଜୀବନରେ ଆସେ ବଡ ପରିବର୍ତ୍ତନ। ସେ ବ୍ରାଜିଲର କ୍ଲବ ଛାଡି ସୁଇଡେନ୍‌ର ଟପ୍ ମହିଳା ଲିଗ୍ ଦଳ ୟୁମେୟା ଇକ୍‌ରେ ସାମିଲ ହୁଅନ୍ତି। କ୍ଲବ ପାଇଁ ୧୦୩ ମ୍ୟାଚ୍ ଖେଳି ୧୧୧ ଗୋଲ ସ୍କୋର କରିବା ସହିତ ସେ ସଫଳତାର ଶୀର୍ଷରେ ପହଞ୍ଚନ୍ତି। ୪ ବର୍ଷ ମଧ୍ୟରେ ୟୁମେୟା ୭ଟି ସୁଇଡିସ ଟାଇଟଲ ହାସଲ କରିଥିଲା।

୨୦୦୪ ମାର୍ଟାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଅଟେ। ମାର୍ଟାଙ୍କୁ ବ୍ରାଜିଲ ୧୯ ବର୍ଷରୁ କମ୍ ଫୁଟବଲ ଦଳରେ ସୁଯୋଗ ମିଳେ। ଏହି ବିଶ୍ୱକପ୍‌ରେ ସେ ସର୍ବାଧିକ ଗୋଲ ସ୍କୋର କରିବା ସହିତ ଶ୍ରେଷ୍ଠ ଖେଳାଳି ଭାବରେ ଉଭୟ ଗୋଲ୍ଡେନ୍ ବଲ୍ ଓ ଗୋଲ୍ଡେନ୍ ବୁଟ୍ ହାସଲ କରିଥିଲେ। ୨୦୦୭ରେ ଆଉଥରେ ବ୍ରାଜିଲ ସିନିୟର ଦଳକୁ ଡାକରା ପାଇଥିଲେ। ଚଳିତ ବର୍ଷର ଫିଫା ମହିଳା ବିଶ୍ୱକପ୍‌ରେ ୭ ଗୋଲ ସ୍କୋର କରିବା ସହିତ ବ୍ରାଜିଲକୁ ଫାଇନାଲରେ ପହଞ୍ଚାଇଥିଲେ। ୨୦୦୮ ଅଲିମ୍ପିକ୍ସରେ ବ୍ରାଜିଲ୍‌କୁ ଆଉଥରେ ଫାଇନାଲରେ ପହଞ୍ଚାଇଥିବା ବେଳେ କ୍ରମାଗତ ୫ ମ୍ୟାଚରେ ସ୍କୋର କରିବାର ରେକର୍ଡ ନିଜ ନାମରେ କରିଥିଲେ।

ମାର୍ଟାଙ୍କ ଖେଳିବାର ଶୈଳୀ ତାଙ୍କୁ ବେଶ୍ ପ୍ରସିଦ୍ଧି ଆଣି ଦେଇଥିଲା। ମହିଳା ଫୁଟବଲରେ ସେ ସର୍ବକାଳୀନ ଶ୍ରେଷ୍ଠ ଏଥିରେ କୌଣସି ସନ୍ଦେହ ନାହିଁ। ପଦ ଚାଳନାରେ ତାଙ୍କର କ୍ଷିପ୍ରତା କାରଣରୁ ରୋନାଲ୍ଡିନୋ ଓ ପେଲେଙ୍କ ପରି ଖେଳାଳିଙ୍କ ସହ ତାଙ୍କର ତୁଳନା କରାଯାଏ। ଏପରିକି ଅନେକ ବ୍ରାଜିଲିଆନ୍ ପୂର୍ବତନ ଖେଳାଳି ତାଙ୍କୁ 'ପେଲେ ୱିଥ୍ ସ୍କର୍ଟ' ବୋଲି କହିଥାନ୍ତି। କ୍ୟାରିୟର ଆରମ୍ଭରୁ ଜଣେ ଆଟାକିଙ୍ଗ ମିଡ୍‌ଫିଲ୍ଡର ରହିଥିବା ବେଳେ କ୍ୟାରିୟରର ପ୍ରତି ପର୍ଯ୍ୟାୟରେ ସେ ଗୋଟିଏ ଲେଖାଏ ପାଦ ଆଗକୁ ବଢିଛନ୍ତି। ମିଡ୍‌ଫିଲ୍ଡରରୁ ୱିଙ୍ଗର, ଷ୍ଟ୍ରାଇକର ଓ ଦଳର ମୁଖ୍ୟ ଷ୍ଟ୍ରାଇକର ମଧ୍ୟ ରହିଛନ୍ତି। ପେନାଲ୍ଟି କିକ୍/ଷ୍ଟ୍ରୋକ୍ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତରେ ମାର୍ଟା ସର୍ବଦା ଆଗୁଆ ରହିଥାନ୍ତି। ପର୍ତ୍ତୁଗୀଜ୍, ସୁଇଡିସ୍ ଓ ଇଂରାଜୀ ପରି ୩ ଭାଷାରେ ପ୍ରବୀଣ ମାର୍ଟାଙ୍କୁ ୨୦୧୭ରେ ସୁଇଡେନ୍‌ର ନାଗରିକତ୍ୱ ପ୍ରଦାନ କରାଯାଇଥିଲା। ୨୦୧୭ ପରଠାରୁ ମାର୍ଟା ଓରଲାଣ୍ଡୋ ପ୍ରାଇଡ କ୍ଲବ ପାଇଁ ଖେଳୁଛନ୍ତି। ଏହି କ୍ଲବରେ ଥିବା ଆମେରିକୀୟ ଡିଫେଣ୍ଡର ଟୋନି ପ୍ରେସଲେଙ୍କ ସହିତ ତାଙ୍କର ସମ୍ପର୍କ ଥିବା ମାର୍ଟା ୨୦୨୧ରେ ସ୍ୱୀକାର କରିଥିଲେ। ଖେଳାଳି ଭାବରେ କ୍ୟାରିୟର ଶେଷ ହୋଇଥିବା ବେଳେ ଆଗାମୀ ଦିନରେ କୋଚିଂ ଉପରେ ତାଙ୍କର ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

**– ପ୍ରସ୍ତୁତି: ସରୋଜ ଜେନା**

# ଅଦିତି ସିନିୟର ବିଶ୍ୱ ଚାମ୍ପିୟନ



ଅଦିତି ସ୍ୱାମୀ

**ବର୍ଲିନ,୫।୮(ପି.ଟି.)**

ଜୁନିୟର ବିଶ୍ୱ ଟାଇଟଲ ଜିତିବାର ୨ ମାସ ନ ପୂରୁଣୁ ଭାରତର ୧୭ବର୍ଷୀୟା ଅଦିତି ସ୍ୱାମୀ ସିନିୟର ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଶନିବାର ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍ ମହିଳା କମ୍ପାଉଣ୍ଡ ଫାଇନାଲରେ ସେ ମେକ୍ସିକୋର ଆନ୍ଦ୍ରିଆ ବେସେରାଙ୍କୁ ହରାଇ ଦେଇଛନ୍ତି। ୧୬ତମ ସିଡ୍ ଆନ୍ଦ୍ରିଆ ପ୍ରି-କ୍ୱାର୍ଟରଫାଇନାଲରେ ଗତଥରର ଚାମ୍ପିୟନ ସାରା ଲୋପେଜଙ୍କୁ ନକଆଉଟ କରିଦେଇଥିଲେ। ଆନ୍ଦ୍ରିଆ କିନ୍ତୁ ୬ଷ୍ଠ ସିଡ୍ ଭାରତୀୟଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ପରେ ଓଜାସ ଦେଓତାଲେ ମଧ୍ୟ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ସେ ପରଫେକ୍ଟ ୧୫୦ ସ୍କୋର ସହ ପୁରୁଷ କମ୍ପାଉଣ୍ଡ ଯାଇଟଲ ହାସଲ କରିଛନ୍ତି। ଚାମ୍ପିୟନଶିପ୍ ଇତିହାସରେ ଭାରତ ଏଥର ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ୪ ପଦକ ଜିତିଛି। ଯନ୍ମଧ୍ୟରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ରହିଛି। ପୂର୍ବରୁ ଅଦିତି ଶୁକ୍ରବାର ପରଣିତ କୌର ଓ ଜ୍ୟୋତି ସୁରେଖା ଭେନମଙ୍କୁ ନେଇ ଭାରତୀୟ ଦଳରେ ମହିଳା କମ୍ପାଉଣ୍ଡ ଫାଇନାଲ ଜିତି ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ପ୍ରଥମ ଥର ଭାରତ ପାଇଁ ସ୍ୱର୍ଣ୍ଣ ଆଣିଦେଇଥିଲେ। ଶନିବାର ସକାଳେ ଏକ ଅଲ୍ ଇଣ୍ଡିଆ ସେମିଫାଇନାଲରେ ସେ ତାଙ୍କର ଆଦର୍ଶ ତଥା ଭାରତର ସବୁଠାରୁ ସଫଳ କମ୍ପାଉଣ୍ଡ ତୀରନ୍ଦାଜ ବିବେଚନା କରାଯାଉଥିବା ଜ୍ୟୋତି ସୁରେଖା ଭେନମଙ୍କୁ ୧୪୯-୧୪୫ରେ ପରାସ୍ତ କରିଥିଲେ। ତେବେ ଜ୍ୟୋତି ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ତୁର୍କୀର ଇପେକ୍ ଟୋମ୍‌ରୁକ୍‌ଙ୍କୁ ୪ ପଏଣ୍ଟରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଫଳରେ ବିଶ୍ୱ ଚାମ୍ପିୟନଶିପ୍‌ର ତିନୋଟି ସଂସ୍କରଣରେ ଜ୍ୟୋତିଙ୍କ ପଦକ ସଂଖ୍ୟା ୮ରେ ପହଞ୍ଚିଛି। ତନ୍ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି।

**ତୀରନ୍ଦାଜୀ ଚାମ୍ପିୟନଶିପ୍**




# ଆଜି ଦ୍ୱିତୀୟ ଟି୨୦: ଡେଥ୍ ଓଭର ବ୍ୟାଟିଂ ସୁଧାରିବା ଲକ୍ଷ୍ୟରେ ଭାରତ

**ପ୍ରୋଭିଡେନ୍ସ(ଗୁଏନା),୫।୮(ପି.ଟି.)**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ ରବିବାର ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ମାତ୍ର ୪ ରନ୍‌ରେ ପରାଜିତ ହେବା ପରେ ଭାରତ ଏହାର ଡେଥ୍ ଓଭର ବ୍ୟାଟିଂ ସଜାଡିବାକୁ ପ୍ରୟାସ କରିବ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ସଞ୍ଜୁ ସାମସନ୍ କ୍ରିଜ୍‌ରେ ରହିଥିବା ବେଳେ ୩୦ ବଲ୍‌ରୁ ୩୭ ରନ୍ ଆବଶ୍ୟକ ଥିଲା। ମ୍ୟାଚ୍ ଭାରତ ନିୟନ୍ତ୍ରଣରେ ଥିବା ଭଳି ଲାଗୁଥିବା ବେଳେ ଅଚାନକ ମ୍ୟାଚ୍ ଘରୋଇ ଦଳ ସପକ୍ଷକୁ ଯାଇଥିଲା। ଭାରତୀୟ ଦଳ ୱାର୍କଲୋଡ ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ଏହାର ପ୍ରଦର୍ଶନରେ ସୁଧାର ଆଣିବାକୁ ଚାହିଁବ। ହାର୍ଦ୍ଦିକ ଓ ତାଙ୍କ ଡେପୁଟି ସୂର୍ଯ୍ୟକୁମାର ଯାଦବଙ୍କ ନିକଟରୁ ଦଳ ଏକ ଭଲ ପ୍ରଦର୍ଶନ ଆଶା ରଖିବ। ଏହି ଦୁଇ ଖେଳାଳିଙ୍କ ବ୍ୟତିତ ଶୁବମାନ ଗିଲ୍, ସଞ୍ଜୁ ସାମସନ୍ ଓ ଇଶାନ କିଶନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ୩ ଖେଳାଳି ଦିନିକିଆ ବିଶ୍ୱକପ ଦଳରେ ସାମିଲ ହେବାର ଟାର୍ଗେଟ୍ ରଖିଥିବା ବେଳେ ଗୋଟିଏ ଦୁଇଟି ଭଲ ଇନିଂସ ବଳରେ ସେମାନଙ୍କୁ ଏସିଆ କପ୍‌ରେ ସ୍ଥାନ ମିଳିବାର ସମ୍ଭାବନା ବୃଦ୍ଧି ପାଇବ। ଏହା ସହିତ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ। ପଦାର୍ପଣକାରୀ ତିଲକ ବର୍ମା ନିଜ ବ୍ୟାଟିଂ ଦକ୍ଷତାରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେହିପରି ଆସନ୍ତା ୯ ଦିନ ମଧ୍ୟରେ ବାକି ମ୍ୟାଚ ଗୁଡିକ ରହିଥିବା ବେଳେ ଭାରତ ଏହାର କିଛି ଖେଳାଳିଙ୍କୁ ବିଶ୍ରାମ ଦେବା ସମ୍ପର୍କରେ ଚିନ୍ତା କରିପାରେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ ଓ ଉଭୟ ଓପନରଙ୍କୁ ବିଶ୍ରାମ ମିଳିପାରେ। ଅନ୍ୟ ପକ୍ଷରେ ରିଜର୍ଭ ଓପନର ଥିବା ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ଏକ ସୁଯୋଗ ମିଳିବା ଉଚିତ। ପରବର୍ତ୍ତୀ ଦୁଇ ମ୍ୟାଚ ଗୁଏନାରେ ଖେଳା ଯିବାକୁ ଥିବା ବେଳେ ଅନ୍ତିମ ଦୁଇ ମ୍ୟାଚ୍ ଫ୍ଲୋରିଡାରେ ଖେଳାଯିବ। ଗୁୟାନାରେ ୱେଷ୍ଟଇଣ୍ଡିଜର ରେକର୍ଡ ଏତେଟା ପ୍ରଭାବଶାଳୀ ନୁହେଁ। ଦଳ ଏଠାରେ ୧୧ମ୍ୟାଚ୍ ଖେଳିଥିବାବେଳେ ମାତ୍ର ୩ଟିରେ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରୋଭମାନ ପାୱେଲ ଓ ନିକୋଲାସ ପୁରନ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଥିବାବେଳେ ବୋଲିଂରେ ଜାସନ୍ ହୋଲ୍ଡର ଚମତ୍କାର ପ୍ରଦର୍ଶନ କରିଥିଲେ।

ମ୍ୟାଚ୍ ସ୍ଥାନ: ଗୁଏନା
ସମୟ: ରାତି ୮.୦୦
ପ୍ରସାରଣ: ଡିଡି ସ୍ପୋର୍ଟ୍ସ

**ଘରୋଇ ମିଡିଆ ଟିଭି ରାଇଟ୍ସ**

# ବିସିସିଆଇକୁ ମିଳିବ ୮୨୦୦ କୋଟି

**ନୂଆଦିଲ୍ଲୀ,୫।୮(ପି.ଟି.)**

ଆଗାମୀ ୫ ବର୍ଷ ମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଘରୋଇ ସିରିଜ୍ ଗୁଡିକର ମିଡିଆ ରାଇଟ୍ସ ବାବଦରେ ୧ ବିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୮୨୦୦ କୋଟି ଟଙ୍କା ମିଳିବାର ସମ୍ଭାବନା ରହିଛି। ମାର୍ଚ୍ଚ ୨୦୨୮ ମଧ୍ୟରେ ସମୁଦାୟ ୮୮ ମ୍ୟାଚ୍ ହେବାକୁ ଥିବା ବେଳେ ଟିଭି ଓ ଡିଜିଟାଲ ରାଇଟ୍ସ ବାବଦରେ ଭିନ୍ନ ଭିନ୍ନ ଅର୍ଥରାଶି ମିଳିବ। ୫ ବର୍ଷ ମଧ୍ୟରେ ଭାରତ ଅଷ୍ଟ୍ରେଲିଆ ସହ ୨୧ ଓ ଇଂଲଣ୍ଡ ସହ ୧୮ ମ୍ୟାଚ ଖେଳିବ। ଏହି ସମୟ ମଧ୍ୟରେ ଭାରତ ସମୁଦାୟ ୨୫ ଟେଷ୍ଟ, ୨୭ ଦିନିକିଆ ଓ ୩୬ ଟେଷ୍ଟ ମ୍ୟାଚ୍ ଖେଳିବ। ୨୦୧୮-୨୦୨୩ ମଧ୍ୟରେ ଭାରତ ଘରୋଇ ଟିଭି ରାଇଟ୍ସ ବାବଦରେ ୯୪୪ ମିଲିୟନ୍ ଡଲାର ବା ଭାରତୀୟ ମୁଦ୍ରାରେ ୬୧୩୮ କୋଟି ଟଙ୍କା ଆୟ କରିଥିଲା। ଭାରତୀୟ ଦଳକୁ ମ୍ୟାଚ ପିଛା ୬୦ କୋଟି ଟଙ୍କା ପ୍ରଦାନ କରୁଥିଲା। ଚଳିତ ବର୍ଷ ଟିଭି ଓ ଷ୍ଟ୍ରିମିଂ ରାଇଟ୍ସ ଅଲଗା ଅଲଗା ଦେବା ପାଇଁ ନିଷ୍ପତ୍ତି ନିଆ ଯାଇଥିବା ବେଳେ ଏହା ବିସିସିଆଇକୁ ଅଧିକ ରେଭିନ୍ୟୁ ପ୍ରଦାନ କରିବ। ଡିଜ୍‌ନୀ-ଷ୍ଟାର, ରିଲାଏନ୍ସ-ଭାଏକମ୍ ଓ ଜୀ ମଧ୍ୟରେ କଡା ମୁକାବିଲା ହେବାର ସମ୍ଭାବନା ରହିଛି।

**ଦିନିକିଆ ବିଶ୍ୱକପ୍**

# ପାକିସ୍ତାନ, ଇଂଲଣ୍ଡ ମ୍ୟାଚ୍ ତାରିଖ ବଦଳିପାରେ

**କୋଲକାତା,୫।୮(ପି.ଟି.)**

ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପର କାର୍ଯ୍ୟସୂଚୀରେ ପରିବର୍ତ୍ତନର ସମ୍ଭାବନା ରହିଛି। ନଭେମ୍ବର ୧୨ ତାରିଖରେ କାଳୀ ପୂଜା ହେବାକୁ ଥିବାରୁ ଏହି ସମୟରେ ପାକିସ୍ତାନ-ଇଂଲଣ୍ଡ ମ୍ୟାଚ ନ କରିବା ପାଇଁ ଆଇସିସି ଟିମ୍‌କୁ ଅନୁରୋଧ କରିଛି କ୍ରିକେଟ ଆସୋସିଏଶନ୍ ଅଫ ବେଙ୍ଗଲ(ସିଏବି)। ସ୍ଥାନୀୟ ସୁରକ୍ଷା ଏଜେନ୍ସି ଗୁଡିକ ପକ୍ଷରୁ ମ୍ୟାଚ୍ ନ କରିବା ପାଇଁ କୁହାଯିବା ପରେ ସିଏବି ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ପାକିସ୍ତାନର ଦୁଇଟି ମ୍ୟାଚର ତାରିଖ ପରିବର୍ତ୍ତିତ ହୋଇ ସାରିଛି। ଅକ୍ଟୋବର ୧୫ରେ ଅହମଦାବାଦରେ ହେବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍‌କୁ ଗୋଟିଏ ଦିନ ପୂର୍ବରୁ ଏବଂ ହାଇଦ୍ରାବାଦରେ ହେବାକୁ ଥିବା ଅକ୍ଟୋବର ୧୨ ତାରିଖର ଶ୍ରୀଲଙ୍କା ବିପକ୍ଷ ମ୍ୟାଚକୁ ଅକ୍ଟୋବର ୧୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏପରି ସ୍ଥିତିରେ ଆଉ ଏକ ତାରିଖ ପରିବର୍ତ୍ତନକୁ ବିସିସିଆଇ ଓ ଆଇସିସି ପକ୍ଷରୁ ପରିବର୍ତ୍ତନ କରାଯିବ କି ନାହିଁ ତାହାକୁ ନେଇ ସନ୍ଦେହ ଉପୁଜିଛି।

ବିସିସିଆଇ ପକ୍ଷରୁ ପରତିବର୍ତ୍ତନର ପ୍ରସ୍ତାବ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ନୂତନ କାର୍ଯ୍ୟସୂଚୀ ଘୋଷିତ ହୋଇ ନାହିଁ। କାଳୀ ପୂଜା ବେଙ୍ଗଲର ଦ୍ୱିତୀୟ ବୃହତ ପର୍ବ ଅଟେ। କୋଲକାତା ପୋଲିସ୍ ପକ୍ଷରୁ ଏହାକୁ ନେଇ ପୂର୍ବରୁ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଥିବା ବେଳେ ସିଏବି ପକ୍ଷରୁ ଆରମ୍ଭରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା। ଯଦି ଆଇସିସି ପକ୍ଷରୁ ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ ଘୋଷଣା କରା ନ ଯାଏ ତେବେ ବିସିସିଆଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଆଲୋଚନା କରିବ। ଦୁଇ ଦିନ ପୂର୍ବରୁ ସିଏବି ମୁଖ୍ୟ ସ୍ନେହାଶିଷ ଗାଙ୍ଗୁଲି କୋଲକାତା ପୋଲିସ୍ ମୁଖ୍ୟଙ୍କୁ ଭେଟି ଆଲୋଚନା କରିଥିଲେ। ଅନ୍ୟ ପକ୍ଷରେ କୋଲକାତାର ଇଡେନ ଗାର୍ଡେନ୍ସ ପରିଦର୍ଶନ କରିଥିବା ଆଇସିସି ଟିମ୍ ଷ୍ଟାଡିୟମର ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକାଶ କରିଛି। ସେପ୍ଟେମ୍ବର ମାସରେ ଆଇସିସ ଟିମ୍ ଆଉଥରେ ପରିଦର୍ଶନ ପାଇଁ ଆସିବାର ସମ୍ଭାବନା ରହିଛି।

# ପ୍ରିୟଙ୍କା କିଟ୍‌ର ଦ୍ୱିତୀୟ ପଦକ ବିଜେତା



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ମହିଳା ୨୦କିମି ରେସ୍ ୱାକ୍ ଟିମ୍।

**ଚେଙ୍ଗଡୁ (ଚାଇନା), ୫।୮**

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

ଭାରତୀୟ ମହିଳା ୨୦କିମି ରେସ୍ ୱାକ୍ ଟିମ୍ ଏଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ପୂଜା କୁମାୱତ୍, ନିକିତା ଲାମ୍ବା ଓ ମାନସୀ ନେଗିଙ୍କ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ପ୍ରିୟଙ୍କା ସାମିଲ ଥିଲେ। ଭାରତୀୟ ଦଳ ୫:୧୨:୧୩ ଟାଇମିଂ ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ଚାଇନା ୪:୫୨:୦୨ ଟାଇମିଂରେ ସ୍ୱର୍ଣ୍ଣ ଏବଂ ସ୍ଲୋଭାକିଆ ୫:୦୫:୩୬ ଟାଇମିଂ ସହ ରୌପ୍ୟ ଜିତିଥିଲା। ସୂଚନାଯୋଗ୍ୟ, କିଟ୍‌ରେ ସୋସିଓଲୋଜିରେ ମାଷ୍ଟର ଡିଗ୍ରୀ କରୁଥିବା ପ୍ରିୟଙ୍କା ଏସିଆନ ଗେମ୍ସ ୨୦୨୩ ଓ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଲଙ୍ଗ ଜମ୍ପ (ମହିଳା)ରେ ଭବାନୀ ଯାଦବ ଭଗବତୀ ଏକ ବ୍ରୋଞ୍ଜ ପଦକ ସହ ଭାରତ ଏହାର ପଦକ ଖାତା ଖୋଲିଥିଲା। ପରେ ଜ୍ୟୋତି ୟାରାଜୀ (୧୦୦ମିଟର ମହିଳା ହର୍ଡଲ୍ସ) ଏବଂ ଅମ୍ଳାନ ବର୍ଗୋହେନ୍ (ପୁରୁଷ ୨୦୦ମିଟର) ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ଭାରତର ବିକ୍ରାନ୍ତ ମଲିକ ଓ ଅନୁଜ କାଲେରା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ପ୍ରତ୍ୟୁଷା ଚେଲ୍‌ମି, ଭାବନୀ ଯାଦବ ଭଗବତୀ, ସୁଦେଷ୍ନା ହାନମନ୍ତ ଶିବାଙ୍କର ଓ ଅବନ୍ତିକା ସନ୍ତୋଷ ନାରାଲେଙ୍କୁ ନେଇ ଭାରତୀୟ ୟୁନିଭର୍ସିଟି ଟିମ୍ ମହିଳା ୪x୧୦୦ମିଟର ରିଲେ ଫାଇନାଲରେ ପହଞ୍ଚିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ